URJANA, 45th Volume, 7th Issue, 4th April, 2025
Price ₹ 10.00

ଉର୍ଜ୍ଜନା

୪୫ତମ ବର୍ଷ, ୭ମ ସଂଖ୍ୟା
ଚୈତ୍ର, ୧୪୩୧
ମୂଲ୍ୟ - ୧୦ଟଙ୍କା







ଉର୍ଜ୍ଜନା

(ଜୀବନ -ବୃଦ୍ଧିଦ ଧର୍ମ ଓ କୃଷ୍ଟିମୂଳକ ମାସିକ ପତ୍ରିକା)

'ମା ପ୍ରିୟସ୍ୱ ! ମା ଜହି ! ଶକ୍ୟତେ ଚେତ୍ ମୃତ୍ୟୁମବଲୋପୟ' ।

ଜୀବନର ହିଁ ସ୍ପନ୍ଦନ-ବେଗଟା
ନାନା ବେଗେ ଖେଳେଇ ପଡ଼େ,
ଜନ୍ମଭଳି ଉର୍ଜ୍ଜନା ନେଇ
କୁଳସ୍ରୋତା ବର୍ଣ୍ଣ ଧରେ । ୩ ।

(ଅନୁଶ୍ରୁତି, ୩ୟଖଣ୍ଡ, ବର୍ଣ୍ଣାଶ୍ରମ)

ପଞ୍ଚଚତ୍ୱାରିଂଶତମ ବର୍ଷ, ସପ୍ତମ ସଂଖ୍ୟା
ଚୈତ୍ର-୧୪୩୧, ଅପ୍ରେଲ-୨୦୨୫
ଅନୁକୂଳାବ୍ଦ- ୭୯

ସମ୍ପାଦକ
ଡ଼ାଃ. ବିନାୟକ ମହାପାତ୍ର

ପ୍ରଚ୍ଛଦ : ସତ୍‌ସଙ୍ଗ ବିହାର ବାରୁଇପୁର, ଦକ୍ଷିଣ ୨୪ପ୍ରଗଣା, ପଶ୍ଚିମବଙ୍ଗ

ଅଳଙ୍କରଣ : ସତ୍‌ସଙ୍ଗ ଗ୍ରାଫିକ୍ସ ଆଣ୍ଡ ମଲଟିମିଡ଼ିଆ ସେଣ୍ଟର

URJANA

Editor : Dr. Binayak Mohapatra

Website : www.urjana.com

SATSANG

P.O. : Satsang, Deoghar, Jharkhand-814116

ସୂଚୀପତ୍ର

ଚୈତ୍ର – ୧୪୩୧

୧. ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ବାଣୀ	୪୧୨
୨. ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ଆଶୀର୍ବାଣୀ	୪୧୪
୩. ଆଲୋଚନା–ପ୍ରସଙ୍ଗ : *ଶ୍ରୀପ୍ରଫୁଲ୍ଲ କୁମାର ଦାସ*	୪୧୫
୪. ଦୀପରକ୍ଷୀ : *ଶ୍ରୀଦେବୀପ୍ରସାଦ ମୁଖୋପାଧ୍ୟାୟ*	୪୨୧
୫. ପ୍ରତୁଳଦୀପ୍ତିରୁ... – ଅବତାର କ'ଣ ସମ୍ପ୍ରଦାୟ ପାଇଁ ଆସନ୍ତି ?	୪୨୫
୬. ଜୀବନଦ୍ୟୁତିରୁ... – ଶ୍ରୀଶ୍ରୀଠାକୁରଙ୍କ ଭାବାଦର୍ଶ ବିକୃତ ହୋଇପାରିବନି	୪୨୭
୭. ସାଧନାର ପଥେ – ନାମ–ଧ୍ୟାନରେ ନିଷ୍ଠା	୪୨୯
୮. କର୍ମୀ–ଦର୍ପଣ – ଆତ୍ମବିଶ୍ଳେଷଣ ଓ ଆତ୍ମସଂଶୋଧନ କିପରିଭାବେ କରିବ ?	୪୩୧
୯. ମାତୃକରତ – ସ୍ତ୍ରୀ–ଜାୟା–ଭାରିଯା	୪୩୩
୧୦. ବିଜ୍ଞାନ–ବିଭୂତି – ଫଳିତ ଜ୍ୟୋତିଷ–ବିଦ୍ୟା ଓ ସ୍ୱସ୍ତ୍ୟୟନ	୪୩୫
୧୧. ଶାଶ୍ୱତୀ – ଚରିତ୍ର	୪୩୭
୧୨. ପ୍ରେରିତ ପ୍ରସଙ୍ଗେ – ସେ ନ ବୁଝାଇଲେ ବୁଝେ କେଉଁ ଜନ ?	୪୩୯
୧୩. ସମ୍ବିତା – କର୍ମ	୪୪୧
୧୪. ଚଲାର ସାଥୀ – ଆତ୍ମମୁଖୀ ସ୍ୱାର୍ଥରେ ବ୍ୟର୍ଥତା	୪୪୩
୧୫. ବର୍ଣ୍ଣାଶ୍ରମ – ବର୍ଣ୍ଣାଶ୍ରମିକ ସମାଜ–ବ୍ୟବସ୍ଥା	୪୪୫
୧୬. ଦିବ୍ୟ ଅନୁଭୂତି – ଆତ୍ମନିବେଦନ : *ଶ୍ରୀରାମରୂପ ଅଧିକାରୀ*	୪୪୮
● ପରମପିତା ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର : *ଶ୍ରୀପଞ୍ଚାନନ ସିଂହ*	୪୫୧
୧୭. ଶ୍ରୀଶ୍ରୀବଡ଼ଦା ସ୍ମରଣେ – ପ୍ରଣତି ଚରଣେ ପିତଃ : *ବ୍ରଜଗୋପାଳ ଚୁଚୁ*	୪୫୪
୧୮. ଦିବ୍ୟଲୀଳା – କିଏ କା'ର ..../..ସାଧନାସ୍ତରର ବିକାଶ ।। : *ଡଃ. ନିରଞ୍ଜନ ମିଶ୍ର*	୪୫୮
୧୯. ବିବରଣୀ : ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ପୁଣ୍ୟ ଦୋଳୋତ୍ସବ	୪୬୨
୨୦. ବିଶେଷ ବିଜ୍ଞପ୍ତି : (ଅନଲାଇନ ଇଷ୍ଟଭୃତି–ପ୍ରେରଣ)	୪୬୬
୨୧. ଆଶ୍ରମ ସମ୍ବାଦ	୪୬୭
୨୨. ସମ୍ପାଦକୀୟ	୪୭୦

ପ୍ରଚ୍ଛଦ ପରିଚିତି :

୨ୟ, ୩ୟ ଓ ୪ର୍ଥ ପ୍ରଚ୍ଛଦ : ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ପୁଣ୍ୟ ଦୋଳୋତ୍ସବ ଉଦ୍‌ଯାପନର ବିଭିନ୍ନ ମୁହୂର୍ତ୍ତ ।

ପରମପ୍ରେମମୟ
ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ବାଣୀ

ଯିଏ ଈଶ୍ୱର—
ଯିଏ ଚିରଦିନହିଁ ପ୍ରୀତିମୁନ୍ଦର,
ଏକନିଷ୍ଠ ଭକ୍ତି—
ଯା' ତୁମର ଅନ୍ତରେ
ଶିଷ୍ଟ ଅନୁବେଦନାରେ
ସୁସମ୍ବଦ୍ଧ ହୋଇ ରହିଛି—
ତାହାହିଁ ତ ତାଙ୍କର ଆସନ,
ଏକନିଷ୍ଠ ଭକ୍ତି ସହିତ
ଈଶ୍ୱରୀୟ ଅନୁପ୍ରାଣନା
ପ୍ରୀତିସ୍ରୋତା ହୋଇ
କୃତି-ଅନୁଶୀଳନର ଭିତର ଦେଇ
ମୂର୍ତ୍ତ ହୋଇଉଠେ,
ତାହାହିଁ ତ ତାଙ୍କର ଆରତି;
ସମସ୍ତ ବିଶ୍ୱର ପ୍ରତିପ୍ରତ୍ୟେକଟି—
ସେଇ କୃତି-ସମ୍ବୀପନାର ଭିତର ଦେଇ
ଭକ୍ତିର ଉଲ୍ଲାସ-ଆବେଗରେ
ଜୀବନୀୟ ତାତ୍ପର୍ଯ୍ୟରେ
ତାଙ୍କର ଆରତି କରି,
ତାଙ୍କର ପୂଜା କରି;
ନିଷ୍ଠାବିହୀନ ଅନୁରାଗ ଯେଉଁଠାରେ—
ସେଠାରେ କିନ୍ତୁ
ଅନ୍ଧତମସାରହିଁ ଆବାସ,
ନିଷ୍ଠା ଯେଉଁଠାରେ ନାହିଁ—
ଭକ୍ତିର ଭଣ୍ଡାମି ଯେତେହିଁ କର ନା କାହିଁକି—

ତା' କିନ୍ତୁ ଅଦୃଶ୍ୟ,
ଅବୋଧ;
ତେଣୁ କହେ,
ନିବିଷ୍ଟ ନିଷ୍ଠାର ସହିତ
ଭକ୍ତିର ସହଜ ଉସାରଣାରେ
ଆନୁଗତ୍ୟ ଓ କୃତିସମ୍ବେଗ ନେଇ
ତାଙ୍କର ଆରତି କର,
ପୂଜା କର,—
ପ୍ରତ୍ୟେକଟି ମଣିଷ,
ପ୍ରତ୍ୟେକଟି ଯା' କିଛି—
ତାଙ୍କର ବିଗ୍ରହ ବୁଝି ନେଇ,
ଉଦ୍ଦୀପ୍ତ ଉଲ୍ଲାସରେ
ସମସ୍ତେ
ତୃପ୍ତ ଦୀପନାରେ
ସଜାଗ ହୋଇଉଠିବେ,
ତୁମର ବ୍ୟକ୍ତିତ୍ୱ ହେବ—
ସେହି ପୂଜା-ଆରାଧନାର
ଜୀବନ୍ତ ପ୍ରତିକ । ୯୬୮୮ ।

ଐଶୀ ଦ୍ୟୋତନା—
ଯା' ସବୁକିଛିର ଅନ୍ତଃସ୍ଥ ସମ୍ବେଗରେ ସଂଗ୍ରଥିତ—
ଧାରଣପାଳନୀ ତାତ୍ପର୍ଯ୍ୟରେ,—
ତା' ଯେତେବେଳେ
ଶାତନର ତମସାକୀର୍ଣ୍ଣ କୁଜ୍ଝଟିକାରେ
ଆବୃତ ହୋଇଉଠେ,—
ସେତେବେଳେହିଁ
ତ୍ରାହ୍ମୀ ଉଦ୍‌ବେଳନା—
ଯା' ପ୍ରାଣନ-ସ୍ପନ୍ଦନର ଭିତର ଦେଇ
ସବୁ କିଛିକୁ
ଶିଷ୍ଟ ସମ୍ବେଗରେ
ସଂଗ୍ରଥିତ କରି ଚାଲିଛି—
ତା'କୁ ସେଇପରି ସଙ୍କୀର୍ଣ୍ଣ କରିତୋଳେ;
ଇଷ୍ଟନିଷ୍ଠା, ଆନୁଗତ୍ୟ, କୃତିସମ୍ବେଗ
ଓ ଶ୍ରମମୁଖପ୍ରିୟତାର
ବୈଧୀ ତର୍ପଣରେ
ଯେତେବେଳେ ତା' ଅନୁରଞ୍ଜିତ ହୋଇଥାଏ—
ସ୍ୱସ୍ତି-ଆଚାରକୁ ଆଶ୍ରୟ କରି
ଜୀବନୀୟ କୁଳାଚାରଗୁଡ଼ିକୁ
ସୁସଂହତ କରି
ସୁଦୀପ୍ତ କରି
ସମ୍ବେଗସିଦ୍ଧ ତାତ୍ପର୍ଯ୍ୟରେ,—
ସେତେବେଳେହିଁ ସେଇ କୁୟାଶାଚ୍ଛନ୍ନ ତମସା
କ୍ରମେହିଁ ବିଦୂରିତ ହେଉଥାଏ,
କାରଣ, ସବୁକିଛିରହିଁ କ୍ରମ ଥାଏ—
ବିଭିନ୍ନ ରକମ-ସକମର ଭିତର ଦେଇ,
ବିକୃତି ସେତେବେଳେ
ବ୍ୟତିକ୍ରମଦୁଷ୍ଟ ହୋଇ
ତା'କୁ ସମ୍ଭାଳି ରଖିପାରେନା,
ଅସଲ ଜୀବନ-ମୂର୍ଚ୍ଛନା
ଯା' ଭରପୁନିଆର
ପ୍ରତିପ୍ରତ୍ୟେକଟିର ଭିତରେ
କ୍ରମବିସ୍ତାର କରି
ସୁଦୀପ୍ତ ହୋଇ ରହିଥାଏ
ପ୍ରୀତିନନ୍ଦନୀ ତାତ୍ପର୍ଯ୍ୟରେ,—
ସବୁଗୁଡ଼ିକ ସୁସଙ୍ଗତ ହୁଏ
ସଙ୍ଗତିର ବନ୍ଧନରେ;
ପ୍ରୀତିର ଆବେଗ-ଉଚ୍ଛଳ
ଅନୁକମ୍ପୀ ତାତ୍ପର୍ଯ୍ୟରେ
ସେଗୁଡ଼ିକୁ ଫୁଟନ୍ତ କରିତୋଳ,
ତୁମେ ଯଦି ତା' ନ ପାର—
ତୁମେ ବି ଠକିବ,
ଅନ୍ୟେବି ଠକିବେ,
ଆଉ, ଜୀବନକୁବି
ଜର୍ଜ୍ଜରିତ କରି
ନିଃଶେଷର ଦିଗରେ ଟାଣି ନେଇଯିବ,
ବୁଝ,
ସାବଧାନ ହୁଅ । ୯୬୮୯ ।

(ଆର୍ଯ୍ୟ-ପ୍ରତିମୋକ୍ଷ)

ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଆଶୀର୍ବାଣୀ

ଆଜି ନବ ବତ୍ସରର ନବ ଉଦୟନ,
ପ୍ରଭାତୀ କାକଳୀ-ସମର୍ଦ୍ଧନାରେ
ଅର୍କ-ଦେବତା ଅରୁଣ-ଆବେଗରେ
ଲାଲିଭଙ୍ଗିମାରେ ଆତ୍ମବିକାଶ କରି
ଉଦୀୟମାନ ହୋଇ ଚାଲୁଛନ୍ତି —
ନବୀନ ଆବେଗରେ
ଅଭ୍ୟୁଦୟୀ ନବୀନ ଆନନ୍ଦରେ
ନବୀନ ଲାସ୍ୟ ବିକିରଣରେ;
ମଳୟର ମଧୁ ସଙ୍ଗୀତରେ
ଭ୍ରମରର ମଧୁ ଗୁଞ୍ଜନରେ
ବିହଙ୍ଗର ମଧୁ-ଆହ୍ୱାନରେ
ଦୋଦୁଲ ନୃତ୍ୟରେ
କମ୍ପିତ ଅନୁକମ୍ପାରେ
ଜୀବନ-ଦୀପନା ଉତ୍‌ଚେତିତ କରି
ସେଇ ଅରୁଣ ଉଦିତ ହେଲା
କଳକଠୋର ଆଶିଷ-ମୂର୍ଚ୍ଛନାରେ;
ତୁମେମାନେ ବି ଜାଗ,
ସାନୁକମ୍ପୀ, ସହଯୋଗୀ ଇଷ୍ଟାର୍ଥପରାୟଣ ହୋଇ
ଅଭ୍ୟୁତ୍ଥାନର ଉଦିତ ଆବେଗରେ
ଆତ୍ମବିକାଶ କରିତୋଳ,
ଯଜନ-ଯାଜନ-ଇଷ୍ଟଭୃତି
ତୁମମାନଙ୍କ ଉଚ୍ଛଳିତ ଜୀବନ-ସ୍ରୋତରେ
ଉଦ୍ଭାସିତ ହୋଇଉଠୁ —
ସାତ୍ତ୍ୱିକ ସୁନିଷ୍ଠ ସମ୍ବେଗରେ
ସ୍ୱତଃ-ସ୍ୱୟଂ ଅଭିଦୀପନାରେ;
ତୁମେ ସୁଖରେ ଥାଅ,
ସୁସ୍ଥି ତୁମମାନଙ୍କୁ ସମ୍ବର୍ଦ୍ଧିତ କରିତୋଳୁ,
ପରିବାର-ପରିବେଶ ନେଇ
ସୁଦୀର୍ଘ ଜୀବନର ଅଧିକାରୀ ହୁଅ;
ତୁମମାନଙ୍କର ଏକ ମନ୍ତ୍ରରେ,
ଏକ ଉଦ୍ଦେଶ୍ୟ ହେଉ,
ସଭାବରଣୀ ସମବେଦୀ
ସାନୁକମ୍ପୀ ସହଯୋଗିତାରେ
ବିଶିଷ୍ଟ ଥାଇ ବି
ଏକତ୍ୱରେ ଅଭିଦୀପ୍ତ ହୋଇଉଠ —
ସମ୍ଭ୍ରାନ୍ତ ଅନୁଚର୍ଯ୍ୟା ନେଇ
ସମ୍ବେଗୀ ସୌଜନ୍ୟ-ଶୀତଳ ସମ୍ବର୍ଦ୍ଧନାରେ;
ଇଷ୍ଟାନୁଗ ସଂହତିରେ ସୁଦୃଢ଼ ହୋଇଉଠ,
ପ୍ରତିଟି ବ୍ୟଷ୍ଟିଜୀବନ
ପ୍ରତିଟି ବ୍ୟଷ୍ଟିଜୀବନର
ସ୍ୱାର୍ଥ-ସମ୍ବୃତ ହୋଇଉଠୁ,
ପରିବାର-ପରିଜନ ଏକାନୁଧ୍ୟାୟୀ ହୋଇଉଠନ୍ତୁ
ପ୍ରତ୍ୟେକ ପ୍ରତ୍ୟେକଙ୍କର ପରିବେଶ ନେଇ
ଇଷ୍ଟାର୍ଥୀ ଏକ-ସମ୍ବର୍ଦ୍ଧନାରେ
ଏକାନ୍ତ ହୋଇ ଚାଲନ୍ତୁ;
ଯେଉଁମାନେ ଦୂରରେ, ଆଗେଇ ଚାଲ ସେମାନଙ୍କ ନିକଟକୁ,
ଅମୃତମନ୍ତ୍ରରେ ଅଭିଷିକ୍ତ କରିତୋଳ,
ନିକଟକୁ ଆଣ;
ନିକଟ ଯେଉଁମାନେ, ଆପ୍ତୀକୃତ କରିତୋଳ
ପରସ୍ପର ପରସ୍ପରଙ୍କୁ,
ବହୁ ଜୀବନ ସେହି ଇଷ୍ଟାର୍ଥ କେନ୍ଦ୍ରରେ କେନ୍ଦ୍ରାୟିତ ହୋଇ
ଏକ ଜୀବନରେ ଉଦ୍ଭାସିତ ହୋଇଉଠୁ;
ଅଭ୍ରାନ୍ତ ବୋଧସମ୍ପନ୍ନ ହୁଅ ତୁମେମାନେ,
ଅସତ୍ ନିରୋଧୀ ପରାକ୍ରମ
ତୁମମାନଙ୍କର ଅସତ୍ ଯା'କିଛି ସବୁକୁ
ତିରୋହିତ କରିତୋଳୁ,
ଅମୃତର ଅଧିକାରୀ ହୁଅ,
ଅମୃତନିଷିକ୍ତ କରିତୋଳ ସମସ୍ତଙ୍କୁ,
ଅମର ଛନ୍ଦରେ ପଦକ୍ଷେପ କରି
ଅମରାର ଅମୃତ ଉପଭୋଗ କର;
ଶାନ୍ତି, ସୁସ୍ଥି ଓ ସମ୍ବର୍ଦ୍ଧନାରେ
ଅଭ୍ୟର୍ଥିତ ହେଉ
ପ୍ରତିଟି 'ତୁମେ' ପ୍ରତିଟି ଅନ୍ୟର
ଆନ୍ତରିକ ଅଭିଦୀପନାରେ;
ଆଉ ସାର୍ଥକ ହୋଇଉଠୁ ଯାହା କିଛି
ସେହି ଏକାନ୍ତରେ — ଈଶ୍ୱରଙ୍କଠାରେ — ଅନୁପମରେ ।

(ପହିଲା ବୈଶାଖ, ୧୩୪୮)

(ନବବର୍ଷ-ଉପଲକ୍ଷେ, ଆଶିଷବାଣୀ, ପୃ.-୬୭-୭୦)

ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ

ଆଲୋଚନା ପ୍ରସଙ୍ଗ

(ପଞ୍ଚଦଶ ଖଣ୍ଡ)

ସଂକଳୟିତା— ଶ୍ରୀ ପ୍ରଫୁଲ୍ଲ କୁମାର ଦାସ, *ଏମ୍.ଏ.*

(ପୂର୍ବପ୍ରକାଶିତ ଉତ୍ତରାନୁ....)

ମୟି ସର୍ବାଣି କର୍ମାଣି ସନ୍ୟସ୍ୟାଧ୍ୟାତ୍ମଚେତସା/ ନିରାଶୀନିର୍ମମୋ ଭୂତ୍ୱା ଯୁଧ୍ୟସ୍ୱ ବିଗତଜ୍ୱରଃ'' । ପରମେଶ୍ୱରଙ୍କ ପାଇଁ ଭୃତ୍ୟବତ୍ କର୍ମ କରୁଛି । ଏହି ମନୋଭାବ ନେଇ ମୋତେ ସମସ୍ତ କର୍ମ ଅର୍ପଣ କରି ଫଳାଭିସନ୍ଧିରହିତ, ମମତ୍ୱହୀନ, ଶୋକଶୂନ୍ୟ ହୋଇ ତୁମେ ଯୁଦ୍ଧ କର)— actively (ସକ୍ରିୟଭାବରେ) ଏହିପରି ହୋଇଉଠେ । କଥା ତ ଏଇ ଠିକ । କଠିନ କିଛି ନୁହେଁ ।

ଜୁଇମା'— ଏଇପରିଭାବରେ ଚଳିଲେ କ'ଣ ସଂଘାତ ବେଶୀ ଆସେ ? ଯେପରି ଦେଖାଯାଏ ପାଣ୍ଡବମାନଙ୍କ ଜୀବନରେ ।

ଶ୍ରୀଶ୍ରୀଠାକୁର— ସଂଘାତ ଯାହା ଆସୁ, ମଣିଷ ଯେତେବେଳେ ପୁରାପୁରି ଇଷ୍ଟସ୍ୱାର୍ଥପ୍ରତିଷ୍ଠାପନ୍ନ ହୁଏ, ତାହାହେଲେ ସବୁ ଅବସ୍ଥା ମଧ୍ୟରେ ସେ ଜୟଯୁକ୍ତ ହୁଏହିଁ । କୁରୁକ୍ଷେତ୍ର ଯୁଦ୍ଧରେ କ୍ରମାଗତ ଜୟ ହେଉଛି, ଏହା ମଧ୍ୟରେ ଅର୍ଜ୍ଜୁନ ମନରେ ଟିକିଏ ଆତ୍ମଗୌରବର ଭାବ ଆସିଲା । ଦିନେ ପ୍ରଥମେ ଶ୍ରୀକୃଷ୍ଣଙ୍କର ପଦବନ୍ଦନା ନ କରି ଅର୍ଜ୍ଜୁନ ଅହଂକାରବଶତଃ ତାଙ୍କର ମୁଖ ଆଡ଼େ ଚାହିଁ ଚାହିଁ ଆସିଲେ । ଶ୍ରୀକୃଷ୍ଣ ଅର୍ଜ୍ଜୁନର ମନୋଭାବଟା ବୁଝିଲେ । ତାହା ବୁଝିପାରି ସେ ଅର୍ଜ୍ଜୁନ ଉପରେ ଯୁଦ୍ଧର ଦାୟିତ୍ୱ ଦେଇ ଦ୍ୱାରକା ଚାଲିଗଲେ । ଅର୍ଜ୍ଜୁନ ବିଶେଷ ଆପତ୍ତି କରିଲେ ନାହିଁ । ଏକା ଏକା ଯୁଦ୍ଧକୁ ଯାଇ ପଦେ ପଦେ ବିଧ୍ୱସ୍ତ ହେବାକୁ ଲାଗିଲେ । ତାଙ୍କର ଦର୍ପ ଚୂର୍ଣ୍ଣ ହେଲା । ତାଙ୍କର ବୋଧ ହେଲା ଯେ ଶ୍ରୀକୃଷ୍ଣଙ୍କର ଦୟା ଛଡ଼ା ସେ କେତେ ଅସହାୟ । ସେ ପୁଣି ତାଙ୍କର ଶରଣାଗତ ହେବାକୁ ବାଧ୍ୟ ହେଲେ । ଯୁଦ୍ଧର ଏହି ଭୟାବହ ବିପଦ ମଧ୍ୟରେ ସାମାନ୍ୟ ସାଫଲ୍ୟରେ ଅର୍ଜ୍ଜୁନଙ୍କ ମନରେ ଅହମିକା ପଶି ଯାଇଥିଲା । ଶ୍ରୀକୃଷ୍ଣଙ୍କର ଦୟାର କଥା ସାମୟିକଭାବେ ଭୁଲିଗଲେ ।

କାଶୀଭାଇ— ଏହି ଅବସ୍ଥା ମଧ୍ୟରେ ଅହଂକାର ପଶିଯାଏ କିପରି ?

ଶ୍ରୀଶ୍ରୀଠାକୁର— ତୁମମାନଙ୍କ ମଧ୍ୟରେ କ'ଣ ହୁଏ ? ତୁମେସବୁ ତ ଜଣେ ଜଣେ ଅର୍ଜ୍ଜୁନ । ସକ୍ରିୟଭାବେ ସମ୍ୟକ ନିବେଦିତ ଉତ୍ସର୍ଗୀକୃତ ନ ହେଲେ ଯାହା ହେବାର ତାହା ସମସ୍ତଙ୍କ କ୍ଷେତ୍ରରେ ହୋଇଥାଏ । ଅର୍ଜ୍ଜୁନର ଅର୍ଜ୍ଜୁନ ପରି, ତୁମମାନଙ୍କର

ତୁମେ ଯା'କୁ ସହ୍ୟ କର
ସାଧୁ, ଦୀପ୍ତ ସେବାରାଗେ-
ତୁମକୁ ବି ସେ କରିବ ସହ୍ୟ
ହୃଦୟଭରା ସୁସମ୍ବେଗେ । ୪୦ ।

(ଅନୁଶ୍ରୁତି, ୩ୟଖଣ୍ଡ, ସେବା)

ଶାନ୍ତିର ପଥ କ'ଣ ?

ଶ୍ରୀଶ୍ରୀଠାକୁର— ଶାନ୍ତିର ପଥ ହେଲା ଇଷ୍ଟ ବା ସଦ୍‌ଗୁରୁଙ୍କ ପ୍ରତି unrepelling adherence (ଅଚ୍ୟୁତ ନିଷ୍ଠା) କଞ୍ଜୁସଙ୍କ ପରି ସବୁ ଦିଗରୁ ସବୁ ପ୍ରକାରେ । ପ୍ରବୃତ୍ତିର ପଛରେ ଗୋଡ଼ାଉ, ତା'ର ଗୋଟାକର ସଙ୍ଗେ ଆଉ ଗୋଟାକର ମେଳ ନାହିଁ, ତଥାପି ଏକ ଏକ ସମୟରେ ଗୋଟାଏ ଗୋଟାଏ ନେଇ obsessed (ଅଭିଭୂତ) ହୋଇଥାଉ, ଆଉ ସତ୍ତାକୁ ଶୀର୍ଣ୍ଣ କରୁ । କିନ୍ତୁ, ଏଥିରୁ ନିସ୍ତାର ପାଇବାକୁ ହେଲେ, ଆମର ବାହାରେ ଗୋଟାଏ କିଛି ଥିବା ଦରକାର । ଜଳରେ ସ୍ରୋତ ଆମକୁ ଟାଣି ନେଇଯାଏ । ସନ୍ତରଣ ଜାଣୁନା, ପ୍ରବଳ ସ୍ରୋତ । ତେଣୁ ବାହାରେ ଡ଼ଙ୍ଗାର ଟାଣୁଆ ଖୁଣ୍ଟି ଯଦି ଥାଏ, ଏବଂ ତା' ସହିତ ଶକ୍ତ ଶିକୁଳିଟା ଅଚ୍ଛେଦ୍ୟ ଭାବରେ ବନ୍ଧାଥାଏ, ତେବେ ହିଁ ଜଳଟାକୁ enjoy (ଉପଭୋଗ) କରିପାରୁ, ସନ୍ତରଣ କରିପାରୁ ଅକ୍ଳେଶରେ । ଖୁଣ୍ଟି ହିଁ ସେହି ଇଷ୍ଟ, — ସତ୍ତାସମ୍ବର୍ଦ୍ଧକ ଜ୍ଞାନ ଯିଏ ଆଚରଣ କରି ଲାଭ କରିଛନ୍ତି । ତାଙ୍କ ଉପରେ unrepelling (ଅଚ୍ୟୁତ) ଟାଣ ଦରକାର, ଦଉଡ଼ି ଛିଣ୍ଡିଲେ ହେବ ନାହିଁ । ଆମ ଭିତରେ ଅଛି libido (ଆକୃତି), ଅଛି cohesive urge (ସଂସକ୍ତିର ଆକୃତି), ଅଛି ଆସକ୍ତି । ସେଇଟା ତାଙ୍କଠାରେ unrepelling (ଅଚେତ) ହେଲେ, ଇଷ୍ଟସ୍ୱାର୍ଥପ୍ରତିଷ୍ଠାରେ ଉପଚୟୀ ହେଲେ, ତା'ର doctrine (ନୀତି)ଗୁଡ଼ିକ ମୂର୍ତ୍ତ ହୋଇଉଠେ ଆମ ମଧ୍ୟରେ । ତାହା ଫଳରେ ଆମେ ସପରିବେଶ ତାଙ୍କଠାରେ ଅନୁପ୍ରାଣିତ ହେଉ । ଅନ୍ୟ complex (ପ୍ରବୃତ୍ତି)ଗୁଡ଼ିକ normally adjusted (ସ୍ୱାଭାବିକ ଭାବେ ନିୟନ୍ତ୍ରିତ) ହୁଏ, ଜ୍ଞାତସାରେ ଓ ଅଜ୍ଞାତସାରେ experience (ଅଭିଜ୍ଞତା)ଗୁଡ଼ିକ meaningfully intregrated (ସାର୍ଥକଭାବେ ସଂହତ)ହୁଏ, unified (ଏକାୟିତ) ହୁଏ । ଆମେ wise (ପ୍ରାଜ୍ଞ) ହୋଇଉଠୁ । ଜ୍ଞାନ ହୁଏ, କିନ୍ତୁ ଜାଣିବାର ଅହଙ୍କାର ନଥାଏ ସେଥିରେ । ଆମେ ସର୍ବଦା ମନେକରୁ ତାଙ୍କରି ଦୟାରେ, ତାଙ୍କରି ରକ୍ଷଣଶକ୍ତିରେ ଯାହା କିଛି ହୋଇଛି ।

ତୁମମାନଙ୍କ ପରି । ସେଥିପାଇଁ ତ ପଦେ ପଦେ ନାକେଦମ ହୋଇଯାଅ, ତଥାପି ଚୈତନ୍ୟ ଆସେନା ।

କାଶୀଭାଇ— Self (ସ୍ୱାର୍ଥବୁଦ୍ଧିଟା) ଛଡ଼ା ଯାଏ କିପରି ?

ଶ୍ରୀଶ୍ରୀଠାକୁର— ସେଇଠାରେ self (ସ୍ୱାର୍ଥବୁଦ୍ଧି) ଛାଡ଼ି ଦେଲେ ହୁଏ । କେତେ ଜାଗାରେ ତ ଜଡ଼ିତ ହୋଇଛି, ତା'ପାଇଁ କେତେ ଆକୁଳ ବିକଳ, ଛୁଟାଛୁଟି, ପ୍ରାଣାନ୍ତକ ପରିଶ୍ରମ, ଦମ ବାହାରି ଯାଏ । ଯେଉଁମାନେ ତାହା କରନ୍ତି, ସେମାନେ ବୁଝନ୍ତି ଠେଲାଟା କ'ଣ ? ଆଉ ଏଟା ତ ସହଜ କଥା,— ମୁଁ ଚାହେଁ achieve (ଅଧିଗତ) କରିବାକୁ । ଆଉ ସେଇଟା ତାଙ୍କରି ପାଇଁ, ବିଷ୍ଣୁପ୍ରୀତି ପାଇଁ । ସେଥିରେ ଅହଂଭାବ କେତେ କମିଗଲା ଆଜି ପ୍ରଦକ୍ଷିଣର ଗୋଲକଧନ୍ଧାରେ ପଡ଼ି ନାନା ଅଭିଭୂତିରେ ଘୁରି ମରିବାର ବ୍ୟର୍ଥ କ୍ଳାନ୍ତି ନାହିଁ । ଅଛି fruitful activity (ସାର୍ଥକ କର୍ମ), ଅଛି ଦକ୍ଷତା, ଅଛି ଆତ୍ମପ୍ରସାଦ, ଅଛି କେତେ ସହଜ ସ୍ୱଚ୍ଛନ୍ଦ ଚଳଣି । ସେଇ ପ୍ରଥମ ଅମଳରେ ରାଧିକା ନାମକ ଜଣେ କର୍ମୀ ଥିଲା । ସେ ଜମିଜମା ଚାଷବାସ ଦେଖୁଥିଲା । ଯାହା କିଛି ସେଠାରୁ ସଂଗ୍ରହ କରୁଥିଲା ସବୁ ଆଶ୍ରମ ପାଇଁ ନେଇ ଆସୁଥିଲା । ନିଜର କୌଣସି ଚାହିଦା ନଥିଲା । କେତେ ଦରଦୀ ହୋଇ କାମ କରୁଥିଲା, ବିଭିନ୍ନ ଜାଗାରେ ଯାଇଁ ସତ୍‌ସଙ୍ଗ କରୁଥିଲା, ଆଉ ଆନନ୍ଦବଜାର ପାଇଁ ସଂଗ୍ରହ କରି ଆସୁଥିଲା । ଆଶ୍ରମର କୁଟାଟା ପର୍ଯ୍ୟନ୍ତ ନଷ୍ଟ କରୁ ନଥିଲା । ଠାକୁରଙ୍କର ସବୁକିଛିର ରକ୍ଷଣାବେକ୍ଷଣର ଭାର ଯେପରି ତା'ଉପରେ ନ୍ୟସ୍ତ । ଆଜିକାଲି ବୀରେନଭାଇ (ଭଟ୍ଟାଚାର୍ଯ୍ୟ)ର ଏଇ ଧରଣର କିଛିଟା ଅଛି ।

ସନ୍ଧ୍ୟାବେଳେ ଶ୍ରୀଶ୍ରୀଠାକୁର ଗୋଲ ତମ୍ବୁରେ ବସିଥିଲେ । ସାମନାରେ ପୂଜନୀୟ ବଡ଼ଦା ଥିଲେ । ଶ୍ରୀଶ୍ରୀଠାକୁରଙ୍କର ରେଜାଇ ତିଆରି ପାଇଁ ଅଫିସ (ଫିଲାନଥ୍ରପି)ରୁ ମାତ୍ର ୩୦ଟଙ୍କା ଅଣା ହୋଇଛି । ସେଇ କଥା ସେ କହୁଥିଲେ— ମୋର ଅଫିସରୁ ଟଙ୍କା ନେବାକୁ ଇଚ୍ଛା ହୁଏନା, କିନ୍ତୁ ନେଲେ ମଧ୍ୟ ଭରିଦେବାକୁ ଇଚ୍ଛା ହୁଏ । ଭାବେ ମଣିଷର ଖୋରାକରେ ହୁଏତ ହାତ ବାଜିବ । ତିରିଶ ଟଙ୍କାରେ ସବୁ ଲୋକଙ୍କର ଲୁଣର ବ୍ୟବସ୍ଥା ଅନ୍ତତଃ ହେବ । ସେଥିରୁ ନେବାଟା ମୋତେ ଭଲ ଲାଗେନା । ଗଳା ରୁଦ୍ଧ ହୋଇଯାଏ । Self-sufficient (ସ୍ୱୟଂ ସମ୍ପୂର୍ଣ୍ଣ) ଅବସ୍ଥା ଯଦି ଦେଖନ୍ତି, ତାହାହେଲେ ନିଅନ୍ତି ।

ରାତିରେ କେଷ୍ଟଭାଇ (ଭଟ୍ଟାଚାର୍ଯ୍ୟ) ବେଦ, ସଂହତି, ପୁରାଣ ଇତ୍ୟାଦି ସମ୍ପର୍କରେ ଆଲୋଚନା କରୁଥିଲେ ।

ଶ୍ରୀଶ୍ରୀଠାକୁର ସେଇ ବିଷୟରେ କହିଲେ ପୁରାଣ ନ କହି ପୂରଣ କହିଲେ ହୁଏନା ? ଦେଖନ୍ତୁ ତ dictionary (ଅଭିଧାନ) ।

ଅଭିଧାନ ଆଣି ଦେଖାଗଲା— ପୂରଣ ପୁର୍ ଧାତୁରୁ ଓ ପୁରାଣ ପୃ ଧାତୁରୁ ଆସିଛି । ଉଭୟର ଅର୍ଥ ହିଁ ପୁରାଣ ।

ଶ୍ରୀଶ୍ରୀଠାକୁର— ଜିନିଷଟା ଅସଲରେ ପୂରଣ, ସତ୍ୟର ପୂରଣ, ଯେପରି ବିଷ୍ଣୁ ପୁରାଣ ମାନେ fulfilment of truth as given by Visnu (ବିଷ୍ଣୁପ୍ରଦତ୍ତ ସତ୍ୟର ପୂରଣ) ।

କାଶୀଭାଇ ଆଜି ଉପରବେଳା କେତୋଟି ବିସ୍ମୟକର ଘଟଣା କଥା କହିଲେ ।

ଶ୍ରୀଶ୍ରୀଠାକୁର— ମଣିଷ କଂକ୍ଷୁସଙ୍କ ପରି ଇଷ୍ଟସ୍ୱାର୍ଥପ୍ରତିଷ୍ଠାପନ୍ନ ଯଦି ହୁଏ, କ'ଣ ଯେ ଘଟିଯାଏ, କିଛି ବାକି ରହେ ନାହିଁ । କେତେ miracle (ଅଲୌକିକ) ଯେ ଘଟେ କହି ଶେଷ କରାଯାଏନା । କେଇଟା ଲୋକ ହେଲେ ଭାରତ ଓ ତା'ର ଆଖପାଖ ଦେଶ ସବୁ ବଦଳି ଯିବେ । ତା'ର ପ୍ରଭାବରେ ପୁଣି ବୃହତ୍ତର ପରିବେଶର ପରିବର୍ତ୍ତନ ଆସିବ ।

କେଷ୍ଟଭାଇ— ଗୋଟାଏ ଗୁଛର ବାସ୍ତବରେ ଇଷ୍ଟସ୍ୱାର୍ଥପ୍ରତିଷ୍ଠାପନ୍ନ ହେବାର ସର୍ତ୍ତ ଯେ ଏହା ମଧ୍ୟରେ ଅଛି ।

ଶ୍ରୀଶ୍ରୀଠାକୁର— ତାହା ହେବା କିନ୍ତୁ ଅତ୍ୟନ୍ତ ସହଜ— ଅତି ସୋଜା । କହିବେଇ ସେ ଉଲୁସିତ ହସରେ ସମସ୍ତଙ୍କୁ ମତାଇ ବେଲେ ।

ମାଘ-୨୬, ମଙ୍ଗଳବାର, ବଂ୧୩୫୫
(ଇଂତା୦୮.୦୨.୧୯୪୯ରିଖ)

ଶ୍ରୀଶ୍ରୀଠାକୁର ସକାଳେ ଗୋଲତମ୍ବୁରେ ଭକ୍ତବୃନ୍ଦ ପରିବେଷ୍ଟିତ ହୋଇ ଉପବିଷ୍ଟ ।

ଶ୍ରୀଶ୍ରୀଠାକୁର ହଠାତ୍ କହିଲେ— ସତ୍ତା ଅଛି ଓ ତା'ର ସଙ୍ଗେ ଅଛି ପ୍ରବୃତ୍ତି । ଦୁଃଖର କାରଣ ଅଛି, ଦୁଃଖ ଅଛି, ଆଉ ତା'ର ନିରାକରଣ ମଧ୍ୟ ଅଛି । ଏଇ ତିନୋଟି ବାସ୍ତବ ସତ୍ୟ ।

ପରେ ମତିଭାଇ (ଚାଟାର୍ଜୀ)କୁ କହିଲେ— ଶୁଦ୍ଧ ସତ୍ତ୍ୱ ମଣିଷ ଯେଉଁମାନେ ସେମାନେ ସାମାନ୍ୟ go-between (ଦ୍ୱନ୍ଦୀବୃତ୍ତି) ବା ଚଳିବାର ବ୍ୟତିକ୍ରମରେ ବିପଦରେ ପଡ଼ିଯା'ନ୍ତି । ଦୋଷ କରି ସେମାନେ ଆଦୌ ହଜମ କରିପାରନ୍ତି ନାହିଁ । ଦେଖିନାହାଁନ୍ତି ମେହେନ୍ତରମାନଙ୍କର ଘୁଅ ବୋହି ମଧ୍ୟ ହୁଏତ କିଛି ହୁଏନା ଆଉ ସଦାଚାରୀ ଯେଉଁମାନେ ସେମାନେ ସାମାନ୍ୟ ତ୍ରୁଟି ଘଟିଲେ ଅସୁସ୍ଥ ହୋଇ ପଡ଼ନ୍ତି ।

ଟିକିଏ ପରେ କହିଲେ— ପାଞ୍ଚଜଣ ମଣିଷ କଂକ୍ଷୁସଙ୍କ ପରି ଇଷ୍ଟସ୍ୱାର୍ଥପ୍ରତିଷ୍ଠାପନ୍ନ ହେଲେ ଦୁନିଆକୁ ତା'ର ପ୍ରଭାବ ସହିବା କଷ୍ଟକର । ସେମାନେ ଓଲଟପାଲଟ କରି ଦେଇ ପାରନ୍ତି । ମନ ଦୁଇଆଡ଼େ କରିବେ ନାହିଁ, ମୁଁ କିମ୍ବା ସଂସାର ଗୋଟାଏ ନେଇ ରହିବେ । ମୁଁ କହିବାକୁ ଚାହେଁ, ଆପଣଙ୍କ ପଛରେ କିଏ ଅଛନ୍ତି ବା ନାହାଁନ୍ତି ତାହାପାଇଁ ଆଦୌ ବିବ୍ରତ ହେବେ ନାହିଁ । ଏକମାତ୍ର ଇଷ୍ଟଙ୍କୁ ନେଇ ଯଦି ରୁହନ୍ତି ତାହାହେଲେ ସବୁ ଠିକ୍ ରହିବ । ସେଇ ଯୁଗରେ କିଶୋରୀ, ମହାରାଜ, ଗୋସାଇଁ ପାଗଳଙ୍କ ପରି କ'ଣ ସବୁ ଯେ କରିଛନ୍ତି ! ସେମାନଙ୍କ ମଧ୍ୟରେ ପଣ୍ଡିତ ହେଲେ ଗୋସାଇଁ । ଅନ୍ୟଦୁଇଜଣ ତ ସେଇପରି ଲେଖା-ପଢ଼ା ଜାଣି ନଥିଲେ ।

ଏପରି ହେବା ଉଚିତ୍ । ଗୋଟାଏ ନିଶ୍ୱାସ ମଧ୍ୟ ପଡ଼ିବ ନାହିଁ ଇଷ୍ଟସ୍ୱାର୍ଥପ୍ରତିଷ୍ଠା ଛଡ଼ା ଅନ୍ୟ କୌଣସି କାମରେ । କଂକ୍ଷୁସଙ୍କ ପରି, ମଧୁମଣ୍ଡାଙ୍କ ପରି ଦୁନିଆର ପ୍ରତ୍ୟେକଟି ଜିନିଷରୁ ଇଷ୍ଟସ୍ୱାର୍ଥପ୍ରତିଷ୍ଠା ବୁଝି ନେବେ, ତା'ଛଡ଼ା ଆଉ କିଛି ଚାହିଁବେ ନାହିଁ, ଜାଣିବେ ନାହିଁ । ଚଳନ-ଚରିତ୍ର, ଆଚାର-ବ୍ୟବହାର, କଥାବାର୍ତ୍ତାରେ, କେବଳ ତାଙ୍କୁହିଁ ଜାହିର କରିବେ । ଠାକୁର ଅଛନ୍ତି ମୋର, ଏଇଟା ପ୍ରତ୍ୟେକଟି ପଦକ୍ଷେପରେ ଯଦି ଫୁଟି ନ ଉଠେ, ଭକ୍ତି-ଆପ୍ଲୁତ ଭଙ୍ଗୀରେ ତାହାହେଲେ ମଣିଷ ମଜିବେ କାହିଁକି ? ବାହାରକୁ ଯା'ନ୍ତି ତ ସେଇପରି ଅକାତ୍ୟ ହୋଇ ଯିବେ, କାମ କରିବେ, ତ ଭଲି କରି କରିବେ,— ଘରଦ୍ୱାର ପିଲାଛୁଆ, ଅଭାବ-ଅଭିଯୋଗ, ଟଙ୍କା-ପଇସା, ରୋଗବଇରାଗ,— କେଉଁଟାକୁ

ସେବାପଟୁ ଅନୁରାଗର
ନିଷ୍ଠାପ୍ରତୁଳ ଭଜନ-ଯାଗ,
କୃତି-ନିଶାରେ ଯେଉଁପରି
ସେପରି ଫୁଟେ ଭାଗ୍ୟ-ରାଗ । ୪୧ ।

(ଅନୁଶ୍ରୁତି, ୩ୟଖଣ୍ଡ, ସେବା)

ରାତିରେ କେଷ୍ଟଭାଇ (ଭଟ୍ଟାଚାର୍ଯ୍ୟ) ବେଦ, ସଂହିତି, ପୁରାଣ ଇତ୍ୟାଦି ସମ୍ପର୍କରେ ଆଲୋଚନା କରୁଥିଲେ ।

ଶ୍ରୀଶ୍ରୀଠାକୁର ସେଇ ବିଷୟରେ କହିଲେ ପୁରାଣ ନ କହି ପୂରଣ କହିଲେ ହୁଏନା ? ଦେଖନ୍ତୁ ତ dictionary (ଅଭିଧାନ) ।

ଅଭିଧାନ ଆଣି ଦେଖାଗଲା — ପୂରଣ ପୂର୍ ଧାତୁରୁ ଓ ପୁରାଣ ପୃ ଧାତୁରୁ ଆସିଛି । ଉଭୟର ଅର୍ଥ ହିଁ ପୁରାଣ ।

ଶ୍ରୀଶ୍ରୀଠାକୁର — ଜିନିଷଟା ଅସଲରେ ପୂରଣ, ସତ୍ୟର ପୂରଣ, ଯେପରି ବିଷ୍ଣୁ ପୁରାଣ ମାନେ fulfilment of truth as given by Visnu (ବିଷ୍ଣୁପ୍ରଦତ୍ତ ସତ୍ୟର ପୂରଣ) ।

ଖାତିର ନ କରି ।

ବିପହରେ ଭୋଗ ପରେ ଶ୍ରୀଶ୍ରୀଠାକୁର ବଡ଼ାଲବଙ୍ଗଳା ଘରେ ବିଶ୍ରାମ କରୁଥିଲେ । ମା'ମାନଙ୍କ ମଧ୍ୟରୁ ଅନେକେ, ଏବଂ କାଶୀଭାଇ (ରାୟଚୌଧୁରୀ), ହରିପଦଭାଇ (ସାହା) ପ୍ରମୁଖ ଥିଲେ ।

କାଶୀଭାଇ ପଚାରିଲେ— ଭଲ କାମ କରିଲେ ତ ଭଲ ଫଳ ମିଳେ । ତା' ମଧ୍ୟରେ ଇଷ୍ଟସ୍ୱାର୍ଥ କାହିଁକି ?

ଶ୍ରୀଶ୍ରୀଠାକୁର— ଇଷ୍ଟସ୍ୱାର୍ଥେ ଭଲ କାମ କରିଲେ— ସେଗୁଡ଼ିକ adjusted (ବିନ୍ୟସ୍ତ ହୁଏ), ନୋଚେତ୍ ସତ୍ତାଠାରୁ ବିଚ୍ଛିନ୍ନ କେତେଗୁଡ଼ିଏ ସ୍ୱତନ୍ତ୍ର jump (ପିଣ୍ଡ) ପରି ହୋଇଥାଏ ।

କାଶୀଭାଇ— ଇଷ୍ଟସ୍ୱାର୍ଥ ହେଉ ବା ନ ହେଉ ଭଲ କାମର ଫଳ ତ ମଣିଷ ପାଇବହିଁ ।

ଶ୍ରୀଶ୍ରୀଠାକୁର— କର୍ମର ଫଳ ପାଇବ, wisdom (ଜ୍ଞାନ)ର ଫଳ ପାଇବ ନାହିଁ । ଇଷ୍ଟ ମାନେ ଭଲର ଗୋଟାଏ materialised (ବାସ୍ତବାୟିତ) କେନ୍ଦ୍ର— ତାଙ୍କୁ ଅବଲମ୍ବନ କରି ହିଁ ଭଲର ସାର୍ଥକତା । କି ପ୍ରକାର ? ମ୍ୟାଲେରିଆ ରୋଗୀ, ପଚିଶଜଣଙ୍କୁ ପଚିଶ ପ୍ରକାରେ ହୁଏତ ଭଲ କଲେ । ରୋଗୀ ଭଲ ହେଲା, କିନ୍ତୁ ତୁମର କୌଣସି analysis (ବିଶ୍ଳେଷଣ) ନାହିଁ, କାହିଁକି ଭଲ ହେଲା । ମ୍ୟାଲେରିଆର କେନ୍ଦ୍ର ଅର୍ଥାତ୍ କାରଣ ସମ୍ବନ୍ଧରେ ତୁମର କୌଣସି ଧାରଣାହିଁ ନାହିଁ । କରି ଯାଉଛ, quack (ଗାଁ ବଇଦ) ଯେପରି କରନ୍ତି । ସେଥିରେ ଅନ୍ଧାଜରେ ରୋଗୀକୁ ଭଲ କରିପାରେ, ପଇସା ମଧ୍ୟ ହୋଇପାରେ । କିନ୍ତୁ knowledge (ଜ୍ଞାନ) ହେବ ନାହିଁ । କାରଣ ତୁମର ଚିକିତ୍ସା concentric (ସୁକେନ୍ଦ୍ରିକ) ହେଲା ନାହିଁ ।

> ଅସତ୍ ଯିଏ ଅଶିଷ୍ଟ ଯିଏ
> ଶରୀର-ମନର ସ୍ୱାସ୍ଥ୍ୟହରା,
> ସ୍ୱସ୍ଥ କରି ତୋଳ ତା'କୁ
> ନିଶ୍ଚୟୀ ତୋର ଧୀ-ଟି ଦ୍ୱାରା । ୪୭ ।
>
> *(ଅନୁଶ୍ରୁତି, ୩ୟଖଣ୍ଡ, ସେବା)*

ମାଘ-୨୭, ବୁଧବାର, ବଂ୧୩୫୫ (ଇଂତା୦୯.୦୨.୧୯୪୯ରିଖ)

ଶ୍ରୀଶ୍ରୀଠାକୁର ସକାଳେ ଗୋଲତମ୍ବୁରେ ଅଛନ୍ତି । ପୂଜନୀୟ ବଡ଼ଦା, କେଷ୍ଟଭାଇ (ଭଟ୍ଟାଚାର୍ଯ୍ୟ), ଦକ୍ଷିଣାଭାଇ (ସେନଗୁପ୍ତ), ରାଜେନଭାଇ (ମଜୁମଦାର), ପଣ୍ଡିତଭାଇ ପ୍ରମୁଖ ଉପସ୍ଥିତ ।

କେଷ୍ଟଭାଇ ପ୍ରସଙ୍ଗକ୍ରମେ ପଚାରିଲେ— ଅନୁଭୂତିର ଶାରୀରତାତ୍ତ୍ୱିକ ବ୍ୟାଖ୍ୟା କ'ଣ ?

ଶ୍ରୀଶ୍ରୀଠାକୁର— ମୋର ମନେହୁଏ, macro-cosm ଓ micro-cosm (ବ୍ରହ୍ମାଣ୍ଡ ଓ ପିଣ୍ଡ) ଏଇ ଦୁଇଟିର ମଧ୍ୟରେ ଯେପରି ମେଳ ଅଛି । Macro-cosmic physiology ଓ micro physiology (ଏଇ ଦୁଇଟି ବ୍ରହ୍ମାଣ୍ଡର ଦେହ ବିଧାନ ଓ ପିଣ୍ଡର ଦେହ ବିଧାନ) ସେହିପରି ସଂଗତି ଅଛି । ବାହାରଟା ଯେପରି ଜାଣେ ଭିତରଟା ମଧ୍ୟ ସେଇପରି ଜାଣେ । ବାହାରେ ଯାହା ଘଟେ ତାହା ଯେପରି ବହିରିନ୍ଦ୍ରିୟ ଦ୍ୱାରା ଜାଣେ, ଭିତରେ ଯାହା ଘଟେ ତାହା ସେଇପରି ଅନ୍ତରିନ୍ଦ୍ରିୟ ଦ୍ୱାରା ଜାଣେ । ଆମେ ଆଖିରେ ଯାହା ଦେଖୁ ତାହା ମଧ୍ୟ ମସ୍ତିଷ୍କସ୍ଥିତ ଦର୍ଶନକେନ୍ଦ୍ର ଉତ୍ତେଜିତ ନ ହେଲେ ଦେଖିପାରୁନା । ବାସ୍ତବ ଦୃଶ୍ୟବସ୍ତୁ ଥିବା ଦରକାର ପୁଣି ତା'ର ପ୍ରତିକ୍ରିୟାରେ ମସ୍ତିଷ୍କନିହିତ ଦର୍ଶନ କେନ୍ଦ୍ର ବି ଉତ୍ତେଜିତ ହେବା ଦରକାର । ଏଇ ଦୁଇଟି ଜିନିଷ ହିଁ ବାସ୍ତବ । ଏଥିରେ କଳ୍ପନାର କୌଣସି ସ୍ଥାନ ନାହିଁ । ଅନୁଭୂତିମୂଳକ ଦର୍ଶନ ଓ ଶ୍ରବଣ ମଧ୍ୟ ତାହାହିଁ । ଏକାଗ୍ରତା ଫଳରେ ଭିତରେ ଓ ବାହାରେ ଯାହା ଘଟେ ତାହାହିଁ ମସ୍ତିଷ୍କସ୍ଥିତ ଶ୍ରବଣ ଓ ଦର୍ଶନକେନ୍ଦ୍ର ଦ୍ୱାରା ଶୁଣା ଓ ଦେଖାଯାଏ । ଏହା କାଳ୍ପନିକ କୌଣସି ବସ୍ତୁ ନୁହେଁ । ସବୁଟା ଖୋଳଅଣା ବାସ୍ତବ । ଏହା ମଧ୍ୟ ବିଜ୍ଞାନ ।

କେଷ୍ଟଭାଇ ଏହାପରେ ଅନ୍ୟତ୍ର ଗଲେ । କିଛିକ୍ଷଣ ପରେ ପୁଣି କେଷ୍ଟଭାଇ ଆସିବା ଦେଖି, ଶ୍ରୀଶ୍ରୀଠାକୁର ତାଙ୍କ ଆଡ଼େ

ଚାହିଁ ହଠାତ୍ କହିଲେ— ଗୋଟାଏ ଗୋଟାଏ ମଣିଷ ଯେପରି ଗୋଟାଏ ଗୋଟାଏ wave (ତରଙ୍ଗ) shooting wave (ତୀବ୍ରଗତିସମ୍ପନ୍ନ ଢେଉ) ବୀଚି, ତରଙ୍ଗ, ଢେଉ ।

ପୂଜନୀୟ ଛୋଟବାଙ୍କ ଗୋଟିଏ ପୁଅର ଅସୁସ୍ଥତା ରବିଭାଇ (ବ୍ୟାନାର୍ଜୀ) ଚିକିତ୍ସା କରୁଛନ୍ତି । ଶ୍ରୀଶ୍ରୀଠାକୁରଙ୍କର ଇଚ୍ଛା ଏହା ସଙ୍ଗେ ସଙ୍ଗେ ଗୋଟାଏ ବିଶେଷ ଏଲୋପ୍ୟାଥିକ ଔଷଧ ମଧ୍ୟ ଚାଲୁ । ପ୍ୟାରୀଭାଇ କହିଲେ— ହୁଏତ ରବିଭାଇଙ୍କର ସେଥିରେ ଆପତ୍ତି ଥାଇପାରେ ।

ଏହାପରେ ଶ୍ରୀଶ୍ରୀଠାକୁର କହିଲେ— ମୁଁ ଚାହେଁ curopathy (ଆରୋଗ୍ୟପ୍ୟାଥି) । ମୁଁ effect-ରେ (ଫଳରେ) biased (ପକ୍ଷପାତୀ) ହେଉଥିଲି, କିନ୍ତୁ theory-ରେ (ଉପପତ୍ତି)ରେ biased (ପକ୍ଷପାତୀ) ହେଉ ନଥିଲି । ମୁଁ ଏଲୋପ୍ୟାଥିକ୍ ଔଷଧ ମଧ୍ୟ ହୋମିଓପ୍ୟାଥିକ୍ ମାତ୍ରାରେ ଦେଇ ଫଳ ପାଇଛି । ମୋର ମନେହୁଏ, ଏଲୋପ୍ୟାଥି, ହୋମିଓପ୍ୟାଥି, ବାଇଓକେମିକ, କବିରାଜୀ ପ୍ରକୃତପକ୍ଷେ କିଛି ନୁହେଁ । ସବୁଟା ହେଲା ବିଶେଷ ବିଶେଷ ମାତ୍ରାଭିତ୍ତିକ ଆରୋଗ୍ୟବିଜ୍ଞାନ ।

କିଛିସମୟ ପରେ ରାଏସାହେବ ପୁଲିନ ଚାଟାର୍ଜୀ ଆଉ ଜଣକୁ ସଙ୍ଗରେ ନେଇ ଆସିଲେ ପୂଜନୀୟ ବଡ଼ଦା ଏବଂ ଆଉରି ଅନେକେ ଶ୍ରୀଶ୍ରୀଠାକୁରଙ୍କ ପାଖରେ ଥିଲେ ।

ପ୍ରସଙ୍ଗକ୍ରମେ ଶ୍ରୀଶ୍ରୀଠାକୁର କହିଲେ— ବୈଧାନିକ ସଂସ୍ଥିତିର ଶ୍ରେଣୀଗତ ବୈଚିତ୍ର୍ୟହିଁ ବର୍ଣ୍ଣବୈଶିଷ୍ଟ୍ୟ । ଯେପରି ଅତସି ଫୁଲର ଦୁଇ ଜାତି । ଗୋଟାଏ ପ୍ରକାର ଲାଲ ଓ ଗୋଟାଏ ପ୍ରକାର ଧଳା । ବିବାହ ସମୟରେ ଦେଖିବାକୁ ହୁଏ, ପୁରୁଷ ଓ ନାରୀର ଜୈବୀ ସଂସ୍ଥିତିରେ ଓ ବ୍ୟକ୍ତିଗତ ପ୍ରକୃତିର ମଧ୍ୟରେ ଶୁଭ ସଙ୍ଗତି ଅଛି କି ନାହିଁ । ପ୍ରତିଲୋମ ସମ୍ମିଶ୍ରଣରେ ସନ୍ତାନର cohesive coherence (ବୈଧାନିକ କୋଷ ସଂହତିର ସଙ୍ଗତି) ଠିକ୍ ଅଛି କି ନାହିଁ । ସ୍ତ୍ରୀ ସ୍ୱାମୀର nurturing (ପରିପୋଷକ) ହୁଏ ନା ସର୍ବତୋଭାବେ । ତାହା ଫଳରେ ପ୍ରତିଲୋମ ସନ୍ତାନର ମଧ୍ୟରେ ଅକୃତଜ୍ଞତା, ପ୍ରଲୋଭନରେ ଆତ୍ମସମର୍ପଣ ଇତ୍ୟାଦି ଦୋଷ ଦେଖାଦିଏ । ବିହିତ ବିବାହଜାତ ସନ୍ତାନ ସାଧାରଣତଃ ଉସକୁ କଦାପି ଅସ୍ୱୀକାର କରେନା, ତା'ର association of ideas (ଭାବ ଅନୁସଙ୍ଗ) ପ୍ରାୟଃ ହିଁ ତୋଖଡ଼ ହୁଏ । ସେ ଇଷ୍ଟଙ୍କ ସ୍ୱାର୍ଥ କେବେହେଲେ ବିସର୍ଜ୍ଜନ ଦିଏ ନାହିଁ ।

ପୁଲିନବାବୁ— ସଠିକ୍ ବିବାହର condition କ'ଣ ?

ଶ୍ରୀଶ୍ରୀଠାକୁର— ସ୍ୱାମୀ ଓ ସ୍ତ୍ରୀ ସମବିପରୀତ ସତ୍ତା ହେବା ଦରକାର । ଉଭୟଙ୍କ ମଧ୍ୟରେ ପ୍ରକୃତିଗତ ସାମଞ୍ଜସ୍ୟ ଦରକାର । ପୁରୁଷ ବଂଶ, ବିଦ୍ୟା, ଚରିତ୍ର, ଯୋଗ୍ୟତା, ନିଷ୍ଠା, ବୟସ ଇତ୍ୟାଦି ଦିଗରୁ ନାରୀଠାରୁ ଉନ୍ନତ ହେବା ବାଞ୍ଛନୀୟ । ନାରୀ ମଧ୍ୟରେ ଏଇ ପୁରୁଷକୁ ବରଣ କରିବାର ନିଶା ଥିବା ଦରକାର । ଏପରି ଶ୍ରଦ୍ଧା ଥିବା ଦରକାର ଯେ ଯେପରିକି ସେ ମନେ ମନେ ତାଙ୍କୁ ପାଇଲେ ତା'ର ଜୀବନ ଧନ୍ୟ ହୋଇଯିବ । ଆଗେ ଘଟକମାନେ ସବୁଦିଗରୁ ମେଳ କରି ବିବାହ ସ୍ଥିର କରୁଥିଲେ । ସେତେବେଳେ ଭଲ ମଣିଷର ଅଭାବ ହେଉ ନଥିଲା । Generation after generation (ବଂଶପରମ୍ପରା କ୍ରମେ) ଭଲ ମଣିଷ ମିଳୁଥିଲେ ।

ପରେ ଶ୍ରୀଶ୍ରୀଠାକୁର ପ୍ରସଙ୍ଗକ୍ରମେ କହିଲେ— ହୋମିଓପ୍ୟାଥ ହୁଅନ୍ତୁ, କିନ୍ତୁ ହୋମିଓପ୍ୟାଥିର ଫାନ୍ଦରେ ପଡ଼ନ୍ତୁନି । ଏଲୋପ୍ୟାଥ ହୁଅନ୍ତୁ, କିନ୍ତୁ ଏଲୋପ୍ୟାଥିର ଫାନ୍ଦରେ ପଡ଼ନ୍ତୁ ନାହିଁ । Curopath (କ୍ୟୁରୋପ୍ୟାଥ) ହୁଅନ୍ତୁ, ଯେପରି ରୋଗ ଭଲ ହୁଏ ତାହାହିଁ କରନ୍ତୁ ।

ଜନୈକଭାଇ— ରୋଗୀର ବିଶେଷ ଖାଦ୍ୟ ପ୍ରତି ଆଗ୍ରହ । ତାହାହିଁ ଖାଇ ରୋଗ ଭଲ ହେବାର ଦୃଷ୍ଟାନ୍ତ ତ ଦେଖାଯାଏ ।

ଶ୍ରୀଶ୍ରୀଠାକୁର— ବୁଝିବାକୁ ହେବ ସେଇଟାରେ ହିଁ deficiency (ଖାଙ୍କ) ଥିଲା । ପୁଣି ଲୋଭବଶତଃ ମଧ୍ୟ ଏଇପରି ଆଗ୍ରହ ହୁଏ । ପେଟ ବେମାରିଆ ରୋଗୀ ଖିରି ଖାଇବାକୁ ଚାହେଁ ଲୋଭବଶତଃ । କେଉଁଟା deficiency (ଖାଙ୍କ), କେଉଁଟା ଲୋଭ ତାହା determine (ନିର୍ଣ୍ଣୟ) କରିବା ଡ଼ାକ୍ତରଙ୍କ କାର୍ଯ୍ୟ ।

ଟିକିଏ ପରେ ଚିକିତ୍ସା ପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ— ଅନେକ ସମୟରେ କହନ୍ତି, ଏଲୋପ୍ୟାଥି ରୋଗକୁ ଦବାଇ ଦିଏ । ଦବାଇ ଦେବା ମାନେ କାରଣ ଦୂର ନ କରି ସାମୟିକ ରୋଗ ଉପଶମ କରିବା । କିନ୍ତୁ ଯେପରି ଧରନ୍ତୁ, କୁଇନାଇନ ମ୍ୟାଲେରିଆର ଜୀବାଣୁ ନଷ୍ଟ କରେ । କିନ୍ତୁ ମାତ୍ରା ଥାଏ । ତାହା ପୂର୍ବରୁ ଜ୍ୱର ଛାଡ଼ିଲେ ମଧ୍ୟ କୁଇନାଇନ ଛାଡ଼ିବା ଠିକ୍ ନୁହେଁ । ସେଇ ଅବସ୍ଥାର ପରେ ପୁଣି ଜ୍ୱର ହେଲେ ଦବାଇ ଦେବା କହିବା ଠିକ୍ ହେବ ନାହିଁ । କହିବାକୁ ହେବ ପୁରା ଚିକିତ୍ସା କରା ହୋଇ

> ପରର ଚର୍ଯ୍ୟା ନ କର ଯଦି
> ସ୍ୱତଃସ୍ପେଚ୍ଛ ସୁସମ୍ବେଗେ,
> ତୁମ ବେଳକୁ ତାଙ୍କ କରିବା
> ଜାଗିବ କୁହ କୋଉ ଆବେଗେ ? ୪୮ ।
>
> *(ଅନୁଶ୍ରୁତି, ୩ୟଖଣ୍ଡ, ସେବା)*

ନାହିଁ । ପୁଣି aggravation (ରୋଗ ବଢ଼ାଇଦେବା) କଥା ବିଷୟରେ ମଧ୍ୟ ଅନେକଙ୍କର ବୋଧ ନାହିଁ । ରବରଟାକୁ ଟାଣି ଲମ୍ବା କରାହେଲା, ସେତେବେଳେ ତା'ର ପ୍ରବଳ ପ୍ରବଣତା ହୁଏ, ସ୍ୱାଭାବିକ ଅବସ୍ଥାକୁ ଫେରି ଆସିବାକୁ । ହୋମିଓପ୍ୟାଥିକ ଔଷଧ ବ୍ୟବହାର ଫଳରେ ଯେତେବେଳେ ରୋଗ ଭଲ ହେବାର ପ୍ରାକ୍ ଲକ୍ଷଣ ହିସାବରେ ସାମୟିକ ଭାବରେ ରୋଗ ବଢ଼ିଯାଏ, ତା'କୁ କୁହାଯାଏ aggravation (ରୋଗବୃଦ୍ଧି) । କିନ୍ତୁ ଠିକ୍ ଔଷଧ ପ୍ରୟୋଗ ନ କରିବା ଫଳରେ ରୋଗର ନିଜସ୍ୱ ଗତିରେ ଯେତେବେଳେ ରୋଗର ବଢ଼ାବଢ଼ି ହୁଏ ସେତେବେଳେ ତା'କୁ କିନ୍ତୁ ହୋମିଓପ୍ୟାଥିକ ମତରେ aggravation (ରୋଗବୃଦ୍ଧି) କହିବା ଠିକ୍ ନୁହେଁ । ହୋମିଓପ୍ୟାଥିର ମତରେ ଯେଉଁ ରୋଗବୃଦ୍ଧି ରୋଗ ନିରାକରଣର ଅବ୍ୟବହିତ ପୂର୍ବେ ସଂଘଟିତ ହୁଏ, ତା'କୁ aggravation (ରୋଗବୃଦ୍ଧି) କୁହାଯାଇପାରେ । ଚିକିତ୍ସକଙ୍କର ଯଦି ଏହି ବିଷୟରେ ସଠିକ୍ ଧାରଣା ନଥାଏ, ତାହାହେଲେ ବୁଝିବାକୁ ହେବ, ଚିକିତ୍ସା କ୍ଷେତ୍ରରେ ତା'ର ଖଡ଼ିଲୁଆଁ ହୋଇ ନାହିଁ ।

ଜ୍ୟୋତିଷମାନଙ୍କର ମଧ୍ୟ ସୂକ୍ଷ୍ମ ବୁଦ୍ଧି ଥିବା ଦରକାର । ନହେଲେ ବିଚାରରେ ଭୁଲ କରି ବସନ୍ତି । ମଣିଷ concentric (ସୁକେନ୍ଦ୍ରିକ) ନ ହେଲେ ତା'ର ସୂକ୍ଷ୍ମ ବୁଦ୍ଧି ଖୋଲେ ନାହିଁ ।

ପୁଲିନବାବୁ— ଶାନ୍ତିର ପଥ କ'ଣ ?

ଶ୍ରୀଶ୍ରୀଠାକୁର— ଶାନ୍ତିର ପଥ ହେଲା ଇଷ୍ଟ ବା ସତ୍‌ଗୁରୁଙ୍କ ପ୍ରତି unrepelling adherence (ଅଚ୍ୟୁତ ନିଷ୍ଠା) କଞ୍ଚୁସଙ୍କ ପରି ସବୁ ଦିଗରୁ ସବୁ ପ୍ରକାରେ । ପ୍ରବୃତ୍ତିର ପଛରେ ଗୋଡ଼ାଉ, ତା'ର ଗୋଟାକର ସଙ୍ଗେ ଆଉ ଗୋଟାକର ମେଳ ନାହିଁ, ତଥାପି ଏକ ଏକ ସମୟରେ ଗୋଟାଏ ଗୋଟାଏ ନେଇ obsessed (ଅଭିଭୂତ) ହୋଇଥାଉ, ଆଉ ସଭାକୁ ଶୀର୍ଣ୍ଣ କରୁ । କିନ୍ତୁ, ଏଥିରୁ ନିସ୍ତାର ପାଇବାକୁ ହେଲେ, ଆମର ବାହାରେ ଗୋଟାଏ କିଛି ଥିବା ଦରକାର । ଜଳରେ ସ୍ରୋତ ଆମକୁ ଟାଣି ନେଇଯାଏ । ସନ୍ତରଣ ଜାଣୁନା, ପ୍ରବଳ ସ୍ରୋତ । ତେଣୁ ବାହାରେ ଡ଼ଙ୍ଗାର ଟାଣୁଆ ଖୁଣ୍ଟି ଯଦି ଥାଏ, ଏବଂ ତା' ସହିତ ଶକ୍ତ ଶିକୁଳିଟା ଅଛେଦ୍ୟ ଭାବରେ ବନ୍ଧାଥାଏ, ତେବେ ହିଁ ଜଳଟାକୁ enjoy (ଉପଭୋଗ) କରିପାରୁ, ସନ୍ତରଣ କରିପାରୁ ଅକ୍ଳେଶରେ । ଖୁଣ୍ଟି ହିଁ ସେହି ଇଷ୍ଟ,— ସଭାସମ୍ବର୍ଦ୍ଧକ ଜ୍ଞାନ ଯିଏ ଆଚରଣ କରି ଲାଭ କରିଛନ୍ତି । ତାଙ୍କ ଉପରେ unrepelling (ଅଚ୍ୟୁତ) ଟାଣ ଦରକାର, ଦଉଡ଼ି ଛିଣ୍ଡିଲେ ହେବ ନାହିଁ । ଆମ ଭିତରେ ଅଛି libido (ଆକୃତି), ଅଛି cohesive urge (ସଂସକ୍ତିର ଆକୃତି), ଅଛି ଆସକ୍ତି । ସେଇଟା ତାଙ୍କଠାରେ unrepelling (ଅଚେତ) ହେଲେ, ଇଷ୍ଟସ୍ୱାର୍ଥ ହେଉ ବା ନ ହେଉ ଭଲ କାମର ଫଳ ତ ମଣିଷ ପାଇବହିଁ ।

ଶ୍ରୀଶ୍ରୀଠାକୁର — କର୍ମର ଫଳ ପାଇବ, wisdom (ଜ୍ଞାନ)ର ଫଳ ପାଇବ ନାହିଁ । ଇଷ୍ଟ ମାନେ ଭଲର ଗୋଟାଏ materialised (ବାସ୍ତବାୟିତ) କେନ୍ଦ୍ର — ତାଙ୍କୁ ଅବଲମ୍ବନ କରି ହିଁ ଭଲର ସାର୍ଥକତା । କି ପ୍ରକାର ? ମ୍ୟାଲେରିଆ ରୋଗୀ, ପଚିଶଜଣଙ୍କୁ ପଚିଶ ପ୍ରକାରେ ହୁଏତ ଭଲ କଲେ । ରୋଗୀ ଭଲ ହେଲା, କିନ୍ତୁ ତୁମର କୌଣସି analysis (ବିଶ୍ଳେଷଣ) ନାହିଁ, କାହିଁକି ଭଲ ହେଲା । ମ୍ୟାଲେରିଆର କେନ୍ଦ୍ର ଅର୍ଥାତ୍ କାରଣ ସମ୍ବନ୍ଧରେ ତୁମର କୌଣସି ଧାରଣାହିଁ ନାହିଁ । କରି ଯାଉଛ, quack (ଗାଁ ବଇଦ) ଯେପରି କରନ୍ତି । ସେଥିରେ ଅନ୍ଦାଜରେ ରୋଗୀକୁ ଭଲ କରିପାରେ, ପଇସା ମଧ୍ୟ ହୋଇପାରେ । କିନ୍ତୁ knowledge (ଜ୍ଞାନ) ହେବ ନାହିଁ । କାରଣ ତୁମର ଚିକିତ୍ସା concentric (ସୁକେନ୍ଦ୍ରିକ) ହେଲା ନାହିଁ ।

ଇଷ୍ଟସ୍ୱାର୍ଥପ୍ରତିଷ୍ଠାରେ ଉପଚୟୀ ହେଲେ, ତା'ର doctrine (ନୀତି)ଗୁଡ଼ିକ ମୂର୍ତ୍ତ ହୋଇଉଠେ ଆମ ମଧ୍ୟରେ । ତାହା ଫଳରେ ଆମେ ସପରିବେଶ ତାଙ୍କଠାରେ ଅନୁପ୍ରାଣିତ ହେଉ । ଅନ୍ୟ complex (ପ୍ରବୃତ୍ତି)ଗୁଡ଼ିକ normally adjusted (ସ୍ୱାଭାବିକ ଭାବେ ନିୟନ୍ତ୍ରିତ) ହୁଏ, ଜ୍ଞାତସାରେ ଓ ଅଜ୍ଞାତସାରେ experience (ଅଭିଜ୍ଞତା)ଗୁଡ଼ିକ meaningfully intregrated (ସାର୍ଥକଭାବେ ସଂହତ)ହୁଏ, unified (ଏକାୟିତ) ହୁଏ । ଆମେ wise (ପ୍ରାଜ୍ଞ) ହୋଇଉଠୁ । ଜ୍ଞାନ ହୁଏ, କିନ୍ତୁ ଜାଣିବାର ଅହଙ୍କାର ନଥାଏ ସେଥିରେ । ଆମେ ସର୍ବଦା ମନେକରୁ ତାଙ୍କରି ଦୟାରେ, ତାଙ୍କରି ରକ୍ଷଣଶକ୍ତିରେ ଯାହା କିଛି ହୋଇଛି । *(କ୍ରମଶଃ)*

ଅନୁବାଦକ : ଶ୍ରୀଯତୀନ୍ଦ୍ରନାଥ ମହାନ୍ତି

ଖାଇବା-ପିଇବା ଚାଲିଛି ଭଲ
ଘର-କରଣା ଚାଲିଛି ବେଶ,
ପରିବେଶକୁ ଉପୁଚାଇ ତୋଳ
ନହେଲେ ପ୍ରାପ୍ତି କ୍ରମେ ହିଁ ଶେଷ । ୪୯ ।

(ଅନୁଶ୍ରୁତି, ୩ୟଖଣ୍ଡ, ସେବା)

ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ

ଦୀପରକ୍ଷୀ

(ସପ୍ତମ ଖଣ୍ଡ)

ସଂକଳୟିତା : **ଶ୍ରୀଦେବୀପ୍ରସାଦ ମୁଖୋପାଧ୍ୟାୟ**

(ପୂର୍ବପ୍ରକାଶିତ ଉତ୍ତରାନୁ....)

କେଷ୍ଟଭାଇ— ଏତେ କସରତ କରି ଶବ୍ଦ ବୋଧ କରିବା କ'ଣ ଦରକାର ! ବୈଜ୍ଞାନିକମାନେ ତ ଗୋଟେ ଗୋଟେ କରି ବାହାର କରୁଛନ୍ତିହିଁ ।

ଶ୍ରୀଶ୍ରୀଠାକୁର— ସେମାନେ ସେହିଭାବେ କରୁଛନ୍ତି, ମୁଁ ଯଦି ଏହିଭାବେ କରିପାରେ । ବୁଝିଲେ, ମୋର ଏହି କଥାଗୁଡ଼ିକ କିନ୍ତୁ fiction (କଳ୍ପନା) ନୁହେଁ । ବାସ୍ତବରେ ଯା' ଘଟେ ମୁଁ ତା'ହିଁ କହୁଛି । I may try, I may achieve (ଚେଷ୍ଟା କରାଯାଏ, ପାଇବି ହୁଏ) । ଆଉ ଚେଷ୍ଟାର ଦରଜା ସମସ୍ତଙ୍କ ପାଇଁ ହିଁ ଖୋଲା ଅଛି । ପୁଣି, କେହି ହୁଏତ ବସି ବସି କାନ ଧରି କେବଳ ଶବ୍ଦ ଶୁଣି ଚାଲିଛନ୍ତି, କାର୍ଯ୍ୟରେ କିଛି କରୁ ନାହାଁନ୍ତି, ତା'ର ସେହି ଶୁଣା ପର୍ଯ୍ୟନ୍ତ ହିଁ ହୁଏ । ତା' ନିକଟରେ ସବୁ ସମାନ । କିନ୍ତୁ ଶବ୍ଦଟାକୁ ପ୍ରକୃତ ଜାଣିବା ଓ ବୋଧ କରାହେବ ସେତେବେଳେ ହିଁ ଯେତେବେଳେ ମୁଁ ତା'କୁ handle କରି (କାର୍ଯ୍ୟରେ ଲଗାଇ) ପାରିବି । ଏହି ପର୍ଯ୍ୟନ୍ତ କହିହିଁ ପାଖରେ ବସିଥିବା ସୁଶୀଳାମା'ଙ୍କ (ହାଲଦାର) ଆଡ଼େ ଚାହିଁ ଶ୍ରୀଶ୍ରୀଠାକୁର ଆଦରର ସ୍ୱରରେ କହିଲେ— ତମାଖୁ ଖୁଆଇବୁନି ଟିକେ ? କିପ୍ରକାର ସ୍ତ୍ରୀଲୋକ !

ସୁଶୀଳାମା' ସଲଜ୍ଜ ହସି ଶୀଘ୍ରଶୀଘ୍ର ତମାଖୁ ସଜେଇ ଆଣି ଦେଲେ । ଗଡ଼ଗଡ଼ାରେ ମୃଦୁମନ୍ଦ ଟାଣ ଦେଇ ଦେଇ ଶ୍ରୀଶ୍ରୀଠାକୁର କହି ଚାଲିଲେ— ସେଇ ଶବ୍ଦ ହେଲା ଅନାହତ ନାଦ । ତା' ପାଇବାକୁ ଗଲେ ମନଟାକୁ concentrate (କେନ୍ଦ୍ରାୟିତ) କରିବାକୁ ହୁଏ । ସେଥିପାଇଁ ଦରକାର ଚେଷ୍ଟା । ପୁଣି, ନିଷ୍ଠା ନ ଥିଲେ ଚେଷ୍ଟାହିଁ ଆସେନା, ସେତେବେଳେ ଗୋଟେ କରିବାକୁ ଆଉ ଗୋଟେ କରି ପକାଇବ । ତେଣୁ, ଅସଲ ଜିନିଷହିଁ ସେହି ନିଷ୍ଠା । ନିଷ୍ଠା ଥିଲେ ଆମମାନଙ୍କର conscientious will (ବିବେକୀ ଇଚ୍ଛାଶକ୍ତି)ଟା ଭାଙ୍ଗି ଯାଏନା, ଏକ ଗୋଡ଼ରେ ଚାଲିଥାଏ । ସବୁ ଜିନିଷଗୁଡ଼ିକ ବାସ୍ତବରେ ଧରି ପାରିହୁଏ । ନିଷ୍ଠା ଯେଉଁମାନଙ୍କର ଭଙ୍ଗା-ଭଙ୍ଗା ସେମାନଙ୍କର ଏହି ଧରିବାଟା ମୁସକିଲ ହୁଏ । ସେମାନେ ଯଦି ପୁଣି habit (ଅଭ୍ୟାସ) କରନ୍ତି ତା'ହେଲେ ସେମାନଙ୍କର ବି ହୁଏ । କିନ୍ତୁ ଏକଦମ flickering mind (ଚଞ୍ଚଳ ମନ) ଯେଉଁମାନଙ୍କର ସେମାନଙ୍କର କେତେବୁର possibility (ସମ୍ଭାବ୍ୟତା) ଅଛି କୁହାଯାଇ ପାରେନା । ସେଇ ଯେଉଁ ଆପଣ କେତେ ପୃଷ୍ଠାର ବହି ପଢ଼ିଲେ । ମହାଭାରତ ପଢ଼ି ଶେଷ କରିଲେ, ତା'ର ରସ ବି ଉପଲବ୍ଧି କରି ପାରିଲେ, ପାରିଲେ sentimentally and intellectually (ଭାବାନୁକମ୍ପିତା ଓ ବୁଦ୍ଧିଗତଭାବେ) ସବୁ ଦିଗ ଦେଇ । ନିଷ୍ଠା ନଥିଲେ କ'ଣ ତା' ହୋଇଥା'ନ୍ତା ?

ଜ୍ଞାନଭାଇ— ଶଙ୍କରାଚାର୍ଯ୍ୟ କହିଛନ୍ତି, ନିଷ୍ଠା ହେଲା ଅନୁଷ୍ଠେୟ ତାତ୍ପର୍ଯ୍ୟମ୍ ।

ଶ୍ରୀଶ୍ରୀଠାକୁର— ସେଇ ଅନୁଷ୍ଠେୟ ତାତ୍ପର୍ଯ୍ୟର ସହିତ ଯଦି principle (ଆଦର୍ଶ)ଟା ଠିକ୍ ନ ରହେ ତା'ହେଲେ କିଛି ହିଁ ପାରିବେନି । ନିଷ୍ଠା ସଙ୍ଗେ ସଙ୍ଗେ ହିଁ ଥାଏ ଆନୁଗତ୍ୟ ଓ କୃତିସମ୍ବେଗ । ନିଷ୍ଠାର ମାପରେ ଥାଏ ଆନୁଗତ୍ୟ ଆଉ ଆନୁଗତ୍ୟର ମାପରେ ଥାଏ କୃତିସମ୍ବେଗ । Where there is ନିଷ୍ଠା, there are these things (ଯେଉଁଠାରେ ନିଷ୍ଠା ଅଛି, ସେଠାରେହିଁ ଏଗୁଡ଼ିକ ଅଛି) । ଏହା ଥିଲେ ହିଁ ମଣିଷ ବଢ଼େ ତା' ସେ ଢ଼କାୟତହିଁ ହେଉ ଆଉ ଯା' ହିଁ ହେଉ । ସେଥିପାଇଁ ଅନେକ ସମୟରେ ମୁଁ ନିଷ୍ଠାକୁ କହେ ନିଷ୍ଠାରତି, ନିଷ୍ଠାରାଗ ବି କହେ ।

କେଷ୍ଟଭାଇ— ଆପଣ ନୂତନ ମାନେ ଦେଉଛନ୍ତି, ନିଷ୍ଠାର ଚଳତି ମାନେ ତା' ନୁହେଁ ।

ଶ୍ରୀଶ୍ରୀଠାକୁର — ଭାଷା ଜାଣେନା, ତେଣୁ ସେହିଭଳି କରି କହେ । ମୋର କଥା ହେଲା, ନିଷ୍ଠାରତି ମାନେହିଁ ନିଷ୍ଠାର ସହିତ ଆନୁଗତ୍ୟ ଓ କୃତିସମ୍ବେଗ ରହିବା ।

କେଷ୍ଟଭାଇ — ଆଗେ ଆପଣ କହୁଥିଲେ ଏକାନୁରକ୍ତି, ତୀବ୍ରତା ଓ କ୍ରମାଗତି । ଏପରି ସେଗୁଡ଼ିକ ନିଷ୍ଠା ଦେଇ କହୁଛନ୍ତି ।

ଶ୍ରୀଶ୍ରୀଠାକୁର — Bastard (ଜାରଜ) ରକମ ହେଲେ ପରେ ସେଠାରେ ଆଉ ନିଷ୍ଠା ରହେନା । ପୁଣି, ବିବାହ ଯଦି ତୁଲ୍ୟ-ସଦୃଶ୍ୟ ରକମରେ ହୁଏ, ତା'ହେଲେ ତା' ଭିତର ଦେଇ ନିଷ୍ଠା ଗଢେଇ ଉଠିହିଁ ଥାଏ ।... ମୋର ମଉସା ମହାଶୟ ଥିଲେ ଚାରୁ ଚକ୍ରବର୍ତ୍ତୀ । ତାଙ୍କର ପ୍ରତିଟି ପୁଅ ଥିଲେ inferiorityରେ (ହୀନମ୍ମନ୍ୟତାରେ) ଭାରାକ୍ରାନ୍ତ ।

ଶରତଭାଇ — Inferiority (ହୀନମ୍ମନ୍ୟତା) ଆଉ superiority (ପ୍ରଭୁମନ୍ୟତା) ଏକ ନୁହେଁ ?

ଶ୍ରୀଶ୍ରୀଠାକୁର — Inferiority (ହୀନମ୍ମନ୍ୟତାର) garb (ଛଦ୍ମବେଶ) ହେଲା superiority (ପ୍ରଭୁମନ୍ୟତା) ।

ତା'ପରେ ଛଡ଼ା ଦେଲେ —

ନିଷ୍ଠାନିପୁଣ ବୋଧବିବେକ ଆଉ
କୁକର୍ମଯ୍ୟାଦାର ମଥା ଖାଇ
ଶୟତାନସବୁହିଁ ତ ଭଣ୍ଡାଏ ମଣିଷ
ନରକର ଆଡ଼କାଠି ହୋଇ ।

ଶ୍ରୀଶ୍ରୀଠାକୁର — (ଶରତଭାଇଙ୍କୁ) ଛଡ଼ାଗୁଡ଼ିକ ଭଲ କରି ଦେଖିବେ । ତା' ମଧ୍ୟରେ କୌଣସି ପାଣ୍ଡିତ୍ୟ ନାହିଁ, ସହଜ କଥା ସବୁ । ଆଗର ଅନୁଶ୍ରୁତି ଭଲ ହୋଇଛି, ନା ଏଇଟାହିଁ ଭଲ ହେଉଛି ?

ଶରତଭାଇ — ଆଗଟା ମଧ୍ୟରେ ଅନେକ ଚଳତି ରକମର କଥା ଅଛି । ଏଇଟାରେବି ତା' ଅଛି, ତା' ବାରେବି ଅଛି ।

ଶ୍ରୀଶ୍ରୀଠାକୁର — ମୋର ମନେହୁଏ, ଅନୁଶ୍ରୁତି ଖୋଲିଲେହିଁ, ଗୋଟେ ଝିଅହିଁ ହେଉ ବା ପୁଅପୁଅହିଁ ହେଉ, ତା'ର ସବୁଟା

ଆପଦ୍-ବିପଦ୍ ଉଦ୍‌ଯାପନେ
ଯେ-ଜନ ତୁମକୁ ଧରେ-କରେ,
ତା'ର ଚର୍ଯ୍ୟାରେ ବିମୁଖ ହେଲେ
ସେ କେତେ କ'ଣ କରିପାରେ ? ୫୦ ।
(ଅନୁଶ୍ରୁତି, ୩ୟଖଣ୍ଡ, ସେବା)

ଶଙ୍କରାଚାର୍ଯ୍ୟ କହିଛନ୍ତି, ନିଷ୍ଠା ହେଲା ଅନୁଷ୍ଠେୟ ତାତ୍ପର୍ଯ୍ୟମ୍ ।

ଶ୍ରୀଶ୍ରୀଠାକୁର — ସେଇ ଅନୁଷ୍ଠେୟ ତାତ୍ପର୍ଯ୍ୟର ସହିତ ଯଦି principle (ଆଦର୍ଶ)ଟା ଠିକ୍ ନ ରହେ ତା'ହେଲେ କିଛି ହିଁ ପାରିବେନି । ନିଷ୍ଠା ସଙ୍ଗେ ସଙ୍ଗେ ହିଁ ଥାଏ ଆନୁଗତ୍ୟ ଓ କୃତିସମ୍ବେଗ । ନିଷ୍ଠାର ମାପରେ ଥାଏ ଆନୁଗତ୍ୟ ଆଉ ଆନୁଗତ୍ୟର ମାପରେ ଥାଏ କୃତିସମ୍ବେଗ । Where there is ନିଷ୍ଠା, there are these things (ଯେଉଁଠାରେ ନିଷ୍ଠା ଅଛି, ସେଠାରେହିଁ ଏଗୁଡ଼ିକ ଅଛି) । ଏହା ଥିଲେ ହିଁ ମଣିଷ ବଢ଼େ ତା' ସେ ଡ଼କାୟତହିଁ ହେଉ ଆଉ ଯା' ହିଁ ହେଉ । ସେଥିପାଇଁ ଅନେକ ସମୟରେ ମୁଁ ନିଷ୍ଠାକୁ କହେ ନିଷ୍ଠାରତି, ନିଷ୍ଠାରାଗ ବି କହେ ।

ଦେଖାଯିବ ।

ଆଜି ସନ୍ଧ୍ୟା ପରେ ଶ୍ରୀଶ୍ରୀଠାକୁର ଆଲୁମିନିୟମର ଘରେହିଁ ଅଛନ୍ତି । ତାଙ୍କ ଶଯ୍ୟାର ଚାରିପାଖରେ ଚାରିଟି ଟେବୁଲ ଫ୍ୟାନ୍ ଫୁଲ ସ୍ପୀଡ଼ରେ ଚାଲିଛି । କିନ୍ତୁ ତା' ମଧ୍ୟରେ ବି ମଶା ଉଡୁଛି । ବଡ଼ ରୁମାଲ ଦେଇ ମଝିରେ ମଝିରେ ମଶା ତଡ଼ିବାକୁ ପଡୁଛି ।

ଆଷାଢ଼-୮, ବୁଧବାର, ୧୩୬୭
(ଇଂତା.୨୨.୦୬.୧୯୬୦ରିଖ)

ଆଜି ସକାଳେ ଆଲୁମିନିୟମ ଘରେ ଶ୍ରୀଶ୍ରୀଠାକୁର କିଛିସମୟ ଶୋଇଛନ୍ତି । ତା'ପରେ ହଲଘରେ ଆସି ବସିଛନ୍ତି । ପରମପୂଜ୍ୟପାଦ ବଡ଼ଦା, ଜ୍ଞାନଭାଇ (ଗୋସ୍ୱାମୀ), ମଣ୍ଟୁନ (ରାୟଚୌଧୁରୀ) ପ୍ରମୁଖ ଉପସ୍ଥିତ । ଶ୍ରୀଶ୍ରୀଠାକୁରଙ୍କ ନିର୍ଦ୍ଦେଶରେ ତାରକଭାଇଙ୍କୁ (ବନ୍ଦ୍ୟୋପାଧ୍ୟାୟ) ୧୫୦ ଜଣ ସ୍ୱାକ୍ଷରକାରୀର ଗୋଟେ ଖାତା ଦିଆଗଲା । ତା'ପରେ ଶ୍ରୀଶ୍ରୀଠାକୁର ତାରକଭାଇଙ୍କୁ କହିଲେ — ଟଙ୍କା ପଠାଇବା ସମୟରେ ପ୍ରତ୍ୟେକଙ୍କର ନାମ ଲେଖି ଦେବୁ । (ପରେ ବଡ଼ଦାଙ୍କୁ) ବଡ଼ବୋହୂ କ'ଣ କରୁଛି ?

ବଡ଼ଦା — ବାଥରୁମ ଯାଇଛନ୍ତି ।

ଶ୍ରୀଶ୍ରୀଠାକୁର ଅନେକଙ୍କୁ ଆଶୀର୍ବାଦପୂତ ଲାଠି ଦେଇଛନ୍ତି । ସେହି ପ୍ରସଙ୍ଗରେ କଥା ଉଠନ୍ତେ ଶ୍ରୀଶ୍ରୀଠାକୁର କହିଲେ — ମୋର

ମୋର ଦିଆ ଲାଠି ଯେଉଁମାନେ ସବୁସମୟରେ carry (ବହନ) କରନ୍ତି, ସେମାନଙ୍କର ଧୀରେ ଧୀରେ ଉନ୍ନତି ହୁଏ । ମୁଁ ଲାଠି ଦେଇ ପୁଣି ଲକ୍ଷ୍ୟ କରେ, ଠିକ୍ ଠିକ୍ carry (ବହନ) କରେ କି ନା ! ଠିକ୍ ଠିକ୍ carry (ବହନ) କରିବା ଫଳରେ ସେମାନଙ୍କର ନିଷ୍ଠା କ୍ରମାଗତ ବଢ଼ିଯାଏ । ଯେପରି ନ ହଜେ ଏବଂ ଲାଠି ଦେହରେ କୌଣସିପ୍ରକାର ଦାଗ ନ ପଡ଼େ ସେଦିଗରେ ସବୁସମୟରେ ଲକ୍ଷ୍ୟ ରହେ । ତା' ଫଳରେହିଁ ନିଷ୍ଠା ବଢ଼େ । ଲାଠି ପ୍ରତି ନିତ୍ୟାନନ୍ଦର ଏତେ ଶ୍ରଦ୍ଧା ଓ ନିଷ୍ଠା ଦେଖି ମୋତେ ଖୁବ୍ ଭଲ ଲାଗିଥିଲା । ତା'ଠାରୁହିଁ ମୋର ଲାଠି ଦେବାର କଥା ମନେହୁଏ । (କେଷ୍ଟଭାଇଙ୍କୁ) ମୁଁ କେବଳ କହି ହିଁ ଗଲି । କିନ୍ତୁ କରି ଦେଇ ଯାଇ ପାରିଲିନି । ମୁଁ ଯଦି ପାଞ୍ଚଜଣ ଲୋକ ବି ପାଆନ୍ତି ତା'ହେଲେ ବି ଅନେକ କିଛି କରି ଦେଇ ଯାଇ ପାରନ୍ତି । ସେପରି ଲୋକ ଆଉ ପାଇଲିନି ।

ଦିଆ ଲାଠି ଯେଉଁମାନେ ସବୁସମୟରେ carry (ବହନ) କରନ୍ତି, ସେମାନଙ୍କର ଧୀରେ ଧୀରେ ଉନ୍ନତି ହୁଏ । ମୁଁ ଲାଠି ଦେଇ ପୁଣି ଲକ୍ଷ୍ୟ କରେ, ଠିକ୍ ଠିକ୍ carry (ବହନ) କରେ କି ନା ! ଠିକ୍ ଠିକ୍ carry (ବହନ) କରିବା ଫଳରେ ସେମାନଙ୍କର ନିଷ୍ଠା କ୍ରମାଗତ ବଢ଼ିଯାଏ । ଯେପରି ନ ହଜେ ଏବଂ ଲାଠି ଦେହରେ କୌଣସିପ୍ରକାର ଦାଗ ନ ପଡ଼େ ସେଦିଗରେ ସବୁସମୟରେ ଲକ୍ଷ୍ୟ ରହେ । ତା' ଫଳରେହିଁ ନିଷ୍ଠା ବଢ଼େ । ଲାଠି ପ୍ରତି ନିତ୍ୟାନନ୍ଦର ଏତେ ଶ୍ରଦ୍ଧା ଓ ନିଷ୍ଠା ଦେଖି ମୋତେ ଖୁବ୍ ଭଲ ଲାଗିଥିଲା । ତା'ଠାରୁହିଁ ମୋର ଲାଠି ଦେବାର କଥା ମନେହୁଏ । (କେଷ୍ଟଭାଇଙ୍କୁ) ମୁଁ କେବଳ କହି ହିଁ ଗଲି । କିନ୍ତୁ କରି ଦେଇ ଯାଇ ପାରିଲିନି । ମୁଁ ଯଦି ପାଞ୍ଚଜଣ ଲୋକ ବି ପାଆନ୍ତି ତା'ହେଲେ ବି ଅନେକ କିଛି କରି ଦେଇ ଯାଇ ପାରନ୍ତି । ସେପରି ଲୋକ ଆଉ ପାଇଲିନି ।

ଏହାପରେ ପୂଜ୍ୟପାଦ ବଡ଼ଦା ଉଠି ଗଲେ । ସମୟ ୯-୪୫ମିନିଟ୍ । ନାନା କଥା ଚାଲିଛି କେଷ୍ଟଭାଇଙ୍କ (ଭଟ୍ଟାଚାର୍ଯ୍ୟ) ସଙ୍ଗେ । କଥାପ୍ରସଙ୍ଗରେ କହିଲେ ଶ୍ରୀଶ୍ରୀଠାକୁର — ଗୋଟେ ଜାଗାର କଥା ମନେହୁଏ । ସେଠାରେ ଗୋଟେ ନଦୀରେ କର୍ତ୍ତାମା'ଙ୍କ ସଙ୍ଗେ ନୌକା କରି ଯାଉଥିଲି । ଅସମ୍ଭବ କଳ୍ପନ ସେହି ନଦୀରେ । ବୋଧହୁଏ ସରଯୂ ନଦୀ-ଟଦୀ ହେବ । ନଦୀର ନାମ ଠିକ୍ ମନେ ନାହିଁ । ଟଗର ଫୁଲଗଛ ଅଛି ସେଠାରେ । (କ୍ଷଣିକ ନିଜ ମନରେ ରହିବା ପରେ) କିପ୍ରକାର ମନେହୁଏ, ବୁଝେନା । ଏ କ'ଣ ଶୁଣି ଭାବି କହେ, ନା ଆଉ କିଛି ? ଠିକ୍ ଜାଣେନା । ଏସବୁ କଥା ଯେତେ କହେ ସେତେ ଆସେ । ଭାବେ, ଏଗୁଡ଼ିକ କହେ ବା କୋଉଠୁ, ପାଏ ବା କୋଉଠୁ ! ଆଗେ ଯେତେବେଳେ ଧ୍ୟାନ କରୁଥିଲି ସେତେବେଳେ ଯେଉଁ ବିଷୟରେ ଭାବୁଥିଲି ତା'ର ନାମ-ଟାମ ସବୁ ମନେ ରହୁଥିଲା । ଏପରିକି description (ବର୍ଣ୍ଣନା)ଗୁଡ଼ିକ କୋଉଟା ପରେ କୋଉଟା ଅଛି ସବୁ ମନେ ରହୁଥିଲା । ହୁଏତ ଭଜନର description (ବର୍ଣ୍ଣନା) ଦେବି, କୋଉଟା ପରେ କୋଉଟା ଆସିବ ସବୁ ଠିକ୍ ରହୁଥିଲା । ଏମିତିରେ ହୁଏତ ନାନା କାମରେ ଭୁଲ ହୁଏ । କିନ୍ତୁ ମୁଁ ଆଖିରେ ଯା' ଦେଖିଛି ସେଇଟା ମୋ ମଧ୍ୟରେ ନିରନ୍ତର ଚିନ୍ତାପ୍ରବାହ ହୋଇ ବିରାଜ କରୁଛି । ସେଇଟା କଦାପି ବି ଅନ୍ୟପ୍ରକାର ହୁଏନା ।

ପଣ୍ଡିତଭାଇ (ଭଟ୍ଟାଚାର୍ଯ୍ୟ) — ଆପଣ ସେଇ ଥରେ ଦକ୍ଷିଣେଶ୍ୱର ଯାଇଥିଲେ ।

କେଷ୍ଟଭାଇ — ସେଠାରେ ଯାଇ ଖୁବ୍ ଭୋକ ଲାଗିଥିଲା । ମା'-କାକୀ ଆସି ଆପଣଙ୍କୁ ଖୁଆଇଥିଲେ ।

ଶ୍ରୀଶ୍ରୀଠାକୁର — ହଁ, ଅତ୍ୟନ୍ତ ପିପାସା ଲାଗିଥିଲା । ପାଣି ପୁରୋହିତ ନିକଟରୁ ଆଉ ଚାହିଁଲିନି । ମନେ ମନେ ଭାବିଲି, ଦରକାର ହେଲେ ମା' ଦେବେ ।

କେଷ୍ଟଭାଇ — ମା'ଙ୍କ ଉପରେ ଅଭିମାନ ହେଲା ?

ଶ୍ରୀଶ୍ରୀଠାକୁର — ନା, ଅଭିମାନ-ଟଭିମାନ ନୁହେଁ । ସେଠାରେ ଯେଉଁମାନେ ଥିଲେ ସମସ୍ତଙ୍କୁ ଦେଲେ, ମୋତେ ଆଉ ଦେଲେ ନାହିଁ । ତେଣୁ ସେପରି ଭାବିଲି । ତା'ପରେ ବାନ୍ଧଣ ବରଗଛତଳେ ଯାଇ ଶୋଇଲି । ଧୀରେ ଧୀରେ ଶୋଇ ପଡ଼ିଲି । ହଠାତ୍ ଜାଗି ଦେଖେ, ମା' ଜଳଖିଆ ନେଇ ଆସିଛନ୍ତି । ମୁଁ କହିଲି, ଯେତେବେଳେ ମୋର ଜଳପିପାସା ଲାଗୁଥିଲା ସେତେବେଳେ

ସୁଖର ଧନ୍ଧାରେ ବୁଲିଲୁ କେତେ
ପରକୁ ସୁଖୀ କରିଲୁ ନାହିଁ,
ଆରେ ବେକୁବ ! ଆପ୍ତସୁଖୀ !
ସୁଖ କୋଉଠି ତା' ବୁଝିଲୁ ନାହିଁ । ୫୨ ।
(ଅନୁଶ୍ରୁତି, ୩ୟଖଣ୍ଡ, ସେବା)

ଆପଣ ସେଇ ଥରେ ଦକ୍ଷିଣେଶ୍ୱର ଯାଇଥିଲେ ।

କେଷ୍ଟଭାଇ — ସେଠାରେ ଯାଇ ଖୁବ୍ ଭୋକ ଲାଗିଥିଲା । ମା'-କାଳୀ ଆସି ଆପଣଙ୍କୁ ଖୁଆଇଥିଲେ ।

ଶ୍ରୀଶ୍ରୀଠାକୁର — ହଁ, ଅତ୍ୟନ୍ତ ପିପାସା ଲାଗିଥିଲା । ପାଣି ପୁରୋହିତ ନିକଟରୁ ଆଉ ଚାହିଁଲିନି । ମନେ ମନେ ଭାବିଲି, ଦରକାର ହେଲେ ମା' ଦେବେ ।

କେଷ୍ଟଭାଇ — ମା'ଙ୍କ ଉପରେ ଅଭିମାନ ହେଲା ?

ଶ୍ରୀଶ୍ରୀଠାକୁର — ନା, ଅଭିମାନ-ଟଭିମାନ ନୁହେଁ । ସେଠାରେ ଯେଉଁମାନେ ଥିଲେ ସମସ୍ତଙ୍କୁ ଦେଲେ, ମୋତେ ଆଉ ଦେଲେ ନାହିଁ । ତେଣୁ ସେପରି ଭାବିଲି । ତା'ପରେ ବାକ୍ସଶ ବରଗଛତଳେ ଯାଇ ଶୋଇଲି । ଧୀରେ ଧୀରେ ଶୋଇ ପଡ଼ିଲି । ହଠାତ୍ ଜାଗି ଦେଖେ, ମା' ଜଳଖିଆ ନେଇ ଆସିଛନ୍ତି । ମୁଁ କହିଲି, ଯେତେବେଳେ ମୋର ଜଳପିପାସା ଲାଗୁଥିଲା ସେତେବେଳେ ପାଣି ଦିଅନା କାହିଁକି ? ମା' କୁହନ୍ତି, ଧେଡ଼, ସମସ୍ତଙ୍କ ସାମନାରେ କ'ଣ ମୁଁ ଆସିପାରେ ? ସେଇ ଖାଇବା ପରେ କେତେ ଚାଲିଲି, ବେଲୁଡ଼-ଲିଲୁୟା ଗଲି, ଆଡ଼େ-ସାଡ଼େ ବୁଲିଲି, ଆଉ ଭୋକହିଁ ଲାଗିଲାନି । ତା'ପରେ ନୈହାଟି ଗଲି ।

ପାଣି ଦିଅନା କାହିଁକି ? ମା' କୁହନ୍ତି, ଧେଡ଼, ସମସ୍ତଙ୍କ ସାମନାରେ କ'ଣ ମୁଁ ଆସିପାରେ ? ସେଇ ଖାଇବା ପରେ କେତେ ଚାଲିଲି, ବେଲୁଡ଼-ଲିଲୁୟା ଗଲି, ଆଡ଼େ-ସାଡ଼େ ବୁଲିଲି, ଆଉ ଭୋକହିଁ ଲାଗିଲାନି । ତା'ପରେ ନୈହାଟି ଗଲି ।

ପଣ୍ଡିତଭାଇ — ନୈହାଟି ପାଦରେ ଚାଲି ?

ଶ୍ରୀଶ୍ରୀଠାକୁର — ନା, ଗାଡ଼ିରେ ।

କାଜଲଦା — ସେତେବେଳେ କେତେ ବର୍ଷ ବୟସ ?

କେଷ୍ଟଭାଇ — ୧୮/୧୯ ହେବ ।

ଶ୍ରୀଶ୍ରୀଠାକୁର — ହଁ, ସାଙ୍ଗରେ ନଗେନ ଚୌଧୁରୀ ଥିଲା, ହେମନ୍ତ ଥିଲା । ଆଉ କିଏ ଥିଲା ?

କେଷ୍ଟଦା — ଆପଣ ଏହି ଦୁଇଜଣଙ୍କ ନାମହିଁ କହିଥିଲେ । ଆଚ୍ଛା, ସେଇ ଜାଗାଟା (ଦକ୍ଷିଣେଶ୍ୱର) ଚିହ୍ନା ମନେହେଲା ?

ଶ୍ରୀଶ୍ରୀଠାକୁର — (ତମାଖୁ ଖାଇ ଖାଇ) ହଁ । 'ଦେଖି ଯେପରି ମନେହୁଏ ଚିହ୍ନେ ଏହାକୁ' କହିଲେ ଯେପରି ହୁଏ ସେହି ରକମଟା ।

ଉପରବେଳା — ବଡ଼ ବଲାଣର ବାରଣ୍ଡାରେ ।

କାଜଲଦା — କୌଣସି ଗୋଟେ ବିଷୟରେ ହୁଏତ ମୋର interest (ଅନ୍ତରାସ) ନାହିଁ, କିପରିଭାବେ interest (ଅନ୍ତରାସ) ଅଣାଯାଏ ?

ଶ୍ରୀଶ୍ରୀଠାକୁର — କରୁ କରୁ ହିଁ ହୁଏ । ସେଇ ଯେ କ'ଣ ଅଛି — 'ଆବୃତ୍ତିଃ ସର୍ବଶାସ୍ତ୍ରାନାଂ ବୋଧାଦପି ଗରୀୟସୀ ।'

ପଣ୍ଡିତଭାଇ — ଆବୃତ୍ତି ମାନେ ତ ବୁଲି ଆସିବା ।

ଶ୍ରୀଶ୍ରୀଠାକୁର — ଆବୃତ୍ତି ମାନେ ସମ୍ୟକ୍ ଭାବେ ରହିବା, to be engaged in something (କୌଣସି ବିଷୟରେ ବ୍ୟାପୃତ ରହିବା) । ଦେଖିଆ ତ, ଆବୃତ୍ତି ମାନେ କ'ଣ ?

ପଣ୍ଡିତଭାଇ ଅଭିଧାନ ଦେଖି ଆସି କହିଲେ — ଆବୃତ୍ତି ମାନେ ଅଭ୍ୟାସ, ଗୁଣନ, ପ୍ରତ୍ୟାଗମନ ।

ଶ୍ରୀଶ୍ରୀଠାକୁର — ବୃତ୍ତି ମାନେ ରହିବା ବି ହୁଏ । କହି ଛଡ଼ା କହିଲେ — ଆବୃତ୍ତିଟାର ଯେପରି ଚଳନ

ଆସେବି ସେପରି ବୋଧୋନୟନ ।
ଯେଉଁଠି ଯେପରି ଲାଗୁଛି ମଜା
ସେଥିରେ ତୁମେ ସେପରି ଚାଜା ।

(କ୍ରମଶଃ)

ଅନୁବାଦକ : ଡ଼କ୍ଟର ନିରଞ୍ଜନ ମିଶ୍ର

ତୁମର ସ୍ୱାର୍ଥହିଁ ଦେଖ ଯଦି
ନିଜର ଅର୍ଥ-ନିଷ୍ପାଦନେ,
ପର ନିକଟରୁ ଆଶା କରିବା
ହେବ କି ସଫଳ ଭାବ ମନେ ? ୫୪ ।

(ଅନୁଶ୍ରୁତି, ୩ୟଖଣ୍ଡ, ସେବା)

ପ୍ରତୁଳଦୀପ୍ତିରୁ...

ଅବତାର କ'ଣ ସମ୍ପ୍ରଦାୟ ପାଇଁ ଆସନ୍ତି ?

॥ ବଜାରୀ ସାଧୁ.... !

ଜଣେ ସାଧୁ ଆସି ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରିଲେ । ସାଧୁଟି ଶ୍ରୀଶ୍ରୀଠାକୁରଙ୍କୁ କହିଲେ, ବାବା ! ମୋର ନାମ କୁମୁଦ ବ୍ରହ୍ମଚାରୀ । ମୁଁ ଅନେକ ମଠରେ ଏବଂ ଆଶ୍ରମରେ ବୁଲିଛି । ଅନେକ ଜାଗାରୁ ଦୀକ୍ଷା ବି ନେଇଛି । ଅବଶେଷରେ ଆପଣଙ୍କର ଏଠାକୁ ଆସି ସତ୍‌ନାମ ଗ୍ରହଣ କରିଲି ଏବଂ ଖୁବ୍ ତୃପ୍ତି ପାଇଲି ।

ଶ୍ରୀଶ୍ରୀଠାକୁର — ବାଜାରୀ ସାଧୁ ଭଲ ନୁହେଁ । ଅସ୍ଖଳିତ ନିଷ୍ଠା ରଖ । ଧରି ବୁଝ, କରି ବୁଝ, ଚାଲି ବୁଝ । ଏକମୁଖୀ ହୋଇ ଚାଲ । ଏକମୁଖୀ ରହି ଲକ୍ଷେମୁଖୀ ଯୋଗାଣ ଦିଅ । ସେଇ ତ ଭଲ । ଲୋକପରିଚର୍ଯ୍ୟା ଯା'ର ଯେତେ ବେଶୀ ସେ ଦୁନିଆକୁ ସେତେ ପରିଚର୍ଯ୍ୟା କରିପାରେ ।

(ପ୍ରତୁଳଦୀପ୍ତି, ଚା୦୫.୦୧.୧୯୬୬ରିଖ)

॥ ମନକୁ ସତ୍ୟମୁଖୀ କରିବାର ଉପାୟ ॥

ଶ୍ରୀଶ୍ରୀଠାକୁର — ଏକମୁଖୀ ଲକ୍ଷ୍ୟ ରଖି ଚାଲିବ । ମନଟା ଭାଙ୍ଗି ଯିବାକୁ ଚାହିଁଲେ ବି ପୁଣି ଗଢ଼ିବ । ମନଟା ଅନ୍ୟ ଦିଗକୁ ଯିବାକୁ ଚାହିଁଲେବି ତା'କୁ ନେଇ ଆସିବ, ଏକମୁଖୀ କରିବ । ଏହି ଭଙ୍ଗାଗଢ଼ାର ମଧ୍ୟ ଦେଇହିଁ ନିଷ୍ଠା ଆସିଥାଏ । ନିଷ୍ଠାକୁ ସ୍ଥିର କରିବାକୁ ହୁଏ । ଲକ୍ଷ୍ୟ ସପକ୍ଷରେ ଯୁକ୍ତିର ଅବତାରଣା କରିବାକୁ ହୁଏ । ତାକୁ ଧରି ରହିବ । ନିଷ୍ଠା ଅତୁଟ ରଖି ଚାଲିବ । ପୁଣି ତା' ହେଲା ପରେ ଲୋକଙ୍କର ବି ଭଲ ହୁଏ । ସେମାନଙ୍କର ବି ଚାଲିଚଳନ ତୁମକୁ ଦେଖି ଠିକ୍ ହେବ ।

(ପ୍ରତୁଳଦୀପ୍ତି, ଚା୦୫.୦୧.୧୯୬୬ରିଖ)

॥ ଧର୍ମାଚରଣ ବନାମ ସାମ୍ୟବାଦ ॥

ସୁଶୀଳଭାଇ — ଆଜିକାଲି ଅନେକେହିଁ ଧର୍ମ ମାନିବାକୁ ଚାହାଁନ୍ତିନି । ସାମ୍ୟବାଦର କଥା ବେଶୀ ପ୍ରଚାର କରିବାକୁ ଚାହାଁନ୍ତି ।

ଶ୍ରୀଶ୍ରୀଠାକୁର — ଧର୍ମର ପରିଚର୍ଯ୍ୟା ମଣିଷ ସାଧାରଣତଃ କରି ହିଁ ଥାଏ । ଯା' ସତ୍ତାକୁ ଧରି ରଖେ ତା'ହିଁ ତ ଧର୍ମ । କମ୍ୟୁନିଷ୍ଟ (ସାମ୍ୟବାଦ) ହିଁ ହେଉ ବା ଅନ୍ୟ କୌଣସି ମିଶନ ହିଁ (ପ୍ରଚାର କରିବାର ପ୍ରତିଷ୍ଠାନ) ହେଉ, ଧର୍ମ ଯା' ସତ୍ତାକୁ ଧରି ରଖେ, ତା'ର ପରିଚର୍ଯ୍ୟା କରିବାକୁହିଁ ହୁଏ । ତା' ଯଦି ନ କରେ, ତେବେ ସେହି ପ୍ରତିଷ୍ଠାନର ମଣିଷ ଯେତେହିଁ ସକ୍ରିୟ ବା ସୁକ୍ରିୟ ହିଁ ହୁଅନ୍ତୁ ନା କାହିଁକି, ସେଥିରେ କିନ୍ତୁ ସେମାନଙ୍କର ସ୍ଥିତି ସଂବୁଦ୍ଧ କରି ତୋଳି ହୁଏନା । ସେଠାରେ ବ୍ୟଭିଚାର ବି ବିକୃତିହିଁ ଚାଲି ଆସିଥାଏ । ଫଳକଥା ଯା' କିଛି କରାଯାଏ ସେଥିରେ ଯେପରି ମୋର ନିଜର ଓ ପାରିପାର୍ଶ୍ୱିକର ସତ୍ତାର ପରିପୋଷଣ ହୁଏ । କମ୍ୟୁନିଜମ (ସାମ୍ୟବାଦ) ମାନେହିଁ ହେଉଛି to gather with one (ଏକ ସଙ୍ଗେ ସଂଗ୍ରଥିତ ହେବା) । One (ଏକ)କୁ ଯଦି ଅନୁସରଣ ନ କରାଯାଏ, ସିଏ ଯା' କହୁଛନ୍ତି, ତା' ଯଦି ନ କରାଯାଏ ତେବେ କୌଣସି କାମହିଁ ହୁଏନା ସୁଷ୍ଠୁଭାବେ ।

(ପ୍ରତୁଳଦୀପ୍ତି, ଚା୦୩.୦୧.୧୯୬୬ରିଖ)

॥ କମ୍ୟୁନିଜମ୍ କ'ଣ ?

ଶ୍ରୀଶ୍ରୀଠାକୁର (ଜ୍ଞାନଭାଇଙ୍କୁ) — କମ୍ୟୁନିଜମ୍ ମାନେ କ'ଣ ?

ଜ୍ଞାନଭାଇ — କେତେଗୁଡ଼ିଏ principle (ନୀତିବିଧି)ର ସମଷ୍ଟି ହେଲା କମ୍ୟୁନିଜମ୍ ।

ଶ୍ରୀଶ୍ରୀଠାକୁର — ଗୋଟେ କାମ ହେଉଛି ସେଠାରେ ୫ଜଣ ବା ୫୦୦ ଜଣ ଲୋକ ଏକତ୍ରିତ ହୋଇ କାମଟା କରିବାକୁ ସହାୟତା କରିଲେ ।

ଅନେକ କ୍ଷେତ୍ରରେ ୫୦୦୦ ଜଣ ଲୋକ ବା ତତୋଧିକ ଲୋକ ଏକସଙ୍ଗେ କାମଟି କରିବାକୁ ଚେଷ୍ଟା କରିଲେ । ସେଇ ତ କମ୍ୟୁନିଜମ୍ । Many with one (ଏକ ସହିତ ଅନେକ) ହେଲେ କମ୍ୟୁନିଜମ୍ ହୁଏ । ଜଣେ ଲଙ୍ଗଳ ଦେଇ ଜମି ଚାଷ କରୁଛି । ୫ ଜଣ ଯାଇ ତା'କୁ ସାହାଯ୍ୟ କରୁଛନ୍ତି । ଜଣକର ପ୍ରୟୋଜନୀୟ କାମ ସମାଧାନ କରିବାକୁ ଆହୁରି ୫ଜଣ ତା'କୁ ସାହାଯ୍ୟ କରୁଛନ୍ତି । କାମଟା ସେଥିରେ ସୁଷ୍ଠୁଭାବେ ସମାଧାନ ହୁଏ । ଯେଉଁମାନେ କାମଟି କରିବାକୁ ସହାୟତା କରିଲେ ସେମାନେ ହିଁ

ତ କମ୍ୟୁନିଷ୍ଟ ତୁମେ suffer (କଷ୍ଟଭୋଗ) କରୁଛ । ତୁମକୁ ସାହାଯ୍ୟ କରାହେଲା । ତୁମେ ଏକା କାମଟା କରି ଛଡି ପାରୁ ନାହଁ । ତୁମକୁ ସାହାଯ୍ୟ କରିବାହିଁ ମୋର interest (ସ୍ୱାର୍ଥ) । ଆଗେ ଆମମାନଙ୍କ ଦେଶରେ ଥିଲା ବେଗାର ଖଟିବା । ତୁମର ଘର ତିଆରି ହେଉଛି । ୫୦ ଜଣ ମିଶି ତୁମର ଘର ତିଆରି କରିବା କାର୍ଯ୍ୟରେ ଲାଗି ଗଲେ । ପାରିଶ୍ରମିକ କିଛି ନେଲେ ନାହିଁ । ଖାଇଲେ ବି ନାହିଁ । ସେଦିନ ଏବେ ନାହିଁ । ମୁଁ ନିଜେ ଦେଖୁଛି— ଜଣେ ଗୋଟେ ବଡ଼ ଘର କରୁଛି । ୨୫ ଜଣ ଲୋକ ଆସି ତା'ର ଘର କରି ଦେଲେ । କିନ୍ତୁ ତା'ର ଘରେ ଭାତ ବି ଖାଉ ନଥିଲେ ।

(ପ୍ରତୁଳଦୀପ୍ତି, ଚା୦୭.୦୧.୧୯୬୬ରିଖ)

॥ ଶୁକ୍ରାଣୁ ଓ ଡ଼ିମ୍ବାଣୁ ସମ୍ବନ୍ଧରେ ॥

SPERM (ଶୁକ୍ରକୀଟ) ଅଛି, OVUM (ଡ଼ିମ୍ବାଣୁ) ଅଛି । ସେମାନେ ଆମମାନଙ୍କୁ କ'ଣ ଦିଅନ୍ତି ? Sperm (ଶୁକ୍ରକୀଟ) ମଧ୍ୟରେ attributes (ବୈଶିଷ୍ଟ୍ୟ) ତ ଅଛିହିଁ । ତା'ଛଡ଼ା inclination (ଝୁଙ୍କ) ଓ urge (ସମ୍ବେଗ) ବି ଅଛି । Sperm (ଶୁକ୍ରକୀଟ) ହିଁ characteristics (ବୈଶିଷ୍ଟ୍ୟ) ଏବଂ attributes (ଗୁଣ) ମେଲିଆସେ । Ovum (ଡ଼ିମ୍ବାଣୁ) make up (ତିଆରି) କରେ ସେଗୁଡ଼ିକୁ । Sperm (ଶୁକ୍ରକୀଟ)ର character (ବୈଶିଷ୍ଟ୍ୟ) ମାଫିକ action (କ୍ରିୟା) ଆରମ୍ଭ କରେ ova (ଡ଼ିମ୍ବାଣୁ) । Sperm (ଶୁକ୍ରକୀଟ)ର ଯଦି character (ବୈଶିଷ୍ଟ୍ୟ) ନ ଥାଆନ୍ତା ତେବେ make up (ତିଆରି) କରିବ କ'ଣ ? ତୁମେ ଏନସାଇକ୍ଲୋପେଡ଼ିୟା ଅଫ ଆମେରିକାନା ଦେଖ । ଖୋଜି ପାଅ କି ନା ଏସବୁ କଥା ତା' ଦେଖ ।

(ପ୍ରତୁଳଦୀପ୍ତି, ଚା୦୭.୦୧.୧୯୬୬ରିଖ)

॥ ପ୍ରେରିତଗଣଙ୍କ ମଧ୍ୟରେ କ'ଣ ତଫାତ୍ ଅଛି ?

Prophets (ଅବତାରଗଣ) ବାରମ୍ବାର ଆସନ୍ତି । ସେମାନଙ୍କ ମତବାଦ କ'ଣ ଅଲଗା ଅଲଗା ? ସେମାନଙ୍କର ନିଜ ମଧ୍ୟରେ କୌଣସି ତଫାତ୍ ଅଛି କି ? ସେମାନଙ୍କ ମଧ୍ୟରେ କୌଣସି universal (ସର୍ବଜନୀନ) ପ୍ରକାର ଥାଏ କି ?

ଶ୍ରୀଶ୍ରୀଠାକୁର — Prophets are the same and similar (ଅବତାରଗଣ ଏକହିଁ) ମାନେ similar with sameness. ସେମାନେ ଅଲଗା ଅଲଗା ହେଲେ ବି ଏକ ହିଁ । ସେମାନେ ଯେପରି ବୁଝନ୍ତି ସେପରି କହନ୍ତି । ସେମାନଙ୍କର ଅଲଗା ଅଲଗା ମତ ହେଲେ ବି ଅସଲରେ ଅଲଗା ନୁହେଁ । ସେମାନଙ୍କର language (ଭାଷା)ର ତଫାତ ଅଛି । ସେମାନେ ଯା' ଖରାପ ତା' କଦାପି କୁହନ୍ତି ନାହିଁ । ସେମାନେ କାହାକୁ ମାରି ଦେବାର କଥା କୁହନ୍ତି ନାହିଁ ।

(ପ୍ରତୁଳଦୀପ୍ତି, ଚା୦୮.୦୧.୧୯୬୬ରିଖ)

॥ ଅବତାର କ'ଣ ସମ୍ପ୍ରଦାୟ ପାଇଁ ଆସନ୍ତି ?

ସିଏ (ଅବତାରପୁରୁଷ) ଗୋଟେ religion (ଧର୍ମ)ର ନେତା ହୋଇ temporary (ଅସ୍ଥାୟୀ) ଭାବେ ଗୋଟେ କିଛି ଶିଖାଇ ଦେଇ ଯାଆନ୍ତି । ସେଥିରେ ସେହି ସମ୍ପ୍ରଦାୟର ଲୋକହିଁ ବେଶୀ ଉପକୃତ ହୁଅନ୍ତି ।

ଶ୍ରୀଶ୍ରୀଠାକୁର — ସିଏ ପ୍ରୟୋଜନାନୁପାତିକ ଯେଉଁଠାରେ ଆସିବା ଦରକାର ସେଠାରେହିଁ ତାଙ୍କର ଇଚ୍ଛାନୁସାରେ ଆସନ୍ତି । ସେହି ଭାଷାରେ କଥା ବାର୍ତ୍ତା କହିଥାଆନ୍ତି । ସ୍ଥାନ, କାଳ, ପାତ୍ରାନୁଯାୟୀ— ଯେଉଁଠାରେ ଯା' କରିବାର ତା'ହିଁ କରନ୍ତି । ତାଙ୍କର କହିବାସୁଡ଼ିକ ସବୁହିଁ universal (ସର୍ବଜନୀନ) । କୌଣସି ସମ୍ପ୍ରଦାୟ ବିଶେଷ ପାଇଁ ତାଙ୍କ କଥା ନୁହେଁ । କୌଣସି sectarian view (ସାମ୍ପ୍ରଦାୟିକ ବା ଦୃଷ୍ଟି ବା ମତ) ନେଇ ସିଏ କଦାପି ସୀମାବଦ୍ଧ ରୁହନ୍ତିନି । ତେଣୁ ଆମେମାନେ ତାଙ୍କୁ କହୁ— ସିଏ ଜୀବନ, ସିଏ ଜୀବନସ୍ୱରୂପ ।

(ପ୍ରତୁଳଦୀପ୍ତି, ଚା୦୮.୦୧.୧୯୬୬ରିଖ)

॥ ଧର୍ମ ଏକ ନା ଅନେକ ?

ପ୍ରଶ୍ନ— ବିଭିନ୍ନ ଧର୍ମ ଅଛି, ବିଭିନ୍ନ ମତ ଅଛି । ସବୁ ଧର୍ମ ହିଁ କ'ଣ ଏକ ? ନା କ'ଣ ଅଲଗା ଅଲଗା ?

ଶ୍ରୀଶ୍ରୀଠାକୁର — ମଣିଷ କଥା କହେ । ସମସ୍ତେ ହିଁ ଅଲଗା ଅଲଗା । ପ୍ରକାର ବି ଅଲଗା । ମୁଁ ବଙ୍ଗଳା କହେ, ତୁମେ ଇଂରାଜୀ କୁହ । ଆଉ ଜଣେ ଜର୍ମାନ ଭାଷାରେ କଥା କହେ । କିନ୍ତୁ ଅସଲ କଥା ଏକହିଁ । ସ୍ୱର, ଶବ୍ଦ, ସୁର, ଅଭିବ୍ୟକ୍ତି, ବ୍ୟଞ୍ଜନା, ଉଚ୍ଚାରଣ ଇତ୍ୟାଦି ସବୁହିଁ ଅଲଗା ହୋଇପାରେ କିନ୍ତୁ କହିବାଟା (ବା କଥାଟା) common (ସାଧାରଣ) । ଧର୍ମ ବି ତା'ହିଁ । ଧର୍ମ ଅଲଗା ନୁହେଁ । ଧର୍ମ ଏକହିଁ ।

(ପ୍ରତୁଳଦୀପ୍ତି, ଚା୦୮.୦୧.୧୯୬୬ରିଖ)

ଜୀବନଦ୍ୟୁତିରୁ...

ଶ୍ରୀଶ୍ରୀଠାକୁରଙ୍କ ଭାବାଦର୍ଶ ବିକୃତ ହୋଇପାରିବନି

॥ ଦାମ୍ଭିକତା ॥

ଜନୈକଭାଇ— ଠାକୁର ମୁଁ ବଡ଼ ଦାମ୍ଭିକତା ନେଇ ଏଠାକୁ ଆସିଥିଲି । ଏଠାରେ ଏମାନଙ୍କ ସଙ୍ଗେ (ନନୀଭାଇ) ଆଳାପ ଆଲୋଚନା କରି ଦାମ୍ଭିକତା ଭାଙ୍ଗି ଯାଉଛି । ମୁଁ ଚାରଣ କବି : କବିଗାନ ଇତ୍ୟାଦି କରି ଚଢୁଥିଲି— କମ୍ୟୁନିଷ୍ଟ ପାର୍ଟିରେ । ଏବେ କରିବି ?

ଶ୍ରୀଶ୍ରୀଠାକୁର— ଦାମ୍ଭିକତା ଆହୁରିବି ବଢ଼ିଗଲା କୁହ ! ସତ୍‌ନାମ ପାଇଲ ! ଏ ଦାମ୍ଭିକତାରେ ଅଛି ତୁମର ଆଭିଜାତ୍ୟ । ତୁମର ପୂର୍ବପୁରୁଷଙ୍କର ଗୌରବ । ତୁମେ ବ୍ରାହ୍ମଣ ପିଲା । ପୂର୍ବ ପୁରୁଷଗଣ କିପରିଭାବେ କ'ଣ କରିଛନ୍ତି ତା' ଜାଣି ନେଇ, ସେପରିହିଁ ଭାବେ ଚାଲିବ— ନିଜର ଐତିହ୍ୟ ଓ ଆଭିଜାତ୍ୟକୁ ବଜାୟ ରଖି ।

(ଜୀବନଦ୍ୟୁତି, ଚା୦୮.୦୪.୧୯୫୫ରିଖ)

॥ ସତ୍‌ସଙ୍ଗ କର୍ମୀ ପ୍ରତି ଜନସାଧାରଣ ॥

ଠାକୁର, ଫିଲ୍ମକୁ ଗଲେ ମଣିଷ ଆମମାନଙ୍କ ପାଇଁ ଯା' କରନ୍ତି ତା' ଦେଖି ଆପଣଙ୍କର ଅସୀମ ଦୟାର କଥା ମନେପଡ଼େ ।

ଶ୍ରୀଶ୍ରୀଠାକୁର— ମୁଁ ଚାହେଁ ତୁମମାନଙ୍କୁ ଚିରନ୍ତନ ଐଶ୍ୱର୍ଯ୍ୟର ଅଧିପତି କରିବାକୁ । ତେବେ ତୁମମାନଙ୍କ ମଧ୍ୟରେ ଯେଉଁ ''ବାଙ୍କ'' ଗୁଡ଼ିକ ଅଛି ତା' ମୋତେ ଗଳାଧକ୍କା ଦିଏ— ତୁମମାନଙ୍କର ଯା' କରିବା ଦରକାର ତା' କରିବାକୁ ଦିଏନା । ତୁମମାନଙ୍କ ଭିତରେ ସେଇ ବାଙ୍କ ଥିବା ଯୋଗୁଁ ତୁମମାନଙ୍କୁ ଐଶ୍ୱର୍ଯ୍ୟର ଅଧିପତି କରିପାରେନା । ତୁମେ ସାଫ (ବାଙ୍କମୁକ୍ତ) ହୁଅ— ଐଶ୍ୱର୍ଯ୍ୟର ଅଧିପତି ହୋଇଉଠିବ ।

(ଜୀବନଦ୍ୟୁତି, ଚା୦୮.୦୪.୧୯୫୫ରିଖ)

॥ ଅନୁଭୂତି ପ୍ରସଙ୍ଗରେ ॥

ଉପରବେଳା ଜାମତଳା ଘରେ ବସି କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ— Realization (ଅନୁଭୂତି) ମାନେ ସାର୍ଥକ ସଙ୍ଗତି ନେଇ ଯେଉଁ ବୋଧ ଯା' ଉପଲବ୍ଧି ହୋଇଛି ତା'ହିଁ । କେବଳ କେତେଗୁଡ଼ିଏ ଆଲୋକ ଦେଖିଲି ବା ମୂର୍ତ୍ତି ଦେଖିଲି ତା' ନୁହେଁ । ତପସ୍ୟା କରିବାକୁ ହେଲେ ତା' କରିବାକୁ ହେବ activities (କର୍ମଗୁଚ୍ଛ) ଭିତର ଦେଇ । ତା' ତପସ୍ୟା କରିବାକୁ ଲୋକସମାଜ ତ୍ୟାଗ କରି ବନକୁ ଗଲେ ହେବ ନାହିଁ କିନ୍ତୁ । ସେଇ ଯେ କହନ୍ତି—

ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ୱା
ବିଦ୍ୟୟା ଅମୃତମ୍ ଅଶ୍ନୁତେ ।

ଅବିଦ୍ୟା ମାନେ ଯା' ବିଦ୍ୟମାନତାର ହାନି ଜନ୍ମାଏ ତା'କୁ ଜାଣି ଅର୍ଥାତ୍ 'ଏହା ବୋଲି ଏହା ହୁଏ' । 'ଏହା କରିଲେ ତା' ହୁଏ',— ଜାଣି ମୃତ୍ୟୁକୁ ଅତିକ୍ରମ କରି ବିଦ୍ୟାକୁ ଜାଣି ଅମୃତକୁ ଉପଭୋଗ କର । ତେଣୁ phenomenonକୁ (ଦୃଶ୍ୟମାନ ବିଷୟ) ବାଦ ଦେଇ ହୁଏନା- Worldly phenomenonକୁ (ଜାଗତିକ ଦୃଶ୍ୟମାନ ବିଷୟକୁ) ବାଦ ଦେଇ ହୁଏନା ।

(ଜୀବନଦ୍ୟୁତି, ଚା୦୮.୦୪.୧୯୫୫ରିଖ)

॥ ଶ୍ରୀଶ୍ରୀଠାକୁରଙ୍କ ଭାବାଦର୍ଶ ବିକୃତ ହୋଇ ପାରିବନି ॥

ସୁଶୀଳଭାଇ— ରାମକୃଷ୍ଣଦେବ ଯାଆନ୍ତେ ନ ଯାଆନ୍ତେ ହିଁ ଯଦି ତାଙ୍କର ସାଧନା, ତାଙ୍କର ଅନୁଭୂତି ଏହିଭଳି ବିକୃତି ହୋଇଯାଏ ତା'ହେଲେ ଆପଣଙ୍କର ?

ଶ୍ରୀଶ୍ରୀଠାକୁର— ମୁଁ ହୁଏତ ତାଙ୍କ ଭଳି ଏତେ ନ ବି ହୋଇପାରେ । କିନ୍ତୁ ମୁଁ ଯା' ଦେଇ ଗଲି ତା' ମଧ୍ୟରେ ସେଇ କଥା ଆଉ ରହିବନି,— ଅର୍ଥାତ୍ ବିକୃତ କରିବା ଭଳି କିଛି ରହିବନି ।

(ଜୀବନଦ୍ୟୁତି, ଚା୦୮.୦୪.୧୯୫୫ରିଖ)

॥ ଦେହ-ମନ ଭଲ ରହିବ କିପରି ?

ଜନୈକ ଭକ୍ତକୁ ଲକ୍ଷ୍ୟ କରି କହିଲେ— କି ରେ ଖାଇଛୁ । ଭୋକ ଲାଗିଲେ ଖା' । ନ ଖାଇଲେ ଝାମ୍ପ ଦେଇ ହୁଏନା ।

ଉକ୍ତଭକ୍ତ— ମନ ଭଲ ରହିଲେ ତେବେ ତ ଶରୀର ଭଲ

ରହେ ?

ଶ୍ରୀଶ୍ରୀଠାକୁର— ମନ ଭଲ ରଖିବା ଦରକାର । ଯେପରି କରି ଚାଲିବାକୁ କହିଛି ସେପରି କରି ଚାଲିବୁ । ମଣିଷର ଯେପରି ଭଲ ହୁଏ ତା'ହିଁ କରିବୁ । ମହୁମାଛି ଭଳି ହେବା ଦରକାର । ଫୁଲରେ ବସିଲା । ସେଥିରୁ ମହୁ ନେଇ ଉଡି ଚାଲି ଆସିଲା କିନ୍ତୁ ଫୁଲର beauty (ସୌନ୍ଦର୍ଯ୍ୟ)କୁ ନଷ୍ଟ କରିଲାନି ।

(ଜୀବନଦ୍ୟୁତି, ତା୧୪.୦୫.୧୯୫୫ରିଖ)

॥ ରୋଷେଇ ଘର କିପରି ହେବା ଉଚିତ୍ ?

ତମାଖୁ ଖାଉ ଖାଉ ଶ୍ରୀଶ୍ରୀଠାକୁର ନନୀବାଳା ମା'ଙ୍କୁ କହିଲେ— ରନ୍ଧାଘରେ, ରନ୍ଧାଜାଗା ଯେଉଁଠି ସେଠାରେ ଗୋଟେ ଥାକ (self) କରିବା ଦରକାର । ସେହି ଥାକ ଉପରେ ତେଲ, ଘିଅ, ମସଲା ଆଦି ଯା'କିଛି ଏପରିଭାବେ ସଜେଇ ରଖିବା ଦରକାର ଯେପରି ହାତ ବଢ଼େଇଲେ ହିଁ ପାଇପାର । ତା' ନ କରି ଏଠି ଗୋଟେ ସେଠି ଗୋଟେ ରଖିଲ । କଢ଼େଇରେ ତେଲ ପକାଇ ଦେଇ ପଞ୍ଚୁଫୁଟଣ ଖୋଜିବାକୁ ଲାଗିଲ, କିମ୍ବା ଚୁଲ୍ଲୀରେ କଢ଼େଇ ବସେଇ ଦେଇ ଘିଅ ଆଣିବାକୁ ଗଲ । ଘିଅ ଖୋଜିବାକୁ ଯାଇ କଢ଼େଇ ପୋଡ଼ିଗଲା । ଏପରି ଭଲ ନୁହେଁ ।

ଚୁଲ୍ଲୀ ପାଖରେ ଗୋଟେ ବଡ଼ ପାତ୍ରରେ ପାଣି ସମେତ ରଖିବାକୁ ହୁଏ । ତା' ଉପରେ ଢ଼ଙ୍କି କିମ୍ବା ଚାମଚ ରଖିବାକୁ ହୁଏ । ସବୁକିଛି ପରିଷ୍କୃତ କରି ରଖିବାକୁ ହୁଏ । ଏଠାରେ ଗୋଟେ କୋଟା ପଡ଼େ, ଆଉ ଗୋଟେ ଜାଗାରେ ଆଉ ଗୋଟେ କିଛି ପଡ଼େ— ଏପରି ଭଲ ନୁହେଁ । ଅନେକଙ୍କର ଏପରି ଅଭ୍ୟାସ । ରନ୍ଧା ନିକଟରେ ଯେପରି ହଗିମୁତି ରଖିଛି ଏପରି ଆଉ କ'ଣ । ରନ୍ଧା ଜାଗା, ବାସନକୁସନ, ପରିଷ୍କାର ପରିଚ୍ଛନ୍ନ କା ଛିମଛାମ ନ ରଖିଲେ ସେ ରନ୍ଧା ଖାଇ ବି ତୃପ୍ତି ଲାଗେନା । ରନ୍ଧାଘରର ଏହି ସାମାନ୍ୟ ସାମାନ୍ୟ ବ୍ୟାପାରରେ ବି ଯଦି କେହି ଆଲୁଲୁବାଲୁଲୁ ଥାଏ ତା'ହେଲେ ଜୀବନର ଅନେକ କ୍ଷେତ୍ରରେ ବି ତା'ର ବେସମ୍ଭାଳ ହେବାର ସମ୍ଭାବନା ଥାଏ ।

(ଜୀବନଦ୍ୟୁତି, ତା୦୪.୦୬.୧୯୫୫ରିଖ)

॥ ମନୋଗତ ସମସ୍ୟାର ସମାଧାନ ॥

ରେବତୀ କହିଲା— ବାବା ! ଆଜିକୁ ତିନିମାସ ହେଲା ଗୋଟେ ବିଷୟରେ ଖୁବ୍‌ହିଁ ଅସୁବିଧା ବୋଧ କରୁଛି ।

ଶ୍ରୀଶ୍ରୀଠାକୁର ଟିକେ ଝୁଙ୍କି ପଡ଼ି ମମତାମଧୁର କଣ୍ଠରେ ପଚାରିଲେ— କି ଅସୁବିଧା ରେ ?

ରେବତୀ— ଆଜ୍ଞା ଦୀକ୍ଷା ପରଠାରୁ କିପରି ଗୋଟେ accelerating push of energy (ଶକ୍ତିର ଗୋଟେ କ୍ରମୋଚ୍ଚଳ ପ୍ରେରଣା) ବୋଧ କରୁଥିଲି । ମନେହେଉଥିଲା ଶରୀରର ପ୍ରତ୍ୟେକଟା cell (କୋଷ) ଯେପରି ସୁସଂହତ ହୋଇ ଅଛି । Mind (ମନ) ଯେପରି ଧାପେ ଧାପେ ଉଠୁଥିଲା । କିନ୍ତୁ ଆଜିକୁ ପ୍ରାୟଃ ତିନିମାସ ହେଲା କିପରି ଯେପରି ମନେ ହେଉଛି । ସେହି accelerating push ନାହିଁ । ଛାତି ମଧ୍ୟରେ ଫାଙ୍କା ଫାଙ୍କା ଲାଗେ । ହଠାତ୍ ହାହାକାର କରି ଉଠେ । ମନେହୁଏ ଛାତି ମଧ୍ୟରେ ଜଳି ଯାଉଛି । cell (କୋଷ) ଗୁଡ଼ିକ ଯେପରି ଶିଥିଳ ହୋଇ ପଡ଼ିଛି । ଛାତି ମଧ୍ୟରେ ଭୀଷଣ କଷ୍ଟ ହୁଏ ।

ଶ୍ରୀଶ୍ରୀଠାକୁର— ଛାତି ମଧ୍ୟରେ ଫାଙ୍କା ଫାଙ୍କା ଲାଗେ ?

ରେବତୀ— ଆଜ୍ଞା ହଁ । ମଝିରେ ମଝିରେ ହାହାକାର କରିଉଠେ ଛାତି ମଧ୍ୟରେ ।

ଶ୍ରୀଶ୍ରୀଠାକୁର— ସେଇ ତ fatigue layer (କ୍ଳାନ୍ତିର ସ୍ତର)ରେ ଆସିଛି ଆଉ କ'ଣ । Fatigue layer ଅଛି ଏଇଟା ମୋର କଥା । ଏଠାକୁ ଆସିଲେ ଏପରି ହୁଏ । ମୋର ତ ଭୀଷଣ କଷ୍ଟ ହେଉଥିଲା । ପ୍ରାଣ ଯାଏ ଆଉ କି । ଅନେକ ଦିନ ଧରି ରହୁଥିଲା— ୬/୮ ମାସ ପର୍ଯ୍ୟନ୍ତ ରହୁଥିଲା । ତୋର ଏତେସମୟ ରହିବନି । ତୋର ତ ମୁଁ ଅଛି— ମୋ ନିକଟରେ କହିବାର ସୁଯୋଗ ଅଛି । ମୋର ବି ମନର ପ୍ରତ୍ୟେକଟି cell ଯେପରି ଶିଥିଳ ହୋଇ ପଡୁଥିଲା । ଓଃ, ସେ କି ଭୀଷଣ ଅବସ୍ଥାହିଁ ନ ହେଉଥିଲା ! କିନ୍ତୁ ଏହି layer (ସ୍ତର) ପାର ହେଲେ ହିଁ ପୁଣି new ଓ fresh (ନୂତନ ଓ ତାଜା) ଲୟେ ପାଇବୁ । ଛାତି ପୁଣି ଭରି ଉଠିବ । ମଝିରେ ମଝିରେ ଏପରି ସ୍ତର ଆସେ, ତା' ପାର ହେଲେହିଁ ନବୀନ ପ୍ରେରଣା ଆସେ । ପାର ହେଲେ ହିଁ ନୂତନ ଲୟେ ପାଇବୁ ।

(ଜୀବନଦ୍ୟୁତି, ତା୦୪.୦୬.୧୯୫୫ରିଖ)

॥ ଅଭିବ୍ୟକ୍ତିର ଭିତର ଲେଖା ॥

ଶ୍ରୀଶ୍ରୀଠାକୁର— ମଣିଷ ଯା'ହିଁ କରୁ ନା କାହିଁକି ସେ କରିବାର ଅଭିବ୍ୟକ୍ତି ଭିତରେ ଲେଖା ଥାଏ ତା'ର ବୋଧ ବିନାୟିତ ବ୍ୟକ୍ତିତ୍ୱରେ ଶିବ-ସୁନ୍ଦର କିପରିଭାବେ କେତେଦୂର ଅଭିବ୍ୟକ୍ତି ଲାଭ କରିଛନ୍ତି ।

(ଜୀବନଦ୍ୟୁତି, ତା୦୪.୦୬.୧୯୫୫ରିଖ)

ସାଧନାର ପଥେ

ନାମ-ଧ୍ୟାନରେ ନିଷ୍ଠା

॥ 'ନାଦ'ର ଉତ୍ପତ୍ତି ॥

ଆଜି ସାରାଦିନ ହିଁ ଶ୍ରୀଶ୍ରୀଠାକୁର ମନ୍ତ୍ର, ବୀଜ, ଧ୍ୱନି, ନାଦ ପ୍ରଭୃତି ନେଇ ଆଲୋଚନା କରିଲେ । ଏ ସମ୍ପର୍କରେ ସଂସ୍କୃତ ଅଭିଧାନଗୁଡ଼ିକ ବାରମ୍ବାର ଦେଖା ଚାଲିଛି । ଶାରଦାତିଳକ, ରାଧାତନ୍ତ୍ର ପ୍ରଭୃତି ଗ୍ରନ୍ଥବି ଅନ୍ୱେଷଣ କରା ହେଉଛି । ଯେଉଁଠାରେ ଯା' ମିଳୁଛି, ଶ୍ରୀଶ୍ରୀଠାକୁରଙ୍କୁ କୁହା ଯାଉଛି । ଦେଖାଗଲା, ନାଦ ଆସିଛି ନଦ୍-ଧାତୁରୁ, ଅର୍ଥ ଅବ୍ୟକ୍ତ ଶବ୍ଦ, ଧ୍ୱନି ।

ନାଦ ବା ଶବ୍ଦ କିପରିଭାବେ ସୃଷ୍ଟି ହୁଏ, ସେ ସମ୍ପର୍କରେ କହିବାକୁ ଯାଇ ଶ୍ରୀଶ୍ରୀଠାକୁର କହିଲେ— ପଜିଟିଭ ଆଉ ନେଗେଟିଭ ମିଳିଲେ ହିଁ vibration (ସ୍ପନ୍ଦନ) ଆରମ୍ଭ ହୁଏ ।

'ଶବ୍ଦକଳ୍ପଦ୍ରୁମ' ନାମକ ସଂସ୍କୃତ ଅଭିଧାନରେ ମିଳିଲା, ବିନ୍ଦୁ ମାନେ ଶିବ, ବୀଜ ମାନେ ଶକ୍ତି, ଆଉ ଏମାନଙ୍କ ସମାହାରରେହିଁ ନାଦ । ଶୁଣି ଶ୍ରୀଶ୍ରୀଠାକୁର କହିଲେ— ଶିବ ହେଲେ ପଜିଟିଭ, ଶକ୍ତି ହେଲେ ନେଗେଟିଭ, ଏଥିରୁହିଁ ଉତ୍ପନ୍ନ ହୁଏ ନାଦ ଅର୍ଥାତ୍ vibration.

(ଦୀପରକ୍ଷୀ, ୧୦ମଖଣ୍ଡ, ତା୦୭.୧୨.୧୯୬୧ରିଖ)

॥ ନାଦ ଓ ଧ୍ୱନି ॥

ଉପରବେଳା ପାର୍ଲରରେ ଶ୍ରୀଶ୍ରୀଠାକୁର ଧ୍ୱନି ଓ ନାଦ ଶବ୍ଦ ଦୁଇଟିର ଅର୍ଥ ପଚାରିଥିଲେ । ଅଭିଧାନ ଦେଖି ଅର୍ଥଗୁଡ଼ିକ କୁହାଗଲା ।

ତା'ପରେ ଶ୍ରୀଶ୍ରୀଠାକୁର କହୁଛନ୍ତି— ଏକତଣାରେ ଯେଉଁଟା ହେଉଥାଏ, ସେଇଟା ହେଲା ନାଦ । ଆଉ ତା' ମଝିରେ ଟିକେ ଅନ୍ୟପ୍ରକାର ଯେଉଁଟା ହୁଏ, ସେଇଟା ଧ୍ୱନି । ଏହି ଯେପରି ଶବ୍ଦ ମିଳେ, ମୃଦଙ୍ଗ ଧ୍ୱନି । ସେଥିପାଇଁ କୁହନ୍ତି ମେଘଧ୍ୱନି । (ଏହି ସମୟରେ କାନ୍ଥ ଘଡ଼ିରେ ଢ଼ଂ ଢ଼ଂ କରି ଚାରିଟା ବାଜିଲା)— ଏହି ଯେପରି ଘଡ଼ି ବାଜିଲା, ଏହି ହେଲା ଧ୍ୱନି । କିନ୍ତୁ ଏକତଣା ତାନପୁରା ବଜେଇ ଚାଲିଛି, ସେଇଟା ହେଲା ନାଦ । ମୋର ଏହିଭଳି ମନେହୁଏ । ଧ୍ୱନି ମଧ୍ୟରେ ଗୋଟେ throbbing (କମ୍ପନ) ଅଛି । ଏହା ମୁଁ ମୋର ମନର କଥା କହୁଛି । ତୁ ଭଲ କରି ଦେଖ୍ ।

(ଦୀପରକ୍ଷୀ, ୧୦ମଖଣ୍ଡ, ତା୧୨.୦୧.୧୯୬୨ରିଖ)

॥ ନାଦ-ବିନ୍ଦୁ-ବୀଜ ॥

ଆଜିକୁ କେଇଦିନ ଯାବତ୍ ଶ୍ରୀଶ୍ରୀଠାକୁର ଶିବ, ଶକ୍ତି, ନାଦ, ବୀଜ, ବିନ୍ଦୁ ଇତ୍ୟାଦି ନେଇ ଖୁବ୍ ଆଲୋଚନା କରୁଛନ୍ତି । ଏ ସମ୍ପର୍କରେ ଯେଉଁ କହିବେ ଯା' ଅଛି, ପଢ଼ି ଶୁଣା ଯାଉଛି । ଆଜି ଜାଣିବାକୁ ଚାହିଁଥିଲେ ଯୋଗାମୃଧ୍ୟ ଗ୍ରନ୍ଥରେ ନାଦବିନ୍ଦୁର କଥା କ'ଣ ଅଛି । ଯୋଗାମୃଧ୍ୟ ପଢ଼ି ଶୁଣାଇବା ପରେ—

ଶ୍ରୀଶ୍ରୀଠାକୁର— ସେଗୁଡ଼ିକ ବେଶୀ ପଢ଼ିବାର ନୁହେଁ । ପଢ଼ିଲେ ସେହିଭଳି ବୁଦ୍ଧି ଆସେ । ମୁଁ ତ ସେସବୁ ବହି କିଛି ପଢ଼ିନି । ଏପରି କରି ଯାଉ ଯାଉ ମୋର ଯା' ହେବାର ହୋଇଛି । ମୋର ଯେଉଁଗୁଡ଼ିକ କୁହା ଅଛି (କଥାପ୍ରସଙ୍ଗେ ତୃତୀୟ ଖଣ୍ଡରେ ଅନୁଭୂତିର ବର୍ଣ୍ଣନା), ସେଗୁଡ଼ିକ ସବୁ scientifically (ବିଜ୍ଞାନସମ୍ମତଭାବେ) ଯା' ମନେ ହୋଇଛି ତା'ହିଁ କହିଛି । (କ୍ଷଣିକ ନୀରବ ରହି) ଯେପରି କୁହନ୍ତି, ମାଧବ, ତା'ର ମାନେ ଯା'ର ଧବ ବା ସ୍ୱାମୀ ନାହିଁ । ତା' ମାନେ ସେହି ବିନ୍ଦୁ । ସବୁହିଁ ସେଇ ବିନ୍ଦୁରେ ଯାଇ merge କରେ (ମିଳିତ ହୁଏ) ।

ଶବ୍ଦକଳ୍ପଦ୍ରୁମ ନାମକ ଅଭିଧାନରେ ଦେଖାଗଲା ବିନ୍ଦୁ-ଶବ୍ଦର ଅର୍ଥ ଅଛି, 'ବେଦିତବ୍ୟ' (ବିଦ୍ ଧାତୁରୁ) । ଶୁଣି ଶ୍ରୀଶ୍ରୀଠାକୁର କହିଲେ— ସେଇ ତ ଠିକ୍ ଅଛି । ମୁଁ କହେ, ବିନ୍ଦୁ ହେଲା point of concentration.

(ଦୀପରକ୍ଷୀ, ୧୦ମଖଣ୍ଡ, ତା୧୯.୧୨.୧୯୬୧ରିଖ)

ସ୍ଥିର-ଚର ନେଇ କଥା ଉଠିଲା ।

ଶ୍ରୀଶ୍ରୀଠାକୁର— ପୁରୁଷ ହେଲା ସ୍ଥିର- prominent (ପ୍ରଧାନ) ଏବଂ ନାରୀ ଚର— prominent (ପ୍ରଧାନ) । ଯେଉଁ ପୁରୁଷ ଓ ନାରୀ ମଧ୍ୟରେ affinity (ଯୋଗାବେଗ) ଥାଏ, ସେମାନେ ସୁଖୀ ହୁଅନ୍ତି । Affinity (ଯୋଗାବେଗ) ମାନେ ନୈଷ୍ଠିକ affinity (ଯୋଗାବେଗ) । ନିଷ୍ଠା ମାନେ ନିତାନ୍ତଭାବେ ରହିବା । କୌଣସି ପୁରୁଷ ହୁଏତ ଗୋଟ ଝିଅକୁ ନେଇ ରହିପାରେନା, ପୁଣି କୌଣସି ଝିଅ ହୁଏତ ଗୋଟେ ପୁରୁଷକୁ ନେଇ ହିଁ ରହିପାରେନା । ସେଠାରେ ବୁଝିବାକୁ ହେବ ବିଶ୍ଳେଷଣ ବେଶୀ । (କ୍ଷଣିକ ନୀରବତା

ପରେ) ଆମେମାନେ ବୁଝିଲୁ ଅନେକ, କିନ୍ତୁ କରି ପାରିଲୁନି ବେଶୀ । ଗୋପାଳ ବଞ୍ଚି ରହିଲେ କିଛି କିଛି ଆଗାନ୍ତା । ତିନିଟା ଜିନିଷ ଅଛି— ନାଦ, ବିନ୍ଦୁ ଓ ବୀଜ । ତା'ର ବି ଆଗେ ହେଲା energy ବା ଶକ୍ତି, ଯା' ମଧ୍ୟରେ ଅଛି ପଜିଟିଭ ଓ ନେଗେଟିଭ । ତା'ର combination (ମିଳନ)ରେ sound — ସେଇ ନାଦ । ସେଥିରୁ ଦୁମେ ବିନ୍ଦୁ, ମୁଁ ବିନ୍ଦୁ ।

(ଦୀପରକ୍ଷୀ, ୧୦ମଖଣ୍ଡ, ତା୦୩.୦୧.୧୯୬୨ରିଖ)

॥ 'ହଂସ' ମାନେ ?

ରାତିରେ ହାଉଜରମ୍ୟାନଭାଇ ରାମକୃଷ୍ଣ ମିଶନର ପ୍ରତୀକ ଚିହ୍ନଟିର (ସର୍ପବେଷ୍ଟିତ ସମୁଦ୍ର ଉପରେ ହଂସ) ଅର୍ଥ ଜାଣିବାକୁ ଚାହିଁଲେ ।

ଶ୍ରୀଶ୍ରୀଠାକୁର— ହଂସ ମାନେ ଅହଂ ସଃ, ମୁଁ ହିଁ ସେହି, ଅର୍ଥାତ୍ ପ୍ରତିଟି ଜୀବ । ଆଉ, ସମୁଦ୍ର ହେଲା ଭବସମୁଦ୍ର । ତା'ଛଡ଼ା, ଜଳହିଁ first creation (ପ୍ରଥମ ସୃଷ୍ଟ ପଦାର୍ଥ) ଜୀବ ଭବସମୁଦ୍ରର ବକ୍ଷରେ ଅଛି । ଆଉ, ସେଇଟା (ସାପ) ମୋର ମନେହୁଏ ଅନନ୍ତନାଗ— eternal (ନିତ୍ୟତ୍ୱର) ଚିହ୍ନ ନା କ'ଣ ? ବୋଧହୁଏ universal horizon (ସର୍ବବ୍ୟାପୀ ପରିଭୂମି)ର ଇଙ୍ଗିତ ।

(ଦୀପରକ୍ଷୀ, ୧୦ମଖଣ୍ଡ, ତା୧୫.୦୨.୧୯୬୨ରିଖ)

॥ ନାମ-ଧ୍ୟାନରେ ନିଷ୍ଠା ॥

ଜଣେ ଭାଇ— ନାମଧ୍ୟାନ କରିଲେ ମନରେ chaotic condition (ବିଶୃଙ୍ଖଳ ଅବସ୍ଥା)ଗୁଡ଼ିକ କ'ଣ ଠିକ୍ ହୁଏ ?

ଶ୍ରୀଶ୍ରୀଠାକୁର— ନିଷ୍ଠା ଠିକ୍ ଥିଲେ ସବୁ ଠିକ୍ ହୋଇ ଆସେ । ଅନେକ ଆହୁଯାହୁ ଆସିଲେ ତା'କୁ ବି ଠିକ୍ କରିଦିଏ ।

ଉତ୍ତଭାଇ— ନିଷ୍ଠା ଆସିବା ଆଗରୁହିଁ ତ ଆମେମାନେ ଠୋକର ଖାଉ ।

ଶ୍ରୀଶ୍ରୀଠାକୁର— ମଣିଷ ମଦଗଞ୍ଜେଇ ଖାଏ, କେତେ ଅକାମ-କୁକାମ କରେ । ଶେଷରେ ଯେତେବେଳେ ଦେଖେ ଜୀବନ ତ ଖତମ ହୋଇଯାଉଛି, ସେତେବେଳେ ଫେରେ । ସେଥିପାଇଁ ଆରମ୍ଭରୁ ଲାଗି ରହି ଚାଲିବାକୁ ହୁଏ । ସେ ମାଣ୍ଡୁ, କାଟୁ, ରଖୁ, ଭଲପାଉ, ଯା'ହିଁ କରୁ, ତା' ଛଡ଼ା ଯେତେବେଳେ ଜୀବନ ଚଳେନା ଏପରି ହୋଇଯାଏ, ସେତେବେଳେ ହିଁ ବୁଝାଯାଏ ତୁମର ନିଷ୍ଠା ପକା ହେଉଛି ।

ଉତ୍ତଭାଇ— ଏଇଟା ତ ସହଜ କଥା ନୁହେଁ ।

ଶ୍ରୀଶ୍ରୀଠାକୁର— ଅଭ୍ୟାସ କରି କରି ହିଁ ସହଜ ହୋଇଯାଏ । *(ଦୀପରକ୍ଷୀ, ୧୦ମଖଣ୍ଡ, ତା୧୬.୦୩.୧୯୬୨ରିଖ)*

॥ ଅଜପା ନାମ ॥

ଆଜି ସକାଳୁ ଶ୍ରୀଶ୍ରୀଠାକୁର ମଝିରେ ମଝିରେ 'ଅଜପା' ଶବ୍ଦଟିର ମାନେ ପଚାରୁଛନ୍ତି । ଏ ନେଇ ଅଭିଧାନ ଦେଖା ଓ ଆଲୋଚନାଦି ବି ଚାଲିଛି । ପୁଣି ଉପରବେଳା ଏହି ସମ୍ବନ୍ଧରେ କଥା ଉଠିଲା ।

ପ୍ରସଙ୍ଗକ୍ରମେ ଶ୍ରୀଶ୍ରୀଠାକୁର କହିଲେ— ଅଜପା ମାନେ ଯା' ଦେଇ ମୋର existence (ଅସ୍ତିତ୍ୱ) ବଜାୟ ରହେ— ଜୀବନଗତି ବା ଜୀବନସ୍ପନ୍ଦନ, ଯା' ଆମମାନଙ୍କର ସମସ୍ତ ସତ୍ତାକୁ ସଂଗ୍ରଥିତ କରି ରଖେ । (ଟିକେ ପରେ) ସଂବେଦ୍ୟ ମାନେ କ'ଣ ?

ଦେବୀପ୍ରସାଦ— ଜାଣି ଅନୁଭବ କରିବା ।

ଶ୍ରୀଶ୍ରୀଠାକୁର— ତା'ହେଲେ ଆଗେ ନିଜେ ଜାଣି ତା'ପରେ ଅନ୍ୟକୁ ଜଣାଇବା । ଆଗେ ତତ୍‌କ୍ରିୟ ହୋଇ ଚାଲିବା ଦରକାର । ତୁ ସେଇ 'ଅଜପା ନାମ' ନେଇ ଆଉ ଗୋଟେ article (ପ୍ରବନ୍ଧ) ଲେଖ୍— ଆଗଗୁଡ଼ିକର continuation (ଧାରାବାହିକ) ହେବା ଦରକାର । *(ଦୀପରକ୍ଷୀ, ୧୦ମଖଣ୍ଡ, ତା୦୫.୦୪.୧୯୬୨ରିଖ)*

ଜ୍ଞାନଭାଇ— କିନ୍ତୁ ଅଜପା କ'ଣ ?

ଶ୍ରୀଶ୍ରୀଠାକୁର— Respiration (ଶ୍ୱାସପ୍ରଶ୍ୱାସ) । ତା'କୁ ଯୋଗୀଟୋଗୀମାନେ କୁହନ୍ତି ହଂସ, ଏହି ନେଲେ ଆଉ ଛାଡ଼ି ଦେଲେ ।

ଜ୍ଞାନଭାଇ— ସେମାନେ ତ ଇଚ୍ଛା ଅନୁସାରେ ନାମ ବନେଇ ନେଇଛନ୍ତି । ମୁଁ ହଂ-ସ ନ କହି ରା-ଧା କହିପାରେ ।

ଶ୍ରୀଶ୍ରୀଠାକୁର— କହିପାର । ସେମାନେ ତା' କୁହନ୍ତି । ଶ୍ୱାସପ୍ରଶ୍ୱାସରେ ହେଉଛି ତ ! ହଂସ ମାନେ ଅହଂ ସଃ, ଏହା ହେଉଛି ମୋର conception (ଧାରଣା) । ଏଇଟା ସମ୍ବନ୍ଧରେ କହୁଛି କାହିଁକି ? ଏଇଟା ଠିକ୍ ଥିଲେ ବୁଝେ ମୋର organ (ଇନ୍ଦ୍ରିୟ)ଗୁଡ଼ିକ ଠିକ୍ ଅଛି, ଭିତରେ କୌଣସି ଗୋଳମାଳ ହୋଇନି, life-throb (ଜୀବନସ୍ପନ୍ଦନ) ଠିକ୍ ଅଛି ।

ଜ୍ଞାନଭାଇ— (ନିଜ ମନରେ) ଅ-ଜ-ପା ।

ଶ୍ରୀଶ୍ରୀଠାକୁର— ମାନେ ଯେଉଁଟା ଜପ ହୁଏନା ।

(ଦୀପରକ୍ଷୀ, ୧୦ମଖଣ୍ଡ, ତା୧୦.୦୪.୧୯୬୨ରିଖ)

ଆତ୍ମବିଶ୍ଳେଷଣ ଓ ଆତ୍ମସଂଶୋଧନ କିପରିଭାବେ କରିବ ?

॥ ବାହାରର କାର୍ଯ୍ୟ ଯେତେହିଁ କରାଯାଉ ନାମଧ୍ୟାନ କରିବାହିଁ ଦରକାର କାହିଁକି ?

କଥାପ୍ରସଙ୍ଗରେ ଜଣେ କହିଲେ— ଜଣେ ହୁଏତ ନିଜ ପାଇଁ ଖୁବ୍ କରେ, ଦିଏ-ଥୁଏ, କିନ୍ତୁ ପାଞ୍ଚ ମିନିଟ୍ ଏକ ଜାଗାରେ ସ୍ଥିର ହୋଇ ବସିପାରେନା । ସେ କିପରି ? ଟାଣ ନ ଥିଲେ ତ ଏପରି କରି କରିପାରେନା ।

ଶ୍ରୀଶ୍ରୀଠାକୁର— ସେପରି ଟାଣ ପୁଣି ପଟ୍ କରି ଗୋଟେ ସ୍ତ୍ରୀଲୋକ ଉପରେ ବି ଚାଲି ଯାଇପାରେ ।

ପ୍ରଶ୍ନ— ସେହି କରୁ କରୁ ସେଥିରୁ ଏକାଗ୍ରତା ଆସିପାରେନା ।

ଶ୍ରୀଶ୍ରୀଠାକୁର— ଅଭ୍ୟାସ କରିବା ଦରକାର ।

ପ୍ରଶ୍ନ— ବାହାରର କାମ ଯିଏ ଯେତେହିଁ କରୁ, ନାମ-ଧ୍ୟାନ ତା'ହେଲେ ପ୍ରତ୍ୟେକର ହିଁ କରିବା ଦରକାର ?

ଶ୍ରୀଶ୍ରୀଠାକୁର— ହଁ ! ନାମଧ୍ୟାନ ନ କରିଲେ ମଣିଷ ନିଜ ନିକଟରେ ନିଜେ ତ ଧରାହିଁ ପଡ଼େନା । ଦୋଷଗୁଡ଼ିକ ଯଦି ଧରି ହିଁ ନପାରେ, ତା'ହେଲେ ସଂଶୋଧନ ହିଁ ବା କରିବ କିପରିଭାବେ ?

(ଆଲୋଚନା-ପ୍ରସଙ୍ଗ, ୧୬ଶଖଣ୍ଡ/ତା୧୦.୦୪.୧୯୪୯ରିଖ)

॥ ସତ୍‌ଦୀକ୍ଷା ଓ ସାଧନଶୀଳତା ଏକାନ୍ତ ପ୍ରୟୋଜନ କାହିଁକି ?

ଜଣେ କବିରାଜଙ୍କ ସଙ୍ଗେ କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ— ମଣିଷର ଭିତରଟାକୁ ସୁଗଠିତ କରିବାକୁ ଗଲେ ସତ୍‌ଦୀକ୍ଷା ଓ ସାଧନଶୀଳତା ଏକାନ୍ତ ପ୍ରୟୋଜନ । ମୁଁ କହେ ଉଷା-ନିଶାରେ ମନ୍ତ୍ରସାଧନ, ଚଳାବୁଲାରେ ଜପ, ଯଥାସମୟେ ଇଷ୍ଟନିଦେଶ ମୂର୍ତ୍ତ କରିବା ହିଁ ତପ । ଏହି ସାମାନ୍ୟ ଜିନିଷ ଟିକକ ଅଭ୍ୟାସ ଥିଲେ ଅନନ୍ତ ଆଶୀର୍ବାଦର ଅଧିକାରୀ ହୋଇହୁଏ । ଭିତରର ଯୋଗାଣ ଠିକ୍ ଥିଲେ ବାହାରର ଚଳାଟା ସ୍ୱତଃ ହିଁ ସାବଲୀଳ ହୋଇଉଠେ । ଆଉ ଉତ୍ସାହ, ଉଦ୍ଦୀପନା, ଆନନ୍ଦ ଓ ପୂର୍ତ୍ତିର ଝୁଆର ଆସେ ନାମପରାୟଣତାର ଭିତର ଦେଇ, ଧ୍ୟାନଶୀଳତାର ଭିତର ଦେଇ, ଗୁରୁମୁଖୀନତା ଭିତର ଦେଇ । ସେଥିରେ ମନ ଚାଙ୍ଗା ରହେ, ବୁଝୁ ଭରା ରହେ । କାମ ମଧ୍ୟରେ ଗୋଟେ ନିଶାର ଆମେଜ ଲାଗିହିଁ ରହେ । କାମଧନ୍ଧାରେ, ଚଳାବୁଲାରେ ଭୁଲ୍ କମ୍ ହୁଏ । କବିରାଜ-ମହାଶୟ ଯେପରି ମଣିଷକୁ ଔଷଧ ଦିଅନ୍ତି ନାମ ବି ସେପରି ମୋର ଦିଆ ଔଷଧ । ଯିଏ ଯେତେଟା ନିଷ୍ଠା ସହକାରେ କରିବ ସେ ସେତେଦୂର ଫଳ ପାଇବ । ଏହା ମୋର କରି ଦେଖା ଜିନିଷ । ଏହାର ଫଳ ନିର୍ଘାତ । ଗୁରୁଙ୍କ ପ୍ରତି ଟାଣ ନେଇ ଯେ ହିଁ ଠିକ୍‌ଭାବେ ନାମଧ୍ୟାନ କରିବ ତା'ର ଭିତରର ଘୁମନ୍ତ ଗୁଣଗୁଡ଼ିକ ଗଜେଇ ଉଠିବ । ନାମଧ୍ୟାନ ସଙ୍ଗେ ସଙ୍ଗେ ଦରକାର ଅଜସ୍ର କାର୍ଯ୍ୟ । ନହେଲେ ମଣିଷ ନିଥର ହୋଇପଡ଼େ । ଯା'ର sensory nerve (ବୋଧସ୍ନାୟୁ) ଓ motor nerve (କର୍ମୀସ୍ନାୟୁ) ସମାନଭାବେ active (ସକ୍ରିୟ), ତା'ର personality (ବ୍ୟକ୍ତିତ୍ୱ) ଏକ ବିଶେଷ ଜ୍ୟୋତିଃ ନେଇ ଜାଗି ଉଠେ । ମଣିଷ ମଧ୍ୟରେ ତା'ର influence (ପ୍ରଭାବ) ଖେଳେଇ ପଡ଼ିବାକୁ ବାଧ୍ୟ । ତେବେ ସବୁଟାର ମୂଳରେ ଦରକାର ଶ୍ରେୟନିଷ୍ଠା ।

(ଆଲୋଚନା-ପ୍ରସଙ୍ଗ, ୧୦ମଖଣ୍ଡ/ତା୩୦.୦୧.୧୯୪୮ରିଖ)

॥ ଅଖଣ୍ଡ ବ୍ୟକ୍ତିତ୍ୱର ପ୍ରତିଷ୍ଠା ପାଇଁ କ'ଣ କରିବାକୁ ହୁଏ ?

ଶ୍ରୀଶ୍ରୀଠାକୁର ଗଭୀର ଆବେଗର ସଙ୍ଗେ କହିଲେ— ନାମ କରିବା ଦରକାର constantly (ସର୍ବଦା), without break (ନିରବଚ୍ଛିନ୍ନଭାବେ) । ଆଉ ଯା' କହି ଦେଉଛି ତା' ଚରିତ୍ରରେ ଆଙ୍କିବା ଦରକାର । ଚାହାଣୀ, ଚଳନ, କଥନ, ବ୍ୟବହାର, ଗୋଟେକଥାରେ ସବୁକିଛି ନିଖୁଁଣ ହେବା ଦରକାର । କେବଳ ଅଙ୍କା ନୁହେଁ, ଏପରିଭାବେ ଅଭ୍ୟସ୍ତ ହେବାକୁ ହେବ ଯେପରି ଅଜ୍ଞାତସାରରେ ବି ଚାଲେ, କରେ ସେହିଭାବେ । ଇଷ୍ଟାନୁଗ ଚଳନ ଯେପରି ନିଃଶ୍ୱାସ-ପ୍ରଶ୍ୱାସ ଭଳି ସହଜ ହୋଇଯାଏ । ଅନେକ ସମୟରେ ଆମେମାନେ ଭୁଲ୍ କରି ତା' ପରେ ବୁଝୁ । କିନ୍ତୁ ଏତେଦୂର ସଚେତନ ହେବାକୁ ହେବ, ଯେପରି ଭୁଲ୍ ହେବା ଆଗରୁହିଁ ବୁଝି ତା'ର ମୋଡ଼ ବୁଲାଇ ଦେଇ ପାରେ । Subconscious plane (ଅବଚେତନ ସ୍ତର)ରେ କେତେ କ'ଣ ଥାଏ

ତା' ଆଗେ ଠିକ୍ ମିଳେନା, ଗଭୀର ନାମଧ୍ୟାନ ଓ ଆତ୍ମବିଶ୍ଳେଷଣ ଭିତର ଦେଇ ସେଗୁଡ଼ିକୁ conscious plane (ଚେତନ ସ୍ତର)ରେ ନେଇ ଆସି actively (ସକ୍ରିୟଭାବେ) adjust (ନିୟନ୍ତ୍ରଣ) କରିବା ଦରକାର, ଅଚେତନ ବା ଜନ୍ମର ପୂର୍ବକାଳୀନ ଭୂମିରେ ଯା' ଅଛି ସେଗୁଡ଼ିକୁବି ଚେତନଭୂମିରେ ନେଇ ଆସି ନିୟନ୍ତ୍ରିତ କରିବାକୁ ହୁଏ । ଏବେଦୂର ନ କରିଲେ ଅଖଣ୍ଡ ବ୍ୟକ୍ତିତ୍ୱର ପ୍ରତିଷ୍ଠା ହୁଏନା । ମୋର ମନେହୁଏ, ଏହିଭାବେ ସାଧନା କରି ପାରିଲେ ଜାତିସ୍ମରତାର ଜାଗରଣ ହୋଇପାରେ । ଆଉ ଜାତିସ୍ମରତାର ଜାଗରଣ ଯା'ର ହୁଏ, ସେ ଭବିଷ୍ୟତ୍‌ଦ୍ରଷ୍ଟା ହୋଇଉଠିପାରେ । ଅବଶ୍ୟ ଇଷ୍ଟ ଛଡ଼ା ଆଉ କିଛି ଚାହିଁବାର ନାହିଁ । ଅନ୍ୟ ଦିଗରେ ମନ ଗଲେହିଁ କ୍ଷତି ।

(ଆଲୋଚନା-ପ୍ରସଙ୍ଗ, ୧୭ଶଖଣ୍ଡ/ଚା୦୭.୦୪.୧୯୪୯ରିଖ)

॥ ଆତ୍ମସଂଗଠନରେ ପଦ୍ଧା ହେବା ॥

ଆତ୍ମସଂଗଠନ ସମ୍ବନ୍ଧରେ କଥା ଉଠିଲା ।

ଶ୍ରୀଶ୍ରୀଠାକୁର କହିଲେ— ନିଜର ସାଂସାରିକ ଓ ଅନ୍ୟାନ୍ୟ ଯାବତୀୟ କର୍ମ ଭିତରେ ନିଜକୁ ନିୟନ୍ତ୍ରଣ କରିଲେ ପଦ୍ଧା ହୋଇ ହୁଏ । ଯେଉଁ ସବୁ ସତ୍ ଚିନ୍ତା, ଭାବନା ବା ସିଦ୍ଧାନ୍ତ କରନ୍ତି ସେଗୁଡ଼ିକର ପ୍ରୟୋଗ ଏକାନ୍ତ ପ୍ରୟୋଜନ । ମୁଁ ସନ୍ନ୍ୟାସ ଚାହେଁ, କିନ୍ତୁ ସନ୍ନ୍ୟାସଟା ସଜେଇହେବା-ସନ୍ନ୍ୟାସ ନୁହେଁ ।

ଜଣେ କହିଲେ— ଗେରୁଆ କାଳେ ଅନେକଟା ସାହାଯ୍ୟ କରେ, ତେଣୁ ଗେରୁଆ ନିଅନ୍ତି ।

ଶ୍ରୀଶ୍ରୀଠାକୁର— ସାହାଯ୍ୟ କରୁ କ୍ଷତି ନାହିଁ, କିନ୍ତୁ ବାହ୍ୟିକ ବେଶଟାହିଁ ସର୍ବସ୍ୱ ନ ହୁଏ । ମୋର କଥା— ବାସ୍ତବଜୀବନରେ ଧର୍ମ ପାରିପାଳନ ।

(ଆଲୋଚନା-ପ୍ରସଙ୍ଗ, ୧୭ଶଖଣ୍ଡ/ଚା୦୭.୦୪.୧୯୪୯ରିଖ)

॥ ଆତ୍ମବିଶ୍ଳେଷଣ ଏବଂ ଆତ୍ମସଂଶୋଧନ କିପରିଭାବେ କରିବ ?

ଆତ୍ମବିଶ୍ଳେଷଣ ଏବଂ ଆତ୍ମସଂଶୋଧନ ସମ୍ପର୍କରେ ଶ୍ରୀଶ୍ରୀଠାକୁର କହିଲେ— ନିଜକୁ ଧରିବା ପାଇଁ ସର୍ବଦା ଉନ୍ମୁଖ ରହିବାକୁ ହେବ । ଦେଖିବାକୁ ଚାହିଁଲେ ଯେପରି ଆଖି ଖୋଲି ପକାଏ, ଖାଇବାକୁ ଗଲେ ଯେପରି ଓଠ ଦୁଇଟା ଫାଙ୍କ କରିଦିଏ ସେପରି ନିରନ୍ତର ସଜାଗ ରହି ଭିତରର ପ୍ରବୃତ୍ତିର କାରସାଦିଗୁଡ଼ିକ ହାତେ ହାତେ ଧରି ପକାଇବାକୁ ହେବ । ହୀନମ୍ମନ୍ୟତା ବା ଅଭିଭୂତିରେ ଏକ ମୁହୂର୍ତ୍ତ ପାଇଁ ବି ନିଜର ଭୁଲ୍ ସମର୍ଥନ କରିବା ଚଳିବନି । କେହି ଯଦି ଅତ୍ୟନ୍ତ ନିଷ୍ଠୁର ଓ ଆକ୍ରମଣାତ୍ମକ ଭାବରେ ବି ମୋତେ ମୋର ଭୁଲ୍ ଧରେଇ ଦିଏ, ସେତେବେଳେ ଅହଂକାରର ପ୍ରଶ୍ରୟ ଦେବାକୁ ଯାଇ ସେହି ଭୁଲ୍ justify (ସମର୍ଥନ) କରିବା ଚଳିବନି । ସେତେବେଳେ ହିଁ ସହଜଭାବେ ଭୁଲ୍‌ଟାକୁ ଭୁଲ୍ ବୋଲି ସ୍ୱୀକାର କରି ନେବାକୁ ହେବ ଏବଂ ସେହି ଧରଣର ଭୁଲ୍ ଯେପରି ପୁନରାୟ ନ ଘଟିପାରେ, ସେଥିପାଇଁ ପ୍ରାୟଶ୍ଚିତ୍ତ କରିବାକୁ ବା ଦଣ୍ଡ ଗ୍ରହଣ କରିବାକୁ ବିନୀତଭାବେ ରାଜି ରହିବାକୁ ହେବ । କୋଉଠି, କେତେବେଳେ, କିପରିଭାବେ ବିରତ ବା ନିରତ ହେବାକୁ ହେବ ତା' ଜାଣିବା ଦରକାର । ବ୍ୟକ୍ତିଗତଭାବେ ମୋତେ ଜଣେ ହୁଏତ କାନ ମଳି ଦେଲା, ଭାବି ଦେଖିଲି ସେହି କାନ ମଳାରେ ମୋର ଆତ୍ମାଭିମାନ ଆହତ ହେଲେ ବି ଇଷ୍ଟସ୍ୱାର୍ଥପ୍ରତିଷ୍ଠା ବା ଲୋକମଙ୍ଗଳର କ୍ଷତି ହେଲା ନାହିଁ, ସେଠାରେ ମୁଁ ହୁଏତ ତା' ଉପେକ୍ଷାହିଁ କରି ଗଲି । ପୁଣି ଆଉଜଣେ ହୁଏତ ମୋତେ ଖୁବ୍ ଖାତିର ଦେଖାଇବାକୁ ଯାଇ ମୋରିହିଁ ସାମନାରେ ମୋର ପାଞ୍ଚଜଣ ସହକର୍ମୀଙ୍କୁ ଛୋଟ କରୁଛି ଓ ଇଷ୍ଟସ୍ୱାର୍ଥପ୍ରତିଷ୍ଠାର ବ୍ୟତ୍ୟୟୀ ମନ୍ତବ୍ୟ କରୁଛି, ଏପରି କ୍ଷେତ୍ରରେ ମୁଁ ଯଦି ଚେଡ଼ି ନ ଉଠେ, ତା'ହେଲେ କିନ୍ତୁ ନିଜର ହିଁ କ୍ଷତି ହେବ, ହୀନ ପ୍ରବୃତ୍ତିକୁହିଁ ପ୍ରଶ୍ରୟ ଦିଆ ହେବ । କେତେଗୁଡ଼ିଏ ନୀତି ମାନି ଚାଲିବାଟାହିଁ ଯଥେଷ୍ଟ ନୁହେଁ । ଇଷ୍ଟଙ୍କ ପ୍ରତି ଟାଣ ବଢ଼ାଇବା ଏବଂ ତଦ୍‌ପରିପୋଷଣୀ ଗୁଣ accquire (ଅର୍ଜନ) କରିବା ଓ ତାକୁ living (ଜୀବନ୍ତ) କରି ନେବା ପାଇଁ serious (ବିଶେଷ ତତ୍ପର) ହେବା ଦରକାର ।

(ଆଲୋଚନା-ପ୍ରସଙ୍ଗ, ୧୭ଶଖଣ୍ଡ/ଚା୨୭.୦୪.୧୯୪୯ରିଖ)

॥ କଥା କମାଇବା ଦରକାର କି ନା ?

ଜଣେ କହିଲେ— ଅନେକେ କୁହନ୍ତି, କଥା କମାଇବା ଦରକାର, କିନ୍ତୁ ଯାଜନ ଓ ଅପରର ସଂଶୋଧନମୂଳକ କିଛି କରିବାକୁ ଗଲେ କଥା କହିବା ତ ଦରକାର ହୋଇପଡ଼େ ।

ଶ୍ରୀଶ୍ରୀଠାକୁର— ବାଜେ କଥା ଅବଶ୍ୟହିଁ କମାଇବା ଭଲ । ନାମ-ଧ୍ୟାନରେ କଥା କମେହିଁ, କିନ୍ତୁ କଥା କମେଇ ତଳେତଳେ କୁଚିନ୍ତା କରି ପ୍ରବୃତ୍ତିକୁ ତା' (ପୋଷଣ) ଦେବା ଭଲ ନୁହେଁ । ବରଂ ଭିତରଟା ଉଜୁଲାଇ ତୋଳି ନିଜ ଭିତରର ଗୁପ୍ତ ପ୍ରବୃତ୍ତିଗୁଡ଼ିକୁ ଆବିଷ୍କାର କରି ସେଗୁଡ଼ିକୁ adjust (ନିୟନ୍ତ୍ରଣ) କରିବା ଭଲ ।

(ଆଲୋଚନା-ପ୍ରସଙ୍ଗ, ୧୭ଶଖଣ୍ଡ/ଚା୨୭.୦୪.୧୯୪୯ରିଖ)

ମାତୃ ଜୀବନ

ସ୍ତ୍ରୀ-ଜାୟା-ଭାରିଯା

ପ୍ରଶ୍ନ— 'ସ୍ତ୍ରୀ' କଥାର ମାନେ କ'ଣ ?

ଶ୍ରୀଶ୍ରୀଠାକୁର— ଯେ ବେଷ୍ଟନ କରି ଦୀପ୍ତି ପାଏ, ସେ ସ୍ତ୍ରୀ । ସ୍ତ୍ରୀ ଆସିଛି 'ସ୍ତ୍ରୈ'-ଧାତୁ (ବେଷ୍ଟନ, ଦୀପ୍ତି)ରୁ ।

ପ୍ରଶ୍ନ— 'ପତ୍ନୀ' କ'ଣ ?

ଶ୍ରୀଶ୍ରୀଠାକୁର— ପାଳନ ଏବଂ ରକ୍ଷଣ-ଧର୍ମୀ ସ୍ତ୍ରୀ- ଅର୍ଥାତ୍ ପାଳନ ଏବଂ ରକ୍ଷଣରେହିଁ ଯା'ର ସାର୍ଥକତା, ସେ ପତ୍ନୀ । 'ପା'-ଧାତୁର ମାନେ ପାଳନ ଓ ରକ୍ଷା କରିବା ।

ପ୍ରଶ୍ନ— ସ୍ତ୍ରୀକୁ 'ଜାୟା' କୁହାଯାଏ କାହିଁକି ?

ଶ୍ରୀଶ୍ରୀଠାକୁର— ଯାହାଠାରେ ନିଜକୁ ଜନ୍ମଗ୍ରହଣ କରାଯାଏ ଅର୍ଥାତ୍ ଯାହା ଭିତରେ ପ୍ରବିଷ୍ଟ ହୋଇ ବିଭିନ୍ନରୂପେ ଆବିର୍ଭୂତ ହୁଏ, ସେ ଜାୟା ।

ପ୍ରଶ୍ନ— 'ବଧୂ' କାହାକୁ କହନ୍ତି ?

ଶ୍ରୀଶ୍ରୀଠାକୁର— ଯିଏ ବହନ କରେ— ministers to the needs of the husband. 'ବଧୂ' ଆସିଛି ବହ୍-ଧାତୁ (ବହନ କରିବା)ରୁ ।

ପ୍ରଶ୍ନ— ସ୍ତ୍ରୀକୁ ଭାର୍ଯ୍ୟାବି କୁହନ୍ତି, ଭାର୍ଯ୍ୟା କଥାର ମାନେ କ'ଣ ?

ଶ୍ରୀଶ୍ରୀଠାକୁର— ଯିଏ ମୋତେ ଧାରଣ କରିଅଛି, ଅର୍ଥାତ୍ ମୋର ଅସ୍ତିତ୍ୱ ଯାହାଦ୍ୱାରା ସଂରକ୍ଷିତ ହୋଇଛି, ଯେ ମୋର ଶରୀରକୁ ଅନ୍ନଜଳାଦି ପ୍ରୟୋଜନୀୟ ବସ୍ତୁଦ୍ୱାରା ଭରଣ (maintain) କରେ,— ତାହା ଫଳରେ, ଯାହା ଦ୍ୱାରା ହୁଏ ମୋର ପୋଷଣ (nourishment); ତେଣୁ, ସ୍ତ୍ରୀ ମନୋବୃତ୍ତିର ଅନୁସାରିଣୀ, ଅର୍ଥାତ୍ ଯାହାଦ୍ୱାରା ମୋର ବୃତ୍ତି ବା ମୁଁ nourished (ପୁଷ୍ଟ) ହୁଏ, ଯିଏ ମୋର ସାର୍ଥକତାରେ ତାହାର ନିଜକୁ ଦାନ କରିଛି, ଯାହାକୁ ମୁଁ ସବୁ ଦିଗ ଦେଇ ପାଇଛି ଏବଂ ଯେ ମୋତେ ସର୍ବପ୍ରକାରେ ଗ୍ରହଣ କରିଛି— ସେ ମୋର ଭାର୍ଯ୍ୟା ।

ପ୍ରଶ୍ନ— ସ୍ତ୍ରୀକୁ ଅର୍ଦ୍ଧାଙ୍ଗିନୀ, ସହଧର୍ମିଣୀ ଇତ୍ୟାଦି କୁହାଯାଏ— ଏଗୁଡ଼ିକ କେବଳ ଆଦରର ଡ଼ାକ ମାତ୍ର— ନା, ଏହାର କୌଣସି ବିଶେଷ ତାତ୍ପର୍ଯ୍ୟ ଅଛି ?

ଶ୍ରୀଶ୍ରୀଠାକୁର— ସହଧର୍ମିଣୀ କାହିଁକି କୁହାଯାଏ, ତା' ପୂର୍ବେହିଁ କୁହା ଅଛି;— ଅନ୍ୟର ଧର୍ମରକ୍ଷା କରାଇବାରେହିଁ ଯା'ର ଧର୍ମରକ୍ଷା ହୁଏ, ସେ ହିଁ ସହଧର୍ମା ବା ସହଧର୍ମିଣୀ ।

ଅର୍ଦ୍ଧାଙ୍ଗିନୀବି କୁହାଯାଏ ଏହି କାରଣରୁ । ଯେପରି, ସ୍ତ୍ରୀ ପୁରୁଷକୁ ଯେପରି କରି ସର୍ବୋତଭାବେ maintain (ଭରଣ) କରିପାରେ, ପୁରୁଷ ନିଜକୁ ସେପରି ପାରେନା— ସେପରି ସ୍ତ୍ରୀ ବି ନିଜକୁ ପାରେନା— ଏହାହିଁ ପ୍ରକୃତି ।

ପ୍ରଶ୍ନ— 'ପତିବ୍ରତା' ଓ 'ସତୀ' ଦୁଇଟି କଥାର ମାନେ କ'ଣ ?

ଶ୍ରୀଶ୍ରୀଠାକୁର— ପତି ଯା'ର ବରଣୀୟ, ପତି ଯା'ର ପ୍ରାର୍ଥନୀୟ, ପତିକୁ ସର୍ବତୋଭାବେ ସ୍ୱୀକାର କରିବାହିଁ ଯା'ର ସାଧନା, ପତିପରାୟଣା, ପତିକୁ ଜଡ଼େଇ ଯେ ଜୀବନଧାରଣ କରେ— ସେ ହିଁ ପତିବ୍ରତା ।

ଆଉ, ଯେଉଁ ପତିବ୍ରତା ସ୍ୱାମୀକୁହିଁ ତା'ର ଅସ୍ତିତ୍ୱରୂପେ ଗ୍ରହଣ କରି ସ୍ୱାମୀର ସ୍ଥିତି (ବଞ୍ଚି ରହିବା), ଗତି (progress-ଉନ୍ନତି), ଉତ୍ପାଦନ, ବିସ୍ତାର (expansion), ଦୀପ୍ତି (ଯଶ-fame) ଓ ବିଦ୍ୟମାନତାରେ ସର୍ବତୋଭାବେ ପ୍ରୟାସଶୀଳା, ଅର୍ଥାତ୍, ସ୍ୱାମୀ ଯେପରି ସର୍ବତୋଭାବେ ବଞ୍ଚି ରହି ଓ ବୃଦ୍ଧି ପାଇପାରେ ସେଥିରେ ଯତ୍ନବତୀ— ସେହି ନାରୀଠାରେହିଁ ସତୀତ୍ୱ ସାର୍ଥକ ହୋଇଛି ।

ପ୍ରଶ୍ନ— ସ୍ୱାମୀଙ୍କ ପ୍ରତି ସ୍ତ୍ରୀର ଓ ସ୍ତ୍ରୀଙ୍କ ପ୍ରତି ସ୍ୱାମୀଙ୍କର attachment (ଆସକ୍ତି)— ନାରୀ-ପୁରୁଷର ପରସ୍ପର ଏହି attachment (ଆସକ୍ତି)ର ଭିତରେ କୌଣସି ପାର୍ଥକ୍ୟ ଅଛି କି ?

ଶ୍ରୀଶ୍ରୀଠାକୁର— ସ୍ତ୍ରୀର attachment (ଆସକ୍ତି) ସ୍ୱାମୀଠାରେ concentrated (କେନ୍ଦ୍ରୀଭୂତ); ତେଣୁ, ସେ ତାହାର ସ୍ୱାମୀର ଶୁଶ୍ରୁଷାରେ (ସର୍ବତୋଭାବେ) ସ୍ୱାମୀଙ୍କ ଭିତରେ ଉଦ୍ଦୀପିତ ହୋଇ ଜଗତକୁ ଉପଭୋଗ କରିବାକୁ ଚାହିଁ । ପୁରୁଷ ଆଦର୍ଶରେ ଅନୁପ୍ରାଣିତ ରହି ସ୍ତ୍ରୀଠାରେ nourished (ପୁଷ୍ଟ) ହୋଇ ତାହାର ଜଗତକୁ ସ୍ତ୍ରୀ ନିକଟରେ ଉପଢ଼ୌକନ ଦେବାକୁ ଚାହେଁ । ଆଉ, ଏଥିରେ ଉଭୟେ ଉଭୟଙ୍କ ନିକଟରେ ଯେଉଁଭଳି ହୁଏ ସେଇଭଳି ହୁଏ— ତେଣୁ, ସେମାନଙ୍କର ସମ୍ବନ୍ଧ ଗୁରୁଶିଷ୍ୟ-ତୁଲ୍ୟ ।

ପ୍ରଶ୍ନ— ଏହା ଯଦି ସ୍ୱାମୀ-ସ୍ତ୍ରୀଙ୍କ ସମ୍ବନ୍ଧ ହୁଏ ତେବେ ତ ସ୍ତ୍ରୀର ଚାଲିବା, କହିବା, କରିବା ଇତ୍ୟାଦି ଯା'କିଛି ସ୍ୱାମୀଙ୍କୁ ଲକ୍ଷ୍ୟ କରିହିଁ— ସ୍ୱାମୀର ପ୍ରୟୋଜନରେହିଁ ହେବ ।

ଶ୍ରୀଶ୍ରୀଠାକୁର— ମନୋବୃତ୍ତ୍ୟନୁସାରିଣୀ ଯଦି ହୁଏ ତେବେ ଅପର male (ପୁରୁଷ) ସଙ୍ଗେ ମିଳାମିଶାର ପ୍ରବୃତ୍ତି ହିଁ ରହେନା—

ସ୍ୱାମୀର ପ୍ରୟୋଜନ ଛଡ଼ା । ଅନ୍ୟ ପୁରୁଷର ସଙ୍ଗ automatically (ଆପଣାଛାଏଁ) cease (ବନ୍ଦ) କରିଯିବ । ଯଦି ଦେଖାଯାଏ, ଅନ୍ୟ ପୁରୁଷର ସଂସର୍ଗରେ ଯିବାକୁ ଭଲ ଲାଗେ— sexually (କାମଭାବରେ) ନ ହେଲେବି— ଅଥଚ husband (ସ୍ୱାମୀ)ର necessity (ପ୍ରୟୋଜନ)ରେ ନୁହେଁ, ସେଇଟା ହେଉଛି characteristic symptom (ଚରିତ୍ରଗତ ଲକ୍ଷଣ) ଯେ, ସେ ତା'ର husband (ସ୍ୱାମୀ)ର ସର୍ବବୃତ୍ତ୍ୟନୁସାରିଣୀ ନୁହେଁ ।

ପୁରୁଷର ବି ତା'ହିଁ— ଦୁନିଆଟା ଘୁରେ କିନ୍ତୁ ତାଙ୍କ (ଆଦର୍ଶ) necessity (ପ୍ରୟୋଜନ, ଉଦ୍ଦେଶ୍ୟ) ନେଇ; ଆଉ ତା'ହେଲେହିଁ ହୁଏ କ'ଣ, ଝଗଡ଼ା, କଚ୍‌କଚ୍, ମରାମରି, ଫୋପଡ଼ାଫୋପଡ଼ି ସବୁ ଶେଷ ହୋଇ ଗଲା ।

ପ୍ରଶ୍ନ— ସ୍ୱାମୀର ଆଦର୍ଶଙ୍କ ସଙ୍ଗେ ସ୍ତ୍ରୀର କିପରି ସମ୍ବନ୍ଧ ରହିବ ?

ଶ୍ରୀଶ୍ରୀଠାକୁର— ଆଦର୍ଶଙ୍କ ସଙ୍ଗେ ସ୍ୱାମୀର ଯେପରି ସମ୍ବନ୍ଧ, ତା'ର ସ୍ତ୍ରୀର ବି ତା'ହିଁ— ତେବେ ତା'ର ବୈଶିଷ୍ଟ୍ୟରେ ଯା'କିଛି ପ୍ରଭେଦ । ଅର୍ଥାତ୍, ସ୍ୱାମୀର inclination (ଆସକ୍ତି) ଯେପରି ହେବ ଆଦର୍ଶଙ୍କ wishesଗୁଡ଼ିକ (ଇଚ୍ଛା ବା ବୃତ୍ତିଗୁଡ଼ିକ) fulfil (ସାର୍ଥକ) କରିବାର, ତା'ର ଜୀବନ ଦେଇ,— ସେପରି ସ୍ତ୍ରୀର inclination (ଝୁଙ୍କ) ରହିବ always (ସର୍ବଦା) ସ୍ୱାମୀର complement ବା ପରିପୂରକ ହେବା;— ତା'ର ମାନେହିଁ ଆଦର୍ଶଙ୍କଠାରେ ଉଭୟେ ମିଶି ସାର୍ଥକ ହେବା;— ତାଙ୍କ ଇଚ୍ଛାକୁ fulfil (ସାର୍ଥକ) କରେ, 'ତୁମର ଇଚ୍ଛା ହେଉ ପୂର୍ଣ୍ଣ ମୋର ଜୀବନ-ମଝିରେ'— ଏହିଭଳି ।

ପ୍ରଶ୍ନ— ଆଦର୍ଶଙ୍କଠାରୁ ସ୍ୱାମୀ ଯଦି ବିଚ୍ୟୁତ ହୁଏ, ତେବେ କ'ଣ ହେବ ?

ଶ୍ରୀଶ୍ରୀଠାକୁର— 'ପତିତ' ମାନେ ହିଁ ଆଦର୍ଶଙ୍କଠାରୁ ବିଚ୍ୟୁତ ହେବା, ଆଉ, ବିବାହରେ cement (ସିମେଣ୍ଟ ବା ବଜ୍ରଲେପ)ହିଁ ଆଦର୍ଶ । ଆର୍ଯ୍ୟମାନଙ୍କର ବିବାହର ମନ୍ତ୍ରରେହିଁ ଅଛି— 'ବୃହସ୍ପତି ତୁମକୁ ମୋଠାରେ ଯୁକ୍ତ କରି ଦିଅନ୍ତୁ' । ଆଉ, ଏହି ବୃହସ୍ପତିହିଁ ହେଉଛନ୍ତି ଭଗବାନ୍, ଗୁରୁ ଓ ଆଦର୍ଶ ।

ଏହି ସିମେଣ୍ଟ ଯଦି କୌଣସିପ୍ରକାରେ ଧ୍ୱଂସ ହୋଇଯାଏ ସେମାନଙ୍କ ଅନ୍ତରରୁ ତେବେ ଦୁଇଟି ଅଲଗା ଜିନିଷ ସ୍ୱଭାବତଃହିଁ ଯେ ଅଲଗା ହୋଇଯିବ— ତାହାର ଆଉ କଥା କ'ଣ ? ଯେଉଁ ସ୍ଥଳରେ ସ୍ୱାମୀର ଆଦର୍ଶ-ବିଚ୍ୟୁତି ଘଟିଛି ସେଠାରେ ସ୍ତ୍ରୀର, ଆଦର୍ଶରେ ଯୁକ୍ତ ରହି ସ୍ୱାମୀଙ୍କ ଉନ୍ନୟନର ସଂସ୍ଥାନ କରିବାହିଁ ଶ୍ରେୟଃ । ତାହାବି ଯଦି ନ ହୁଏ, ତେବେ ସ୍ତ୍ରୀର ଆଦର୍ଶମୁଖର ହେବା ହିଁ ତାହାର ଧର୍ମକୁ ଅର୍ଥାତ୍ being and becoming (ବଞ୍ଚି ରହିବା ଓ ବୃଦ୍ଧି ପାଇବା)କୁ ସ୍ୱସ୍ଥ ରଖିପାରେ ।

ପ୍ରଶ୍ନ— ପତ୍ନୀର ଯଦି ସ୍ୱାମୀର ଆଦର୍ଶଙ୍କଠାରୁ ବିଚ୍ୟୁତି ଘଟେ ?

ଶ୍ରୀଶ୍ରୀଠାକୁର— ତା'ହେଲେ ତ ସାଧାରଣତଃ ହିଁ ସ୍ୱାମୀର ସ୍ତ୍ରୀ ପ୍ରତି inclination (ଟାଣ) ରହେ ହିଁ ନାହିଁ । ସେ ସ୍ଥଳରେ ତା'ଠାରୁ ଯେତେଦୂର ସମ୍ଭବ— ଅନ୍ତତଃ ଆଦର୍ଶ-ବିଷୟରେ— aloof (ତଫାତ୍) ରହିବାହିଁ ଉଚିତ୍ । ଆଉ, ଯଦି ସେ ଆଦର୍ଶର wishesଗୁଡ଼ିକ (ବୃତ୍ତିଗୁଡ଼ିକ) ତା'ର ଜୀବନରେ fulfil (ସାର୍ଥକ) କରିବାରେ ବାଧା ଜନ୍ମାଏ, ତେବେ ସେ ସ୍ଥଳରେ ତା'ଠାରୁ ଦୂରରେ ରହିବା ହିଁ ସମୀଚୀନ,— ସେ ବିଷୟରେ କୌଣସିପ୍ରକାର complementary (ପରିପୂରକ) ସାହାଯ୍ୟର ଆଶା କରିବାହିଁ ଉଚିତ୍ ନୁହେଁ । ଏଥିରେ ହୁଏତ difference (ଅମେଳ) ଆହୁରି ବଢ଼ିଯିବ, କିନ୍ତୁ ଏହାର extreme limit (ଚରମ ସୀମା)ରେ ଯାଇ ସୁଫଳ ବି ଫଳିପାରେ— ଯଦିଓ ଶାସ୍ତ୍ରରେ ଏପରିସ୍ଥଳେ ସର୍ବତୋଭାବେ ତ୍ୟାଗରହିଁ ଉପଦେଶ ଦିଆ ଅଛି । ଆଉ, ଏଇଟା ସତ୍ୟହିଁ,— କାରଣ, ତା'ହେଲେ ସ୍ତ୍ରୀର ସହଧର୍ମିଣୀତ୍ୱହିଁ ସେ ସ୍ଥଳରେ ଘୁଞ୍ଚିଯାଏ;— ସେ ଆଉ ତା'ର ନାରୀବି ରହେନା, ଭାର୍ଯ୍ୟାବି ରହେନା, ପତ୍ନୀବି ରହେନା— କେବଳ କାମକ୍ଷୁଧା-ପରିତୃପ୍ତିର ଯନ୍ତ୍ର-ମାତ୍ର ।

ପ୍ରଶ୍ନ— ସ୍ୱାମୀଙ୍କ ପ୍ରତି ସ୍ତ୍ରୀର ଠିକ୍ ଠିକ୍ ଭଲପାଇବା ଅଛି କି ନା— ତା'ର ଅବ୍ୟର୍ଥ test (ପରଖ) କ'ଣ ?

ଶ୍ରୀଶ୍ରୀଠାକୁର— ସ୍ୱାମୀ ଯଦି ଅନ୍ୟ କୌଣସି ସ୍ତ୍ରୀକୁ ସ୍ତ୍ରୀ ଭଳି ଭଲପାଏ, ସେଥିରେ ଯଦି ସ୍ତ୍ରୀର ଆକ୍ରୋଶ, ଈର୍ଷ୍ୟା, ଦୁଃଖ ଇତ୍ୟାଦି ଜନ୍ମେ,— ତାହାହେଲେ ବୁଝିବାକୁ ହେବ ବିପରୀତ— ଅବଶ୍ୟ ସେହି ପ୍ରିୟ ଯଦି ସ୍ୱାମୀଙ୍କ ଜୀବନ, କର୍ମ ଏବଂ ଖ୍ୟାତିର ଅନ୍ତରାୟ ନ ହୁଏ ।

ପ୍ରଶ୍ନ— ସପତ୍ନୀ ବିଦ୍ୱେଷର କାରଣ ତା'ହେଲେ— ।

ଶ୍ରୀଶ୍ରୀଠାକୁର— ପ୍ରିୟର ପ୍ରିୟଙ୍କ ପ୍ରତି ଯେଉଁ କାରଣରୁ ବିରୋଧ ଉତ୍ପନ୍ନ ହୁଏ— ସପତ୍ନୀ ପ୍ରତି ବିରୋଧର କାରଣବି ତାହାହିଁ । ସ୍ୱାମୀ ଯେଉଁମାନଙ୍କର ସ୍ୱାର୍ଥର କ୍ଷତିକାରକ, ଭାଗୀ ହେଲେ ସେମାନଙ୍କରହିଁ ଈର୍ଷ୍ୟା ଓ ବିଦ୍ୱେଷର ଉତ୍ପତ୍ତି ହୁଏ; ଆଉ, ପତିଙ୍କୁ ପୁଷ୍ଟ ବା ତୁଷ୍ଟ କରିବାହିଁ ଯେଉଁମାନଙ୍କର ସ୍ୱାର୍ଥ,— ଅଂଶୀଦାରରେ ସେମାନଙ୍କର ଆନନ୍ଦ, ହର୍ଷ, ଭଲପାଇବା ଇତ୍ୟାଦି ହିଁ ସ୍ୱାଭାବିକ ।

(ନାରୀଉପଥେ, ପୃ. : ୫୪-୬୦)

ବିଜ୍ଞାନ-ବିଭୂତି

ଫଳିତ ଜ୍ୟୋତିଷ-ବିଦ୍ୟା ଓ ସ୍ୱସ୍ତ୍ୟୟନ

॥ ଲାଗ୍ନିକ ଉଚ୍ଚଗ୍ରହ ଓ ନିମ୍ନଗ୍ରହର ସମ୍ପର୍କ ॥

ଲାଗ୍ନିକ
ଉଚ୍ଚ ଗ୍ରହ ସହିତ
ନିମ୍ନ କୌଣସି ଗ୍ରହ ଥିଲେ—
ତା' ମିତ୍ରହିଁ ହେଉ,
ଆଉ, ଶତ୍ରୁହିଁ ହେଉ—
ଲଗ୍ନରେ ବିଦ୍ୟମ୍ପ ରହିବା ସତ୍ତ୍ୱେବି
ତା'ର ବେଷ୍ଟନୀ ଯେଉଁମାନେ
ସେମାନେ ଅନେକଦୂର
ନିବାର୍ଯ୍ୟହିଁ ହୋଇଥାଆନ୍ତି—
ସୌଷ୍ଠବସମ୍ବନ୍ଧ ଥିବା ସତ୍ତ୍ୱେ ବି । ୩୭ ।

॥ ଫଳିତ ଜ୍ୟୋତିଷ-ବିଦ୍ୟା ଓ ସ୍ୱସ୍ତ୍ୟୟନ ॥

ଯା'କିଛି ହେଉ ନା କାହିଁକି—
ତା'କୁ ଗ୍ରହଣ କରିବାର
ଯେଉଁ ତ୍ରୁଟି
ମଣିଷକୁ ବିକୃତ ପନ୍ଥାରେ
ଟାଣି,
ବିଭ୍ରାନ୍ତ କରି,
ଦୁର୍ଦ୍ଦଶା ଦିଗରେ ନେଇଯାଏ—
ତା' କିନ୍ତୁ ସେହି ଗ୍ରହଣ-ତ୍ରୁଟି
ଅର୍ଥାତ୍ ଗ୍ରହର ଦୋଷ,
ଆଉ, ସେହି ଗ୍ରହଣ
ଯେତେବେଳେ ବିକୃତ ବିଭ୍ରାନ୍ତିର ପଥରୁ ଟାଣି
ସୁପଥରେ ନେଇଯାଏ,
ସତ୍-ନିଷ୍ଠ କରି ତୋଳେ,
ଶ୍ରେୟ-ନିଷ୍ଠ କରିତୋଳେ,
ସେତେବେଳେ ତା'
ଦୋଷ ବା ତ୍ରୁଟିମୁକ୍ତ ହୁଏ,
ଅର୍ଥାତ୍, ଗ୍ରହର ଦୋଷ କଟି ଯାଇ
ସୁଗ୍ରହର ଆଗମନ ସୂଚିତ ହୁଏ;
ପୁଣି,
ସୌରଜଗତର ଯେଉଁ ଗ୍ରହଗୁଡ଼ିକ
ପୃଥିବୀକୁ ଗ୍ରହଣ କରି ଅଛି,
କିମ୍ବା ପୃଥିବୀ ଯେଉଁମାନଙ୍କ ସଂଗ୍ରହରେ
ସଂଗ୍ରହାୟିତ ହୋଇ ଅଛି—
ସେମାନେ ବି କିନ୍ତୁ ଗ୍ରହ;
ଯିଏ ଯେତେବେଳେହିଁ
ଜନ୍ମଗ୍ରହଣ କରୁ ନା କାହିଁକି—
ତତ୍‌କାଳେ ଯେଉଁଟା ତା'ର ଲଗ୍ନ,
ବା ଲାଗି ରହିବା,
ବା ଲାଗୁଆ ଗ୍ରହ,
ଅର୍ଥାତ୍, ସେହି ଜନ୍ମସମୟ ସଙ୍ଗେ
ଯେଉଁ-ଗ୍ରହ ସମ୍ବନ୍ଧାନ୍ୱିତ ଓ ସଂସ୍ଥିତ
ବା ଯା' ସହିତ
ତା'ର ସହ-ସଂସ୍ଥ-ସମ୍ବନ୍ଧ ହୋଇଛି—
ତା'କୁ ଧରି
ଓ ଅନ୍ୟାନ୍ୟ ଗ୍ରହର
ପରାବର୍ତ୍ତନୀ ପରିପ୍ରେକ୍ଷାର ସହିତ
ନିର୍ଣ୍ଣୀତ କାରକତାର କୂଟଚଳନରେ
ସେହି ଜୀବନଗତିକୁ
ପରିମାପ କରିବାର କୌଶଳହିଁ ହେଉଛି—
ଫଳିତ ଜ୍ୟୋତିଷବିଦ୍ୟା;
ମନେକର—
ଆମେମାନେ ଯେଉଁ ଗ୍ରହର
ସ୍ଥିତିକାଳରେ ଜନ୍ମୁ,
ଅର୍ଥାତ୍, ଯେ ବା ଯା'କିଛି ଜନ୍ମେ,
ତା' ସହିତ ଯେଉଁ ଗ୍ରହ
ସମସାମୟିକ ସଂସ୍ଥିତି ସୃଷ୍ଟି କରେ,—
ସେଇଟାକୁ କେନ୍ଦ୍ର ଧରି
ତଦନୁଗ ପରାବର୍ତ୍ତନୀ ଜୀବନଗତି

ଯେଉଁଭଳି ହୁଏ,
ଆମମାନଙ୍କର ପ୍ରାପ୍ତିବି ହୁଏ ଠିକ୍ ସେପରିହିଁ;
ସେହି ଗ୍ରହ-ସଂସ୍ଥିତି
ନାନା ବସ୍ତୁ, ବିଷୟ ଓ ପରିସ୍ଥିତି ସମ୍ପର୍କରେ
ଆମମାନଙ୍କର ଗ୍ରହଣଭଙ୍ଗୀକୁ
ବା କ୍ରିୟା-ପ୍ରତିକ୍ରିୟାକୁ
ଅନେକଦୂର ନିୟମିତ କରିଲେବି
ଅମେମାନେ ତା'ର ପ୍ରଭାବର ଊର୍ଦ୍ଧ୍ୱକୁ
ଯାଇପାରୁ —
ଅର୍ଥାତ୍, ଅତିକ୍ରମ କରିପାରୁ —
ଭଲମନ୍ଦ ଯା'କିଛିର
ଶୁଭନିୟନ୍ତ୍ରଣୀ ଶକ୍ତିସମ୍ପନ୍ନ
କୌଣସି ଶ୍ରେୟ-ପୁରୁଷଠାରେ
ଯଦି ନିଷ୍ଠା, ଆନୁଗତ୍ୟ ଓ କୃତିସମ୍ବେଗ ନେଇ ଚାଲୁ;
ତେଣୁ, ଶ୍ରେୟନିଷ୍ଠ ହୋଇ
ସଦାଚାରେ
ସତ୍‌ପଥରେ ଚାଲିବାହିଁ ହେଉଛି —
ଜୀବନଚଳନାର ପରମ ସ୍ୱସ୍ତ୍ୟୟନ;
ଏକକଥାରେ,
ସେଇ ସନ୍ଦୀପନୀ
ଅସତ୍-ଅତିକ୍ରମୀ ଚଳନହିଁ ହେଉଛି
ସ୍ୱସ୍ତ୍ୟୟନ । ୩୮ ।

॥ ଜୀବନ-ବିକାଶରେ ଜୈବୀ-ସଂସ୍ଥିତିର ସ୍ଥାନ ॥

ଜୈବୀ-ସଂସ୍ଥିତି ହେଲା
ଗୁଣକର୍ମର ସଂଶ୍ରୟୀ ଆଧାର,
ଏଇଟା ସ୍ୱାମୀ-ସ୍ତ୍ରୀଙ୍କ ମିଳନର ତାରତମ୍ୟ-ଅନୁଯାୟୀ
ଶୀର୍ଣ୍ଣବି ହୋଇପାରେ,
ସବଳ ବି ହୋଇପାରେ,
ଫଳକଥା, ସେଇଟାହିଁ ହେଉଛି
ଜାତକ-ମୂର୍ତ୍ତନାର ପ୍ରଥମ ସଂସ୍ଥିତି,
ଆଉ, ସେ ଜନ୍ମଗ୍ରହଣ କରି
ଏପରି ଗୁଣକର୍ମର ଅଧିକାରୀ ହୁଏ,
ତା'ର କୃତିଗୁଡ଼ିକ ଏପରିହିଁ
ସମ୍ବେଗଶାଳୀ ହୁଏ,
ଏବଂ ସେଇ ଜୈବୀ-ସଂସ୍ଥିତି-ଅନୁଯାୟୀହିଁ
ସବୁ ବ୍ୟାପାର ମଧ୍ୟ ଦେଇ
ସେ ତା'ର ବୋଧିକୁ
ବିନାୟିତ କରିଥାଏ —
ସାର୍ଥକ-ସଙ୍ଗତି ନେଇ;
ଜୈବୀ-ସଂସ୍ଥିତି ଯେଉଁମାନଙ୍କର ବ୍ୟତ୍ୟୟୀ, —
ମୂଳତଃ ବ୍ୟତ୍ୟୟୀ-ସମ୍ବେଗୀ ବୋଲିହିଁ
ସାଧାରଣତଃ ସେମାନେ
ବ୍ୟତ୍ୟୟୀ-କର୍ମାହିଁ ହୋଇପଡ଼ନ୍ତି —
ଶିକ୍ଷାର ଦାମ୍ଭିକ ଗୌରବ
ସେମାନଙ୍କର ଯେପରି ଥାଉ ବା ନ ଥାଉ,
ତେଣୁ, ସେମାନଙ୍କୁ ଅସୁର-ଆଖ୍ୟାରେ
ଆଖ୍ୟାୟିତ କରା ହୋଇଥାଏ;
ଆଉ, ସମୀଚୀନ ସଙ୍ଗତି ଯେଉଁଠାରେ ହୁଏ, —
ସେ ଜୈବୀ-ସଂସ୍ଥିତି
ଉପଯୁକ୍ତ ସମ୍ବେଗ ନେଇ
ଅଧିଗମନ ଦିଗରେବି
ସେପରି ଆଗେଇ ଯାଏ —
ସେଇ ଏପରିହିଁ ଅର୍ଥାନ୍ୱିତ ସଙ୍ଗତି ନେଇ,
ଅର୍ଥାତ୍, ବିଶୁଦ୍ଧ ଜୈବୀ-ସଂସ୍ଥିତି ଯା'
ତା' ସହଜ ସମ୍ବେଗରେ ସ୍ୱତଃହିଁ
ସୁସନ୍ଧିସୁ ଅମୃତ-ଅର୍ଜନୀ ତତ୍‌ପରତା ନେଇ
ଚାଲୁଥାଏ;
ଗୋଟେକଥାରେ,
ପିତୃପୁରୁଷଙ୍କ ସତ୍ତାସଙ୍ଗତ
ଗୁଣ-କର୍ମ
ସେମାନଙ୍କର ଜନିକୁ ବିନାୟିତ କରି
ଜାତକର ଜୈବୀ-ସଂସ୍ଥିତିରେ
ଉଦ୍ଭିନ୍ନ ହୋଇଥାଏ,
ଏବଂ ସେହି ଜୈବୀ-ସଂସ୍ଥିତିହିଁ ପୁଣି
ତା'ର ପ୍ରକୃତିଗତ ଗୁଣକର୍ମକୁ
ପ୍ରଭାବିତ କରିଥାଏ,
ତେଣୁ, ବ୍ୟାଧି, ବିକୃତି, ବିଦ୍ୟା
ଯା'ହିଁ କୁହ ନା କାହିଁକି, —
ତା'ର ଜୀବନ-ଉତ୍ସ ହେଲା
ସେଇ ଜୈବୀ-ସଂସ୍ଥିତି । ୫୩ ।

(ବିଜ୍ଞାନ-ବିଭୂତି)

ଶାଶ୍ୱତୀ

ଚରିତ୍ର

॥ ଚିନ୍ତା ଓ ଚଳନ ଅନୁଯାୟୀ ଚରିତ୍ର ॥

ଚିନ୍ତା-ଚଳନ ଯେପରି —
ଚରିତ୍ରବି ସେପରି । ୪୫ ।

॥ ଚରିତ୍ର ଅନୁଯାୟୀ ଧୃତି ॥

ସୁକୃତିର ଲକ୍ଷଣ ସୁଚରିତ୍ର,
ସୁଚରିତ୍ର ବୁଝାଇ ଦିଏ ସୁଚଳନ,
ଆଉ, ଏହା ଯେଉଁପରି
ଅନ୍ତର୍ନିହିତ ଧୃତିବି ସେଇପରି । ୪୬ ।

॥ କରିବା ଭିତର ଦେଇ ଚରିତ୍ର ଗଠନ ॥

କରିବା ଭିତର ଦେଇହିଁ
ଚରିତ୍ରର ପ୍ରୟୋଗ ହୁଏ —
କଥାରେ, ବ୍ୟବହାରରେ, ଚଲାରେ —
ସୁଷ୍ଠୁତାରେ । ୪୭ ।

॥ ପାରିବାରିକ ଅଭ୍ୟାସ ବ୍ୟବହାର ଅନୁଯାୟୀ ପ୍ରକୃତି ॥

ନିଜ ପାରିବାରିକ ପରିବେଶରେ
ଅଭ୍ୟାସ, ବ୍ୟବହାର ଯା'ର ଯେପରି,
ପ୍ରକୃତିବି ତା'ର ସେପରି —
ସାଧାରଣତଃ । ୪୯ ।

॥ ଆଦର୍ଶନିଷ୍ଠ ଉଦ୍ୟମୀ-ଚରିତ୍ରର ପରିଚୟ ॥

ଆଦର୍ଶନିଷ୍ଠ ଉଦ୍ୟମ
ଯେଉଁମାନଙ୍କ ଚରିତ୍ରରେ ଉଦ୍ଦାମ ହୋଇହିଁ ଥାଏ,
ସିଦ୍ଧାନ୍ତମୁଖର କଥାହିଁ ସେମାନଙ୍କର
ସ୍ୱତଃପ୍ରତିଜ୍ଞ, ପ୍ରଚେଷ୍ଟାପରାୟଣ, ସିଦ୍ଧିପ୍ରସୂ,
ଆଉ, ଏହାହିଁ ସେମାନଙ୍କର ମୋକ୍ଷମ ପରିଚୟ;
ଏପରି ଲୋକ ଯଦି ପାଅ —
ବଜେଇ ନିଅ —
ଦେଖ କିପରି । ୫୦ ।

॥ ଶାନ୍ତି ଓ ସୌହାର୍ଦ୍ଦ୍ୟର ପଥହିଁ ଅନୁସରଣୀୟ ॥

ଶାନ୍ତି ଓ ସୌହାର୍ଦ୍ଦ୍ୟର ଧନ୍ଧାହିଁ ଯେଉଁମାନଙ୍କର ପରିଚାଳକ —
ବୁଝି ନିଅ —
ସେମାନେ ଢ଼େର ଖାଣ୍ଟି — ଅନ୍ତଃକରଣରେ;
ଆଉ, ଓଲଟା ଯେଉଁମାନଙ୍କର ପ୍ରବୃତ୍ତି —
କଥା ଓ ବ୍ୟବହାର ସେମାନଙ୍କର ଯେତେହିଁ ଉପାଦେୟ ହେଉ —
ସନ୍ଦେହ କର, ବୁଝ,
ଆଉ, ସେ ଚଳନରେବି ବିରତ ରୁହ, —
ଏଡ଼ାଇବ ଅନେକ ଜଞ୍ଜାଳ । ୫୧ ।

॥ ଉନ୍ନତିରେ ବିନୟ ॥

ଉନ୍ନତି ଯେଉଁଠାରେ ପ୍ରକୃଷ୍ଟ, ଚରିତ୍ରଗତ,
ବିନୟ ସେଠାରେ ସ୍ୱତଃ- ସ୍ୱାଭାବିକ । ୫୨ ।

॥ ଦେଇ ସାର୍ଥକ ହେଉଥିବା ଦାୟିତ୍ୱଶୀଳ ବ୍ୟକ୍ତି ଗୌରବାବହ ॥

ପାଅ ବା ନ ପାଅ —
ଦେବାର ଧନ୍ଧାରେ ଯେ ଉତ୍‌ଫୁଲ୍ଲ, ଅକ୍ଳାନ୍ତ, —
ଦେବାରେ ଯା'ର ଉପଚାନୀ ଝୁଙ୍କ,
ଦେଇ ସାର୍ଥକ ଆତ୍ମପ୍ରସାଦ ଉପଭୋଗ କରି —
ଅବିଚ୍ଛିନ୍ନ ଅତୁଟ ଦାୟିତ୍ୱ ଯା'ର
ସାନନ୍ଦ ଏବଂ ସକ୍ରିୟ —

ଅନ୍ୟ ବିଷୟରେ ଯେପରି ହେଉ ନା କାହିଁକି—
ସେ ମଣିଷ ତୁମର ଗୌରବର । ୫୨ ।

॥ ଆଦରର ବିବର୍ତ୍ତନରେ ଆଦର ଓ ତୃପ୍ତି ॥

ଆଦର ଯେପରି ସ୍ୱତଃସ୍ଫୂର୍ତ୍ତ—
ଯା'ର ଚଳନ-କଥନ ଏହିପରିହିଁ—
ଆଦୃତ ନ ହୋଇହିଁ ପାରନ୍ତିନି,—
ତୃପ୍ତ ଓ ଦୀପ୍ତ ହୋଇଉଠେ ସେ
ସୌନ୍ଦର୍ଯ୍ୟରେ । ୫୩ ।

॥ ମାଧୁର୍ଯ୍ୟମୟ ସୁଷ୍ଠୁ ମଣିଷ ॥

ଇଷ୍ଟ-ସଂଶ୍ରୟ ଯା'ର ମଧୁର—
ବାକ୍ ଓ ବ୍ୟବହାର ଯା'ର ମଧୁର—
ଏପରିକି, ମନ୍ଦନିରୋଧବି ଯା'ର ତୃପ୍ତିପ୍ରଦ,—
ସୁଷ୍ଠୁ ମଣିଷ ସେ,
ବୈଶିଷ୍ଟ୍ୟ ତା'ର ଫୁଟିଉଠେ—
ମାଧୁର୍ଯ୍ୟରେ । ୫୪ ।

॥ ମଣିଷକୁ ନିଜର କରିବାରେ ଆତ୍ମପ୍ରସାଦ ॥

ମଣିଷକୁ ନିଜର କରି ତୋଳିବାକୁ ଯତ୍ନବାନ୍ ହୁଅ
ବାକ୍ୟ, ବ୍ୟବହାର ଓ ଅନୁଜ୍ଞାର ଭିତର ଦେଇ—
ଦାନରେ, ଗ୍ରହଣରେ, ପରିଚର୍ଯ୍ୟାରେ,
ତ୍ରୁଟି-ବିଚ୍ୟୁତିକୁ ସଂଶୋଧନ କରି
ଶୁଭ-ସୌଜନ୍ୟରେ;—
ବ୍ୟକ୍ତିତ୍ୱ ଏପରି କରିହିଁ ପ୍ରସାଦଶୀଳ
ହୋଇଉଠେ । ୫୫ ।

॥ ଭଲମନ୍ଦର ସଂକ୍ରମଣ ॥

ତୁମେ ଯଦି ମନ୍ଦ ହୁଅ,
ତା' କେବଳ ତୁମଠାରେହିଁ ନିବଦ୍ଧ ରହେନା—
ପରିବାର-ପାରିପାର୍ଶ୍ୱିକଙ୍କୁବି ସଂକ୍ରାମିତ ହୁଏ ତା',
ତେଣୁ, ଭଲ ଯଦି କରିପାର, କର—
ନିଜେ ଭଲରେ ଠିଆହୋଇ;
ମନ୍ଦ ହୋଇ, ନିଜ ସଙ୍ଗେ ସଙ୍ଗେ
ଅନ୍ୟକୁବି ସଂକ୍ରାମିତ କରିବାକୁ ଯାଅନା । ୪୮ ।

॥ ବୈଶିଷ୍ଟ୍ୟ ଅନୁପାତିକ ଚଳନ ॥

ବୈଶିଷ୍ଟ୍ୟ ଯା'ର ଯେପରି—
ଚଳନ, କଥନ, ଦେଖା, ଶୁଣା,
ନିଷ୍ଠା-ଆବେଗବି ସେପରି । ୬୦ ।

॥ ବୈଶିଷ୍ଟ୍ୟବାନହିଁ ଆହରଣରେ ସମର୍ଥ ॥

ବୈଶିଷ୍ଟ୍ୟରେ ଯିଏ ଯେପରି ଶକ୍ତ—
ପରିସ୍ଥିତିରୁ ସେ ସେପରି
ଆହରଣ କରିପାରେ
ତା'ର ପରିପୋଷଣୀ ଯା';
ଆଉ, ଦୁର୍ବଳ-ବୈଶିଷ୍ଟ୍ୟ ଯେଉଁମାନେ
ସେମାନେ ସାଧାରଣତଃ ସେହି ଆହରଣର ଆଖଡ଼ାରେ
ପରିଶୋଷିତହିଁ ହୋଇଥାଆନ୍ତି କ୍ରମଶଃ—
ପରିସ୍ଥିତିରେ ଆତ୍ମବିଲୟ କରି,
ଉତ୍କ୍ରମଣୀ ହୋଇଉଠି ପାରନ୍ତିନି ସେମାନେ । ୫୬ ।

॥ ଜ୍ଞାନୀ ପକ୍ଷେ ବିନୟୀ ହେବା ଭଲ ॥

ପୂର୍ଯ୍ୟମାଣ ଜ୍ଞାନୀ ହେବା ତ ଭଲହିଁ,—
କିନ୍ତୁ ତା' ସହିତ ବ୍ୟକ୍ତିତ୍ୱସମ୍ପନ୍ନ ବିନୟୀ ହେବା
ଆହୁରି ଭଲ । ୫୮ ।

॥ ବ୍ୟକ୍ତିତ୍ୱହୀନ ବିନୟୀ ହେବାର ପରିଣତି ॥

ବ୍ୟକ୍ତିତ୍ୱହୀନ ବିନୟ
ଆଉ ପରାକ୍ରମହରା ବ୍ୟକ୍ତିତ୍ୱ ଯା'ର—
ଦୁନିଆର କୃପାପାତ୍ରହିଁ ସେ—
ଲାଞ୍ଛନା ହିଁ ତା'ର ଉପଢ଼ୌକନ । ୫୯ ।

(ଶାଶ୍ୱତୀ)

ପ୍ରେରିତ ପ୍ରସଙ୍ଗେ

ସେ ନ ବୁଝାଇଲେ ବୁଝେ କେଉଁ ଜନ ?

॥ ଶମ୍ଭୁକ-ପ୍ରସଙ୍ଗର ଯଥାର୍ଥତା ॥

ଜଣେ ଶମ୍ଭୁକର ଆନ୍ଦୋଳନ ଓ ଶମ୍ଭୁକ-ବଧ ସମ୍ବନ୍ଧରେ ପ୍ରଶ୍ନ ଉଠାଇଲେ ।

ଶ୍ରୀଶ୍ରୀଠାକୁର— ଆମେମାନେ ତ ସବୁ ଭଲ କରି ଜାଣୁନା, ତେବେ ଏଇଟା ଧରି ନେଇପାରୁ ଯେ ବଶିଷ୍ଠଙ୍କ cabinet (ମନ୍ତ୍ରୀସଭା) ଯେତେବେଳେ ଏହି ହୁକୁମ ଦେଇଥିଲେ, ସେତେବେଳେ ତା' ପଛରେ ନିଶ୍ଚୟହିଁ କୌଣସି ସଙ୍ଗତ କାରଣ ଥିଲା । ପ୍ରତ୍ୟେକ ବର୍ଣ୍ଣ ଯଦି ତା'ର ପ୍ରକୃତିସଂଗତ କର୍ମ ଠିକ୍‌ଭାବେ କରେ ତେବେ ହିଁ ସମାଜ ଠିକ୍ ରହେ । ଆଉ, କେବଳ ସମାଜ ଠିକ୍ ରହିବା ନୁହେଁ ସ୍ୱଧର୍ମ ଅର୍ଥାତ୍ ସ୍ୱବୈଶିଷ୍ଟ୍ୟ ପାଳନର ମାଧ୍ୟମ ଛଡ଼ା ମଣିଷ ତତ୍ତ୍ୱଜ୍ଞାନ ଲାଭ କରି ପାରେନା । ଦୈନନ୍ଦିନ ତପସ୍ୟା ଯେପରି ନିତ୍ୟକର୍ମ, ସ୍ୱବୈଶିଷ୍ଟ୍ୟସମ୍ବତ କର୍ମର ଭିତର ଦେଇ ଇଷ୍ଟପ୍ରୀତ୍ୟର୍ଥେ ପରିବେଶର ସେବା କରି ଚାଲିବା ବି ସେପରି ନିତ୍ୟକର୍ମ । ଅପାରଗ ନ ହେଲେ ଏହା ମଣିଷର କରିବାହିଁ ଦରକାର । ଏହି ପରିକ୍ରମା ଭିତର ଦେଇ ଛଡ଼ା ମଣିଷର ମନର ମଳିନତା ଘୁଞ୍ଚେନା । ତେବେ ଆମମାନଙ୍କୁ ଯା'କିଛି କରିବାକୁ ହେବ ଇଷ୍ଟସ୍ୱାର୍ଥପ୍ରତିଷ୍ଠାକୁ ମୁଖ୍ୟ କରି । ଏହା ହେଲା ଆଦତ କଥା । ଏହି ତତ୍ତ୍ୱ ନ ଜାଣି ଯଦି କେହି ସାଧାରଣ ଲୋକକୁ ବିଭ୍ରାନ୍ତ କରି ସ୍ୱକର୍ମରୁ ଚ୍ୟୁତ କରି ସମାଜରେ ବିଶୃଙ୍ଖଳା ଓ ବିପର୍ଯ୍ୟୟ ନେଇଆସେ ଏବଂ ମଣିଷକୁ ପ୍ରକାରାନ୍ତରେ ପ୍ରକୃତ ଧର୍ମପଥରୁ ବିଚ୍ୟୁତ କରିତୋଳେ ସେଇଟା କିନ୍ତୁ ଗୋଟେ କମ୍ ଅପରାଧ ନୁହେଁ । ସେଠାରେ ସାଧାରଣ ଲୋକକୁ ଅମଙ୍ଗଳର ହାତରୁ ବଞ୍ଚାଇବା ପାଇଁ ଯା' କରିବାର ତା' କରିବାହିଁ ଦରକାର । କା'ର ବି ପ୍ରାଣନାଶ ନ କରି ଏଇଟା କରିବା ସମ୍ଭବ ହେଲେ ଭଲ ହୁଏ ।

ପ୍ରଶ୍ନକର୍ତ୍ତା— ବଶିଷ୍ଠଙ୍କର ଆଦେଶ ଅନୁସାରେ ଏହି କାର୍ଯ୍ୟ କରା ଯାଇଥିଲା ସେଥିରୁ ବୁଝାଯାଏ ଯେ ସେତେବେଳେ ରାଜା ଏକାହିଁ ସର୍ବେସର୍ବା ନଥିଲେ ।

ଶ୍ରୀଶ୍ରୀଠାକୁର— ନା, ବଶିଷ୍ଠ ଏବଂ ତଜ୍ଜାତୀୟ ଯେଉଁମାନେ ସେମାନଙ୍କ ଛଡ଼ା ଚାଲିବାର ଉପାୟ ନଥିଲା । Minister (ମନ୍ତ୍ରୀ)ମାନେ ହିଁ mainly (ପ୍ରଧାନତଃ) guide (ପରିଚାଳନା) କରୁଥିଲେ । ସେମାନେ law (ଆଇନ) ନେଇ deal (କାରବାର) କରୁଥିଲେ ।

(ଆଲୋଚନା-ପ୍ରସଙ୍ଗ, ୧୨ଶଖଣ୍ଡ, ତା୦୫.୦୬.୧୯୪୮ରିଖ)

॥ ଅହଲ୍ୟା ଉଦ୍ଧାର ॥

ପାଷାଣୀ ଅହଲ୍ୟାର ଉଦ୍ଧାର ସମ୍ପର୍କରେ ଶ୍ରୀଶ୍ରୀଠାକୁର କହିଲେ— ରାମଚନ୍ଦ୍ରଙ୍କ ଚରଣସ୍ପର୍ଶରେ ଅର୍ଥାତ୍ ଚଳନସ୍ପର୍ଶରେ ଅହଲ୍ୟାର ପାପାଚରଣ ଜନିତ ବୋଧର ଅସାଡ଼ତା ଦୂରୀଭୂତ ହୋଇଥିଲା— ଏହି କଥାଟିହିଁ ସେହିଭାବେ ରୂପକ ଆକାରରେ କୁହାଯାଇଛି ।

(ଆଲୋଚନା-ପ୍ରସଙ୍ଗ, ୧୨ଶଖଣ୍ଡ, ତା୧୪.୦୬.୧୯୪୮ରିଖ)

॥ ସେ ନ ବୁଝାଇଲେ ବୁଝେ କେଉଁ ଜନ ?

ଶ୍ରୀଶ୍ରୀଠାକୁର କଥାପ୍ରସଙ୍ଗରେ କହିଲେ— ରାମଚନ୍ଦ୍ରଙ୍କର ବଡ଼ କଷ୍ଟକର ଜୀବନ ।

ଜଣେ ମା' କହିଲେ— କଷ୍ଟ କାହିଁକି ? ଏମାନେ ତ ମହତ୍ ଲୋକ ।

ଶ୍ରୀଶ୍ରୀଠାକୁର— ଯେଉଁମାନେ ମଣିଷର ଦରଦୀ ହୁଅନ୍ତି ସେମାନଙ୍କୁ ମଣିଷ ପାଇଁ ହିଁ ଅନେକ ବ୍ୟଥା ସହିବାକୁ ହୁଏ । ସେମାନଙ୍କୁ ବ୍ୟଥାମୁକ୍ତ ରଖିବାକୁ ହେଲେ ଆମମାନଙ୍କର ବୁଦ୍ଧି ଚାଲିବା ଦରକାର— ଆମେମାନେହିଁ ସେମାନଙ୍କର ବ୍ୟଥା ଲାଘବ କରିପାରୁ, ଯଦି ଭଲପାଉ ସେମାନଙ୍କୁ— ଏବଂ ଭଲପାଇ ସେମାନଙ୍କ ମନ ଆଡ଼େ ଚାହିଁ ଚାଲୁ ।

ଉକ୍ତ ମା'— ରାମଚନ୍ଦ୍ର ସୀତାଙ୍କୁ ବନବାସ ଦେଲେ ।

ଶ୍ରୀଶ୍ରୀଠାକୁର— ତା' ବି ଲୋକଙ୍କ ପାଇଁ ।

ଉକ୍ତ ମା'— ଅଯଥା କଷ୍ଟ ଦେଲେ ।

ଶ୍ରୀଶ୍ରୀଠାକୁର— ରାମଚନ୍ଦ୍ର ଜାଣିଥିଲେ ପ୍ରଜାନୁରଞ୍ଜନ ତାଙ୍କର ଯେପରି କରଣୀୟ ସହଧର୍ମିଣୀ ହିସାବରେ ସୀତାଙ୍କର ବି ତା'ହିଁ । ଅସଲ ଭଙ୍ଗୀରେ କେହି ଦେଖନ୍ତିନି । ଥିୟେଟରରେ ଦେଖାନ୍ତି ରାମଚନ୍ଦ୍ର ଯେପରି ଅନ୍ୟାୟ କରିଛନ୍ତି— କିନ୍ତୁ ସିଏ କାହିଁକି, କ'ଣ

ପାଇଁ କୋଉଟା କରିଲେ ସେଇଟା unfold (ଅନାବୃତ) କରି କେହି ଦେଖାନ୍ତି ନାହିଁ । ବାଳୀ-ବଧ ଅନ୍ୟାୟ ବୋଲି ଚିତ୍ରିତ କରନ୍ତି — କିନ୍ତୁ ରାମଚନ୍ଦ୍ର ବାଳୀକୁ କହିଛନ୍ତି — "ତୁମେ ଏହି ଏହି ପାପ କରିଛ ଯେଉଁଥିପାଇଁ ତୁମର ଏହି ଶାସ୍ତି । ମୁଁ କେହି ନୁହେଁ, ରାଜା ଭରତ, ତେବେ ଏହା ରାଜଦଣ୍ଡ ।" କେତେ ଦୁଃଖିତ ଅନ୍ତରରେ ସିଏ ବାଳୀକୁ ସବୁ ବୁଝାଇ କହିଛନ୍ତି ମାରିବା ଆଗରୁ — ସେଇଟା ଆଉ ଦେଖାନ୍ତି ନାହିଁ ।

(ଆଲୋଚନା-ପ୍ରସଙ୍ଗ, ୧୨ଶଖଣ୍ଡ, ତା୦୯.୦୭.୧୯୪୮ରିଖ)

॥ ହନୁମାନଙ୍କ ପ୍ରଭାବ ॥

କଥାପ୍ରସଙ୍ଗରେ ଜଣେ କହିଲେ — ବିହାରରେ ପ୍ରତ୍ୟେକ ଘରେ ଆଉ କିଛି ଆଉ ନଥାଉ ହନୁମାନଙ୍କ ଖଣ୍ଡା ଥିବହିଁ ।

ଶ୍ରୀଶ୍ରୀଠାକୁର — ମହାବୀରଙ୍କ ଭକ୍ତି ହେଲା ଉର୍ଦ୍ଧ୍ୱ ଭକ୍ତି । କିଛି ଲୋକଙ୍କ ମଧ୍ୟରେ ଯଦି ଉର୍ଦ୍ଧ୍ୱ ଭକ୍ତିର ଜାଗରଣ ହୁଏ, ତୁନିଆର ତେହେରା ଯେ କ'ଣ ହୋଇଉଠେ ତା'ର ବର୍ଣ୍ଣନା ଦେବା କଠିନ । ଆମମାନଙ୍କୁ ରାମଚନ୍ଦ୍ରଙ୍କୁ ଅନୁସରଣ କରିବାକୁ ହେବ — ହନୁମାନ ଭଳି ଭାବ-ଭକ୍ତି ନେଇ । ହନୁମାନ ହେଲା ଭକ୍ତର ରାଜା । ରାବଣକୁ ରାମଚନ୍ଦ୍ର କ୍ଷମା କରିଲେ, କିନ୍ତୁ ହନୁମାନ କ୍ଷମା କରି ପାରିଲାନି । ସଫା କହିଦେଲା — 'ତୁମର ଶତ୍ରୁ ଯେ ତା'କୁ ତୁମେ କ୍ଷମା କରିପାର, କିନ୍ତୁ ମୁଁ କଦାପି ବି କ୍ଷମା କରିପାରେନା ।" ପ୍ରତ୍ୟେକ ଜାଗାରେ ରାମଚନ୍ଦ୍ରଙ୍କ କଥା ସେ ଅକ୍ଷରେ ଅକ୍ଷରେ ମାନି ଚାଲିଛି । କିନ୍ତୁ ଏହି ବ୍ୟାପାରରେ ସେ ବାଙ୍କି ବସିଲା । ଏଇଟାହିଁ କିନ୍ତୁ ସଚ୍ଚା ଅନୁରାଗର ନିଶାଣ ।

(ଆଲୋଚନା-ପ୍ରସଙ୍ଗ, ୧୮ଶଖଣ୍ଡ, ତା୦୨.୧୨.୧୯୪୯ରିଖ)

॥ ଭକ୍ତ ହନୁମାନ ॥

କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ — ଆତ୍ମପ୍ରତିଷ୍ଠାର ନିର୍ବାଧ-ପନ୍ଥା ହେଲା ଇଷ୍ଟପ୍ରତିଷ୍ଠା । ହନୁମାନ ରାମଚନ୍ଦ୍ରଙ୍କୁ ପ୍ରତିଷ୍ଠା କରିବାକୁ ଯାଇ କୃତକାର୍ଯ୍ୟ ବି ହେଲା, ଅମର ବି ହେଲା । ...ତପସ୍ୟା ବିନା କ'ଣ ସିଦ୍ଧି ହୁଏ ? ହନୁମାନ ଯୁଦ୍ଧ କରିଛି, ରାଜନୀତି କରିଛି, ରାମଚନ୍ଦ୍ରଙ୍କ ସେବା କରିଛି, ଲଙ୍କାପୁରୀ ଜଳେଇ ଦେଇଛି, କେତେ କ'ଣ କରିଛି । କିନ୍ତୁ ଯା' କିଛି କରିଛି, ରାମଚନ୍ଦ୍ରଙ୍କ ପ୍ରୀତି ପାଇଁ । ପୀରିତ-ପାଗଳ ଭକ୍ତ ଯେଉଁମାନେ ସେମାନେ ପ୍ରିୟଙ୍କ ପାଇଁ ଯେତେ କିଛି କରନ୍ତୁ — ତା' ସଙ୍ଗେ ଥାଏ ଗୋଟେ ଶ୍ରେଣସୁଖପ୍ରିୟତାର ଭାବ । ଆଉ, ଏହି କରିବା ପାଇଁ ଭକ୍ତର ମନରେ କୌଣସି ଅହଙ୍କାର ଆସେନା । ଲୋକେ ଯେତେବେଳେ ତା'କୁ ପ୍ରଶଂସା କରନ୍ତି, ସେତେବେଳେ ସେ ଭାବେ — ମୁଁ ପୁଣି କରିଲି କ'ଣ ? ପ୍ରଭୁଙ୍କ ଶକ୍ତିରେହିଁ ତ ଯା'କିଛି ହୋଇଛି, ସିଏ ହିଁ ତ ସବୁ କରେଇ ନେଇଛନ୍ତି ।

(ଆଲୋଚନା-ପ୍ରସଙ୍ଗ, ୧୮ଶଖଣ୍ଡ, ତା୦୪.୧୨.୧୯୪୯ରିଖ)

॥ ପୁରୁଷୋତ୍ତମ ଓ ତାଙ୍କ ବେଷ୍ଟନୀ ॥

କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ — ହନୁମାନ ରାମଚନ୍ଦ୍ରଙ୍କ ନିକଟକୁ ଆସିଥିଲା ବ୍ୟକ୍ତିଗତ କାମନା-ବାସନା ପରିପୂରଣ ପାଇଁ । ପରେ ସେ ରାମଚନ୍ଦ୍ରଙ୍କୁହିଁ ଭଲପାଇ ବସିଲା । ନିଜସ୍ୱ କାମନା-ବାସନା ତା' ନିକଟରେ ତୁଚ୍ଛ ହୋଇଗଲା । ସେହି ହନୁମାନ ରାମଚନ୍ଦ୍ରଙ୍କୁ ଭଲପାଇ କି କାଣ୍ଡଟାହିଁ ନ କରିଲା ।

ପ୍ରତ୍ୟେକଟା ମଣିଷର ଗୋଟେ ବେଷ୍ଟନୀ ଥାଏ । ଜଣେ ନିଜେ ଯେତେ ବଡ଼ ହେଉ ନା କାହିଁକି ତା'ର ବେଷ୍ଟନୀ ଯଦି ଶକ୍ତ ନ ହୁଏ, ତା'ହେଲେ ସେ କିଛି କରି ଉଠି ପାରେନା ।..... ଯୀଶୁଖ୍ରୀଷ୍ଟଙ୍କ ବେଷ୍ଟନୀ ଥିଲା ଅତ୍ୟନ୍ତ ଶିଥିଳ । ଜୁଡ଼ାସ ତ ତିରିଶ ଟଙ୍କା ପାଇଁ ତାଙ୍କୁ ଧରେଇ ଦେଲା । ଆଉ ଅନ୍ୟ ସମସ୍ତେ ପ୍ରାଣ ଭୟରେ ସେତେବେଳେକାର ଭଳି ପଳେଇ ଗଲେ । ରସୁଲଙ୍କ ବେଷ୍ଟନୀ ଶକ୍ତ ଥିଲା ବୋଲି ତାଙ୍କର mission (ଉଦ୍ଦେଶ୍ୟ) successful (କୃତକାର୍ଯ୍ୟ) ହୋଇ ପାରିଥିଲା ।

(ଆଲୋଚନା-ପ୍ରସଙ୍ଗ, ୧୯ଶଖଣ୍ଡ, ତା୦୧.୦୪.୧୯୫୦ରିଖ)

॥ ରାମାନୁରାଗ ॥

କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ — ଅନ୍ୟ ଆକାଂକ୍ଷା ଥିଲେ ବି ପ୍ରକୃତ ଅନୁରାଗର ଆସ୍ୱାଦନ ପାଇ ସେସବୁ ତୁଚ୍ଛ ହୋଇଯାଏ । ଯେପରି ହନୁମାନ ଆସିଥିଲା ରାମଚନ୍ଦ୍ରଙ୍କ ନିକଟକୁ ମନ୍ତ୍ରୀ ହେବା ଆଶାରେ । କିନ୍ତୁ ପରେ ରାମଚନ୍ଦ୍ରଙ୍କୁ ଏପରି ଭଲ ଲାଗିଗଲା ଯେ ମନ୍ତ୍ରୀ ହେବାର କଥା ତା'ର ଆଉ ଭଲ ଲାଗୁ ନଥିଲା । ଭାବୁଥିଲା — 'ଦୂର ପାଉଁଶ ! ପୁଣି କାହାର ମନ୍ତ୍ରୀ ହେବାକୁ ଯିବି ପ୍ରଭୁଙ୍କୁ ରଖି ?' ସେଇଟାହିଁ ତା' ନିକଟରେ ଭଲ ହେଲା — ବାଜେ ଆଶା ଖସି ପଡ଼ିଲା ।

(ଆଲୋଚନା-ପ୍ରସଙ୍ଗ, ୧୬ଶଖଣ୍ଡ, ତା୨୮.୦୩.୧୯୪୯ରିଖ)

ସମ୍ବିତୀ

କର୍ମ

॥ ଯେତେବେଳେ ହିଁ କର୍ମ ଚାଲିଥାଏ...!

ଯେତେବେଳେ ହିଁ କର୍ମ ଚାଲିଥାଏ —
ଧର୍ମକୁ ପରିପାଳନ, ପରିପୋଷଣ ଓ ପରିପୂରଣରେ —
ଉତ୍ସାରିତ କରି — ପ୍ରତିପଦକ୍ଷେପରେ, —
ସାର୍ଥକ ହୋଇଉଠେ ସେ ସେତେବେଳେହିଁ —
ସମନ୍ୱୟୀ ସାମଞ୍ଜସ୍ୟ ଭିତର ଦେଇ —
ଚତୁର୍ବର୍ଗରେ — ଧର୍ମ, ଅର୍ଥ, କାମ, ମୋକ୍ଷରେ । ୪ ।

॥ ସାଂସାରିକ କାର୍ଯ୍ୟ ॥

ସାଂସାରିକ କାର୍ଯ୍ୟହିଁ ହେଉ
ବା ଯେକୌଣସି ବ୍ୟାପାରହିଁ ହେଉ, —
ଯେ କୌଣସିକିଛିକୁ ଧରି ବାସ୍ତବରେ,
ସମୟମୁତାବିକ କୃତକାର୍ଯ୍ୟ ହୋଇପାରେନା,
ପ୍ରଚେଷ୍ଟା ଯା'ର ନିରବଚ୍ଛିନ୍ନ ନୁହେଁ —
ସମୁଚିତ ବୁଦ୍ଧି ନେଇ,
ସେ କେଉଁଠି ହେଲେ ବି କୃତକାର୍ଯ୍ୟ ହିଁ ହୋଇପାରେ କମ୍ —
ଧର୍ମ-କର୍ମ ତ ଦୂରର କଥା । ୫ ।

॥ ଉଦ୍ଦେଶ୍ୟ ପରିପୂରଣରେ ॥

ଯେକୌଣସି ଉଦ୍ଦେଶ୍ୟ ପରିପୂରଣ-ମାନସରେ
ଯଦି କେଉଁଠାକୁ ଯାଅ —
ଆଗରୁ ହିସାବ କରି ନିଅ,
କେଉଁଠିକି ଗଲେ ତା'ର ପରିପୂରଣ ହୋଇପାରେ;
ବା ପରିପୂରଣୀ ସୂତ୍ର ମିଳିପାରେ;
ଅନ୍ତରରେ ଅନୁଧାବନ କରି
ତୁମର ପ୍ରୟୋଜନଗୁଡ଼ିକର ଏଭଳି
ବିହିତ ବିନ୍ୟାସ କରିତୋଳ —
ଯଦ୍ୱାରା ସମସ୍ତଙ୍କୁ ଅନୁପ୍ରାଣିତ କରି
ତୋଳିପାରି ସେଥିରେ —
ସିଦ୍ଧିର ସାଥୀ କରି ନେଇପାର ସେମାନଙ୍କୁ;
ଆଉ, ଏପରିଭାବରେହିଁ ଚଳିବ ତା କହିବ —
ଯେପରି ତା'ର ପ୍ରତିକ୍ରିୟା
ବ୍ୟର୍ଥତାକୁ କଦାପି ଡ଼ାକି ଆଣି ନପାରେ; —
ଚାଲିଚଳନରେ ଏପ୍ରକାରର ମିତାଳି ନେଇ
ଯେତେହିଁ ମଣିଷର ଶ୍ରଦ୍ଧାର୍ହ ହୋଇ ଚାଲିପାରିବ,
ଲୋକାୟତ୍ତ କୃତିତ୍ୱବି ହୋଇଉଠିବ ସେପ୍ରକାର । ୧୨ ।

॥ ମୂଳ ପୋଷଣୀ ଅଭିଯାନ ॥

ଯାହାକିଛି କରନା କାହିଁକି,
ଯେଉଁ ବ୍ୟାପାରରେ ଯାଅ ନା କାହିଁକି —
ସବୁକିଛି ଯେଭଳି ତୁମର ମୂଳକୁ ହିଁ ପରିପୁଷ୍ଟ କରେ, —
ତୁମର ଚାଲିବା, କହିବା ଓ କରିବା ମଧ
ଏପରିଭାବେ ହିଁ ଯେପରି ସାର୍ଥକ ଔତ୍କ୍ରାନ୍ତ୍ୟସମ୍ପନ୍ନ ହୁଏ, —
ସାର୍ଥକ ହେବ;
ନବୁବା, ବିକ୍ଷେପରେହିଁ ଅବସାନ କିନ୍ତୁ, —
ମନେରଖ, — ବୁଝିଚାଲ । ୬ ।

॥ ଯୋଗସୂତ୍ର ସ୍ଥାପନରେ ॥

କେଉଁଠାକୁ ଗଲେ —
ତୁମର କି କି ପ୍ରୟୋଜନ, —
କେଉଁ କାମରେ କ'ଣ କ'ଣ ଲାଗିବ,
ନିଜ ଅନ୍ତରରେ ତାହା ଅନୁଧାବନ କରି
ଖବର ନିଅ ସବୁଟାରହିଁ —
ଯଥାବିହିତ ଯୋଗସୂତ୍ରସହକାରେ;
ଆଉ, ତା' ଭିତର ଦେଇହିଁ
ତୁମ ପକ୍ଷରେ ବିହିତ ଯା' ଯା' —
ଯଥାଯଥ ଯେପରି ବ୍ୟବସ୍ଥା କରିପାର —
ସେଥିରେ ତ୍ରୁଟି କରନା; —
ବିବେଚକ ହୋଇଚାଲ —
ବେକୁବ ବି ହେବାକୁ ଯାଅନା — ବ୍ୟର୍ଥ ବି ହେବାକୁ ଯାଅନା;

ସବୁ ସମୟରେ ଚେଷ୍ଟା କର
ସବୁ ବିଷୟର ଊର୍ଦ୍ଧ୍ୱରେ ରହି
ତା'କୁ ନିୟନ୍ତ୍ରଣ କରିବାକୁ,—
ନଜର ରଖ, ଅବସ୍ଥା ତୁମକୁ
ଯେପରି ବେଫାଁସରେ ନ ପକାଏ । ୧୧ ।

॥ ଆକାଂକ୍ଷା ଓ ଆଗ୍ରହ ॥

ଆକାଂକ୍ଷା ଥିଲେବି— ଯେଉଁଥିରେ ଆଗ୍ରହ ନ ଥାଏ,
ପ୍ରଚେଷ୍ଟା ସେଠାରେ ଶ୍ଳଥ ହୋଇହିଁ ଚାଲେ,—
ମୁହ୍ୟମାନ ସକ୍ରିୟତା
ଅବଶୋଷର ବୋଝ ଟାଣି
ପ୍ରାପ୍ତି-ଆକାଂକ୍ଷାକୁ ଉପହାସାସ୍ପଦ କରିତୋଳେ;
ତେଣୁ, ଯା'ବି ଚାହଁ,— ତା' ଲାଗି ବିହିତ କରଣୀୟ ଯା'
ସାଗ୍ରହରେ ତା' ସମୟମାଫିକ କର—
ପ୍ରାପ୍ତିବି ତୁମକୁ ଅଭିନନ୍ଦିତ କରି ତୋଳିବ,
ଆକାଂକ୍ଷା ଉପହାସରେ ପର୍ଯ୍ୟବସିତ ହେବନି । ୭ ।

॥ କର୍ମ-ସମ୍ପାଦନ ପୂର୍ବରୁ ପ୍ରସ୍ତୁତି ॥

କେଉଁ ସମୟରେ କ'ଣ ଚାହଁ—
ଆଉ, କିପରିଭାବେ ତା' ହୋଇପାରେ—
ମନରେ ତା' ଭଲକରି ଆଙ୍କି ନିଅ;
ଯେପ୍ରକାର ଚଳନରେ ଯା' ସମୟମାଫିକ ସମାଧା କରାଯାଏ
ତା'ଠାରୁ ବି ଅଧିକ କ୍ଷିପ୍ରତାରେ ଲାଗିଯାଅ—
ତା'ର ବାସ୍ତବୀକରଣରେ— ବିହିତଭାବରେ;
ଆଉ, ଏଭଳି ଚଳନରେ ଯଦି ଅଭ୍ୟସ୍ତ ହୋଇପାର—
ସମସ୍ତ ଉପକରଣ ନେଇ,
ତେବେ ଯାଇ ସାର୍ଥକ ହେବା ସମ୍ଭବ—
ନୁହେଁତ, ସାଫଲ୍ୟ ସୁଦୂରପରାହତ । ୮ ।

॥ ସଂକଳ୍ପ ॥

ଯାହା କରିବାକୁ ଯା' ଯା' ଦରକାର—
ବା ଯା' ଯା' ଦେଇ ଯେ କାର୍ଯ୍ୟ କରିବାକୁ ପଡ଼େ,
କରିବାର ପୂର୍ବାହ୍ଣରେହିଁ
ଯଥାବିହିତ ପରୀକ୍ଷା କରି ଦେଖିନିଅ—
ସେଗୁଡ଼ିକ ଯଥାଯଥ କାର୍ଯ୍ୟକ୍ଷମ ଅଛି କି ନାହିଁ,
ଏପରିଭାବେ କାମରେ ଓହ୍ଲାଅ—
ଅନେକ ଝଞ୍ଝଟର ଦାୟରୁ ନିଜକୁ ଏଡ଼ାଇପାରିବ,
ନାକାଲ ହେବ କମ୍,
କୃତକାର୍ଯ୍ୟ ବି ହେବ—
ଯଦି ସେପରିଭାବରେ କର ତା';—
ସଂକଳ୍ପ ମାନେହିଁ କିନ୍ତୁ ଏତେଟା । ୯ ।

॥ ନିର୍ଲିପ୍ତ ହୋଇ କର୍ମ କର ॥

ଯେଉଁଠାକୁ ଯାଅ—
ଯେକୌଣସି ବିଷୟ ବା ଘଟଣାର
ସମ୍ମୁଖୀନ ହୁଅନା କାହିଁକି—
ହୁସିଆର ରହି ଖବର ନିଅ ତା'ର—
ବିଶଦଭାବରେ,— ସପର୍ଯ୍ୟାୟରେ,— ସ୍ୱଚ୍ଛରେ,
ବାସ୍ତବ ସହିତ ସଂଯୋଗ ରଖି—
ନିଜେ ରଙ୍ଗିଜ ନ ହୋଇ ଅର୍ଥାତ୍ ନିଜକୁ ନିର୍ଲିପ୍ତ ରଖି;
ତୁମର କ'ଣ କରିବାକୁ ହେବ ସେଥିରେ
ବା କିଛି କରିବା ଉଚିତ କି ନା—
ତୁମର ଆଦର୍ଶପୋଷଣୀ ମାପକାଠିରେ
ତା' ହିସାବ କରି ନେଇ,
ପଥ ଖୋଜି ନିଅ ତା' ଭିତର ଦେଇ;—
ନିୟନ୍ତ୍ରଣରେ— ଚେଷ୍ଟା କର ନିର୍ଭୁଲ ହେବାକୁ—
ଯେତେଟା ସମ୍ଭବ,—
ପଥ ହେବ ନିର୍ଭୁଲ ଯଥାସମ୍ଭବ । ୧୦ ।

॥ ଯା' ସତ୍‌ପ୍ରଧାନ ତା' ସ୍ଥାୟୀ- ଦୀପକ ॥

ସବୁ ସକ୍ରିୟଭାବେ ବା କର୍ମରହିଁ ଗୋଟେ ଔତ୍କଲ୍ୟ ଅଛି;—
ଯା' ସତ୍‌ପ୍ରଧାନ ତା' ସ୍ଥାୟୀ— ଦୀପକ,
ଯା' ଅସତ୍-ପ୍ରଧାନ ତା'
ସହଜରେହିଁ ଜଳି ନିଃଶେଷ ହୋଇଯାଏ;—
ତେଣୁ, ଯା' ବି କର—
ସତ୍‌କୁ ଭିତ୍ତି କରି ହିଁ ଚାଲ,
ଔତ୍କଲ୍ୟ ବି ଅଧିକତର ହୋଇ ଚାଲିବ—
ସମର୍ଦ୍ଧନାରେ । ୧୭ ।

(ସମ୍ପିଟା)

ଚଳାର ସାଥୀ

ଆତ୍ମମୁଖୀ ସ୍ୱାର୍ଥରେ ବ୍ୟର୍ଥତା

॥ ନୀତି କାହାକୁ ବାଧ କରେନା ॥

ସୁନୀତି ବା ସୁନିୟମ
କାହାକୁବି ଜବରଦସ୍ତି କରି
ନିଜର ଅନୁସରଣ କରାଇବାକୁ ଚାହେଁନା;—
କିନ୍ତୁ ଯେ ମଙ୍ଗଳ ଚାହେଁ—
ସେ ଯଦି ଅନୁସରଣ କରେ,
ମଙ୍ଗଳ ତାହାକୁ ନନ୍ଦିତ କରିବହିଁ—
ସନ୍ଦେହ ନାହିଁ ! ୩୦୬ ।

॥ ଜାତିର ବନ୍ଧନରେ ଋଷି ଓ ନୀତି ॥

ଆଚାର୍ଯ୍ୟ ଋଷିମାନେ ଅନ୍ଧ
ଓ ଅନ୍ୟାଯ୍ୟ ମୌଳିକତା ପକ୍ଷପାତୀ ଥିଲେ
ବୋଲି
କୌଣସିମତେହିଁ ବୁଝି ପାରିହୁଏନା;—
ଯେତେବେଳେହିଁ ଯେଉଁ କାର୍ଯ୍ୟଦ୍ୱାରା
ଆଦର୍ଶ ଓ କୃଷ୍ଟିର ସହିତ
ଜୀବନ ଓ ବର୍ଦ୍ଧନ
ବିପର୍ଯ୍ୟସ୍ତ ହୋଇ ପଡୁଥିଲା
ତାହା ପୁନର୍ବାର ଲାଭ କରିବା
ଯେଉଁଥିରେ କଠିନ ବା ଅସାଧ୍ୟ ବୋଲି
ବିବେଚିତ ହେଉଥିଲା
କେବଳ ସେଇଗୁଡ଼ିକହିଁ
ଜାତିପାତର କାରଣ ବୋଲି
ନିର୍ଦ୍ଦେଶ କରି
ସେମାନେ ତଦୁପରହିଁ ବ୍ୟବସ୍ଥାଦିର
ପ୍ରଣୟନ କରିଥିଲେ;
ସାଧାରଣ ଅନ୍ନପାନୀୟରେ
ଜାତି ବିଧ୍ୱସ୍ତ ହେଉଥିଲା ବୋଲି
ମନେ ହୁଏନା,—
ତେବେ କୌଣସି ବ୍ୟକ୍ତିଗତ ପ୍ରତିବନ୍ଧକ ନ ଥିଲେ
ଶ୍ରେଷ୍ଠ
ସାଦର ସମର୍ଦ୍ଧନାରେ
ଅର୍ଘ୍ୟାଦିଦ୍ୱାରା ଅଭ୍ୟର୍ଥିତ ହୋଇ
ତୁଷ୍ଟିର ସହିତ
ଶ୍ରେଷ୍ଠତରର ଶୁଚି ଓ ସଦିଚ୍ଛାପ୍ରଣୋଦିତ
ଅନ୍ନଜଳାଦି ଗ୍ରହଣ କରୁଥିଲେ—
ଏହାହିଁ ଶାସ୍ତ୍ରର ନୀତି ଦେଖାଯାଏ;
ଏପରିକି ଶୂଦ୍ର ଯଦି ବହୁକାଳଯାବତ୍
ଦ୍ୱିଜମାନଙ୍କ ପରିବାରରେ
ସେବାରତ ହୋଇ ପ୍ରତିପାଳିତ ହୁଏ—
ଶାସ୍ତ୍ରରେ ସେମାନଙ୍କର ଶୁଚି ଓ ସଦିଚ୍ଛାପ୍ରଣୋଦିତ ଅର୍ଘ୍ୟ
ଓ ସମର୍ଦ୍ଧନାରେ ଉଦ୍ଦୀପ୍ତ ଅନ୍ନପାନାଦି
ଗ୍ରହଣ କରିବାର ବ୍ୟବସ୍ଥା
ଋଷିମାନଙ୍କର ବିଧି ଓ ବଚନ ଭିତରେହିଁ
ସ୍ପଷ୍ଟ ରୂପେ ଦେଖିବାକୁ ମିଳେ;
ତେଣୁ ମନେହୁଏ
ଗୋଟେ ଭଙ୍ଗପ୍ରବଣ ମୌଳିକତା, ଫୁତ୍‌କାରରେ ଜାତିପାତ,
ଧର୍ମନାଶ ଇତ୍ୟାଦି ଭୟରେ ଶଙ୍କିତ,
ହୀନତାରେ ଅଭିଷିକ୍ତ
ଦୁର୍ବଳ, ବିଧିନିଷେଧପରାୟଣ ଏହି ଜାତି ଥିଲା
ବା ଏବେ ଅଛି
ଏହା ସ୍ୱପ୍ନରେ ବି ଭବା ଯାଏନା !-
ଠିକ୍ ଜାଣ—
ତୁମର ଆଦର୍ଶ, କୃଷ୍ଟି, ଜୀବନ, ଜନନ ଓ ବୃଦ୍ଧିର
କ୍ଷତିଜନକ—
ଯେଉଁଥିରେ ଏଗୁଡ଼ିକ ବିଧ୍ୱସ୍ତ ଓ ବିପର୍ଯ୍ୟସ୍ତ ହୁଏ
ଏହିଭଳି କିଛି ନ ଘଟିଲେ
କିମ୍ବା
ଅତ୍ୟନ୍ତ ଆପଦରେ ଅସ୍ତିତ୍ୱ-ରକ୍ଷାର୍ଥେ ଯଦି
ଏଥିରେ କଥାଞ୍ଚିତ୍ ଅପଲାପବି ଘଟେ
ତାହା ହେଲେବି—
ତୁମର ଜାତି ଅକ୍ଷୁଣ୍ଣ—

ନି-ନଡ଼ ସୂର୍ଯ୍ୟଙ୍କ ଭଳି ଜାଜ୍ୱଲ୍ୟମାନ—
ଶାସ୍ତ୍ର ତାରସ୍ୱରରେ
ଅକମ୍ପିତ ଭଙ୍ଗିତରେ
ଏହାହିଁ ଘୋଷଣା କରିଛି ! ୩୦୭ ।

॥ ଅନୁତାପ ॥

ତୁମେ ଯଦି କାହାକୁବି
କୌଣସିପ୍ରକାରେ
ବେଦନା ଦେଇଥାଅ—
ତୁମର ସହାନୁଭୂତିକୁ ଅବଲମ୍ବନ କରି,
ତାହାର ଅବସ୍ଥାରେ ଠିଆହୋଇ
ସମବେଦନାରେ ତାହାର ବେଦନାକୁ
ବୁଝି ନେଇ
ବେଦନାତପ୍ତ ହୋଇ
ଅନୁତପ୍ତ ହୁଅ,—
ଆଉ, ତୁମକୁ ଏପରିଭାବେ ନିୟନ୍ତ୍ରିତ କର
ଯେପରି ତୁମେ ପୁନରାୟ
ଏପରିଭାବେ—
ଯେଉଁଥିରେ ମଣିଷ ବେଦନା ପାଏ ସେଥିରୁ
ଚିରଦିନ ପାଇଁ
ଅପସାରିତ ହୋଇପାର,—
ଦେଖିବ— ଦେବତ୍ୱ ତୁମକୁ
ବନ୍ଦନାରେ,
ଅଭିଷିକ୍ତ କରି ତୋଳିବ । ୩୦୮ ।

॥ ତେଜ ଓ କ୍ରୋଧ ॥

ନିରବଚ୍ଛିନ୍ନ ଶିହରଣ-ହୃଷ୍ଟ କ୍ଷୁଧିତ ଆବେଗକୁହିଁ
ତେଜ କୁହାଯାଏ—
ଆଉ,
ଏହି ତେଜହିଁ
ଉଦ୍ୟମକୁ ଆମନ୍ତ୍ରଣ କରି
କର୍ମ-ସାର୍ଥକତାରେ
ମଣିଷକୁ
ପାରିପାର୍ଶ୍ୱିକରେ
ଦୀପ୍ତ କରି ତୋଳେ;
ଆଉ,
କ୍ରୋଧ
ଉଦ୍ୟମକୁ ଭସ୍ମାଚ୍ଛନ୍ନ କରି
ବିଷାଦ-ନିମନ୍ତ୍ରଣରେ
ମଣିଷକୁ
ଅବସନ୍ନତାରେ ଅବଶ କରି ପକାଏ—
ତେଣୁ,
ତେଜସ୍ୱିତା-ଭ୍ରମରେ
କ୍ରୋଧକୁ ଡ଼ାକି ଆଣି
ନିଜକୁ ବିପନ୍ନ କରି ତୋଳନା ! ୩୧୧ ।

॥ ଆତ୍ମମୁଖୀ ସ୍ୱାର୍ଥରେ ବ୍ୟର୍ଥତା ॥

ସ୍ୱାର୍ଥ ଯେଉଁଠାରେ ନିଜକୁ ହିଁ ଲକ୍ଷ୍ୟ କରେ
ଅଥଚ ଯାହାଠାରୁ ସିଦ୍ଧ ହୋଇଛି
ତାହାର ଜୀବନ ଓ ବର୍ଦ୍ଧନରେ
ଉଦାସୀନ, ସହାନୁଭୂତିହୀନ
ବା ତତ୍‌ପ୍ରତି ଭୁକ୍ଷେପବି କରେନା,—
ତାହା ଯେ ବ୍ୟର୍ଥତା ଓ ମରଣର ଅଚିର-ନିମନ୍ତ୍ରକ
ସେ ସମ୍ବନ୍ଧରେ ଆଉ କ'ଣ ଭ୍ରାନ୍ତି ଥାଇପାରେ ?
ଆଉ, ଏ ସମଷ୍ଟିରେ ବି ଯେପରି, ବ୍ୟଷ୍ଟିରେବି ସେପରିହିଁ;—
ଯଦି ଜୀବନହିଁ ଚାହଁ ଆଉ ବୃଦ୍ଧିହିଁ ଚାହଁ
ବା ଶ୍ରୀକୁହିଁ ଚାହଁ—
ତେବେ ଆତ୍ମମୁଖୀ ସ୍ୱାର୍ଥକୁ ଲକ୍ଷ୍ୟ ନ କରି,
ପର ଓ ପାରିପାର୍ଶ୍ୱିକର ସ୍ୱାର୍ଥରେ,
ଆଶା ନ ରଖି, କୃତ-ତତ୍‌ପର ହୁଅ;—
ଦେଖିବ— ନ ପାଇବାର ଦ୍ୱନ୍ଦ୍ୱଠାରୁ ମୁକ୍ତ ହୋଇ
ସର୍ବବିଧ ପାଇବାରେ
ପ୍ରତିଷ୍ଠାଲାଭ କରିବହିଁ କରିବ ! ୩୧୨ ।

॥ ଚିରରୁଗ୍ନ ଯଶ ॥

ମାନ ଯା'ର କ୍ଷଣଭଙ୍ଗୁର
ଯଶ ତା'ର ଚିରରୁଗ୍ନ ! ୧୩୮ ।

(ଚଳାର-ସାଥୀ)

ବର୍ଣ୍ଣାଶ୍ରମ

ବର୍ଣ୍ଣାଶ୍ରମିକ ସମାଜ-ବ୍ୟବସ୍ଥା

ଶ୍ରୀଶ୍ରୀଠାକୁର— ଆମମାନଙ୍କ society (ସମାଜ)କୁ ଏପରିଭାବେ ତିଆରି କରିବାକୁ ହେବ ଯେପରି ପ୍ରତ୍ୟେକ ପ୍ରତ୍ୟେକର interest (ସ୍ୱାର୍ଥ) ହୋଇ ଉଠନ୍ତି ଏବଂ ଆମମାନଙ୍କର run of life (ଜୀବନଗତି) towards liberty (ବୃଦ୍ଧିର ଦିଗରେ) moulded (ନିୟନ୍ତ୍ରିତ) ହୁଏ । Growth (ବୃଦ୍ଧି) ନ ରହିଲେ liberty (ସ୍ୱାଧୀନତା) ବୋଲି ଜିନିଷ ରହେନା । ଆଉ growth (ବୃଦ୍ଧି)ଟା consummated (ପୂର୍ଣ୍ଣତାପ୍ରାପ୍ତ) ହୁଏ Lord (ପରମପୁରୁଷରେ)ରେ । ଆଉ, ଏପରି କରି ଦୁନିଆ ଭଗବାନଙ୍କ ଦିଗରେ ଆଗେଇ ଯାଏ । ଆଉ, ସେଇଟା କରିବାକୁ ଗଲେ grouping of varieties of similar instincts (ସମଜାତୀୟ ବୈଶିଷ୍ଟ୍ୟର ଗୁଚ୍ଛବିଭାଗ ଅର୍ଥାତ୍ ବର୍ଣ୍ଣବିଭାଗ) କରିବା ଦରକାର । ସେଥିରେ biolofical efficiency (ଜୈବ ଦକ୍ଷତା) ବଢ଼େ, unemployment (ବେକାରତ୍ୱ) ଦୂର ହୁଏ, mutual co-operation (ପାରସ୍ପରିକ ସହଯୋଗିତା) ଆସେ, ପ୍ରତ୍ୟେକେ ପ୍ରତ୍ୟେକଙ୍କ ପ୍ରତି directly interested (ପ୍ରତ୍ୟକ୍ଷଭାବେ ସ୍ୱାର୍ଥାନ୍ୱିତ) ହୁଅନ୍ତି, individual personality (ବ୍ୟଷ୍ଟି-ବ୍ୟକ୍ତିତ୍ୱ) ଓ collective personality (ସମଷ୍ଟି-ବ୍ୟକ୍ତିତ୍ୱ) ଦୁଇଟିହିଁ growth କରେ (ବଢ଼ି ଉଠେ) । ମନେରଖିବାକୁ ହେବ, ବ୍ୟଷ୍ଟି ସଙ୍ଗେ ସମାଜର organic relationship (ଅଙ୍ଗାଙ୍ଗୀ ସମ୍ବନ୍ଧ), ପ୍ରତ୍ୟେକଟି ମଣିଷହିଁ ସମାଜ-ଶରୀରର ଗୋଟେ ଅପରିହାର୍ଯ୍ୟ କୋଷ, ତେଣୁ କାହାକୁ ବାଦ ଦେବା ବା ଉପେକ୍ଷା କରିବାର ଜୁ ନାହିଁ । ଗୋଟେ ଲୋକର ବଞ୍ଚିବା-ବଢ଼ିବା ବି ଯଦି ଉପେକ୍ଷିତ ହୁଏ, ସମାଜ ମଧ୍ୟରେ ସେତେଦୂର ଭୁଲ ଅଛି ବୁଝିବାକୁ ହେବ ଏବଂ ସମାଜବି ସେଥିରେ ସେତେଦିନ କ୍ଷତିଗ୍ରସ୍ତ ହେବ । ଗୋଟେ ସଭାବି ଉପେକ୍ଷଣୀୟ ନୁହେଁ, ପ୍ରତ୍ୟେକହିଁ ଏକ ବିଶେଷ ବୈଶିଷ୍ଟ୍ୟର ପ୍ରତୀକ । ତା'ର ସେଇ ବୈଶିଷ୍ଟ୍ୟ ଯେପରି ସ୍ଫୁରିତ ହୋଇ ସମାଜର କାମରେ ଲାଗେ, ସେହିଭଳି nurture (ପୋଷଣ) ଓ adjustment (ବିନ୍ୟାସ)ର ବ୍ୟବସ୍ଥା ସମାଜକୁହିଁ କରିବାକୁ ହେବ । ଅଯୋଗ୍ୟ ଯେଉଁମାନେ, ଅସର୍ ଯେଉଁମାନେ ସେମାନଙ୍କର ଶିକ୍ଷା ଓ ସଂଶୋଧନର ବ୍ୟବସ୍ଥାବି ସମାଜ ଓ ରାଷ୍ଟ୍ରକୁ କରିବାକୁ ହେବ । ଏଥିରେ ସମାଜ-ରାଷ୍ଟ୍ରରେ heaven (ସ୍ୱର୍ଗ) ଆସି ଦେଖା ଦେବ ।

ମିଃ. ଟେନିସନ— ସମଜାତୀୟ ବୈଶିଷ୍ଟ୍ୟ-ଅନୁଯାୟୀ ଗୁଚ୍ଛ-ବିଭାଗ ଜିନିଷଟା କ'ଣ ? ଏବଂ ତା' କରିବାକୁ ହେବ କିପରି ଭାବେ ?

ଶ୍ରୀଶ୍ରୀଠାକୁର— ଯେପରି ଗଛ, ଗୋରୁ, ମେଣ୍ଢା, କୁକୁଡ଼ା ମଧ୍ୟରେ variety (ନାନାରକମ) ଅଛି, ମଣିଷ ମଧ୍ୟରେବି ସେପରି ଅଛି । ଏହା ପଛରେ ରକମାରୀ instinct (ସହଜାତ ସଂସ୍କାର) ଅଛି । Instinct (ସହଜାତ ସଂସ୍କାର) ଆତ୍ମପ୍ରକାଶ କରେ activity (କର୍ମ)ରେ । ଏହି instinct (ସହଜାତ ସଂସ୍କାର) ଅନୁଯାୟୀ ସମାଜର ଶ୍ରେଣୀବିଭାଗ କରି ଯଦି କର୍ମର ବ୍ୟବସ୍ଥା କରାଯାଏ, ତେବେ ବ୍ୟକ୍ତିବି efficient (ଦକ୍ଷ) ହୁଏ ଏବଂ ସମାଜବି ପ୍ରତ୍ୟେକର efficient service (ଦକ୍ଷ ସେବା) ପାଇବା ଫଳରେ ବୃଦ୍ଧିର ପଥରେ ଯାଏ । ଜନ୍ମଗତ କ୍ଷମତାର ଅପବ୍ୟୟ ହୁଏନା । ଅସୁସ୍ଥ ପ୍ରତିଯୋଗିତାର ଲଢ଼େଇବି କମିଯାଏ । ଯା'ର ଯେଉଁଠାରେ ସ୍ଥାନ ସେ ସେଠାରେହିଁ ସନ୍ତୁଷ୍ଟ ଥାଏ । ରାଷ୍ଟ୍ରୀୟ, ସାମାଜିକ ଓ ଅର୍ଥନୈତିକ ଜୀବନରେ ଶାନ୍ତି ଆସେ, ସ୍ଥୈର୍ଯ୍ୟ ଆସେ, ସାମଞ୍ଜସ୍ୟ ଆସେ— ଶୁଭ ସନ୍ଧୀପନା ନେଇ । .....

ମିଃ ଟେନିସନ ପୂର୍ବ କଥାର ସୂତ୍ର ଧରି ପ୍ରଶ୍ନ କରିଲେ— ଯେଉଁ ଭାଗ ହେବ ସେଇଟା କ'ଣ ବଂଶପରମ୍ପରାରେ ଚାଲିବ ?

ଶ୍ରୀଶ୍ରୀଠାକୁର— There should be biological evolution of superior qualities (ଉନ୍ନତ ଗୁଣର ଜୀବବିଦ୍ୟାସମ୍ମତ ବିବର୍ତ୍ତନ ହେବା ଉଚିତ) । ତା' ହେବାକୁ ଗଲେହିଁ ବଂଶାନୁକ୍ରମିକ ଜୀବିକା ହେବା ଦରକାର । ଅନେକ ପୁରୁଷ ଧରି ଗୋଟେ କାମ କରି କରି ସାଧାରଣତଃ ସନ୍ତାନ ଜନ୍ମସୂତ୍ରରେହିଁ ସେଇ କାମର ଗୋଟେ ବିଶେଷ knack (ନୈପୁଣ୍ୟ) ପାଇଯାଏ । ତା'ର ଦାମ ଅସାଧାରଣ । ଯେପରି ଆମ ଦେଶରେ ଆଗେ ଥିଲା ତାଳାଇ ମସ୍‌ଲିନ । ଦଳେ ବିଶେଷ ତନ୍ତୀ ପୁରୁଷ-ପରମ୍ପରାରେ ଏହି କାମ କରୁଥିଲେ । ସେମାନେ ହାତ ଦେଇ ଯେଉଁ ସୂକ୍ଷ୍ମ କାମ କରୁଥିଲେ, ତା'ର ତୁଳନା ହିଁ ହୁଏନା । ସବୁ ତନ୍ତୀ କିନ୍ତୁ ଏପରି ପାରୁ ନଥିଲେ । ଯେପରି କୁତୁବମିନାରର ପାଖର ଲୌହସ୍ତମ୍ଭରେ କାଳେ rust (କଳଙ୍କି) ଲାଗେନା, ଏକହିଁ ପ୍ରକାର ବରାବର । ହୁଏତ ଏପରି ଦଳେ ଥିଲେ, ଯେଉଁମାନେ ଜାଣିଥିଲେ ଏହାର secret (ରହସ୍ୟ) । ଦଳେ ସ୍ତପତିଙ୍କ କଥା ଶୁଣାଯାଏ, ସେମାନେ କାଳେ ଏହିଭଳି ବକ୍ରଲେପ ତିଆରି କରିଥିଲେ ଯେଉଁଥିରେ ପଥର ସଙ୍ଗେ ପଥରର ଅଚ୍ଛେଦ୍ୟ ସମ୍ବନ୍ଧ ହୋଇଯାଏ । କେବେବି ତା' ନଷ୍ଟ ହୁଏନା ।

ମିସେସ୍ ଟେନିସନ— ଜଣେ ଦକ୍ଷ ହେଲେ ତା'ର ଦକ୍ଷତା ଯେ ସନ୍ତାନ-ପରମ୍ପରାରେ ସଞ୍ଚାରିତ ହେବ— ତାହା ନ ହୋଇ

ବି ପାରେ ।

ଶ୍ରୀଶ୍ରୀଠାକୁର— ପୁରୁଷ ଯଦି ଉନ୍ନତ-ଯୋଗ୍ୟତାସମ୍ପନ୍ନ ହୁଏ, ତା'ର ବିବାହ ଯଦି ବିଧିମାଫିକ ସୁସଙ୍ଗତ ହୁଏ, ସେମାନଙ୍କ ମଧ୍ୟରେ ଯଦି ardent love (ଉଦଗ୍ର ଭଲପାଇବା) ଥାଏ ଏବଂ ସେମାନେ ଉଭୟେ ଯଦି ଜଣକୁ ଭଲପାଇ ତାଙ୍କୁ fulfil (ପରିପୂରଣ) କରିବାର active urge (ସକ୍ରିୟ ଆକୂତି) ନେଇ ଚାଲନ୍ତି— ଉତ୍କର୍ଷ ଆହରଣ କରି କରି, — ତେବେ ସନ୍ତାନ କେବଳ ବାପାଙ୍କଠା ପାଏନା, ଆହୁରି ଉନ୍ନତ ହୁଏ । ଏପରି କରି ବଂଶ-ପରମ୍ପରାରେ from higher to higher (ଉଚ୍ଚତରରୁ ଉଚ୍ଚତରକୁ) ଚାଲେ ।

ମିସେସ୍ ଟେନିସନ— ଏଥିରେ ଯେ ସନ୍ତାନ ଉନ୍ନତତର ହୁଏ, ତା'ର ବୈଜ୍ଞାନିକ ପ୍ରମାଣ କ'ଣ ? ଆଉ, ସନ୍ତାନ ଯଦି ଉନ୍ନତତର ହୁଏ, ତା' ବଂଶାନୁକ୍ରମିକତା ଯୋଗୁଁ, ନା ପରିବେଶ ଯୋଗୁଁ, ତା'ହିଁ ବା ବୁଝାଯିବ କିପରି ?

ଶ୍ରୀଶ୍ରୀଠାକୁର— Science (ବିଜ୍ଞାନ) ଯଦି ଏ କଥା ନ ଜାଣିଥାଏ, ତେବେ ଜାଣିବ ଯଦି ଏ ପଥରେ ଚାଲେ । ତା'ର କାରଣ, ଏଇଟା ଗୋଟେ fact (ବାସ୍ତବ ବ୍ୟାପାର) । Environment (ପରିବେଶ)ର impulse (ସାଡ଼ା) ମନ ଉପରେ ପଡ଼ି ତରଙ୍ଗ ତୋଳେ according to our receptive capacity and instinct (ଆମମାନଙ୍କର ଗ୍ରହଣକ୍ଷମତା ଓ ସହଜାତ-ସଂସ୍କାର-ଅନୁଯାୟୀ) । ତେଣୁ ଆମମାନଙ୍କର ଅନ୍ତରରେ ଯଦି ଏହିଭଳି କୌଣସି ମାଲମସଲା ନ ଥାଏ ଯେଉଁଥିରେ ତା' receive (ଗ୍ରହଣ) କରି adjust (ନିୟନ୍ତ୍ରଣ) କରିପାରେ, ତେବେ କିଛି ହେବ ନାହିଁ । Environment (ପରିବେଶ)ରୁ ମଣିଷ ତାହାହିଁ receive (ଗ୍ରହଣ) କରେ, ଯା' ତା' ଭିତରେ ଅଛି । ଜଣେ ହୁଏତ ପରିବେଶ ଭିତରୁ ଖୋଜି ଜଣେ ଗଞ୍ଜୁଡ଼ିଆ ବାହାର କରି ନେଇ ଗଞ୍ଜେଇ ଖାଇବା ଶିଖିବ । ପଚିଶ ଜଣ ମଣିଷଙ୍କୁ ଏକହିଁ ପରିବେଶରେ ରଖ, ପ୍ରତ୍ୟେକେ ତା' ଭଳି ଗ୍ରହଣ କରି ପଚିଶ ପ୍ରକାର ହୋଇଉଠିବେ ।

ମିସେସ୍ ଟେନିସନ— କେଉଁଥିରେ ଯେ ସନ୍ତାନ ଭଲ ହେବ, ସେ ସମ୍ବନ୍ଧରେ କିଛିହିଁ କୁହାଯାଏନା ।

ଶ୍ରୀଶ୍ରୀଠାକୁର— ସବୁ କିଛିରହିଁ ବିଧି ଅଛି । ସବୁଠାରୁ ବଡ଼ ଜିନିଷ ହେଲା ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସର୍ବାଙ୍ଗୀନ ଓ ଗଭୀର ସଙ୍ଗତି ଓ ସମ୍ପ୍ରୀତି । ମୁଁ ନିଜେ ଦେଖିଛି, ମୁସଲମାନ କୃଷକ, ଲେଖାପଢ଼ା ଜାଣନ୍ତିନି, ବେଶ ଉନ୍ନତ-ଆକୃତିସମ୍ପନ୍ନ ଓ ସତ୍ । ତା'ର ଏବଂ ତା'ର ସ୍ତ୍ରୀ ମଧ୍ୟରେ ଏପରି ମେଳ ଯେ ବିନ୍ଦୁଷ୍ଟାର କୌଣସି ସ୍ଥାନ ନାହିଁ ସେଠାରେ । ଫାଙ୍କ ପାଇଲେହିଁ ସେ ବୁଲି-ବୁଲି କୋର୍ଟକୁ ଯାଏ, ଚାରିଆଡ଼ ଦେଖି-ଶୁଣି, ଜଜସାହେବଙ୍କୁ ଦେଖି ତା'ର ଖୁବ୍ ଶ୍ରଦ୍ଧା ଓ ସମ୍ଭ୍ରମ ହୁଏ, ଘରକୁ ଆସି ସ୍ତ୍ରୀ ନିକଟରେ ଜଜସାହେବଙ୍କର ଗପ କରେ । ସ୍ୱାମୀ-ସ୍ତ୍ରୀ ଉଭୟେହିଁ ଏହିଭଳି ଗୋଟେ ସୁନାର ଚାନ୍ଦ ପୁଅର ସ୍ୱପ୍ନ ଦେଖନ୍ତି । ପରେ ପୁଅ ହେଲା, କି shining (ଦୀପ୍ତିମାନ) ! ଯେପରି ସେମାନଙ୍କର ଚାହିବାର picture (ଛବି) । ସେଇ ପୁଅ ଦେଖୁ ଦେଖୁ ଠେଲି ଉଠିଲା, ଜୀବନରେ ଉନ୍ନତିବି କରିଲା ଖୁବ୍ । ବଂଶର ମୁଖ, ବାପା-ମା'ଙ୍କ ମୁଖ ଉଜ୍ଜ୍ୱଳ କରି ତୋଳିଲା— ସେମାନଙ୍କୁ କେତେ ସୁଖଶାନ୍ତି ଦେଲା ! ପୁଣି ଦେଖୁଛି— ସ୍ୱାମୀ ଆଭାଯୁକ୍ତ ମଣିଷ । ସ୍ତ୍ରୀ ଖୁବ୍ ଝଗଡ଼ାଳୁ, ସ୍ୱାମୀକୁ ଶ୍ରଦ୍ଧା କରେନା, ଆଖି ମେଲାଇ ଦେଖି ପାରେନା, ଝଗଡ଼ାଝାଣ୍ଟି କରେ, ମନରେ କଷ୍ଟ ଦିଏ, ଟଙ୍କା ପାଇଁ ପୀଡ଼ାପିଡ଼ି କରେ— ତା'ର ଗର୍ଭର ପୁଅ ହେଲା ବାପର ଠିକ୍ ଓଲଟା । ... ନିଜେ ପରୀକ୍ଷା କରି ଦେଖିଲେ ହୁଏ । ହୁଏତ ଭଗବାନ ବୁଦ୍ଧଦେବଙ୍କ ଥିୟେଟର ଦେଖିଲେ । ସେଇ ପବିତ୍ରଭାବେ enchanted (ମୁଗ୍ଧ) ହେଲେ ଦୁଇଜଣ । ସେଇ ଅବସ୍ଥାରେ ମିଳନରେ ଗୋଟେ ପୁଅ ଆସିଲା । ତା'ର ପିଲାଦିନରୁ ସେ ହାତ ହଲାଇବ ବେବତାଙ୍କ ଭଳି କରି । Science (ବିଜ୍ଞାନ) ସ୍ୱୀକାର କରୁ ନ କରୁ— ଏଇଟା ଗୋଟେ ଅକାଟ୍ୟ ସତ୍ୟ । ମୋ କଥା ଶୁଣିଲେ ହୁଏତ ମନ ଖରାପ ହୋଇପାରେ । ମୁଁ Christ (ଯୀଶୁଖ୍ରୀଷ୍ଟ)ଙ୍କ ଜନ୍ମ-ସମ୍ବନ୍ଧରେ ଯେପରି ବୁଝେ, ଆଉ ବୁଦ୍ଧିବାଟା ଯେପରି ଜାଣେ, ସେଥିରୁ ମାଲୁମ ହୁଏ, ତାଙ୍କ ବାପ-ମା' ଖୁବ୍ pious (ଧର୍ମପ୍ରାଣ) ଥିଲେ, loving (ପ୍ରେମପ୍ରବଣ) ଥିଲେ । ସେମାନଙ୍କର ବିବାହ-ସମ୍ବନ୍ଧବି ଠିକ୍ ହୋଇଥିଲା । କେବଳ ସାମାଜିକ ଅନୁଷ୍ଠାନ ଟିକକ ହୋଇନି । କିନ୍ତୁ ପରସ୍ପରର ପବିତ୍ର ଆନ୍ତରିକ ସ୍ୱୀକୃତି ଉଭୟଙ୍କୁ ଅଚ୍ଛେଦ୍ୟ ବନ୍ଧନରେ ଆବଦ୍ଧ କରି ତୋଳିଛି । ଏହି ଅବସ୍ଥାରେ ମିଳନରେ ଯୀଶୁଙ୍କ ଆବିର୍ଭାବ ହୋଇଥିଲା । ସାମାଜିକ ବିଧାନର ବ୍ୟତ୍ୟୟ ହୁଏତ ଏଥିରେ ହୋଇଥିଲା କିନ୍ତୁ ଭଗବାନଙ୍କ ବିଧାନ ସେମାନେ ଉଲ୍ଲଙ୍ଘନ କରି ନାହାଁନ୍ତି ।

ମିଃ. ଟେନିସନ— ମୁସଲମାନଟିର କଥା କହିଲେ, ସେ ତ ନିଜେ ଥିଲା ଅନୁନ୍ନତ ଅଥଚ ସନ୍ତାନ କେତେ ଉନ୍ନତ ହେଲା । ଏପରି ଯଦି ସମ୍ଭବ ହୁଏ ତେବେ ବଂଶାନୁକ୍ରମିକ ବିବର୍ତ୍ତନର କ୍ଷେତ୍ରରେ ଉଚ୍ଚତର ଗୁଣର ଅନୁଶୀଳନର କଥା କୁହାଯାଏ କାହିଁକି ?

ଶ୍ରୀଶ୍ରୀଠାକୁର— ଉନ୍ନତ ଯେ ତା' ପ୍ରତି active admiration and interest (ସକ୍ରିୟ ଶ୍ରଦ୍ଧା ଓ ଆଗ୍ରହ) ହିଁ ଉନ୍ନତିର ଜନ୍ମଦାତା, ତା' ନିଜ ବେଳକୁବି ଯେପରି, ବଂଶାନୁକ୍ରମିକ ଗୁଣସଂକ୍ରମଣର ବେଳକୁବି ସେପରି । ସେଇ ଯେଉଁ ଅଶିକ୍ଷିତ କୃଷକ, ତା'ର ଯେ ଜଜସାହେବଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ଭ୍ରମ ହେଲା,

ନିଶା ହେଲା, ଲାଗୁଆ ଝୁଙ୍କ୍ ହେଲା, ସମସ୍ତଙ୍କର ତ ସେପରି ହୁଏନା । ତା'ର ଯେ ଏପରି ହେଲା ତା' ମାନେ ତା' ଭିତରେ ଏପରି କିଛି ଥିଲା, ଯା' ଉତ୍କର୍ଷକୁହିଁ କାୟମନୋବାକ୍ୟରେ କାମନା କରେ । ତା'ର ଯଦି ସ୍ତ୍ରୀ ସଙ୍ଗେ ଏତେଦୂର ମେଳ ନ ଥାଆନ୍ତା, ସ୍ତ୍ରୀର ତା' ପ୍ରତି ଯଦି ମନୋବୃତ୍ତ୍ୟନୁସାରିଣୀ ଝୁଙ୍କ୍ ନ ଥାଆନ୍ତା, ତା'ହେଲେ କିନ୍ତୁ ପୁଅ ଏପରି ହୋଇ ଉଠି ନଥା'ନ୍ତା ।

ଯତୀନଭାଇ— ସ୍ତ୍ରୀ ଯଦି ସ୍ୱାମୀଠାରୁ ଉଚ୍ଚ ସ୍ତରର ହୁଏ ?

ଶ୍ରୀଶ୍ରୀଠାକୁର— ବୀଜ-ଅନୁପାତିକ ମାଟି ହେଲେ ବୀଜ ଉଦଗତ ହୁଏ ଭଲ । ଯା' ଉଦଗତ ହୁଏ, ତା' ବୀଜ— ମାଟି ନୁହେଁ । ମାଟି ଯଦି ବୀଜର ଉପଯୋଗୀ ନ ହୁଏ, ତେବେ ବୀଜର ସୁଷ୍ଠୁ ଉଦଗମ ହୁଏନା । ବୀଜ ତୁଳନାରେ ମାଟି ପୁଣି ଅତିରିକ୍ତ ଭଲ ହେଲେ ବୀଜ ଜ୍ୱଳି ଯାଏ ବା ତା'ର ଗୁଣ ଅନେକଦୂର ବରବାଦ ହୋଇଯାଏ ।

ମିସେସ୍ ଟେନିସନ— ଭଲପାଇବାକୁ ଗଲେ ତ ଦୋଷଗୁଣ, ଭଲମନ୍ଦ ସବୁଟାହିଁ ଭଲପାଇବାକୁ ହୁଏ ।

ଶ୍ରୀଶ୍ରୀଠାକୁର— ଆମେମାନେ ଗୁଣକୁବି ଭଲପାଉନା, ଦୋଷକୁବି ଭଲପାଉନା, ଭଲପାଉ ମଣିଷଟାକୁ । କାହାକୁ ଭଲପାଇଲେ, ତା'ର ଯେପରି ଭଲ ହୁଏ, ତା'ହିଁ କରିବାର ବୁଦ୍ଧି ଆସେ । ତା'ର ଗୁଣ ଯେପରି ବଢ଼େ, ଦୋଷ ଯେପରି କମେ ଅର୍ଥାତ୍ ଯେଉଁଥିରେ ସେ ସୁଖୀ ଓ ସାର୍ଥକ ହୋଇପାରେ— ସହ୍ୟ, ଧୈର୍ଯ୍ୟ-ସହକାରେ ସେପରି କରିବାର ଚେଷ୍ଟା ହୁଏ ।

(ଆଲୋଚନା-ପ୍ରସଙ୍ଗ, ୮ମଖଣ୍ଡ, ଚା୧୮.୦୭.୧୯୪୬ରିଖ)

॥ ଅଭାବ ମୋଚନ- ଏକ ବାସ୍ତବ ଘଟଣା ॥

ଜଣେ ଲୋକର ଖୁବ୍ ଅଭାବ । ଘରେ ଖାଇବାକୁ ନାହିଁ । ତା'କୁ ଯଦି ଏହା କର, ତାହା କର କହି ଉପଦେଶ ଦିଏ ତା'ହେଲେ ସେ ତ ତା' କରିବନି । ତା'କୁ ତାତ୍କ୍ଷଣିକ ସ୍ୱସ୍ତି ଦେବା ପାଇଁ କିଛି ଚାଉଳଡ଼ାଲି ତ ଦେବାକୁ ହେବ— ଯେପରି ଖାଇ ବଞ୍ଚିପାରେ ।

ଶ୍ରୀଶ୍ରୀଠାକୁର— ଖାଇବାକୁ ତ ଦେବାକୁହିଁ ହେବ । ନ ଦେଲେ ସେ ଠିଆ ହେବ କାହାକୁ ଭିଖି କରି ? ମୁଁ କହେ କି— ପରିବେଶ ମଧ୍ୟକୁ ଯାଅ— ଅନଶନକ୍ଲିଷ୍ଟ ଯେଉଁମାନେ ସେମାନଙ୍କୁବି ଦିଅ— କିନ୍ତୁ ସଙ୍ଗେ ସଙ୍ଗେ ଯୋଗ୍ୟ କରି ତୋଳ । ସେମାନଙ୍କୁ ଆଦର୍ଶପରାୟଣ କରିତୋଳ, active କରି ତୋଳ । ସେମାନଙ୍କୁ ଦିଅ— ଦରକାର ହେଲେ ଦୁଇଥର, ତିନିଥର, କିନ୍ତୁ ଦେବା ମଧ୍ୟ ଦେଇ ସେମାନଙ୍କୁ ସେପରି କରି ତୋଳ । ତା' ଯଦି ନ କର ତା'ହେଲେ କିଛି ହିଁ ହେଲାନି କିନ୍ତୁ । ତେଣୁ କୁହାଯାଏ ଧର୍ମଦାନ ଶ୍ରେଷ୍ଠ ଦାନ । ଧର୍ମଦାନ ମାନେ ତା'ହିଁ ଦାନ କରିବା ଯା' ଧରି ଯା'କୁ ଦେଉଛ, ସେ ଠିଆ ହୋଇପାରେ ।

ଏହି ଯେ ଦେଖୁଛ conferenceରେ କେତେ ଲୋକ ଆସିଥିଲେ । ପ୍ରତ୍ୟେକ କନଫରେନସ୍‌ରେ ଏପରି ଲୋକ ଆସନ୍ତି । ଜଣେ ଲୋକ ବାରମ୍ବାର ଆସେ ଆଉ ମୋତେ କହେ, 'ଖାଇବାକୁ ପାଏନା, ପିନ୍ଧିବାକୁ ପାଏନା, କିଛି ହିଁ କରିପାରେନା । ସଂସାରରେ ବଡ଼ ଅଭାବ ।'

ମୁଁ ସବୁ ଶୁଣି ଦିନେ କହିଲି— ଦେଖ କେତେ କାଳ ହେଲା ବଙ୍ଗଳାଦେଶ ଛାଡ଼ି ଆସିଛି । କେତେକାଳ ହୋଇଗଲା ବଙ୍ଗଳାର ନାଲି ଚାଉଳ ଖାଇନି; ବଙ୍ଗଳାର ଲାଉ, କାକୁଡ଼ି, ପୋତଳ ଖାଇନି । ନାଲି ଚାଉଳ, କାକୁଡ଼ି ଆଉ ପୋତଳ ଖାଇବାକୁ ଇଚ୍ଛା ହୁଏ । ସେ ଏସବୁ ଶୁଣି ଚାଲିଗଲା ।

ଓମା' ! ଦେଖେ କି ଅବାକ୍ ଏକ କାଣ୍ଡ । କେଇମାସ ପରେ ବାପ, ପୁଅ, ସ୍ତ୍ରୀ ସମସ୍ତେ ମିଶି ମୁଣ୍ଡରେ ମୁଣ୍ଡେଇ ନାଲି ଚାଉଳ, ଲାଉ, କାକୁଡ଼ି, କାଙ୍କଡ଼ ନେଇ ଆସିଛନ୍ତି । ଚାଲି ପାରନ୍ତିନି— ତଥାପି ବି କୁଣ୍ଡେଇ କୁଣ୍ଡେଇ ନେଇ ଆସୁଛନ୍ତି । ମୁଁ ଦେଖି କହେ— କିରେ, କ'ଣ ଆଣିଛୁ ଏତେ ସବୁ ।

ସେ କହେ— ଠାକୁର ଏଥର ପାଇଛି । ବେଶ କିଛି ଚାଉଳ କରିଛି । ଆପଣଙ୍କ ପାଇଁ ନାଲି ଚାଉଳ, ଲାଉ, କାକୁଡ଼ି ନେଇ ଆସିଛି ।

ନାଲି ଚାଉଳ ଦେଖି ମୁଁ ତ ଲମ୍ଫ ମାରି ଉଠିଲି । ସେ ବି ଖୁବ୍ ଖୁସି ହେଲା, ମୋର ଖୁସି ହେବା ଦେଖି ।

ସେ ତ ଅନେକ ଧାନ ଚାଉଳ କରିଛି, ସେଥିରୁ ଗୋଟେ ଗଉଣି ଚାଉଳ ମୋ ପାଇଁ ନେଇ ଆସିଛି । ଏଇ ଦେଖ ! ମୁଁ ଯଦି ତା'କୁ କେବଳ ତତ୍ତ୍ୱ କଥା କହିଥା'ନ୍ତି 'ଯୋଗ୍ୟତା ବଢ଼ାଅ' ତା'ହେଲେ କିଛି ହୋଇ ନଥା'ନ୍ତା । ଠାକୁରଙ୍କ ପ୍ରତି ଲୋକଟାର ଟାଣ ଅଛି । ଠାକୁର ନାଲି ଚାଉଳ ଖାଇବାକୁ ଚାହିଁଛନ୍ତି, ଏହା ଭାବି ନିଜେ ପୁଅ, ଝିଅ, ସ୍ତ୍ରୀକୁ ନେଇ କାମରେ ଲାଗିଗଲା । ଧାନ ଚାଷ କରିଲା । ଲାଉ, କାକୁଡ଼ି, କାଙ୍କଡ଼— ଯିଏ ଯା' ପାରିଲା ତା'ହିଁ ଲଗାଇଲା । ତେଣୁ ମୁଁ କହେ— ମଣିଷର ଆଦର୍ଶ ନିଷ୍ଠାକୁ ଜଗେଇ ଦେଇ ଯୋଗ୍ୟ କରି ତୋଳିବାକୁ ହେବ । ପରେ କେଇମାସ ପରେ— ଯେତେବେଳେ ଆସିଲା, ତା'କୁ ପଚାରିଲି— କିପରି ଅଛୁ ? ସେ ସେତେବେଳେ ଆଉ ଅଭାବର କଥା କହେନା, କହେ, ଠାକୁର ବୁଲଟା ଖାଇ ପିନ୍ଧି ଅଛି । ତେଣୁ କହେ, ମଣିଷକୁ ଦେଖି, ଶୁଣି, ବୁଝି, କାହାକୁ କ'ଣ କହିଲେ ତା'ର ଯୋଗ୍ୟତା ବଢ଼ିଯାଏ ସେପରିହିଁ ଭାବେ କହିବାକୁ ହୁଏ, କରିବାକୁ ହୁଏ । ଆଉ ଶୁଣ, ମନେ ଯେପରି ରହେ, 'ସମସ୍ତେ ମୋତେ ହରାଇ ପାରନ୍ତି, କିନ୍ତୁ ମୁଁ ହରାଇବିନି କାହାକୁ ।

(ଜୀବନଦ୍ୟୁତି, ଚା୦୮.୦୫.୧୯୫୫ରିଖ)

ଦିବ୍ୟ ଅନୁଭୂତି

ଆତ୍ମନିବେଦନ

● ଶ୍ରୀରାମରୂପ ଅଧିକାରୀ

ଭଗବାନଙ୍କ ଚରଣରେ ଆତ୍ମନିବେଦନ ହିଁ ହେଲା ଧର୍ମଜୀବନର ପ୍ରଥମ କଥା ଆଉ ଶେଷ କଥା । ଏହି ଆତ୍ମନିବେଦନହିଁ ମଣିଷର ଜ୍ଞାନ-ବିଜ୍ଞାନ କାବ୍ୟ ଇତିହାସ ଶିଳ୍ପ ବାଣିଜ୍ୟର ଚରମ ସାର୍ଥକତା । ଏହି ଆତ୍ମନିବେଦନରେହିଁ ମଣିଷର ବ୍ୟକ୍ତିତ୍ୱର ଚରମ ଉନ୍ମେଷ;— ସମାଜର କର୍ମପ୍ରବାହର ସହସ୍ର ବିଚିତ୍ର ଧାରାର ଶେଷ ପରିଣତି ଏହିଠାରେହିଁ । ଏହି ଆତ୍ମନିବେଦନ କ'ଣ ସତ୍ୟ ସତ୍ୟ ହିଁ ଅସମ୍ଭବ— ଏଇଟା କ'ଣ ଏତେହିଁ କଠିନ ? ମଣିଷ ଯେ ଭଗବାନ ଏ କଥା କ'ଣ ତା'ହେଲେ ସତ୍ୟ ନୁହେଁ, କଥାଟା କ'ଣ କେବଳହିଁ ଅଚିହ୍ନା କୌଣସି ଭାବ ରାଜ୍ୟର କଳ୍ପନାରହିଁ ସୃଷ୍ଟି ? ଆମମାନଙ୍କ ଶାସ୍ତ୍ର ବହୁକାଳ ଧରି ଆମମାନଙ୍କୁ ଏହି କଥା ଶୁଣାଇ ଭୟ ଦେଖାଉଛି ଯେ ଧର୍ମର ପଥ ଅତୀବ ଭୟଙ୍କର;— ନିଶିତ କଣ୍ଟକାକୀର୍ଣ୍ଣ; ଏହି ପଥରେ ଚାଲିବାକୁ କେବଳ ବିରଳ ସାଧକର ହିଁ ଅଧିକାର— ସାଧାରଣ ମଣିଷର ଯଦି ଧର୍ମରେ ମତି ହୁଏ, ତେବେ ଯାଗଯଜ୍ଞାଦି ପ୍ରଭୃତି କର୍ମହିଁ ତା' ପକ୍ଷେ ଯଥେଷ୍ଟ; ଦୂରରୁ ସେ ଧନ ପୁତ୍ରାଦି କାମ୍ୟବସ୍ତୁ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବ, ଏବଂ ଭଗବାନ ପରପର ଏହି ସବୁ କାମନାର ବସ୍ତୁ ପଠେଇ ଦେଇ ତା'କୁ କୃତାର୍ଥ କରିବେ— ଭଗବାନଙ୍କ ସଙ୍ଗେ ମଣିଷର ସମ୍ପର୍କ ଏହି ପର୍ଯ୍ୟନ୍ତହିଁ; ତେବେ ଯଦି କଦାଚିତ୍ କୌଣସି ବୀରପୁରୁଷ ନିଜ ସତ୍ତାକୁ ଉପଲବ୍ଧି କରିବାକୁ ଚାହେଁ, ଭଗବାନଙ୍କୁ ପାଇବାକୁ ଚାହେଁ, ଜାଣିବାକୁ ଚାହେଁ, ତେବେ ତା'କୁ ସଂସାରର କୋଳାହଳରୁ ବହୁତ ଦୂରକୁ ଦୂରେଇ ଯିବାକୁ ହେବ, ଇନ୍ଦ୍ରିୟଗ୍ରାମକୁ ନିରୁଦ୍ଧ କରି ବହୁକାଳ ବା ବହୁ ଜନ୍ମ କଠୋର ତପଶ୍ଚରଣ କରିବାକୁ ହେବ । ବହୁକାଳ ଧରି ଧର୍ମର ଏହି ବିଭୀଷଣ ମୂର୍ତ୍ତିହିଁ ଆମେମାନେ ଦେଖି ଆସୁଛେ । ଭଗବାନଙ୍କ ନିକଟରେ ସର୍ବସ୍ୱ ଅର୍ପଣ କରିବା ମଧ୍ୟରେ ବିଭୀଷିକାର ଏହି ପ୍ରସ୍ତର କଠିନ ସଂସ୍କାରହିଁ ଆମମାନଙ୍କ ସାଧନାର ପ୍ରଥର ପ୍ରକାଣ୍ଡ ଅନ୍ତରାୟ ହୋଇଛି, ତେଣୁ ଆତ୍ମନିବେଦନର କଥା ଯେତେବେଳେ ଆମେମାନେ କହୁ ବା ଶୁଣୁ, ସେତେବେଳେ ଆତଙ୍କରେ ଆମମାନଙ୍କର ପ୍ରାଣ କମ୍ପି ଉଠେ, ଆମେମାନେ ସଭୟରେ କହିଉଠୁ, ''ନା, ନା, ମୋହର ବନ୍ଧନକୁ ଛିନ୍ନ କରିବା ଏତେ ସହଜ ନୁହେଁ; ମାୟାର ଶକ୍ତିକୁ ଅତିକ୍ରମ କରିବା ଏପରିହିଁ ଦୁଃସାଧ ଯେ ମୁନିଗଣବି ଏହାର ପ୍ରଭାବରେ ସର୍ବଦା ସନ୍ତ୍ରସ୍ତ, ଯୁଗବ୍ୟାପୀ କଠିନ ତପସ୍ୟା ପରେବି, ମାୟାର ଗୋଟେ ଦୂରନ୍ତ ପ୍ରହାର ସେମାନଙ୍କର ପଦସ୍ଖଳନ ହୋଇଯାଏ । ଲକ୍ଷ ଲକ୍ଷ ଜନ୍ମର ଲମ୍ବା ପଥ ବହି ଅତି ଧୀର ପଦରେ ଆମମାନଙ୍କୁ ଯିବାକୁ ହେବ ଗନ୍ତବ୍ୟସ୍ଥାନକୁ; ଅତୀତର ସଞ୍ଚିତ କର୍ମରାଶିର ବନ୍ଧନରୁ ମୁକ୍ତ ନ ହେଲେ ଏହି ଆତ୍ମନିବେଦନ ଅସମ୍ଭବ ।''

ଏହି ରକମରେ ବହୁ ଯୁଗର ସଂସ୍କାରର ଲୌହଶିଙ୍କୁଳିରେ ଆମେମାନେ ନିଜକୁ ବାନ୍ଧି ରଖିଛେ । ଏହି ଇଚ୍ଛାର ଶୃଙ୍ଖଳ ଅତି ପ୍ରିୟଜନଙ୍କ ଭଳି ଆମମାନଙ୍କ ଦେହ ମନ ବୁଦ୍ଧିକୁ ବେଷ୍ଟନ କରି ପକାଏ । ତେଣୁ ପ୍ରଥମେହିଁ ଦରକାର ହୋଇଛି ଏହି ସଂସ୍କାରକୁ ଭାଙ୍ଗି ପକାଇବା । ବାରମ୍ବାର ଆମମାନଙ୍କୁ ଶୁଣିବାକୁ ହେବ ଆଉ ଶୁଣାଇବାକୁ ହେବ ଯେ ମଣିଷ ସଂସ୍କାରର ଦାସ ନୁହେଁ; ସକଳ ସଂସ୍କାରର ସେ ପ୍ରଭୁ । ସେ ଯଦି ଇଚ୍ଛା ନ କରେ ତା'ହେଲେ କୌଣସି ସଂସ୍କାରହିଁ ତା'କୁ ବହୁକାଳ ଅଭିଭୂତ କରି ରଖିପାରେନା । ଆମମାନଙ୍କର ସତ୍ୟସ୍ୱରୂପକୁ ଜାଣିବାର ପଥରେ ବିଘ୍ନସ୍ୱରୂପ ଏହି ପ୍ରତିକୂଳ ସଂସ୍କାରକୁ ତଡ଼ିବାକୁ ହେଲେ ପୁନଃ ପୁନଃ ଆମମାନଙ୍କୁ ଶୁଣିବାକୁ ହେବ ଆଉ ଭାବିବାକୁ ହେବ ଯେ ଭଗବାନ ଭିନ୍ନ ଆଉ ଦ୍ୱିତୀୟ ବସ୍ତୁ କୋଉଠିକି କିଛି ନାହିଁ, ସୃଷ୍ଟିର ଅଣୁ ପରମାଣୁରେ ସର୍ବତ୍ର ସେହି ଏକ ଅଖଣ୍ଡ ପୁରୁଷ ବିଦ୍ୟମାନ । ମଣିଷରେ ସିଏ ଯେପରି ପୂର୍ଣ୍ଣଭାବେ ଅଛନ୍ତି, ଜଡ଼ରେ ଓ ନିମ୍ନସ୍ତରର ଜୀବଜଗତରେବି ସିଏ ଠିକ୍ ସେପରି ପୂର୍ଣ୍ଣଭାବେହିଁ ଅଛନ୍ତି । ମଣିଷର ବିଶେଷତ୍ୱ ଏହି ଯେ ନିଜକୁ ଭଗବାନ ବୋଲି ଜାଣିବାର ଅଧିକାର ତା'ର ଅଛି । କେବଳ ଯୁକ୍ତି ସାହାଯ୍ୟରେ ଜାଣିବା ନୁହେଁ, ଏହି ଚୌଦପୋୟା ଦେହର ସୀମା ମଧ୍ୟରେ ଅସୀମର ଅନୁଭୂତିରେ ତା'ର ଅଧିକାର ଅଛି । ଆଉ ନିଜର କ୍ଷୁଦ୍ରତ୍ୱକୁ ଅସ୍ୱୀକାର କରିବାହିଁ ହେଲା ଏହି ଅଧିକାର ଲାଭର ଏକମାତ୍ର ଉପାୟ । ଯେଉଁ ଶକ୍ତିର ବଶରେ ସୃଷ୍ଟିଚକ୍ର ପ୍ରତିନିୟତ ଚାଲୁଛି, ମୋ ଭିତରେହିଁ ଅଛି ସେହି

ଶକ୍ତିର ମୂଳ ଉତ୍ସ, ଏହି କଥା ଅନୁକ୍ଷଣ ମନେ ରଖିବାର ନାମହିଁ ଆତ୍ମନିବେଦନ ।

ସକଳ ମଣିଷହିଁ ଏହି ଆତ୍ମନିବେଦନର ଅଧିକାରୀ । ଯିଏ ଯେଉଁ ଅବସ୍ଥାରେ ଅଛି, ସେହି ଅବସ୍ଥାରୁହିଁ ବିଶ୍ୱଶକ୍ତିର କେନ୍ଦ୍ର ସଙ୍ଗେ ନିଜକୁ ଯୋଗଯୁକ୍ତ କରିପାରେ । ମୋର ଅତୀତର ସମସ୍ତ କୁକର୍ମରାଶି ସତ୍ତ୍ୱେବି, ବର୍ତ୍ତମାନ ରିପୁର ତାଡ଼ନାଧୀନ ରହିବି ସେହି ନିର୍ଭରଯୋଗ୍ୟର ଅଭ୍ୟାସ କରିପାରେ । ସତ୍ୟ କଥା ଏହି ମୋର ରିପୁର ଉପଦ୍ରବ, ମୋର ବାସନାର ତରଙ୍ଗରାଶି, ଏସବୁ ତ ମୁଁ ସୃଷ୍ଟି କରିନି । ଏହି ବିଶ୍ୱସଂସାରର ସ୍ରଷ୍ଟା ମାତ୍ର ଜଣେ, ଗୋଟେ ମାତ୍ର ଶକ୍ତି ଅନନ୍ତ ବିଶ୍ୱବ୍ରହ୍ମାଣ୍ଡରେ ସର୍ବତ୍ର କ୍ରିୟାଶୀଳ, ଏହା ଯେତେବେଳେ ମୋର ଜପର ମନ୍ତ୍ର, ସେତେବେଳେ ମୋର ରିପୁ, ମୋର ବାସନା ବୋଲି କିଛି ରହେନା । ଏମନ୍ତ ଅବସ୍ଥାରେ ଯଦି କର୍ମ ବା ସଂସ୍କାର ବଶରେ ମୁଁ 'ମନ୍ଦ' କାର୍ଯ୍ୟରେ ପ୍ରବୃତ୍ତ ବି ହୁଏ, ସେଥିରେ କିଛି ହିଁ ଯାଏଆସେନା, ଯଦି ସେଇ 'ମନ୍ଦ' କାର୍ଯ୍ୟ କରିବା ସମୟରେ ଭଗବାନଙ୍କ କର୍ତ୍ତୃତ୍ୱକୁ ମୁଁ ଅସ୍ୱୀକାର ନକରେ । କିନ୍ତୁ ଏ ଅଭ୍ୟାସର ଏପରି ମାହାତ୍ମ୍ୟ ଯେ ଅଭ୍ୟାସଟା କିଞ୍ଚିତ୍ମାତ୍ର ପକ୍ଷା ହେଲେ ହିଁ ସେଇ 'ମନ୍ଦ' କାର୍ଯ୍ୟରୁ ଚିତ୍ତ ସ୍ୱତଃ ନିବୃତ୍ତ ହେବ । ଆମେମାନେ ଯଦି ତାଙ୍କର ଶକ୍ତିକୁ ଏତେଟିକେ ମାତ୍ର ସ୍ୱୀକାର କରୁ, ତା'ହେଲେ ସିଏ ଶତଗୁଣରେ ତା'ର ପ୍ରତିଦାନ କରି ଆମମାନଙ୍କୁ ଭଲ-ମନ୍ଦର ଦାୟିତ୍ୱରୁ ନିଷ୍କୃତି ଦିଅନ୍ତି । ଯଦି ତାଙ୍କ ଆଡ଼କୁ ଆମେମାନେ ଦୁଇପାଦ ଆଗେଇ ଯାଉ, ତା'ହେଲେ ସିଏ ଦୁଇଶହ ପାଦ ଆମମାନଙ୍କ ଆଡ଼େ ଛୁଟି ଆସନ୍ତି । ଯଦି ଆମମାନଙ୍କର ଅହଙ୍କାରର ରୁଦ୍ଧ ଦୁଆରେ ଏତେଟିକେ ଛିଦ୍ର କରି ତାଙ୍କ ଆଡ଼କୁ ଚାହୁଁ, ତା'ହେଲେ ସେହି ଛିଦ୍ର ତାଙ୍କ ଶକ୍ତି-ପ୍ରବାହର ତୋଡ଼ରେ ଅଚିରେ ପ୍ରକାଣ୍ଡ ଆକାର ଧାରଣ କରେ । ସିଏ ତାଙ୍କର ଅନନ୍ତ ଶକ୍ତିର ଭଣ୍ଡାର ଉନ୍ମୁକ୍ତ କରି ଆମମାନଙ୍କ ରୁଦ୍ଧ କବାଟ ନିକଟରେ ଅଷ୍ଟପ୍ରହର ଭିଖାରୀ ଭଳି ହିଁ ଠିଆ ହୋଇ ଅଛନ୍ତି । ଏହି ଆତ୍ମନିବେଦନ ଯୋଗର ଯେଉଁଟିକକ ଆମମାନଙ୍କ ହାତରେ, ସେଇଟିକକ ହେଉଛି ସେହି କବାଟକୁ ଖୋଲି ଦେବା ପାଇଁ ଟିକେ ପ୍ରୟାସ, ସେହି କବାଟର ଅନ୍ତରାଳରେ ଜଣେ ବିରାଟ ପୁରୁଷ ବିରାଜ କରୁଛନ୍ତି, ତାଙ୍କରିହିଁ ହାତର ରଜ୍ଜୁ ଦ୍ୱାରା ଯେପରି ଆମମାନଙ୍କର ସମସ୍ତ ବାସନା ସମସ୍ତ ପ୍ରେରଣାହିଁ ନିୟନ୍ତ୍ରିତ— ଏହି କଥା ସ୍ମରଣ ରଖିବା ପାଇଁ ଟିକେ ପ୍ରୟାସ । ଏହି ଯେଉଁ ପ୍ରୟାସ ଟିକକ, ଏହିଟିକକ ବି ଅବଶ୍ୟ ସେହି ଅନ୍ତରଦେବତାଙ୍କରହିଁ ଶକ୍ତିର ଖେଳ; କିନ୍ତୁ ସେହି ଶକ୍ତି ସଙ୍ଗେ ଏକାତ୍ମବୋଧ ଯେପର୍ଯ୍ୟନ୍ତ ଏକାନ୍ତଭାବେ ଫୁଟି ନ ଉଠେ, ସେତେକ୍ଷଣ ଏହି ଦ୍ୱୈତବୁଦ୍ଧି କୌଣସି ନା କୌଣସି ଆକାରରେ ରହିବହିଁ । ଏହି ଯୋଗର ସାଧକଙ୍କୁ ଜ୍ଞାନ ଦିଗ ଦେଇ ପ୍ରତିଷ୍ଠିତ ହେବାକୁ ହେବ ଅଦ୍ୱୈତଙ୍କ ଉପରେ, କିନ୍ତୁ ଅଭ୍ୟାସ ଦିଗ ଦେଇ ଦ୍ୱୈତବୁଦ୍ଧିକୁ ବଜାୟ ରଖିହିଁ ଚାଲିବାକୁ ହେବ ।

ସକଳ ଅବସ୍ଥାରେ ମଣିଷରହିଁ ଅଧିକାର ଅଛି ଏହି ଆତ୍ମନିବେଦନରେ । ଭଲ-ମନ୍ଦ ପାପପୁଣ୍ୟ ସୁଖଦୁଃଖ ଯା'କିଛି ଆମେମାନେ ବାହାରେ ଦେଖୁ ଓ ଭିତରେ ଅନୁଭବ କରୁ, ଏହି ସୃଷ୍ଟିବ୍ୟାପାରରେ ଆଦି ପୁରୁଷହିଁ ଯେ ତା' ପାଇଁ ଦାୟୀ, ସେ କଥାଟା ବୁଝିବାକୁ ବିଶେଷ ବିଦ୍ୟାବୁଦ୍ଧି ବା ପାଣ୍ଡିତ୍ୟ ଦରକାର ହୁଏ ନା । ଅତି ବଡ଼ ପ୍ରାକୃତ ମଣିଷବି ଏକଥା ଅନାୟାସରେ ସ୍ୱୀକାର କରିଥାଏ । ଏହି ସ୍ୱୀକାର କରିବା ଉପରେ ଆଉ ଏକ ଧାପ ଉଠି ଏହି କଥାଟାକୁ ସ୍ମରଣ ରଖିବା ପାଇଁ ଅନୁକ୍ଷଣ ଚେଷ୍ଟାର ନାମ ହିଁ ସାଧନା ।

ସତ୍ୟ ସତ୍ୟ ହିଁ ମୁଁ ତା' କିଛି ପାଇଁ ହିଁ ଦାୟୀ ନୁହେଁ; ଏହି ଆତ୍ମନିବେଦନ ସତ୍ୟ ଉପରେ ପ୍ରତିଷ୍ଠିତ, ସେଥିପାଇଁ ଏଇଟା ସତ୍ୟ ସତ୍ୟ ହିଁ ସହଜ ।

ସହଜ ବା କଠିନ ବୋଲି ସଂସାରରେ କିଛି ନାହିଁ । ଅତି ସହଜ ଯେଉଁ କାମ ଅଭ୍ୟାସ-ବିରୁଦ୍ଧ ହେଲେ ତା'ବି କଠିନ ହୁଏ; ଅଭ୍ୟାସର ଗୁଣରେ ଅତି କଠିନ କାର୍ଯ୍ୟ ବି ଅତି ସହଜ ହୁଏ । କର୍ତ୍ତୃତ୍ୱବୁଦ୍ଧିର ଆଶ୍ରୟ ନେବାକୁ ଗଲେ ସେମାନଙ୍କର ଦମ ଅଟକି ଆସେ । ପ୍ରଥମଟା କିଛି ପରିଶ୍ରମ, କେତେକଟା ଆୟାସ ଅଛିହିଁ, ତା' ଯେପରି ସକଳ କାର୍ଯ୍ୟରେ, ସେପରି ଏ କାର୍ଯ୍ୟରେବି । କିନ୍ତୁ ଏ କାର୍ଯ୍ୟ ଭିତରେ ଅଛି ସକଳ ଆୟାସ ସକଳ ଦୁଖର ନିବୃତ୍ତି, କାହିଁକି ନା ଏ ଆତ୍ମନିବେଦନର ମୂଳରେ ଗୋଟେ ସହଜ ଓ ସ୍ୱାଭାବିକ ସତ୍ୟ ଅଛି । ପ୍ରଥମଟା ହିସାବବୁଦ୍ଧି ଦ୍ୱାରା ବିଚାର କରିହିଁ ଆମେମାନେ ତାଙ୍କ ହାତରେ ସକଳ ଭାର ଛାଡ଼ି ଦେବାକୁ ରାଜି ହେଉ, ତା'ପରେ ଆଉ ହିସାବବୁଦ୍ଧି ରହେନା, ତାଙ୍କ ଶକ୍ତି ଉପରେ, କୃପା ଉପରେ ଦେହ ଭସେଇ ଦେବାଟାହିଁ ସେତେବେଳେ ସ୍ୱଭାବ ହୋଇଉଠେ । ହିସାବ ନିକାଶ କରୁ କରୁ ହିଁ ଆମେମାନେ ଏହି କର୍ତ୍ତୃତ୍ୱାଭିମାନକୁ ଗୋଟେ ପ୍ରକାଣ୍ଡ ବିଡ଼ମ୍ବନା ବୋଲି ବୁଝିପାରୁ । ସଂସାରର ଭାର ପାପପୁଣ୍ୟର ବୋଝ ମଥାରେ ନେଇହିଁ ବା ଆମେମାନେ କୋଉ ସୁଖରେ ଦିନପାତ କରୁଛେ ? ଏତେଦିନର ସଂସ୍କାର ଏହି କର୍ତ୍ତୃତ୍ୱର ଅଭିମାନ, କିନ୍ତୁ ତେବେବି କେତେ ପରିଶ୍ରମରେ କେତେ ଲାଞ୍ଛନାରେ ଆମମାନଙ୍କର ଏହି ଅଭିମାନ ଟିକକକୁ ବଜାୟ ରଖିବାକୁ ନ ହେଉଛି । ଜନ୍ମଜନ୍ମର ସଂସ୍କାରରେ ବି ଆମେମାନେ ଏ ଅଭିମାନଟାକୁ ସହଜ ଏବଂ ଅନାୟାସସାଧ

କରି ତୋଳି ପାରିଲୁନି କାହିଁକି ? ଗୋଟେ ପ୍ରକାଣ୍ଡ ମିଥ୍ୟା ଉପରେ ଏହାର ଭିତ୍ତି ବୋଲି ହିଁ, ଏଇଟା ଆମମାନଙ୍କ ନିକଟରେ ଚିରଦିନହିଁ ବିଡ଼ମ୍ବନାହିଁ ହୋଇ ରହିଗଲା । ଏହି କର୍ତ୍ତୃତ୍ୱାଭିମାନ ଗୋଟେ ମସ୍ତ contradiction (ଆତ୍ମଦ୍ରୋହ) ବୋଲିହିଁ ଆମମାନଙ୍କର ଜୀବନଟା ଏତେ କଠିନ ଆଉ ଜଟିଳ ହୋଇ ଉଠିଛି । ଆତ୍ମାହିଁ ଆମମାନଙ୍କର ସ୍ୱଭାବ, ଆମମାନଙ୍କର ପ୍ରକୃତ ରୂପ, ଏହି ଆତ୍ମାର ପ୍ରଭୁଶକ୍ତିହିଁ ଆମମାନଙ୍କର ପ୍ରକୃତ ଶକ୍ତି, ଏହି ଶକ୍ତିର ଅନୁଭୂତି ଆମମାନଙ୍କର ସତ୍ୟ ଏବଂ ସହଜ ଅନୁଭୂତି, ଏହି ଶକ୍ତିର ଉପଭୋଗରେ ଯେଉଁ ଅନାବିଳ ଆନନ୍ଦ, ସେ ଆନନ୍ଦରେ ଆମମାନଙ୍କର ସମସ୍ତଙ୍କର ହିଁ ଅଧିକାର । କ୍ଷୁଦ୍ର ଅହଂର ଅଭିମାନକୁ ବଜାୟ ରଖିବା ପାଇଁ ଆମେମାନେ ଯେଉଁ ପରିଶ୍ରମ କରୁ, ଯେଉଁ ଅଧ୍ୟବସାୟ ଓ ଏକାଗ୍ରତା ଦେଖାଉ, ଆସ ଆମେମାନେ ସେହି ପରିଶ୍ରମ, ଅଧ୍ୟବସାୟ ଓ ଏକାଗ୍ରତାର ଶତଭାଗର ଏକ ଭାଗ ଦେଇ ଏହି ନର୍ଭରଯୋଗ୍ୟରେ ଦୀକ୍ଷା ଗ୍ରହଣ କରିବା । ମୁଁ ଅଧମ ମୁଁ ପାପୀ ଏ ସକଳ ହା ହୁତାଶ ଛାଡ଼ି ଦେଉ, ମୁଁ ଭକ୍ତ ମୁଁ କର୍ମୀ ଏ ସକଳ ଅଭିମାନର ଆସ୍ଫାଳନ ଛାଡ଼ି ଦେଉ, ଆସ ଆମେମାନେ ସକଳ ବୋଝ ତାଙ୍କ ପାଦରେ ପକାଇ ଦେଇ ନିଶ୍ଚିନ୍ତ ହେବା । ଏଇଟା ଏତେ ସହଜ ଯେ ସକଳ ଚିନ୍ତାରେ କେବଳ ତାଙ୍କ କଥା ଟିକେ ମନେ ରଖି ପାରିଲେହିଁ ସିଦ୍ଧି ଆମମାନଙ୍କର କରାୟତ୍ତ ହେବ;—

ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ ।

(ଇଷ୍ଟମନନେ, ପୃ. : ୨୨୧-୨୨୨)

ତୁମର ବା ତୁମର ପରିବାରର
ଅସାବଧାନତା ପାଇଁ
ଯଦି କୌଣସିପ୍ରକାର କ୍ଷତିର
ଆମଦାନୀ ହୋଇଥାଏ,—
ପ୍ରଥମ ଓ ପ୍ରଧାନଭାବେ
ସେ ଦୋଷ ଯେ ତୁମରହିଁ—
ଚିନ୍ତା କରି
ତା' ସ୍ୱୀକାର କରି ନେଇ
ଭବିଷ୍ୟତ୍ ପ୍ରତିବିଧାନର ଚେଷ୍ଟାରେ ଯତ୍ନବାନ ରୁହ;
ଅନ୍ୟ ମୁଣ୍ଡରେ ଦୋଷ ଲଦି
ନିଜେ ଦୋଷମୁକ୍ତ ହେବାର ଚେଷ୍ଟା
ତୁମକୁ ଅଜ୍ଞ କରି ହିଁ ତୋଳିବ କିନ୍ତୁ !
ତେଣୁ, କାର୍ଯ୍ୟରେ, କର୍ମରେ, ଭାବନାରେ, ଚିନ୍ତାରେ
ଚୌକସ ଚଳନ ଭିତର ଦେଇହିଁ
ଚାଲିବାକୁ ଚେଷ୍ଟା କର—
କ୍ଷତିର ଅବରୋଧ କରି,
ଆଉ, ଉନ୍ନତିକୁ ଅବାଧ କରିତୋଳି',
ଆପଦ୍-ବିପଦକୁ
ସମୀଚୀନତାର ସହିତ ନିରୋଧ କରି,
ତୁମର ବିବେକ ଓ ମସ୍ତିଷ୍କକୁ
ଏହିଭଳିହିଁ ସତର୍କ ସନ୍ଧିସୁ
ବୋଧଦୀପ୍ତ ପରିଣାମଦର୍ଶୀ କରି ରଖ;
ପୂର୍ବଜନ୍ମର ଦୁହାଇ ଦେଇ ବସି ରୁହନା,
ତୁମର ପୂର୍ବଜନ୍ମର ଅଭାବକୁ
ଏହି ଜନ୍ମରେହିଁ ଆପୂରିତ କରିବାକୁ ହେବ—
ଠିକ୍ ବୁଝ;
ନିଜେବି ବ୍ୟବସ୍ଥିତ ହୁଅ ସେପରି,
ଅନ୍ୟରବି ବ୍ୟବସ୍ଥା କର ସେପରି କରି—
ଟିକିନିଖି ସବୁ ନେଇ,
ବିଡ଼ମ୍ବନା ଏଡ଼ାଇବ ଅନେକଦୂର । ୧୯୪ ।

ଚରିତ୍ରହୀନ ଚଳନ,
ଅନୁକମ୍ପାହୀନ ଆତ୍ମୀୟତା,—
ବିକ୍ଷେପର ଆଗମନାହିଁ ଗାଇ ଥାଏ । ୧୪୮ ।

ଆତ୍ମୀୟତା ଯେଉଁଠାରେ ଆବାୟ-ତପ୍ତର,
ପୋଷଣପାଳନୀ ତାତ୍ପର୍ଯ୍ୟହରା,
ମିଥ୍ୟା ଆତ୍ମଖ୍ୟାତିର ବାହାନାବାର,—
ଭାବ ସେଠାରେ
ଯେଉଁଭଳିହିଁ ହେଉନା କାହିଁକି,
ତା' କୁସିତ, ଅଧଃପତନଶୀଳ,
ବିଶ୍ୱାସଘାତୀ, ଶତ୍ରୁର ପ୍ରକୃତିସମ୍ପନ୍ନ । ୧୪୯ ।

(ସମାଜ-ସନ୍ଦୀପନା)

ଦିବ୍ୟ ଅନୁଭୂତି

ପରମପିତା ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର

● ଶ୍ରୀପଞ୍ଚାନନ ସିଂହ

ଇଂରାଜୀ ୨୪ଶ ଅଗଷ୍ଟ, ୧୯୫୪ । ଏହି ସମୟରେହିଁ ବାଙ୍କୁଡ଼ା ଖ୍ରୀଷ୍ଟିଆନ କଲେଜରେ ପଢ଼ାପଢ଼ି ସମୟରେ ଇନ୍ଦ୍ରଜିତ୍ ସିଂହ (ମୋର ବଡଭାଇପୁଅ ଭାଇ) ଶ୍ରୀଶ୍ରୀଠାକୁରଙ୍କୁ ଗ୍ରହଣ କରେ । ସେତେବେଳେ ଯେଉଁଠାରେହିଁ ତା' ସଙ୍ଗେ ଦେଖା ହେଉଥିଲା, ପାଗଳ ଭଳି ଶ୍ରୀଶ୍ରୀଠାକୁରଙ୍କ କଥା କହୁଥିଲା । ଶ୍ରୀଶ୍ରୀଠାକୁର ପରମପ୍ରେମମୟ, ପରମପିତା ବୋଲି ତୋଳି ଧରୁଥିଲା । ମୁଁ ସେହିସବୁ କଥା ଶୁଣି ପାଗଳର ପ୍ରଳାପ ବୋଲି ହସି ଉଡ଼େଇ ଦେଉଥିଲି । କେବଳ ତା' ନୁହେଁ, ନାନା ପ୍ରକାର ବ୍ୟଙ୍ଗ-ବିଦ୍ରୂପ ଓ ପ୍ରଶ୍ନବାଣରେ ଅତିଷ୍ଠ କରି ତୋଳୁଥିଲି ।

ସେହି ସମୟର ଗୋଟେ ଦିନ । ବାଙ୍କୁଡ଼ାରୁ ଘରକୁ ଫେରିବି ହଠାତ୍ ଇନ୍ଦ୍ର ସଙ୍ଗେ ଦେଖା । କହିଲା— ପଞ୍ଚାନନଭାଇ, ଗତକାଲି ଜଣେ ବିଖ୍ୟାତ ବକ୍ତା ବାଙ୍କୁଡ଼ା ଆସିଛନ୍ତି । ସିଏ ଏଡ଼ୱାର୍ଡ଼ ମେମୋରିୟାଲ ହଲରେ ଶ୍ରୀଶ୍ରୀଠାକୁରଙ୍କ ସମ୍ପର୍କରେ ଧର୍ମ-ସଭାବି କରିଛନ୍ତି । ସହରର ବିଶିଷ୍ଟ ବ୍ୟକ୍ତିବର୍ଗ ସଭାରେ ଉପସ୍ଥିତ ଥିଲେ । ଆମେ ତୁମର ନାନା ପ୍ରଶ୍ନର ସଠିକ୍ ଉତ୍ତର ଦେଇ ପାରିବୁ । କିନ୍ତୁ ସିଏ ସବୁ ପ୍ରଶ୍ନର ଉତ୍ତର ଦେଇ ଦେବେ । ମୁଁ ଟିକେ ବିରକ୍ତ ହୋଇ ଆଉ କିଛିଟା ହେଲେ ବି ମୋର ସବୁ ପ୍ରଶ୍ନର ଉତ୍ତର ଦେଇପାରନ୍ତି ଶୁଣି, ତା'କୁ ଜବତ କରିବାର ମନୋଭାବ ନେଇହିଁ ଯିବାକୁ ରାଜି ହୋଇଗଲି । ଇନ୍ଦ୍ର ମୋତେ ବାଙ୍କୁଡ଼ାର ସିନେମା ରୋଡ଼ରେ କାଳୀପଦ ଭୌମିକ ବାବୁଙ୍କ ବସାକୁ ନେଇଗଲା । ସେଠାରେ ଉକ୍ତ ସତ୍‌ସଙ୍ଗର ପ୍ରଖ୍ୟାତ ବକ୍ତା ଉଠିଛନ୍ତି । ଯାଇ ଦେଖିଲି ଜଣେ ଗୌରବର୍ଣ୍ଣର ମଧ୍ୟବୟସୀ ମଣିଷ ରାନ୍ଧିବା ପାଇଁ ପରିବା କାଟୁଛନ୍ତି । ମୋ ସଙ୍ଗେ ଇନ୍ଦ୍ର ପରିଚୟ କରାଇ ଦେଲା, ସିଏ ମୋତେ ଗୋଟେ ଚୌକିରେ ବସିବାକୁ କହିଲେ । ଗୋଟେ ଛୋଟ ଗାମୁଛା ପିନ୍ଧି ରାନ୍ଧୁଥିଲେ । ତାଙ୍କୁ ଦେଖିହିଁ ମୁଁ ଭାବିଲି— ସିଏ ମୋର ସବୁ ପ୍ରଶ୍ନର କିପରି ଉତ୍ତର ଦେବେ । ଯା'ହିଁ ହେଉ, ବିଶେଷ କୌଣସି ଭୂମିକା ନ କରିହିଁ, କୌଣସିପ୍ରକାର ଭଦ୍ରତାର ଧାର ନ ଦେଇ ଯାଇ ତାଙ୍କୁ ସିଧାସଳଖ ଆକ୍ରମଣ କରିଲି । ମୋ କଥା ମଧ୍ୟରେ ଗୋଟେ ଅଶ୍ରଦ୍ଧାର ଭାବ ଅବ୍ୟକ୍ତ ଭାବେ କାମ କରୁଥିଲା ।

ମୁଁ କହିଲି— ଆପଣମାନେ ଠାକୁରଙ୍କୁ ପରମପ୍ରେମମୟ, ପରମପିତା ବୋଲି ପ୍ରଚାର କରନ୍ତି । ଏଇଟା ଗୋଟେ ବିରାଟ ଧପ୍ପା ଛଡ଼ା ଆଉ କ'ଣ । ସିଏ ଯଦି ପ୍ରକୃତରେ ପରମପ୍ରେମମୟ ବା ପରମପିତା ହୋଇଥା'ନ୍ତେ, ତେବେ ଦୁନିଆରେ ଏତେ ଦୁଃଖ ରହିବ କାହିଁକି ? କେହି କେହି ଅନେକ ଧନ-ସମ୍ପଦର ଅଧିକାରୀ, ପୁଣି ଅପର ଦିଗରେ ଅନେକ ଲୋକଙ୍କୁ ମୁଠେ ଭାତ ପାଇଁ କି କଷ୍ଟହିଁ ନ କରିବାକୁ ହେଉଛି । ଏହି ବିରାଟ ପକ୍ଷପାତିତ୍ୱ କୌଣସି ପିତାଙ୍କର ହିଁ ରହିପାରେନା । ପ୍ରଚଣ୍ଡ ଆବେଗ ଓ ମନର ଜ୍ୱାଳା ନେଇ ଆହୁରି କେତେ କ'ଣ ଯେ କହି ଗଲି ଜାଣେନା । ସିଏ ବେଶ ମନୋଯୋଗ ଓ ଆଗ୍ରହ ନେଇ ମୋର କଥାଗୁଡ଼ିକ ଶୁଣି ଗଲେ । ମୋର କଥା ଶେଷ ହେବା ପରେ ମୋତେ ଅପେକ୍ଷା କରିବାକୁ କହି ରନ୍ଧାଘରେ ପ୍ରବେଶ କରିଗଲେ ।

ଏଠାରେ ଗୋଟେ କଥା କହିବା ପ୍ରାସଙ୍ଗିକ ହେବ । ଯେଉଁ ସମୟରେ ମୁଁ ତାଙ୍କ ନିକଟକୁ ଯାଇଥିଲି, ସେହି ସମୟକାର ମୋର ମାନସିକତା କିପରି ଥିଲା, ତା'ବି ପାଠକଙ୍କର ଜାଣିବା ଦରକାର । ତତ୍‌କାଳୀନ ଜମିଦାରଘରର ପ୍ରଥମ ସନ୍ତାନ । ପ୍ରଚଣ୍ଡ ଅହଙ୍କାର କାମ କରୁଥିଲା ମୋର ଜୀବନର ପ୍ରତି ପବଙ୍କ୍ଷେପରେ । ଗ୍ରାଜୁଏଟ (୧୯୫୩) ହେବା ପରେ egoଟା ଆହୁରି କଠିନ ହୋଇ ଯାଇଥିଲା । ଠିକ୍ ତା' ପରେ ହିଁ ବିବାହ ହୁଏ । ନିଜକୁ କୁସଂସ୍କାରମୁକ୍ତ ନାସ୍ତିକ ପ୍ରମାଣ କରିବା ପାଇଁ ଉପନୟନର ପଇତାବି ଛିଣ୍ଡାଇ ଦେଇଥିଲି । ଗୋଟେ ବିଗ୍ରହୀନ, ଅନିୟନ୍ତ୍ରିତ ଜୀବନ ମଧ୍ୟରେ ଭାସି ବୁଲୁଥିଲି । ଗୋଟେ କଥାରେ ଗୋଟେ ବେପରୁଆ ଦାମ୍ଭିକ ଜୀବନ ଚଳନାହିଁ ଯେପରି ମୋର ଜୀବନକୁ ପାଇ ବସିଥିଲା ।

ସିଏ ତ ରନ୍ଧାଘର ଆଡ଼କୁ ଗଲେ । ମୁଁ ଭାବୁଛି, ମୋର ପ୍ରଶ୍ନର ଜବାବ ଖୋଜିବା ପାଇଁ ଗଲେ । ଟିକେ ପରେହିଁ ଫେରି ଆସି ମୋତେ ପଚାରିଲେ— ମୋର ବାପା-ମା' ଅଛନ୍ତି କି ନା, ପରିବାରରେ ଆଉ କିଏ କିଏ ଅଛନ୍ତି, ଏହିସବୁ ସାଧାରଣ ପ୍ରଶ୍ନ । ସେତେବେଳେ ମୁଁ ଭାବୁଛି ମୋର ପ୍ରଶ୍ନର ଉତ୍ତର ଦେଇ ନପାରି ମୋ ସଙ୍ଗେ ଭାବ କରିବାକୁ ଚାହୁଁଛନ୍ତି । ପୂର୍ବ ପ୍ରସଙ୍ଗଟାକୁ ଅନ୍ୟ ଦିଗକୁ ନେଇ ଯାଉଛନ୍ତି । ପ୍ରଶ୍ନ କରିଲେ— ମୁଁ ବାପାଙ୍କୁ ଭଲପାଏ କି ନା । କହିଲି— ଭଲପାଏ, ତେବେ ସବୁବେଳେ

ତାଙ୍କ କଥା ଶୁଣି ଚାଲି ପାରେନା । ସିଏ କହିଲେ— ଆପଣଙ୍କ ବାପା ଯଦି ଗୋଟେ ଭଲ କାମ କରିବାକୁ କୁହନ୍ତି, ଆଉ ତା' ଯଦି ନ ଶୁଣନ୍ତି, ତେବେ କ'ଣ ହେବ ? ସଙ୍ଗେ ସଙ୍ଗେହିଁ ଜବାବ ଦେଲି— ଅବଶ୍ୟହିଁ ଖରାପ ହେବ ଆଉ ଶୁଣିଲେ ଭଲ ହେବ ।

ସିଏ ତତ୍‌କ୍ଷଣାତ୍ କହିଉଠିଲେ— ଠାକୁରଙ୍କୁ ଆମେମାନେ ପରମପ୍ରେମମୟ ବା ପରମପିତା କହୁ, କାରଣ ସିଏ ସବୁ ସମୟରେ ଆମମାନଙ୍କର ଭଲ ଚାହାଁନ୍ତି, ଭଲପାଆନ୍ତି ଏବଂ ତାଙ୍କ କଥା ଅନୁସାରେ ଚାଲିଲେ ଭଲ ହୁଏହିଁ । ତେଣୁ ତାଙ୍କୁ ଯେଉଁମାନେ ଗ୍ରହଣ କରନ୍ତି, ସେମାନେ ପରମପିତା ବା ପରମପ୍ରେମମୟ ବୋଲି ଡ଼ାକି ଥାଆନ୍ତି ।

ମୁଁ କହି ପକାଇଲି— ଆପଣମାନେ ଯା' କହୁଛନ୍ତି, ପ୍ରକୃତରେ କ'ଣ ସିଏ ତା'ହିଁ, ମୁଁ ପରୀକ୍ଷା କରିବାକୁ ଚାହେଁ । ସିଏ କହିଲେ— ପରୀକ୍ଷା, ଅବଶ୍ୟହିଁ ଆପଣ କରିପାରନ୍ତି । ତେବେ ତା'ର ବି ଗୋଟେ ପଦ୍ଧତି ଅଛି । କହିଲି— ସେହି ପଦ୍ଧତିଟା କହି ଦିଅନ୍ତୁ ।

ସିଏ ମୋତେ ସାମନାରେ ଗୋଟେ ଘର ଭିତରକୁ ନେଇ ଗଲେ । ଠାକୁରଙ୍କ ପକା ଯାଇଥିବା ଆସନ ସାମନାରେ ମୋତେ ବସାଇ ସବୁ କହି ଦେଲେ । ଅର୍ଥାତ୍ ସତ୍‌ନାମ ଶୁଣାଇଲେ ।

ପରେ ଜାଣିଥିଲି, ସିଏ ମୋତେ ଦୀକ୍ଷା ଦେଲେ । ତାଙ୍କ ନାମ ଶରତଚନ୍ଦ୍ର ହାଲଦାର । ଏପଟେ ଦୀକ୍ଷା ନେଇ ଘରକୁ ଫେରି ଆସିହିଁ ଘରର ସମସ୍ତେ ଲାଞ୍ଛନା-ଗଞ୍ଜନା ଦେବାକୁ ଆରମ୍ଭ କରିଲେ । ଆମର କୁଳଗୁରୁ ଖଡ଼ଦହର ନିତ୍ୟାନନ୍ଦଙ୍କ ବଂଶଧରଗଣ । ବାଧା ପାଇଲି । କିନ୍ତୁ ବାଧ ହେଲି ନାହିଁ । ପରୀକ୍ଷା ମୋତେ କରିବାକୁହିଁ ହେବ । ଗୋପନରେ ରତ୍ନିକ୍‌ଦେବତା-ପ୍ରଦତ୍ତ ପଦ୍ଧତି ଚଲେଇ ଚାଲିଲି ।

ମୋର ଦୂର ସମ୍ପର୍କର ଭାଇ, ଶ୍ରଦ୍ଧେୟ ରାମସଦୟ ସିଂହ, ମୋତେ ନାନାଭାବେ ଉତ୍ସାହ-ପ୍ରେରଣା ଦେବାକୁ ଲାଗିଲେ । ପରେ ପରେ ଖବର ପାଇଲି ମୋର କକେଇ କାନାଇଲାଲ ସିଂହ ସେହି ଏକହିଁ ଦିନରେ ଶରତଚନ୍ଦ୍ର ହାଲଦାରଭାଇଙ୍କ ନିକଟରୁ ଦୀକ୍ଷା ନେଇଛନ୍ତି ।

ଦୀକ୍ଷା ନେବାର କିଛିଦିନ ମଧ୍ୟରେହିଁ ଠାକୁରବାଡ଼ି ଦେଉଘର ଯିବାର ସୁଯୋଗ ଆସିଗଲା । ପ୍ରଥମ ଦର୍ଶନରେହିଁ ସିଏ ମୋର ହୃଦୟ-ଜଡ଼େଇ ବସିଲେ । ସେତେବେଳେ ଖୁବ୍ ପାଖକୁ ଯିବାର ସୌଭାଗ୍ୟ ହୋଇନି । ତେବେ ଦୂରରୁହିଁ ମନେ ହେଉଥିଲା ସମସ୍ତ ଦୀନ-ଦୁନିଆର ମାଲିକ ସିଏ । ସର୍ବାଙ୍ଗ ଦେଇ ଭଲପାଇବା ଅଝୋରରେ ଝରି ପଡୁଛି । ସମଗ୍ର ବିଶ୍ୱ ତାଙ୍କ ନୟନରେ । ଘରକୁ ଫେରିବାକୁ ମନ ଚାହୁଁ ନଥିଲା । ତେବେ ବି ସଙ୍ଗୀ-ସାଥୀମାନଙ୍କ ସଙ୍ଗେ ଫେରିବାକୁ ହେବ । ଆକାଶେ-ବତାସେ-ଗଛର ଲତା-ପତ୍ରରେ ତାଙ୍କର ମୁଖଛବି ଭାସି ଉଠିବାକୁ ଲାଗିଲା । ଅଜାଣନ୍ତରେ ଆଖିରେ ପାଣି ଆସିଗଲା । ସେତେବେଳେ ଭାବୁଛି— ପୁଣି କେବେ ଆସିବି ।

ପୁଣି କିଛିଦିନ ମଧ୍ୟରେହିଁ ତାଙ୍କୁ ପ୍ରଣାମ-ଦର୍ଶନର ସୁଯୋଗ ଆସିଲା । ଆମ ଗ୍ରାମର ସବୁଠାରୁ ବଡ଼ ଉତ୍ସବ ଶ୍ରୀଶ୍ରୀରାମକୃଷ୍ଣଙ୍କ ରାସଯାତ୍ରା । କିନ୍ତୁ ରାସଯାତ୍ରାରେ ଜୁଆଖେଳର ଟଙ୍କାରେ ଗୀତ-କୀର୍ତ୍ତନ ହେଉଥିଲା । ମୋତେ ଖୁବ୍‌ହିଁ ଖରାପ ଲାଗୁଥିଲା । ଅଥଚ କିଛି କରି ପାରୁ ନଥିଲି । ଏଥର ଯେତେବେଳେ ଠାକୁରବାଡ଼ି ଗଲି ସେତେବେଳେ ସୁଯୋଗ ବୁଝି ଠାକୁରଙ୍କୁ ନିବେଦନ କରିଲି, ମୁଁ ଗ୍ରାମରେ ରାସ ସମୟରେ ସେହି ଜୁଆଖେଳ ବନ୍ଦ କରିବାକୁ ଚାହେଁ । ମନେ ମନେ ଭାବୁଥିଲି, ଠାକୁର ମୋତେ ଯେକୌଣସି ପ୍ରକାରେ ସେହି ଖେଳ ବନ୍ଦ କରିବାକୁ ଅନୁମତି ଦେବେ । ଶୁଣିହିଁ କହିଲେ— ତୁମେ ଏପରି ହୋଇଉ, ଯେପରି ତୁମ ଗ୍ରାମର ସମସ୍ତେ ତୁମ କଥା ଶୁଣନ୍ତି । ମୁଁ ଜାଣେନା କୋଉ ଅଦୃଶ୍ୟ ଶକ୍ତିରେ ପର ବର୍ଷ ହୁଅନ୍ତେହିଁ ଜୁଆଖେଳ ଅଦ୍ୟାବଧି ବନ୍ଦ ।

ମୁଁ ତାଙ୍କୁ ଗ୍ରହଣ କରିବା ପରେବି ତାଙ୍କର ଅନେକ ଆଦେଶ-ନିର୍ଦ୍ଦେଶ ପାଳନ କରିନି । ତାଙ୍କୁ ପ୍ରାଧାନ୍ୟ ନ ଦେଇ ପ୍ରବୃତ୍ତିକୁହିଁ ପ୍ରାଧାନ୍ୟ ଦେଇଛି । ତା'ର ଫଳବି ପାଇଛି । ସିଏହିଁ ତା' ବୁଝାଇ ଦେଇଛନ୍ତି । ସିଏ ସମସ୍ତଙ୍କ ଭଳି ମୋତେ ବି ସବୁ ସମୟରେ ଶାସନ-ସୋହାଗ ଦେଇ ରକ୍ଷା କରିହିଁ ଚାଲିଛନ୍ତି । ମୁଁ ଭୁଲି ରହିବାକୁ ଚାହିଁଲେ ବି ସିଏ ଭୁଲ୍ ଧରାଇ ଦେଇହିଁ ଚାଲିଛନ୍ତି । ଅମରକାନନ ଦେଶବନ୍ଧୁ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକର ଦାୟିତ୍ୱ ପାଳନ କରିବାକୁ ଯାଇ ଅନୁଭବ କରିଛି ସିଏ ଦୁଇହାତ ଦେଇ ମୋତେ ଆଗୋଳି ଚଲାଇଛନ୍ତି । ନାନା ସମସ୍ୟାରେ ଯେତେବେଳେ ଜର୍ଜରିତ, ତାଙ୍କର ଐଶୀ ନିର୍ଦ୍ଦେଶ ସବୁ ସମସ୍ୟାର ସମାଧାନ କରି ଦେଇଛି । ସେତେବେଳେ ବଙ୍ଗଳାରେ ରାଜନୈତିକ ଅସ୍ଥିରତା ଚାଲିଛି । ସ୍କୁଲ ପୋଡ଼ିବା, ଖୁନ୍-ଖରାବାରେ ବଙ୍ଗଳାର ଆକାଶ-ବତାସ ଭୟଙ୍କର ଓ ବିଷାକ୍ତ । ସେହିସବୁ ଦିନଗୁଡ଼ିକରେ ତାଙ୍କର ଅଦୃଶ୍ୟ ଅଭୟ ହସ୍ତ ମୋତେ ରକ୍ଷା କରିଛି ।

ଜୀବନରେ ଝଡ଼ ଆସେହିଁ । ମୋର ଜୀବନରେ ଝଡ଼ ପରେ ଝଡ଼ । ବାବା, ମଝିଆଁ ଭାଇ, ଦୁଇପୁଅ ଓ ପୁତ୍ରବଧୂ ଚାଲି ଗଲେ । ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦା ଓ ପୂଜ୍ୟପାଦ ଶ୍ରୀଶ୍ରୀଦାଦା ଆମମାନଙ୍କର ସମସ୍ତଙ୍କର ଶୋକ ହରଣ କରି ନେଲେ । ସାନ୍ତ୍ୱନା, ସ୍ନେହ, ଆଶା-ଭରସା ଦେଇ ଆମ ଘରର ସମସ୍ତଙ୍କ ଜୀବନ

ଆଗୋଳି ରଖିଲେ । ପଡ଼ି ଯିବାକୁ ଦେଲେ ନାହିଁ । ଏବେ ତା'ହିଁ ଭାବେ, ଦୟାଳ ଦୟା କରି ଗ୍ରହଣ ନ କରିଥିଲେ କୁଆଡ଼େ ନଡ଼ାକୁଟା ଭଳି ଉଡ଼ି ଯାଇଥା'ନ୍ତୁ । ତାଙ୍କ ଆଶ୍ରୟ ଲାଭ କରି କେତେଶହ ଲୋକଙ୍କର ବିଶ୍ୱାସ, ଶ୍ରଦ୍ଧା ଓ ଭଲପାଇବା, ସାହାଯ୍ୟ, ସହଯୋଗିତା ପାଇଛି ତା'ର ଲୟରା ନାହିଁ । ଝଡ଼ରେ ବିଧ୍ୱସ୍ତ ହୋଇ ପୁରୀ ଠାକୁରବାଡ଼ି ଗଲି । ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦା ସେତେବେଳେ ସେଠାରେହିଁ ଅବସ୍ଥାନ କରୁଛନ୍ତି । କୃପାସିନ୍ଧୁ (ରକ୍ଷିତ) ଭାଇ ପୂଜନୀୟା ରାଙ୍ଗାମା'ଙ୍କ ନିକଟରେ ମୋର ସବୁ କଥା ନିବେଦନ କରିଥିଲେ । ସେଦିନ ଏକ ସନ୍ଧ୍ୟାରେ ଶ୍ରୀଶ୍ରୀଦାଦା ପୁରୀର ଲନରେ ଭକ୍ତ-ପରିବୃତ । ମୁଁ ଉଦ୍‌ଭ୍ରାନ୍ତଙ୍କ ଭଳି ଘୁରି ବୁଲୁଛି । ଜଣେ ପାର୍ଷଦକୁ ଦେଇ ମୋତେ ଡ଼କେଇ ପଠାଇଲେ । ଡ଼ାକି କହିଲେ— ପଞ୍ଚାନନଭାଇ, ତାଙ୍କୁ ନେଇ ହିଁ ଆନନ୍ଦରେ ରୁହନ୍ତୁ, ଆନନ୍ଦ ଦେଲେହିଁ ଆନନ୍ଦ ପାଇବେ, ଶାନ୍ତି ଦେଲେହିଁ ଶାନ୍ତି ପାଇବେ । ପରମ ସାନ୍ତ୍ୱନା ଓ ଅମିୟ ଆଶିଷ ମୋ ଉପରେ ବର୍ଷିତ ହେଲା— ଅଯାଚିତ ଭାବେ । ମୋର ପ୍ରତଶ୍ଚ ମନୋବେଦନାର କଥା ତାଙ୍କୁ ନିବେଦନ ବି କରିବାକୁ ହେଲା ନାହିଁ । ତାଙ୍କ ଭିତର ଦେଇ ଆଢିତି ଲକ୍ଷ ଲକ୍ଷ ଲୋକଙ୍କର ଶୋକ-ତାପ ପ୍ରଶମିତ ହେଉଛି । ତେଣୁ ସିଏ ଶ୍ରୀଶ୍ରୀଠାକୁରଙ୍କ ପ୍ରତିଭୂ । ଆମମାନଙ୍କର ସମସ୍ତଙ୍କର ପରମାରାଧ୍ୟ ଶ୍ରୀଶ୍ରୀଦାଦା । ପରମପ୍ରେମମୟ ଶ୍ରୀଶ୍ରୀଠାକୁର ୧୨୫ତମ ଶୁଭ ଜନ୍ମବର୍ଷରେ ମୋର ଅଜସ୍ର କୋଟି ଭକ୍ତିପୂର୍ଣ୍ଣ ପ୍ରଣାମ ।

(ସାକ୍ଷାତ କଥା, ପୃ.: ୧୦୫-୧୦୭)

ଦୁନିଆରେ ଦେଖିବାକୁ ମିଳେ
ଯେଉଁମାନେ ଦୁର୍ଦ୍ଦଶାଗ୍ରସ୍ତ—
କିମ୍ବା ସେମାନଙ୍କ ପ୍ରତି ସହାନୁଭୂତିସମ୍ପନ୍ନ ଯେଉଁମାନେ—
ସେମାନେହିଁ ସ୍ୱସ୍ତିଲାଭର ଆଗ୍ରହ ନେଇ
ସୁସ୍ଥ ଓ ଶକ୍ତିଶାଳୀ ଯେଉଁମାନେ
ସେମାନଙ୍କ ନିକଟରେ ଆବେଦନ କରିଥାଆନ୍ତି,
ସାହାଯ୍ୟ ଚାହାଁନ୍ତି—
ଦୁଃଖ-ମୋଚନର ଅଭିପ୍ରାୟରେ;
କିନ୍ତୁ ଯେଉଁଠାରେ ସେମାନେ
ସେଇ ଦୁର୍ଦ୍ଦଶାଗ୍ରସ୍ତମାନଙ୍କୁ ସାହାଯ୍ୟ କରିବା
ଦୂରରେ ଥାଉ—
ବରଂ ଅତ୍ୟାଚାରୀ ସରଞ୍ଜାମରେ
ସେମାନଙ୍କୁ ଆକ୍ରମଣ କରି
ଶୀର୍ଣ୍ଣ କରି ତୋଳିବାକୁ ଚାହାଁନ୍ତି,
ଆଉ, ସେଇ ଅଭିସନ୍ଧି ନେଇ
ସମସ୍ତଙ୍କୁ ଉଦ୍ଦୀପ୍ତ କରି ତୋଳନ୍ତି,
ଅଭିଯୋଗରେ ଉଦ୍‌ବେଳିତ କରି ତୋଳନ୍ତି—
ଅସତ୍-ପ୍ରଣୋଦନାରେ,—
ସେଇ ପରିବେଶରେ
ଅନ୍ତଃସ୍ଥ କର୍କଟିକା ଆଶ୍ରୟଲାଭ କରିଛି,
ସେମାନେ ଅସୁସ୍ଥ ଅନ୍ତଃକରଣର ଅନ୍ତର୍ଦ୍ଧାକାରେ
ସାବାଡ଼ ହେବାର ପ୍ରୟାସପର ହୋଇ
ଆତ୍ମନିଧନ-ଯଜ୍ଞର ଉଦ୍ୟୋଗ କରୁଛନ୍ତି—
ଅଶାନ୍ତି ଓ ଅସୁସ୍ଥିକୁହିଁ କାୟେମ କରିବାକୁ,
ଅସୁସ୍ଥି-ଯଜ୍ଞର ଅବତାରଣା କରି,
ସେଇ ପ୍ରବୃତ୍ତିଲୁବ୍ଧ ପରଦଳନୀ ଅସତ୍-ପଥରେ;
ସତର୍କ ହୁଅ,
ସିଧା ହୋଇ ଠିଆହୁଅ,
ସତ୍, ସୁସ୍ଥ ଓ ପ୍ରିୟଦର୍ଶନ ହୋଇଉ ସମସ୍ତଙ୍କ ନିକଟରେ—
ପ୍ରାତିବର୍ଯ୍ୟୀ ପରିବେଦନା ନେଇ;
ସତ୍ ଯେଉଁମାନେ,
ସୁସ୍ଥ ଯେଉଁମାନେ
ସେମାନଙ୍କୁ ସାହାଯ୍ୟ କର,
ସୁଦୀପ୍ତ, ସମୃଦ୍ଧ ହୋଇଉଠନ୍ତୁ ସେମାନେ,—
ଯେପରି ଦୁର୍ଦ୍ଦଶାଗ୍ରସ୍ତମାନଙ୍କୁ ବି ଟାଣି ଉଠାଇପାରନ୍ତି
ସୁଦଶାରେ ସନ୍ଦୀପ୍ତ କରି,
ମହାନ ସାତ୍ୱତ କୃତି-ମନ୍ତ୍ରରେ;
ଆଉ, ଉପଯୁକ୍ତ ପରିଚର୍ଯ୍ୟାରେ
ସେଇ ଅସତ୍‌କ୍ରିୟ ଯେଉଁମାନେ
ସେମାନଙ୍କୁ ପରିଶୁଦ୍ଧ କରିତୋଳ,
ନହେଲେ, ବ୍ୟକ୍ତି, ସମାଜ, ରାଷ୍ଟ୍ର
ସମସ୍ତଙ୍କରହିଁ କିନ୍ତୁ
ସେଇ ସଂକ୍ରମଣ-ନିଆଁରେ
ଛାରଖାର ହୋଇଉଠିବାର
ସମ୍ଭାବ୍ୟତାହିଁ ବେଶୀ । ୪୮୬ ।

(ସମାଜ-ସନ୍ଦୀପନା)

ଶ୍ରୀଶ୍ରୀବଡ଼ଦା ସ୍ମରଣେ....

ପ୍ରଣତି ଚରଣେ ପିତଃ

♦ ବ୍ରଜଗୋପାଳ ଗୁରୁ

(ପୂର୍ବପ୍ରକାଶିତ ଉତ୍ତରାରୁ.....)

ଏହିସବୁ କଥାର ମଝିରେ ମଝିରେ ମଧ୍ୟ ଏକ ସୁଦର୍ଶନ ଯୁବକ ପ୍ରବେଶ କରୁଛନ୍ତି ଲକ୍ଷ୍ୟ କରୁଛି । ତାରାପଦବାବୁ ତାଙ୍କ ଆଡ଼େ ଚାହିଁ କହିଲେ— 'ଶୁଣିଛ ମାନସ ! (ତାଙ୍କର ପୁତ୍ର ବର୍ତ୍ତମାନ ବେତାର ଓ ଦୂରଦର୍ଶନର ଜଣେ ପ୍ରଖ୍ୟାତ ସଙ୍ଗୀତଶିଳ୍ପୀ) ଘାଟାଲର ତଟକା ଲହୁଣି ନେଇ ଆସିଛନ୍ତି ମୋ ପାଇଁ । ଦେଓଘରରୁ ସତ୍‌ସଙ୍ଗର ଆଚାର୍ଯ୍ୟଦେବ ୟାଙ୍କ ଦେଇ ଲହୁଣି ପଠାଇଛନ୍ତି ମୋ ପାଇଁ । ତୁମେ କେଇଦିନ ହେଲା ତ ଲହୁଣି ଖୋଜି ବୁଲୁଛ । ନିଅ— ହାଣ୍ଡିଏ ଲହୁଣି ଆସି ଯାଇଛି ।' ମାନସବାବୁ ଶୁଣି ଖୁବ୍ ଖୁସି ହେଲେ ବୁଝି ହେଲା ।

ଏହାପରେ ମୁଁ ଢୁଗି ତବଲାର କଥା ଉଠାଇ ଶ୍ରୀଶ୍ରୀପିତୃଦେବ ଯେଉଁଭାବେ ତିଆରି କରିବାର କଥା କହିଥିଲେ ତା' ସବୁହିଁ କହିଲି ତାଙ୍କୁ । ଶୁଣି ମୋତେ ଆଶ୍ୱସ୍ତ କରି କହିଲେ— 'ସବୁ ବ୍ୟବସ୍ଥା ହୋଇଯିବ । ସିଏ ଯେତେବେଳେ ପଠାଇଛନ୍ତି, କୌଣସିବି ଅସୁବିଧା ହେବନି । ତୁମେ ଆଗେ ଖାଇ ନିଅ । ତା'ପରେ ତୁମକୁ ମୋ ପୁଅ ମାନସ କାଳୀଘାଟରେ ଯେଉଁଠାରେ ମୁଁ ତବଲା ତିଆରି କରାଏ ସେଇ କାରିଗର ନିକଟକୁ ନେଇ ଯିବ । ସେ ଖୁବ୍ ଯତ୍ନ-ସହକାରେ ବନେଇ ଦେବ ।'

କହିବା ବାହୁଲ୍ୟ— ମୁଁ ପ୍ରାୟଃ ପେଟ ଭରି ଖାଇ ମାନସବାବୁଙ୍କ ସହିତ ବାହାରିବା ଆଗରୁ ତାଙ୍କୁ ପ୍ରଣାମ କରି କହିଲି— ଆପଣ ମୋର ଗୁରୁଙ୍କ ଇଚ୍ଛାପୂରଣରେ ଯେଉଁ ସାହାଯ୍ୟ କରିଲେ ଏଥିପାଇଁ ମୁଁ ଆପଣଙ୍କ ନିକଟରେ ଚିରକୃତଜ୍ଞ ହୋଇ ରହିଲି । ମୋର ବଡ଼ ଉପକାର ହେଲା ।

ତାରାପଦବାବୁ ହସହସ ମୁହଁରେ ଆମ ଆଡ଼େ ଚାହିଁ ରହିଛନ୍ତି ଦେଖି ଦେଖି ସିଡ଼ି ଭାଙ୍ଗି ତଳକୁ ଓହ୍ଲାଇ ଆସିଲି । ରାସ୍ତାରେ ଚାଲୁ ଚାଲୁ ମାନସବାବୁ କହିଲେ— 'ବାବା ଅନେକଦିନ ପରେ ଏକସଙ୍ଗେ ଏତେ କଥା କହିଲେ । ଅସଲରେ ବାବା ଖୁବ୍ ଖୁସି ହୋଇଛନ୍ତି । ବାବାଙ୍କ ଖୁସିଭରା ମୁଖମଣ୍ଡଳ ଅନେକଦିନ ପରେ ଦେଖିଲୁ ଆମେ ।'

ସେତେବେଳକୁ ଆମେ କାଳୀଘାଟର ମା'ଙ୍କ ମନ୍ଦିର ସାମନାରେ ଅତିବୃଦ୍ଧ ଜଣେ କାରିଗରଙ୍କ ଛୋଟ ଗୋଟେ ଦୋକାନରେ ଯାଇ ଉଠିଛୁ । ମୋର ହୋଇ ମାନସବାବୁ ହିଁ ସେଇ ବୃଦ୍ଧ ଶିଳ୍ପୀଙ୍କୁ ସବୁ କଥା ବୁଝାଇ କହିଲେ । ଦରଦାମ୍ ଠିକ୍ ହେଲା । ବାର ଦିନ ପରେ ପାଇବେ କହିଲେ । ମୁଁ ଏକଶହ ଟଙ୍କା ଅଗ୍ରିମ ଦେଇ ମାନସବାବୁଙ୍କୁ ଅସଂଖ୍ୟ ଧନ୍ୟବାଦ ଜଣାଇ ଘାଟାଲକୁ ଫେରି ଆସିଲି ପଡ଼ନ୍ତ ବେଳାରେ ।

ରାତିରେ ବିଛଣାରେ ଶୋଇ ଭାବି ଆକୁଳ ହେଲି 'ତାଙ୍କର' ଲୀଳା ପ୍ରତ୍ୟକ୍ଷ କରି । ବୁଝିବାକୁ ବାକି ରହିଲାନି ଯେ ଢୁଗି-ତବଲାର ପ୍ରୟୋଜନଟା ଏକଦମ୍ ବାହ୍ୟ, ଅସଲରେ ତାରାପଦବାବୁଙ୍କ ନିକଟକୁ ଲବଣଛଡ଼ା ଲହୁଣି ପଠାଇବାହିଁ ଅସଲ ବ୍ୟାପାର ।

ପନ୍ଦର ଦିନ ବେଳକୁ ଢୁଗି ତବଲା ନେଇ ଦେଓଘର ପହଞ୍ଚିଛି ରାତି ଟ୍ରେନରେ । ସକାଳେ ପିତୃଦେବ ମୋତେ ଦୂରରୁ ଦେଖି କହି ଉଠିଲେ— "କିରେ ! ମୋ ମାଲ ଆଣିଛୁ ? ଯେପରି ଯେପରି କହିଥିଲି ଠିକ୍ ସେଇଭାବେ କରିଛୁ ତ ?" ମୁଁ କହିଲି— ଆଜ୍ଞା, ସବୁ ଠିକ୍‌ଭାବେହିଁ ହୋଇଛି । ରାସ୍ତା ଚାଲୁ ଚାଲୁ କହିଲେ— "ସମୟ ଅନୁସାରେ ଦେଖିବି, ଏବେ ତୋ ନିଜଟରେ ସାବଧାନରେ ରଖି ଦେ ।"

ଦିପହରେ ବିଶ୍ରାମାନ୍ତେ ମୋର ଡ଼ାକ ଆସିଲା ଶୋଇବା ଘରକୁ ତବଲା ନେଇ ଯିବାକୁ । ସାମନାକୁ ଯାଆନ୍ତେହିଁ କହିଲେ— "ଏଠାକୁ ଆଣିବା ପରେ କାହାକୁ ଦେଖାଇଛୁ ନା କ'ଣ? କେହି ପୁଣି ବଜାଇନି ତ ?" ମୁଁ ଭୟ ଭୟ ହୋଇ କହିଲି— ଆଜ୍ଞା ହଁ, (ଜନୈକ ସଙ୍ଗୀତଶିଳ୍ପୀଙ୍କ ନାମ ଉଲ୍ଲେଖ କରି କହିଲି) ସିଏ କିପରି ହୋଇଛି ଦେଖିବାକୁ ଚାହିଲେ ମୁଁ ଦେଖାଇଥିଲି, ସିଏ ବଜାଇ କହିଲେ— 'ବେଶ୍ ହୋଇଛି ।'

ଶ୍ରୀଶ୍ରୀପିତୃଦେବ ଦୁଃଖ ପ୍ରକାଶ କରି କହିଲେ— "କାମ ସାରିଦେଲୁ ! ତୁ ତା'କୁ ତ କହି ପାରିଥା'ନ୍ତୁ ସେଇଟା ମୋ ପାଇଁ ଆଣିଛୁ । ଶୁଣ— ! କାହା ପାଇଁ କିଛି ନେଇ ଆସି ଆଗେ ତା' ହାତରେହିଁ ଦେବାକୁ ହୁଏ, ନହେଲେ ଭାବର ହେରଫେର ହୋଇଯାଏ ।"

ମୁଁ ନତଜାନୁ ହୋଇ କ୍ଷମା ଚାହିଁ ନେଇ କହିଲି— ମୋର ଭୁଲ ହୋଇ ଯାଇଛି । ମୋର ଅଜ୍ଞତା ଯୋଗୁଁ ହିଁ ଏପରିଟା ହୋଇ ଯାଇଛି । ଆଉ କଦାପିବି ଏପରି ହେବନି । ଶ୍ରୀଶ୍ରୀପିତୃଦେବ ଚିରକ୍ଷମାଶୀଳ, ତେଣୁ ଏ କ୍ଷେତ୍ରରେ ମୋତେବି କ୍ଷମା କରି ଦେଲେ । ଓଠରେ ହସର ରେଖା ଫୁଟାଇ କହିଲେ— "ଦେ, କିପରି ବନାଇଛି ଦେଖେ ।"

ବିଛଣା ଉପରେ ଢୁଗି ତବଲା ବସାଇ ଦୟା କରି ଟିକେ ବଜାଇ ଦେଖିଲେ । ମୋ ଆଡ଼େ ଚାହିଁ କହିଲେ— "ଖୁବ୍ ସୁନ୍ଦର ହୋଇଛି, ଜବର ମାଲ ଆଣିଛୁ । (ଚୌକିର ତଳ ଦେଖାଇ) ସେଠାରେ ରଖି ଦେ ।"

ମୁଁ ଢୁଗି ତବଲା ରଖି ପ୍ରଣାମ କରି ମୁହଁ ଉଠାନ୍ତେହିଁ ଶ୍ରୀଶ୍ରୀପିତୃଦେବ ଅତ୍ୟନ୍ତ ରହସ୍ୟମୟ ଦୃଷ୍ଟିରେ ମୋ ଆଡ଼େ ଚାହିଁ କହିଲେ— "ତୁ ତ ଅସଲ କଥାହିଁ କିଛି କହିଲୁନି । ତାରାପଦବାବୁ କ'ଣ କହିଲେ ତୋତେ ? ଲହୁଣି ପାଇ ଖୁସି ହୋଇ ନାହାଁନ୍ତି ?" ମୁଁ ପିତୃଦେବଙ୍କ ମୁହଁ ଆଡ଼େ ଚାହିଁ ରହସ୍ୟଭରା ଦିବ୍ୟଭାବ ଦେଖି ହତବାକ ହୋଇ ଗଲି । ଅନେକ ଚେଷ୍ଟା କରି କିଛି କହିବାକୁ ଯାଇ ବି କିଛି କହି ପାରିଲିନି । ସିଏହିଁ ପୁଣି କହିଲେ— "କ'ଣ ଆଉ କହିବି ! ଠାକୁରଙ୍କ ଲୀଳାର କ'ଣ କୌଣସି ଅନ୍ତ ଅଛି ? ତାଙ୍କ ଦୟାରେହିଁ ତ ଆମେମାନେ ସମସ୍ତେ ବଞ୍ଚି ଅଛୁ । ଯେତେହିଁ ଦେଖିବା, ଯେତେହିଁ ଅନୁଭବ କରିବା ସେତେହିଁ ମୁଗ୍ଧ ହେବା ।"

ମୋ ଜୀବନର ଆଉ ଗୋଟେ ଛୋଟ ଘଟଣା ଏଠାରେ ପ୍ରକାଶ କରିବାର ଲୋଭ ସମ୍ଭାଳି ନ ପାରି ଉଲ୍ଲେଖ କରୁଛି । ଆମମାନଙ୍କର ଭୂତ-ଭବିଷ୍ୟତ ଓ ବର୍ତ୍ତମାନ ଜୀବନର ସବୁ କିଛିହିଁ ଜାଣନ୍ତି ସିଏ । ତେଣୁ ତ ଆମେମାନେ 'ତାଙ୍କ' ଦୟାର ବହୁ ବହୁ ଦୁର୍ଘଟଣା ହାତରୁ ପ୍ରତିନିୟତହିଁ ରକ୍ଷା ପାଇ ଚାଲିଛୁ ।

ସେତେବେଳେ ବର୍ଷାଦିନ । ଦେଓଘରର ଆକାଶ ଘନ କଳା ମେଘରେ ଢ଼ଙ୍କା । ବେଶ କେଇଦିନ ଧରିହିଁ ବର୍ଷା ଚାଲିଛି । ଦୀର୍ଘଦିନ ମୁଁ ସେଇ ସମୟରେ ଦେଓଘରେ ଥିଲି । ଘାଟାଲରେ ଶ୍ରୀମନ୍ଦିରର ଜମି-ଜାଗା କିଣାର କାମ ଚାଲିଛି ସେତେବେଳେ । କାମଧନ୍ଧାର ଖୁବ୍ ବେଶୀ ଚାପ ନଥିବାରୁ 'ତାଙ୍କ' ସଙ୍ଗ ତ୍ୟାଗ କରିବାକୁବି ଇଚ୍ଛା ହେଉନି । କିନ୍ତୁ ହଠାତ୍ ଦିନେ ପିତୃଦେବ ମୋତେ କହିଲେ— "ଯେଉଁମାନେ କାମର ଲୋକ ସେମାନେ ଅକର୍ମା ହୋଇ ବସି ରହିଲେ ମୋତେ ଭଲ ଲାଗେନା । ସମସ୍ତେ ଯଦି ମୋର ଗଡ଼ୁଗାମୁଣ୍ଡା ବୋହି ମୋ ପଛେ ପଛେ ବୁଲନ୍ତି ତା'ହେଲେ ଠାକୁରଙ୍କ କାମ ହେବ କିପରି ! ସାରା ଦୁନିଆର ବିଭିନ୍ନ ପ୍ରାନ୍ତରେ ଏବେବି କେତେ ମଣିଷ ରହିଗଲେ ଯେଉଁମାନେ ଠାକୁରଙ୍କ ନାମବି ଶୁଣିଲେନି । ଜାଣିଲେନି "ତାଙ୍କ" ଆବିର୍ଭାବର କାରଣଟିକନ୍ତ । ଠାକୁର ଯେ ଆମମାନଙ୍କୁ ବଞ୍ଚା-ବଢ଼ାର ପଥ ଦେଖାଇଛନ୍ତି, ଯଜନ, ଯାଜନ, ଇଷ୍ଟଭୃତି, ସ୍ୱସ୍ତ୍ୟୟନୀ ଓ ସଦାଚରର କଥା କହିଛନ୍ତି ତା' ତ ସମସ୍ତଙ୍କ ମଧ୍ୟରେ ସୁନ୍ଦର କରି ଖେଳାଇ ଦେବାକୁ ହେବ ।" ଏହି ପର୍ଯ୍ୟନ୍ତ କହିହିଁ ସିଏ ଚୁପ ରହିଲେ । ମୁଁ ବୁଝିଲି ମୋର ଏ ସମୟରେ ଆଉ ଦେଓଘରେ ରହିବା ସିଏ ପସନ୍ଦ କରୁ ନାହାଁନ୍ତି । ପର ଦିନ ତୁଫାନ ଏକ୍‌ସପ୍ରେସରେ ଯାତ୍ରା କରିବି ଜଣାଇ ରଖିଲି ।

ପରଦିନ ପିତୃଦେବ ତାଙ୍କ ବାସଭବନରୁ ସକାଳ ୮ଟା ୪୦ ମିନିଟ୍‌ରେ ଯାତ୍ରା ଆରମ୍ଭ କରିଲେ । ଗାଡ଼ିରେ ଯିବେ । ଜାମୁଡ଼ୋଳ ଗଛ ତଳେ ଗାଡ଼ି ନେଇ ତାଳକ ମୋହନଭାଇ ଠିଆ ହୋଇଛନ୍ତି । ପିତୃଦେବ ଗାଡ଼ିରେ ଉଠିବାକୁ ଯିବେ ଏପରି ସମୟରେ ଜଣେ ବୃଦ୍ଧା ମା' ପ୍ରଣାମ କରି କ'ଣ ଯେପରି ସମସ୍ୟାର କଥା ନିବେଦନ କରିଲେ । ମୁଁ ସେଇ ଫାଙ୍କରେ ପିତୃଦେବଙ୍କ ସାମନାରେ ଆସି କହିଲି— ଆଜ୍ଞା, ମୁଁ ଏବେ ତୁଫାନରେ ଯାତ୍ରା କରିବି । ସ୍ନାନ-ଖାଇବା ସାରି ଏବେହିଁ ବାହାରିବାକୁ ହେବ । ଆଜ୍ଞା, ମୁଁ ଆସେ ତା'ହେଲେ ।

ପିତୃଦେବ 'ତାଙ୍କ' ସ୍ୱଭାବସୁଲଭ ଦୃଷ୍ଟି ଦେଇ ମୋର ପାଦରୁ ମୁଣ୍ଡ ପର୍ଯ୍ୟନ୍ତ କ'ଣ ଯେପରି ଦେଖିଲେ । କହିଲେ— "ଗଲେହିଁ ହେଲା । ଚାଲ ଚାଲ ଠାକୁରବାଡ଼ି ଯାଏ, ଗାଡ଼ିରେ ଉଠ । ନାମର ସମୟ ହୋଇଯିବ, ନେ ଶୀଘ୍ର ଶୀଘ୍ର ଉଠ । ପରେ ଖାଇବା-ପିଇବା ହେବ ।"

ମୋର ଆଉ ସେଇ ଦିନ ଯିବା ହେଲା ନାହିଁ ତୁଫାନରେ । ସିଏହିଁ ତ ଆଗ ଦିନ ମୋତେ ଯିବାର ଅନୁମତି ଦେଇଥିଲେ । ଆଜି ପୁଣି ଅଟକାଇଲେ କାହିଁକି ? ଭାବିଲି ଏହା ମଧ୍ୟରେ କୌଣସି ନା କୌଣସି ମଙ୍ଗଳ ନିଶ୍ଚୟ ଅଛି । ଯେତେବେଳେ ତାଙ୍କର ଇଚ୍ଛା ହେବ ସେତେବେଳେ ହିଁ ଯିବା ହେବ ।

ତା'ର ଠିକ୍ ଦୁଇଦିନ ପରେ ପିତୃଦେବ ମୋତେ ପଚାରିଲେ— "ତୋର ଘାଟାଲ ଯିବାର କଥା ଥିଲା ନା ? ଯା' ଆଜିହିଁ ବାହାରି ଯା' ତୁଫାନରେ । କେତେ କାମ ବାକି ଅଛି । କେତେ କ'ଣ କରିବାକୁ ହେବ ।"

ମୁଁ ସେଇଦିନହିଁ ତୁଫାନରେ ହାଓଡ଼ା ହୋଇ ଘାଟାଲ ଆସିଲି ରାତି ସାଢ଼େ ଦଶଟାରେ । ମୁଁ ସେତେବେଳେ ଘାଟାଲ ଟାଉନ ସେଣ୍ଟରରେ ରହେ । ନିଜେ ହାତରେ ରାନ୍ଧି କରି ଖାଏ । ତିନି ମହଲାରେ ଆମ ଘର ସାମନା ପଟରେ ଗୋଟେ ଷ୍ଟୁଡ଼ିଓ ଥିଲା । ନାମ ଦର ଷ୍ଟୁଡ଼ିଓ । ମୁଁ ଦରଜାର ତାଲା ଖୋଲୁଛି ଦେଖି ଷ୍ଟୁଡ଼ିଓର

ମାଲିକ ଅଜିତ ବର ମୋତେ ବାଧା ଦେଇ କହିଲେ— 'ଭାଇ ! ଅନ୍ଧକାରରେ ଘର ମଧ୍ୟକୁ ପ୍ରବେଶ ନ କରନ୍ତି ଯେପରି । ଆପଣଙ୍କ ପାଖରେ ଟର୍ଚ୍ଚ ନାହିଁ । ଆଲୋକ ନେଇ ଯାଇ ତା'ପରେ ପ୍ରବେଶ କରିବେ । ପ୍ରାୟଃ ଏକଘଣ୍ଟା ହୋଇଗଲା ଲୋଡ଼ଶେଡ଼ିଂ ଚାଲିଛି ।' ମୁଁ ତାଲା ଖୋଲି ତାଙ୍କ ପଛେ ପଛେ ଘର ମଧ୍ୟକୁ ପ୍ରବେଶ କରିଲି । ପ୍ରବେଶ କରିହିଁ ଯା' ଦେଖିଲି ସେଥିରେ ବିସ୍ମିତ ହେଲି । କିପରି ଏସବୁ ହେଲା ! ସାରା ଘରମୟ କାଚର ଟୁକୁଡ଼ା ବିଛାଡ଼ି ହୋଇ ପଡ଼ିଛି । ଏପରିକି ଖଟ ବିଛଣା ଉପରେ ବି ପଡ଼ିଛି ବେଶ୍ କେତୋଟି ।

ମୁଁ ଅଜିତଭାଇଙ୍କ ମୁହଁ ଆଡ଼େ ଚାହାଁନ୍ତେ ସେ କହିଲେ— ଦୁଇଦିନ ଆଗରୁ ରାତି ବଣ୍ଟରା ପନ୍ଦର ଖଣ୍ଡେ ହେବ ପ୍ରଚଣ୍ଡ ଝଡ଼ବୃଷ୍ଟି ମଧ୍ୟରେ ଖୁବ୍ ପାଖରେହିଁ ଗୋଟେ ବଜ୍ରପାତ ହୋଇଥିଲା । ବାରଣ୍ଡାରେ ମୋର ଜଣେ କର୍ମଚାରୀ ସେଇ ବଜ୍ରାଘାତରେ ଆହାତ ହୁଏ, ତା'କୁ ହାସପାତାଳକୁ ନେବାକୁ ହୋଇଛି ସେଇ ସଙ୍ଗେ ସଙ୍ଗେହିଁ । ଏବେ ତା'ର ଅବସ୍ଥା ଅନେକଟା ଭଲର ଦିଗରେ । ମୁଁ ସେଇଦିନ ହିଁ ଆପଣଙ୍କ ଘର ମଧ୍ୟରେ ଝଣ ଝଣ ଶବ୍ଦ ଶୁଣିଥିଲି । ମନେ ହୋଇଥିଲା— ହୁଏତ ଟ୍ୟୁବ୍‌ଲାଇଟଟା ବା ବଲ୍‌ବଟା ବର୍ଷ୍ଟ କରିଛି । ତେଣୁ ଆପଣଙ୍କୁ ଅନ୍ଧକାର ଘରେ ପ୍ରବେଶ କରିବାକୁ ନିଷେଧ କରିଥିଲି । ଭାଗ୍ୟକୁ ଆପଣ ସେଦିନ ସେଇ ସମୟରେ ସେ ଘର ମଧ୍ୟରେ ନ ଥିଲେ, ଥିଲେ କ'ଣ ଯେ ଘଟିଥା'ନ୍ତା କେଜାଣି ? ଅଜିତଭାଇଙ୍କ କଥାଗୁଡ଼ିକ ଶୁଣୁ ଶୁଣୁ ମୋ ଦେହ ଝାଳେଇ ଉଠିଲା । ମିଛାଇ ଦେଖିଲି ଦୁଇଦିନ ଆଗେହିଁ ମୋର ଏଠାକୁ ଆସିବାର କଥା ଥିଲା । ପିତୃଦେବ ମୋତେ ଆସିବାକୁ ନ ଦେଇ ଗାଡ଼ିରେ ଉଠାଇ ଠାକୁରବଙ୍ଗଳାକୁ ନେଇ ଯାଇଥିଲେ । ଯଦି ସେଦିନ ତୁଫାନରେ ଆସିବା ହୋଇଥା'ନ୍ତା ତା'ହେଲେ ସେହି ଦୁର୍ଘଟଣା ସମୟରେ ମୋର ଏହି ଘରେହିଁ ରହିବାର କଥା । ବଜ୍ରପାତରେ ଆହତ ହୋଇ ପାରିଥା'ନ୍ତି ନୁହେଁତ ଟ୍ୟୁବ୍‌ର ବିଷାକ୍ତ ଭଙ୍ଗା ଟୁକୁଡ଼ାଗୁଡ଼ିକ ଆଖି ମୁହଁରେ ଫୁଟି ଯାଇଥା'ନ୍ତା । ଆଉ କ'ଣ ଯେ ଘଟିଥା'ନ୍ତା କିଏ ଜାଣେ । ଅସୀମ ଦୟାମୟ ସିଏ । ମୁଁ 'ତାଙ୍କର' ଅଯୋଗ୍ୟ ସନ୍ତାନ । ତେବେବି ମୋ ଉପରେ 'ତାଙ୍କର' କେତେ କରୁଣା । ସେଦିନ 'ତାଙ୍କର' ଦିବ୍ୟଦୃଷ୍ଟି ଦେଇ ସବୁ ଦେଖିହିଁ ମୋତେ ଅଟକାଇ ଦେଇଥିଲେ ସିଏ । ତେଣୁ ତ ପ୍ରାଣଖୋଲି କହିବାକୁ ଇଚ୍ଛା କରେ— 'ଏ ମହା ନିଖିଳ ବିଶ୍ୱେ ଦୟାଳ/ ତୁମର ଦୟାର ତୁଳନା ନାହିଁ/ନିଜ ହାତେ ଗଢ଼ା ସୃଷ୍ଟି ମଝିରେ/ ନବରୂପେ ତୁମେ ଆସିଛ ତେଣୁହିଁ ।'

ସେତେବେଳେ ୧୯୭୨ ସାଲର ଜୁଲାଇ ମାସ । ଘାଟାଲରେ ବସି ଚିଠି ପାଇଲି ଦେଓଘରରୁ ଜିତେନ ଦେବବର୍ମଣ ଭାଇଙ୍କର । ସେ ଲେଖିଛନ୍ତି— 'ତୁମକୁ ଏଇ ଚିଠି ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ବାଙ୍କ ନିର୍ଦ୍ଦେଶରେ ଲେଖୁଛି । ଗୋଟେ ଅତ୍ୟନ୍ତ ପ୍ରୟୋଜନୀୟ ଔଷଧ ତିଆରି ପାଇଁ ଖୁବ୍ ଶୀଘ୍ରଶୀଘ୍ର ଅଢ଼େଇ ତୋଳା ପାନ ଗଛର ମୂଳ ଦରକାର । ତୁମେ ଯଥାସମ୍ଭବ ସଂଗ୍ରହ କରି ଆଣିଲେ ତାଙ୍କ ଇଚ୍ଛା ପୂରଣ ହେବ । ଆଶା କରେ ତୁମେ ଅତ୍ୟନ୍ତ ଗୁରୁତ୍ୱ ସହକାରେ କାମଟି କରିବାକୁ ଯତ୍ନବାନ ହେବ ।' ମୁଁ ମଧ୍ୟାହ୍ନ ଗୋଟାଏ ସମୟରେ ଏହି ଚିଠି ପାଇ ଭାବିଲି— ଏ ଆଉ ଏପରି କ'ଣ କଠିନ କାମ । ଗୋଟେ ଦିନ ମଧ୍ୟରେହିଁ ସଂଗ୍ରହ କରିଦେଇ ପାରିବି । ଭାବି ବସିଲି ଜଣାଶୁଣା କାହା କାହାର ପାନର ବରଜ ଅଛି । ଦୁଇ ତିନୋଟି ନାମ ଓ ମୁହଁ ସେତେବେଳେ ହିଁ ମନେ ପଡ଼ିଲା ମୋହର । ଘାଟାଲର ସେପଟେହିଁ ଜଣକ ପାଖକୁ ଅପରାହ୍ଣରେ ଯାଇ ଦେଖା କରି ବିଷୟଟା ଜଣାଇବାକୁ ଯାଇ ଭୀଷଣଭାବେ ଆଘାତ ପାଇଲି । ସେ ତ ରାଗରେ କ୍ଷୋଭରେ ଉତ୍ତେଜିତ ହୋଇ ମୋତେ ତଡ଼ି ଦେଲେ । କାହିଁକି ସେ ଅସନ୍ତୁଷ୍ଟ ହେଉଛନ୍ତି ତା'ର ବି ଉତ୍ତର ପାଇଲିନି ତାଙ୍କ ପାଖରୁ । ଅତ୍ୟନ୍ତ ଅପ୍ରସ୍ତୁତ ଭାବରେ ନିରାଶ ମନରେ କେନ୍ଦ୍ରକୁ ଫେରି ଆସିଲି । ଅଶେଷ ଶ୍ରଦ୍ଧାଭାଜନ ଗୁରୁଭ୍ରାତା ସୋମନାଥ ମୁଖାର୍ଜୀଭାଇଙ୍କୁ ସମସ୍ତ ଘଟଣା ଖୋଲି କହିଲି ।

ପରଦିନ ସକାଳେହିଁ ଯାତ୍ରା କଲି ମୋ ଦେଶ ଉଦ୍ଦେଶ୍ୟରେ । ଦୁଇ ତିନିଜଣ ବରଜର ମାଲିକଙ୍କ ପାଖକୁ ଗଲି,— କିନ୍ତୁ ଫଳ ହେଲାନି । ସେମାନେ ସମସ୍ତେହିଁ ଜଣାଇଲେ ଯେ, ପ୍ରୟୋଜନ ହେଲେ ଦେହର ରକ୍ତ ଦେଇ ପାରନ୍ତି କିନ୍ତୁ ପାନର ମୂଳ କେବେ ବି ଦେବେନି । ଆଉ ବିଶେଷଭାବେ ଅନୁରୋଧ ଜଣାଇଲେ ମୁଁ ଯେପରି ଆଉ କାହାକୁ ଏ ବିଷୟରେ ଅନୁରୋଧ ନ କରେ । ଅବଶ୍ୟ କାରଣଟା ଜାଣି ପାରିଲି ମୋର ବାଲ୍ୟବନ୍ଧୁ ହୃଷୀକେଶ ସାମନ୍ତ ପାଖରୁ । ହୃଷୀକେଶ ଜଣାଇଲା— କେହି ଯଦି ବରଜରୁ ପାନର ମୂଳ ଚାହେଁ ବା ଚୋରି କରେ ତା'ହେଲେ କାଳେ ବରଜ ନଷ୍ଟ ହୋଇଯାଏ— ଫଳନ କମିଯାଏ । ଏଇଟା ଗୋଟେ ପ୍ରଚଳିତ ସଂସ୍କାର ସେମାନଙ୍କର ।

ମୁଣ୍ଡରେ ହାତ ଦେଇ ବସିଲି । ତା'ହେଲେ କ'ଣ ହେବ ! ପରମାରାଧ୍ୟ ପିତୃଦେବଙ୍କ ଇଚ୍ଛା ପୂରଣ କରିପାରିବିନି ? କିନ୍ତୁ ତା' ତ ହେବନି । ସେ ଯେତେବେଳେ ଇଚ୍ଛା ପ୍ରକାଶ କରିଛନ୍ତି ସେତେବେଳେ କେହି ନା କେହି ଦେବେ, କେଉଁଠି ନା କେଉଁଠି ନିଶ୍ଚୟ ଗୋଟେ ବ୍ୟବସ୍ଥା ହୋଇ ହିଁ ରହିଛି । ମୋତେ କେବଳ ମୁଣ୍ଡ ଖଟାଇ ସେଇ ଦରଦୀ ମଣିଷଟିକୁ ଖୋଜି ବାହାର କରିବାକୁ ହେବ, ଯେ ପ୍ରଚଳିତ ସଂସ୍କାରର ଊର୍ଦ୍ଧ୍ୱକୁ ଉଠି ଏ କାର୍ଯ୍ୟ କରିପାରେ । ଠାକୁର-ଠାକୁର କରୁ କରୁ ଘାଟାଲ ଫେରି ଆସି ବହୁ ଜାଗାକୁ ସମ୍ବାଦଟା ପଠାଇଲି ବିଭିନ୍ନ ଲୋକଙ୍କ ମାଧ୍ୟମରେ ।

ଚେଷ୍ଟା ଚାଲିଛି ହିଁ । ଚିଠି ପାଇବାର ତୃତୀୟ ଦିନରେ ହିଁ ମହିଷାଦଳ (ତମଲୁକ ସନ୍ନିକଟରେ)ରୁ ଜଣେ ଗୁରୁଭ୍ରାତା ତା' ନିଜ ବରଜରୁ ଅନେକଗୁଡ଼ିଏ ଗଛ ଓପାଡ଼ି ତା'ର ମୂଳ ଅଢ଼େଇ ତୋଳା ପରି ନେଇ ଆସି ପହଞ୍ଚିଲା । ମୁଁ ଦୀର୍ଘ ନିଃଶ୍ୱାସ ଛାଡ଼ି ବଞ୍ଚିଲି । ଗୁରୁଭାଇଟିକୁ ଅନେକ ଅନେକ ଧନ୍ୟବାଦ ଦେଲି ପ୍ରଭୁଙ୍କ କାର୍ଯ୍ୟରେ ସହଯୋଗିତା କରିବା ପାଇଁ । ଆଦର କରି ତା'କୁ ମିଠା ବି ଖୁଆଇଲି । କହିଲି— ତୁମେ ଜାଣ ଯେ, ପାନର ମୂଳ ବରଜରୁ ଦେଲେ ବା ଚୋରି ଗଲେ ସେଥିରେ ବରଜ ନଷ୍ଟ ହୋଇଯାଏ । ତୁମର ଯଦି ତାହାହିଁ ହୁଏ ତା'ହେଲେ ତୁମର ଯେ ଅନେକ ଅନେକ କ୍ଷତି ହୋଇଯିବ !

ଉତ୍ତରରେ ପିଲାଟି କହିଲା— ଦିନେ ଅନ୍ୟର ବରଜରେ କାମ କରି ସଂସାର ଚଳାଉଥିଲି କୌଣସିମତେ । ଦୀକ୍ଷା ନେବା ପରେ ଥରେ ଠାକୁରବାଡ଼ି ଯାଇ ପୂଜ୍ୟପାଦ ବଡ଼ବାଙ୍କୁ ମୋର ସଂସାରର କଷ୍ଟର କଥା ନିବେଦନ କରେ । ସେତେବେଳେ ସେ ମୋତେ ଆଶୀର୍ବାଦ କରି କହିଥିଲେ— 'ତୁ ତ ବରଜର କାମ ଜାଣିଛୁ କହୁଛୁ । ତା'ହେଲେ ନିଜ ଜମିରେହିଁ ଛୋଟ କରି ଗୋଟେ ବରଜ କରିପାରୁ । ଧୀରେ ଧୀରେ ତୋର ଦୁଃଖକଷ୍ଟ ଚାଲିଯିବ ଠାକୁରଙ୍କ ଦୟାରୁ ।' ମୁଁ ଫେରି ଆସି ଛ'ମାସ ମଧ୍ୟରେ ହିଁ ପାଞ୍ଚ କଠା ଜମି ଉପରେ ବରଜ କରିଛି । ଆଜିକୁ ଅଢ଼େଇ ବର୍ଷ ହେବ । ବେଶ୍ ଭଲ ହିଁ ଚାଲିଛି । ମୋର କୌଣସି ଅସୁବିଧା ନାହିଁ । ତାଙ୍କ ଦୟାରୁ ହିଁ ଯେତେବେଳେ ସୁଖରେ ଅଛି, ସେତେବେଳେ ତାଙ୍କ ପ୍ରୟୋଜନରେ ଆଗେଇ ନ ଆସିଲେ ବେଇମାନି କରାହେବ ଯେ । ଆଉ ମୁଁ ଏହା ବି ବିଶ୍ୱାସ କରେ— ତାଙ୍କ ଇଚ୍ଛା ପୂରଣ କରିବା ପାଇଁ ମୁଁ ବରଜରେ ହାତ ଦେଇଛି— ମୋର କୌଣସି କ୍ଷତି ହେବନି । କୌଣସି ସଂସ୍କାରହିଁ ମୋ ଉପରେ କୌଣସି କ୍ରିୟା କରିପାରିବନି— ମୋର ଗଭୀର ବିଶ୍ୱାସ ଅଛି ।

ମୁଁ ହତବାକ୍ ହୋଇଗଲି ଭାଇଟିର କଥା ଶୁଣି । ଅନ୍ତରରେ ତା'ର କେତେ ଗଭୀର ବିଶ୍ୱାସ । ତାଙ୍କ କାମ ପାଇଁ କେଉଁଠାରେ ଯେ କିଏ ଗୋଟେ ଗୋଡ଼ରେ ଛିଡ଼ା ହୋଇ ଅପେକ୍ଷା କରିଛି ତା' କିଏ କହିପାରେ । ଭାବିଲି— ମୋର ଯଦି ଏପରି ଗଭୀର ବିଶ୍ୱାସ ଥା'ନ୍ତା !

ପରଦିନହିଁ ସେଇ ପାନର ମୂଳ କଦଳୀ ପତ୍ରରେ ଗୁଡ଼େଇ ଯତ୍ନ କରି ନେଇ ଗଲି ଦେଓଘର । ଜିତେନଭାଇ ପାଇ ବି ଆନନ୍ଦରେ ଡ଼ଗମଗ ହୋଇ ମୋତେ କୁଣ୍ଠାଇ ଧରିଲେ ବୁକୁରେ । ମୂଳ ନେଇ ଶ୍ରୀଶ୍ରୀପିତୃଦେବଙ୍କ ପାଖକୁ ଆମେ ଦୁଇଜଣ ହିଁ ଗଲୁ ତାଙ୍କ ଶୋଇବା ଘରକୁ । ଶ୍ରଦ୍ଧେୟ ଜିତେନଭାଇ ଓ ମୁଁ ଯାହାଯାହା କହିବାର ସବୁ କହିଲୁ । ଶୁଣି ପିତୃଦେବ କହିଲେ— (ଜିତେନଭାଇଙ୍କୁ ଇଙ୍ଗିତ କରି) 'ତୁ ତ ମୁଣ୍ଡରେ ହାତ ଦେଇଥିଲୁ କେଉଁଠୁ ପାଇବୁ ଏଇ ଚିନ୍ତାରେ । ଦେଖୁଛୁ ଠାକୁର 'ତାଙ୍କର' କାମ କରି ହିଁ ରଖୁଛନ୍ତି । ଆମମାନଙ୍କର କେବଳ ଟିକେ ହଲଚଲ ହେବାର ଚେଷ୍ଟା କରିଲେ ହେଲା । ଆଉ ସେଥିରେ ଠାକୁରଙ୍କର କେତେ ଦୟା ଅନୁଭବ କରାଯାଏ । ଯା' ଚଟାପଟ୍ ଔଷଧଟା ତିଆରି କରିପକା ।'

ଜିତେନଭାଇଙ୍କ ପାଖରୁ ସେଇଦିନ ହିଁ ରାତିରେ ଅନେକ କଥା ଶୁଣିଲି । ସେ ପ୍ରଥମେ ନିଜେହିଁ ଚେଷ୍ଟା କରିଥିଲେ ଶ୍ରୀଶ୍ରୀପିତୃଦେବଙ୍କଠାରୁ ଫର୍ମୁଲାଟି ପାଇବା ପରେ । କିନ୍ତୁ ପାନର ମୂଳ ନ ପାଇବାରୁ ହତାଶ ହୋଇ ତାଙ୍କ ନିକଟରେ ନିବେଦନ କରିବାରୁ ସେ ଦୟା କରି ମୋତେ ଜଣାଇବାକୁ କହିଥିଲେ । ସେ ତ ଅନ୍ତର୍ଯ୍ୟାମୀ— ସବୁ ହିଁ ସେ ଜାଣନ୍ତି । କେବଳ ମୋ ପରି ଅଧମ ଉପରେ ଦୟା କରି ହିଁ ଏଇ ଲୀଳାର ଆଶ୍ରୟ ନେଲେ ।

ଏଥିସହିତ ଆଉ ଟିକେ ନ କହିଲେ ତାଙ୍କ ଦୟାର କାହାଣିରେ ଅସମ୍ପୂର୍ଣ୍ଣତା ରହିଯିବ । ମହୀଷାଦଳର ସେହି ଗୁରୁଭାଇଟି କେତୋଟି ବର୍ଷ ମଧ୍ୟରେ ହିଁ ଭଲ ଜାତିର ପାନ ଚାଷ କରି ଅତ୍ୟନ୍ତ ଲାଭବାନ ହୋଇ ଉଠିଥିଲା । ଏବେ ସେ ଅନେକଙ୍କର ଅନ୍ନ-ବସ୍ତ୍ରର ଯୋଗାଣଦାର ହୋଇ ପାରିଛି । ବହୁ ଲୋକ ତା' ବ୍ୟବସାୟରେ ଖଟି ସଂସାର ଚଳାନ୍ତି । ଅନେକ ବଢ଼ି ଯାଇଛି ସବୁ ଦିଗରୁ । ତେଣୁ କହିଥିଲି— 'ଗଭୀର ବିଶ୍ୱାସରେ ସବୁହିଁ ହୋଇପାରେ', ତାଙ୍କର ଏହି କଥା ମିଥ୍ୟା ହେବାର ନୁହେଁ ।

(ଇଷ୍ଟ ପ୍ରଣାମ, ପୃ.:୧୨୪-୧୨୯)

ଜୀବନୀୟ ସେବାସନ୍ଦୀପନୀ ପରିଚର୍ଯ୍ୟାରେ
ଯା'ର ଯେପରି ଅଚ୍ଛଳିତ ଇଷ୍ଟନିଷ୍ଠା
ହୋମଦୀପ୍ତ ହୋଇ ଅଛି—
ସତ୍‌ସନ୍ଦୀପନାରେ କୃତିତପା ତାତ୍ପର୍ଯ୍ୟରେ,—
ଭାଗ୍ୟଦେବୀବି ସେଠାରେ ସ୍ମିତବଦନା ସେଇପରିହିଁ;
ଭଜନଦୀପିକା ଯେଉଁଠାରେ ଯେପରି—
ଭଗବାନବି ସେଠାରେ ସେପରି ସ୍ଫୁର୍ତ୍ତ । ୪୩ ।

(ଚର୍ଯ୍ୟା-ସୂତ୍ର)

ଦିବ୍ୟଲୀଳା

କିଏ କା'ର ହେବେ ଗୁରୁ ?
କେଉଁ ଗୁରୁଙ୍କ ହେବ ଶିଷ୍ୟ ?
ପୂର୍ବନିର୍ଦ୍ଦିଷ୍ଟ ସେଇସବୁ
ସାଧନାସ୍ତରର ବିକାଶ ॥

♦ ଡକ୍ଟର ନିରଞ୍ଜନ ମିଶ୍ର

(ପୂର୍ବପ୍ରକାଶିତ ଉତ୍ତାରୁ....)

ପ୍ରଦୀପ ପ୍ରଜ୍ଜ୍ୱଳନ ହେଲା । ଶଯ୍ୟା ଉପରେ ଅର୍ଦ୍ଧଶାୟିତ ହେଲେ ଶ୍ରୀଶ୍ରୀଠାକୁର । ଆଉ ତଳେ ଶଯ୍ୟା ପାର୍ଶ୍ୱରେ ଉପବିଷ୍ଟ ଜିଜ୍ଞାସୁ ସୁଶୀଳଚନ୍ଦ୍ର ।

ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଛନ୍ତି ପ୍ରଶ୍ନକର୍ତ୍ତା । ଆଉ ଅନବରତ ଉତ୍ତର ଦେଇ ଚାଲିଛନ୍ତି ଉତ୍ତରଦାତା ।

କୌଣସି ସାଧୁ, ମହାତ୍ମା, ବାବାଜୀଙ୍କୁ ଦେଖିଲେ ମନରେ ସ୍ୱତଃ ଆଧ୍ୟାତ୍ମିକ ଜିଜ୍ଞାସା ଉଦ୍ରେକ ହୁଏ । ପଚାରିବାକୁ ଇଚ୍ଛା ହୁଏ, ଅଧ୍ୟାତ୍ମ ଜଗତର ନିଗୂଢ଼ ତତ୍ତ୍ୱ ସମ୍ବନ୍ଧରେ ଅବଗତ ହେବାକୁ । କିନ୍ତୁ ତଥାକଥିତ ଧର୍ମଧ୍ୱଜୀମାନେ ସନ୍ନ୍ୟାସୀର ବେଶଭୂଷାରେ ଅଧ୍ୟାତ୍ମଜଗତର ଧୂରୀଣଭାବେ ନିଜକୁ ବାହ୍ୟପ୍ରକାଶିତ କରିଥା'ନ୍ତି ସତ କିନ୍ତୁ ଅନ୍ତତଃ ସେମାନଙ୍କର କୌଣସି ବିଷୟରେ ନା ଥାଏ ଅଧ୍ୟୟନ ନା ଅଧିଗମନ ।

ପ୍ରଶ୍ନକର୍ତ୍ତା ଭାବିଥିଲେ, ଗୋଟେ ଦି'ଟା ନିଗୂଢ଼ ପ୍ରଶ୍ନ ପରେ ଉତ୍ତରଦାତା ପଣ୍ଡାତ୍‌ପଦ ହୋଇଯିବେ ହୁଏତ । କିନ୍ତୁ ଆଶ୍ଚର୍ଯ୍ୟର କଥା ତା' ତ ହେଲାନି ପ୍ରଶ୍ନ ମାତ୍ରେ ଆଖିପିଛୁଳାକେ ଚିନ୍ତା ନ କରି ସ୍ୱତଃସ୍ଫୂର୍ତ୍ତଭାବେ ଅନର୍ଗଳ ଉତ୍ତର ଦେଇ ଚାଲିଲେ ଶ୍ରୀଶ୍ରୀଠାକୁର ।

ଉତ୍ତରଦାତାଙ୍କର ସ୍ୱତଃସ୍ଫୂର୍ତ୍ତତା ଓ ଅନବରତ ସଠିକ୍ ଉତ୍ତର ପ୍ରଦାନର ଅସୀମ କ୍ଷମତାକୁ ଦେଖି ପ୍ରଶ୍ନକର୍ତ୍ତାଙ୍କ ମନରେ ଯେତେ ଯାହା ସବୁ ପ୍ରଶ୍ନ ଥିଲା ତା' ପଚାରିବାକୁ ଇଚ୍ଛା ହେଲା । ପଚାରିଲେ ମଧ୍ୟ ।

ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚାଲିଲା ପ୍ରାୟଃ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ । ରାତ୍ରିଭୋଜନ ପାଇଁ ଡ଼ାକରା ଆସିଲା । ଶ୍ରୀଶ୍ରୀଠାକୁର ଓ ସୁଶୀଳଚନ୍ଦ୍ର ଏକସଙ୍ଗେ ଖାଇ ବସିଲେ ।

ପରିବାରର ସମସ୍ତେ ରାତ୍ରିଭୋଜନ କରି ଶୟନାର୍ଥେ ଗମନ କଲେ । ଶ୍ରୀଶ୍ରୀଠାକୁର ମଧ୍ୟ ତାଙ୍କ ଶୟନକକ୍ଷକୁ ଆସିଗଲେ । ଇସାରାରେ ସୁଶୀଳଚନ୍ଦ୍ରଙ୍କୁ ମଧ୍ୟ ଆସିବାକୁ ଇଙ୍ଗିତ କଲେ । 'ସେ ଏବେ ବିଶ୍ରାମ ନେବେ । ମୋର ଯିବା ଉଚିତ୍ ନୁହେଁ — ଏପରି ଭାବନା ମନରେ ଆସୁଥିଲା ସୁଶୀଳଚନ୍ଦ୍ରଙ୍କର । କିନ୍ତୁ ପ୍ରଶ୍ନ ପଚାରିବାର ଅଦମ୍ୟ ଇଚ୍ଛା ମଧ୍ୟ ଅନ୍ତର୍ଗତରେ ସୃଷ୍ଟି କରୁଥିଲା ଆଲୋଡ଼ନ ।

ଜାଣିପାରିଲେ ହୁଏତ ସେ । ଏଣୁ ସଙ୍ଗରେ ଯିବା ପାଇଁ ଇସାରା କଲେ ।

ପୁନଶ୍ଚ ଆରମ୍ଭ ହୋଇଗଲା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ । ସେ ଅନେକ ପ୍ରଶ୍ନ । ଅନେକ ପ୍ରସଙ୍ଗ । ଅନେକ ତତ୍ତ୍ୱ । ଅନେକ ଦର୍ଶନ । ଅନେକ ତାତ୍ପର୍ଯ୍ୟ । ପ୍ରତି ବିଷୟର ପୁଙ୍ଖାନୁପୁଙ୍ଖ ଆଲୋଚନା ସହିତ ମୂଳ ତାତ୍ପର୍ଯ୍ୟ ଗୁହ୍ୟତମ ତତ୍ତ୍ୱର ଉନ୍ମୋଚନ ଆଦି ସମସ୍ତ କାର୍ଯ୍ୟ କ୍ଷିପ୍ରଗତିରେ ସମ୍ପାଦନ କରି ଚାଲୁଥିଲେ ଠାକୁର । ପ୍ରଶ୍ନକର୍ତ୍ତା ପ୍ରଶ୍ନ ସମ୍ପୂର୍ଣ୍ଣ ଜିଜ୍ଞାସା କରୁ କି ନ କରୁଣୁ ଉତ୍ତରଦାତା ଆରମ୍ଭ କରି ଦେଉଥିଲେ ଉତ୍ତର ପ୍ରଦାନ । ଏତେ ଗୁଢ଼ ତତ୍ତ୍ୱ, ନିଗୂଢ଼ତମ ଜିଜ୍ଞାସାକୁ ଅତି ସହଜ ସରଳ ସାଧାରଣ ବୋଧଗମ୍ୟ ଭାବରେ ଓ ଭାଷାରେ ସତାପର୍ଯ୍ୟାନୁଶୀଳନରେ କହି ପାରିବାର ଯେଉଁ ଦିବ୍ୟ କ୍ଷମତା ଠାକୁରଙ୍କର ଥିଲା ତାହା ଦେଖି, ଶୁଣି, ବୁଝି ଆଶ୍ଚର୍ଯ୍ୟଚକିତ ହୋଇଗଲେ ସୁଶୀଳଚନ୍ଦ୍ର ।

ଏ ମଧ୍ୟରେ କେତେବେଳେ ରାତି ପାହି ସକାଳ ହୋଇ ଆସିଲାଣି । ଭୋରବେଳା କୁଆ ଡ଼ାକିବାର ଶବ୍ଦ ଶୁଣି ଠାକୁର କହିଲେ— ଭୋର ହୋଇ ଯାଇଛି । କୁଆ ଡ଼ାକୁଛି ।

ଝରକା ଖୋଲି ଦେଖିଲେ ସୁଶୀଳଚନ୍ଦ୍ର । ସତେ ତ ପୂର୍ବାକାଶ ଫର୍ଚ୍ଚା ହୋଇ ଆସୁଛି ।

ସୁଶୀଳଚନ୍ଦ୍ର ବସୁ ଥିଲେ ଦର୍ଶନଶାସ୍ତ୍ରର ଛାତ୍ର । ଦର୍ଶନଶାସ୍ତ୍ରର ନିଗୂଢ଼ତମ ତତ୍ତ୍ୱକୁ ପ୍ରଶ୍ନ ରୂପେ ଅଜାଡ଼ି ଦେଉଥିଲେ ସେ । ଆଉ, ସେସବୁକୁ ସାଉଁଟି ଉତ୍ତର ରୂପରେ ପୁନଶ୍ଚ ତାଙ୍କ ଅଣ୍ଟିରେ ସଜାଡ଼ି ଦେଉଥିଲେ ଠାକୁର ।

କେବଳ ଦାର୍ଶନିକ ପ୍ରଶ୍ନ ନୁହେଁ, ନିଜ ବ୍ୟକ୍ତିଗତ ଜୀବନର ମଧ୍ୟ ଅନେକ ପ୍ରଶ୍ନ ସେ ପଚାରି ସାରିଲେଣି । ଏଥିସହିତ ପାରିବାରିକ, ସାମାଜିକ ଓ ରାଷ୍ଟ୍ରୀୟ ସମସ୍ୟା ସମ୍ବନ୍ଧରେ ଯେତେ ପ୍ରଶ୍ନ ତାଙ୍କ ମନରେ ଉଦ୍ରେକ ହେଉଥିଲା ଏବଂ ପୂର୍ବରୁ ଜମା ହୋଇ ରହିଥିଲା ସବୁଗୁଡ଼ିକୁ ଢ଼ାଳି ଦେଲେ ଠାକୁରଙ୍କ ନିକଟରେ । ତତ୍‌କ୍ଷଣାତ୍ ଯଥାର୍ଥ ଓ ବାସ୍ତବ ସମାଧାନ ପାଇ ଅତ୍ୟନ୍ତ ତୃପ୍ତ ହେଲେ ବି ସେ ।

ପ୍ରଶ୍ନକର୍ତ୍ତାଭାବେ ମନଇଚ୍ଛା ଆମୂଳଚୂଳ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ପଚାରି ଥକିଗଲେ ସେ । ମନେ ମନେ ଭାବିଲେ, ଜଣକ ପକ୍ଷେ ଏପ୍ରକାର ବହୁବିଧ ପ୍ରଶ୍ନର ଉତ୍ତର ପୁନଶ୍ଚ ବିହିତ ସମାଧାନ ସହିତ ପ୍ରଦାନ କରିବା କିପରି ସମ୍ଭବ ? ତାଙ୍କୁ ଲାଗୁଥିଲା ଏହା ଅସମ୍ଭବବତ୍ ବ୍ୟାପାର । କାରଣ ଅନୁକୂଳଚନ୍ଦ୍ର ଉଚ୍ଚଶିକ୍ଷାର ଧାର ଧାରି ନାହାଁନ୍ତି । ତଥାକଥିତ ଭାବରେ ଉଚ୍ଚଶିକ୍ଷା ଲାଭ କରି ନଥିବା ଜଣେ ଯୁବକ ଆନ୍ତ୍ରହସ୍ତମ୍ଭ, ଆସଂସାର-ଈଶ୍ୱର ସମସ୍ତ ପ୍ରଶ୍ନର ଉତ୍ତର ଏତେ ସୁନ୍ଦର ସହଜ ଓ ଯଥାର୍ଥତାର ସହିତ ପ୍ରଦାନ କରିବା କେବେ କୌଣସି ଜଣେ ବ୍ୟକ୍ତି ପକ୍ଷେ ସମ୍ଭବ ହୋଇପାରେ କି ? ଆଜି ପ୍ରଥମ ସେ ଦେଖୁଛନ୍ତି ଏପରି ଜଣେ ବ୍ୟକ୍ତିଙ୍କୁ ଯାହାଙ୍କ ପକ୍ଷେ ତାହା ସମ୍ଭବ ହୋଇପାରୁଛି । ସୁତରାଂ ସେ ତଥାକଥିତଭାବେ ଶିକ୍ଷିତ ନ ହୋଇଥିଲେ ବି ସର୍ବବିଧ ଶିକ୍ଷାରେ ଶିକ୍ଷିତ ।

କେବଳ ଜଣେ ଅଦ୍ୱିତୀୟ ବିଜ୍ଞ, ପ୍ରାଜ୍ଞ ଓ ସର୍ବବିଦ୍ୟାବିତ୍ ନୁହଁନ୍ତି ଠାକୁର ଅନୁକୂଳଚନ୍ଦ୍ର ଏଥିସହିତ ତାଙ୍କର ମାନବ ପ୍ରତି ପ୍ରାଣଭରା ଦରଦ, ଭଲପାଇବା, ଆତ୍ମବୋଧଭରା ପ୍ରେମ ଯାହା ସେ ଦେଖିଲେ ତାହା ଅଦ୍ୱିତୀୟ । ସମସ୍ତଙ୍କ ପ୍ରତି ତାଙ୍କର ପ୍ରେମର କୌଣସି ସୀମାସରହଦ ନ ଥିଲା । ଯେପରି ବିଶ୍ୱବ୍ୟାପୀ ପ୍ରେମ ତାଙ୍କର । କେବଳ ମାନବ ନୁହେଁ ସମସ୍ତ ପଶୁପକ୍ଷୀ, ସ୍ଥାବରଜଙ୍ଗମ ପ୍ରତି ତାଙ୍କର ଭଲପାଇବାର ନିବିଡ଼ତା ଏତେ ଗଭୀର ଯେ ତାହାର ଆକଳନ କରିବା କୌଣସି ମଣିଷ ପକ୍ଷେ ସମ୍ଭବ ନୁହେଁ ।

ସକାଳେ ହାତମୁହଁ ଧୋଇ ତାଙ୍କ ପାଖରେ ଯାଇ ବସିଲେ ସୁଶୀଳଚନ୍ଦ୍ର । ଠାକୁର ପ୍ରୀତିପନ୍ନ ଦୃଷ୍ଟିରେ ତାଙ୍କର ଆପାଦମସ୍ତକ ନିରୀକ୍ଷଣ କରିବାକୁ ଲାଗିଲେ । ତାଙ୍କର ସେହି ଦୃଷ୍ଟିରେ କ'ଣ ଆକର୍ଷଣ ଥିଲା କେଜାଣି ! ଶ୍ରୀରାମକୃଷ୍ଣଙ୍କୁ ସେ କେବେ ଦେଖିନାହାଁନ୍ତି, ଶୁଣି ନାହାଁନ୍ତି ତାଙ୍କର କଣ୍ଠସ୍ୱର । କିନ୍ତୁ ପ୍ରଥମେ ଯେଉଁଦିନ 'ଶ୍ରୀରାମକଥାମୃତ' ସେ ପଢ଼ନ୍ତି ବିଦ୍ୟାଳୟର ଛାତ୍ର ଅବସ୍ଥାରେ ସେତେବେଳେ ତାଙ୍କର ଏକ ଅପୂର୍ବ ଅନୁଭୂତି ଲାଭ ହୋଇଥିଲା ।

ଆଜି ଠାକୁର ଅନୁକୂଳଚନ୍ଦ୍ରଙ୍କର ତାଙ୍କ ପ୍ରତି ଯେଉଁ ଦୃଷ୍ଟିପାତ ହେଉଛି ସେ ମଧ୍ୟରେ ଯେଉଁ ଅନନ୍ୟତା, ଯେଉଁ ଦିବ୍ୟତା ରହିଛି ତାହା ତାଙ୍କୁ ବିଶେଷଭାବରେ ଭାବାୟିତ କଲା । ତାଙ୍କୁ ଲାଗିଲା ଠାକୁର ଶ୍ରୀରାମକୃଷ୍ଣ ହିଁ ତାଙ୍କ ଆଡ଼କୁ ସ୍ନେହଳ ଦୃଷ୍ଟିରେ ଚାହିଁଛନ୍ତି ।

ଏ କିପରି ସମ୍ଭବ ? କିନ୍ତୁ ସେହି ଦିବ୍ୟଦୃଷ୍ଟିକୁ ସେ ନିଜ ଚକ୍ଷୁର ଆଢ଼ୁଆଳରେ ନେଇପାରୁ ନାହାଁନ୍ତି । ହୃଦୟର ଅନ୍ତଃକରଣରେ ତାଙ୍କର ଦୃଢ଼ ବିଶ୍ୱାସ ହେଉଛି, ସ୍ୱୟଂ ଠାକୁର ରାମକୃଷ୍ଣହିଁ ତାଙ୍କୁ ଚାହିଁଛନ୍ତି ।

ହଠାତ୍ ଠାକୁର କହିଲେ ତାଙ୍କ ଆଡ଼କୁ ଆଗେଇ ଯିବାକୁ । ଆରେ ! ଏ ତ ରାମକୃଷ୍ଣଙ୍କ କଣ୍ଠସ୍ୱର ! ରାମକୃଷ୍ଣ କଥାମୃତ ପଠନ କଲା ସମୟରେ କଳ୍ପନାର ଅନୁଭୂତିରେ ତାଙ୍କୁ ପ୍ରତ୍ୟୟ ହେଉଥିଲା, ରାମକୃଷ୍ଣଙ୍କର କଣ୍ଠସ୍ୱର ହୁଏତ ଏପରି ହୋଇଥିବ । ଆଜି ପ୍ରତ୍ୟକ୍ଷ ହେଲା ଅବିକଳ ଏହି କଣ୍ଠସ୍ୱର । ଠାକୁର ରାମକୃଷ୍ଣଙ୍କର କଣ୍ଠସ୍ୱର ଠିକ୍ ଏହିପରି ହୋଇଥିବ ବା ହୋଇଥିଲା ।

ଭିତରେ ଏହି ପ୍ରତ୍ୟୟଟା ଏତେଦୂର ଦୃଢ଼ ହୋଇଗଲା ଯେ ତାହାକୁ ଟାଳି ଠେଲି ଉଦ୍‌ବମନ କରିପାରିଲେ ନାହିଁ । ବରଂ ଆହୁରି ଆହୁରି ଗଭୀରରୁ ଗଭୀରତମ ପ୍ରବେଶକୁ ପ୍ରବେଶ କରି ଚାଲିଲା ସେହି ଅନୁଭବ, ସେହି ଭାବନା, ସେହି ଅନୁଭୂତି, ଆଉ ତତ୍‌କ୍ଷଣାତ୍ କାଳବିଳମ୍ବ ନ କରି ସେ ଆଗେଇ ଯାଇ ଠାକୁରଙ୍କ ଶ୍ରୀଚରଣରେ ପ୍ରଣାମ କରି କହିଲେ— 'ମୋତେ ଦୀକ୍ଷା ଦିଅନ୍ତୁ, ପଥ ଦେଖାଇ ଦିଅନ୍ତୁ ।'

ଏହି ମୁହୂର୍ତ୍ତକ ପୂର୍ବରୁ ହୁଏତ ସେ ଭାବି ନଥିଲେ, ସ୍ଥିର କରି ନଥିଲେ, ଇଚ୍ଛା ବି କରି ନଥିଲେ ଦୀକ୍ଷା ନେବାକୁ କହିବେ ବୋଲି । କିନ୍ତୁ ହଠାତ୍ କେହି ଯେପରି ଭିତରୁ ତାଙ୍କୁ ଜୋର୍‌ରେ ଧକ୍କାଟିଏ ମାରିଲା ଆଉ ଭିତରର ପୁଞ୍ଜୀଭୂତ ଅନୁଭୂତି ଅଭିଭୂତିର ରୂପ ପାଇ ଭକ୍ତି ରୂପରେ ହୋଇଗଲା ଅଭିବ୍ୟକ୍ତ ।

ସେଦିନ ଥିଲା ନଭେମ୍ବର ୭ତାରିଖ ।

ସ୍ୱୟଂ ଶ୍ରୀଶ୍ରୀଠାକୁର ସୁଶୀଳଚନ୍ଦ୍ର ବସୁଙ୍କୁ ଦୀକ୍ଷା ଦେଲେ । ନଭେମ୍ବର ୭ତାରିଖରେ ତାଙ୍କର ଦୈହିକ ଜନ୍ମ ହୋଇଥିଲା । ପୁନଶ୍ଚ ଦ୍ୱିତୀୟ ଜନ୍ମ ବା ଆଧ୍ୟାତ୍ମିକ ଜନ୍ମ ହେଲା ସେହି ତାରିଖରେ ।

ଚାରିବର୍ଷ ପୂର୍ବେ ସାଧୁଜୀ ମହାରାଜ ଯେଉଁ ଭବିଷ୍ୟବାଣୀ କରିଥିଲେ ତାହା ଆଜି ଅକ୍ଷରେ ଅକ୍ଷରେ ଫଳିଗଲା । ସେ କହିଥିଲେ, ଆଜିକୁ ଠିକ୍ ଚାରିବର୍ଷ ପରେ ତୁମର ଯିଏ ଗୁରୁ ହେବେ ତାଙ୍କ ସହିତ ତୁମର ଦେଖା ହେବ, ସେହିଁ ତୁମକୁ ଦୀକ୍ଷା ଦେବେ ।

ସେହିକଥା ବିସ୍ମୃତିର ଅତଳଗର୍ଭରୁ ଚିହ୍ନିକି ଆସି ପ୍ରସ୍ଫୁଟିତ ହୋଇ ପୁଷ୍ପଟିଏ ହୋଇ ପଟଳ ଖୋଲିବେଳା ତାଙ୍କ ସମ୍ମୁଖରେ । ଆରେ ! ସତେ ତ ସାଧୁଜୀଙ୍କର କଥା ତ ଠିକ୍ ହେଲା ! ମଣିଷର ସଦ୍‌ଗୁରୁ ଗ୍ରହଣ ବି ନିୟତି ନିୟନ୍ତ୍ରିତ ! ନ ହେଲେ କ'ଣ ଶ୍ରୀମା

ସାରଦା ଦେବୀ, ରାଖାଲ ମହାରାଜ ଓ ସାଧୁଜୀଙ୍କ ନିକଟରୁ ଦୀକ୍ଷା ଗ୍ରହଣ ନ କରି ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟକୁ ସେ ଆସିଲେ କାହିଁକି ଆଉ ଆତ୍ମସମର୍ପଣ ତାଙ୍କ ଶ୍ରୀଚରଣରେ କଲେ ବା କାହିଁକି ?

ଏହାର ପୂର୍ବାପର ସମ୍ବନ୍ଧ ସ୍ଥାପନ କରିପାରିଲେ ନାହିଁ ସେ । ଏମିତି କ'ଣ ହୋଇପାରେ ? ମନରେ ଯେଉଁ ପ୍ରଶ୍ନର ଉଦ୍ରେକ ହେଲା ତାହା ପ୍ରଶ୍ନବାଚୀ ହୋଇ ରହିଗଲା ।

ଏହା ଏକ ବିଶେଷ ଘଟଣା । ଏ ମଧ୍ୟରେ ଶ୍ରୀଶ୍ରୀଠାକୁରଙ୍କ ଅନେକ ଦିବ୍ୟଲୀଳା ସଂରଚିତ ହୋଇ ସଂଗ୍ରଥିତ ହେଲା ।

ପ୍ରଥମତଃ ପ୍ରମାଣିତ ହେଲା କିଏ କେଉଁ ଗୁରୁଙ୍କ ଶରଣାପନ୍ନ ହେବ ତାହା ପୂର୍ବରୁ ନିର୍ଦ୍ଦିଷ୍ଟ । ଯିଏ ଯେଉଁ ସ୍ତରର ସାଧକ ତା'ର ଗୁରୁ ଇଷ୍ଟ ମଧ୍ୟ ସେହି ସ୍ତରର ସାଧ । ଯେଉଁ ପର୍ଯ୍ୟନ୍ତ ନିଜ ସାଧନା ସ୍ତରର ଆରାଧ୍ୟ ପ୍ରାପ୍ତ ନ ହୋଇଛନ୍ତି ସେ ପର୍ଯ୍ୟନ୍ତ ସେ ଗୁରୁଗ୍ରହଣ କରିପାରେନା । କରିଲେ ବି ସେଥିରେ ସନ୍ତୁଷ୍ଟ ହୁଏ ନାହିଁ । ଦ୍ୱିତୀୟତଃ ସୁଶୀଳଚନ୍ଦ୍ର ବସୁଙ୍କର ସାଧନା ସ୍ତର ଅତି ଉଚ୍ଚ ସ୍ତରରେ ବିଦ୍ୟମାନ ଥିଲା । ସେ ଅନେକ ଆଧ୍ୟାତ୍ମିକ ଚେତନାର ସାଧୁଙ୍କ ସଂସ୍ପର୍ଶରେ ଆସିଥିଲେ ବି କେବେ ଦୀକ୍ଷା ଦିଅନ୍ତୁ — ଏପରି ନିବେଦନ କାହାକୁ କରି ନାହାଁନ୍ତି । ତାଙ୍କର ଅନ୍ତଃକରଣରୁ ସେପରି ଭାବ ଉଦ୍ରେକ ହୋଇ ନାହିଁ । ଯେତେବେଳେ ତାଙ୍କ ବନ୍ଧୁଙ୍କୁ ସାଧୁଜୀ ମହାରାଜ ଦୀକ୍ଷା ନେବା ପାଇଁ କହିଲେ ଏବଂ ଦେଲେ ବି ସେତେବେଳେ ସୁଶୀଳଚନ୍ଦ୍ର ଭାବିଲେ, ମୁଁ କ'ଣ ଏତେ ହୀନ ? ଏବେଦିନ ଧରି ତାଙ୍କ ସଂସ୍ପର୍ଶରେ ଆସୁଛି । ମତେ ବି କେବେ କହିଲେ ନାହିଁ ଦୀକ୍ଷା ନେବା ପାଇଁ ଅଥଚ ଏହି ଅଳ୍ପଦିନର ଦେଖାସାକ୍ଷାତ୍‌ରେ ବନ୍ଧୁଙ୍କୁ ଦୀକ୍ଷା ଦେଇ ଦେଲେ । ଏପରି ଭାବନା ଆସିବା ସ୍ୱାଭାବିକ ।

ସେ ସାଧୁ ଜଣକ କହିଥିଲେ, ସେପରି ନୁହେଁ । ତୁମେ ଅଯୋଗ୍ୟ ନୁହେଁ କି ହୀନ ନୁହେଁ । ସ୍ୱରତୋକ୍ତି କରି ହୁଏତ ସେ କହିଥିବେ, ମୁଁ ତୁମର ଗୁରୁ ହେବା ପାଇଁ ଯୋଗ୍ୟ ନୁହେଁ । ତୁମେ ଯେଉଁ ସ୍ତରର ସାଧକ ପୁରୁଷୋତ୍ତମଙ୍କ ବ୍ୟତୀତ ଆଉ କେହି ବି ତୁମର ଗୁରୁ ପଦରେ ଅଧିଷ୍ଠିତ ହୋଇପାରିବେ ନାହିଁ । ତାଙ୍କ ସାଧନା ବଳରେ ସେ ଏକ ଭବିଷ୍ୟ କଥନ କରିଥିଲେ । ଯାହାକି ଅକ୍ଷରେ ଅକ୍ଷରେ ସତ୍ୟ ପ୍ରମାଣିତ ହୋଇଥିଲା ।

ସୁଶୀଳଚନ୍ଦ୍ରଙ୍କର ଆଗ୍ରହ ଦେଖି ସେ ସାଧୁ ଜଣକ ତାଙ୍କୁ ହୁଏତ ଦୀକ୍ଷା ଦେବା ପାଇଁ କହିଥା'ନ୍ତେ ଆଉ ସେ ବି ବିନା ଆପତ୍ତିରେ ତାଙ୍କୁ ଗୁରୁ ରୂପେ ଗ୍ରହଣ କରି ନେଇଥା'ନ୍ତେ । ଏପରି ହୋଇଥିଲେ ବଡ଼ ଅଘଟଣ ଘଟି ଯାଇଥା'ନ୍ତା ।

ସୁଶୀଳଚନ୍ଦ୍ରଙ୍କ ମନରେ ଯେଉଁ ସବୁ ପ୍ରଶ୍ନ ଥିଲା ସେସବୁ ପ୍ରଶ୍ନର ସ୍ତର ଅତି ଉଚ୍ଚକୋଟିର ଥିଲା । ତା'ର ସମାଧାନ କେବଳ ପୁରୁଷୋତ୍ତମ ହିଁ ଦେଇପାରିବେ । ଅନ୍ୟ କୌଣସି ସାଧକଗୁରୁଙ୍କ ପକ୍ଷେ ତା'ର ସମାଧାନୀ ଉତ୍ତର ପ୍ରଦାନ କରିବା କଦାପି ସମ୍ଭବ ନୁହେଁ । ଏଣୁ ସେ ଦେଲେ ପଛଗୁଞ୍ଜା । ହୁଏତ ଏପରି ହୋଇପାରି ଥାଏ ।

ତାଙ୍କର ସାଧନା ବଳରେ ହୁଏତ ସେ ଜାଣିପାରି ଥିଲେ, ଏ ଯୁଗର ପୁରୁଷୋତ୍ତମ ଆବିର୍ଭୂତ । ସୁଶୀଳଚନ୍ଦ୍ର ତାଙ୍କରି ପାଇଁ ଏ ଭୂପୃଷ୍ଠରେ ଜନ୍ମଗ୍ରହଣ କରିଛନ୍ତି । ତାଙ୍କରି କର୍ମରେ ନିଜକୁ ସମ୍ପୂର୍ଣ୍ଣ ରୂପେ ବ୍ୟାପୃତ କରିବେ । ଏଠାରେ ସେ ତାଙ୍କର ଆଧ୍ୟାତ୍ମିକ କ୍ଷୁଧା ମେଣ୍ଟାଇ ପାରିବେ ନାହିଁ । ନିଜର ଗୁରୁତ୍ୱ ଏତାଦୃଶ ଶିଷ୍ୟ ନିକଟରେ ହ୍ରାସ ପାଇବା ସ୍ୱାଭାବିକ ।

ପ୍ରକୃତପକ୍ଷେ ସୁଶୀଳଚନ୍ଦ୍ର ବସୁଙ୍କ ପରବର୍ତ୍ତୀ ଜୀବନଚର୍ଯ୍ୟାକୁ ଆକଳନ କଲେ ସ୍ପଷ୍ଟ ହୁଏ ସେ ଯେଉଁ ସ୍ତରର ବ୍ୟକ୍ତି ପୁରୁଷୋତ୍ତମଙ୍କ ସାର୍ବଜନୀନ ଆନ୍ଦୋଳନର ଅନ୍ୟତମ ମୁଖ୍ୟ ସାରଥୀ ହୋଇଥିଲେ । ସୁତରାଂ ତାଙ୍କ ପରି ଜଣେ ଉଚ୍ଚକୋଟିର ଉଚ୍ଚସ୍ତରୀୟ ସାଧକ ଜଣେ ସାଧାରଣ ଗୁରୁଙ୍କ ନିକଟରେ କୂପମଣ୍ଡୁକ ହୋଇ ରହିଯାଇଥା'ନ୍ତେ ବା କାହିଁକି ?

ପ୍ରତ୍ୟେକ ଘଟଣା ଘଟିବାର ଏକ ନିର୍ଦ୍ଦିଷ୍ଟ ସମୟ ଥାଏ । ସେହି ସମୟ ଉପସ୍ଥିତ ନ ହେଲା ପର୍ଯ୍ୟନ୍ତ କିଛି ବି ଘଟେ ନାହିଁ । ଉପରୋକ୍ତ ଘଟଣାରୁ ଏହା ପ୍ରମାଣିତ ହୁଏ ନାହିଁ କି ?

ସାଧୁଜୀଙ୍କ ଭବିଷ୍ୟତବାଣୀକୁ ହୁଏତ ଭୁଲି ଯାଇଥିଲେ ସୁଶୀଳଚନ୍ଦ୍ର । କିନ୍ତୁ ଠିକ୍ ଚାରିବର୍ଷ ପରେ ଯେତେବେଳେ ସେ କୁଷ୍ଟିୟାରେ ଉପସ୍ଥିତ ହେଲେ ଭଗିନୀପତିଙ୍କ ଘରେ ସେତେବେଳେ ଶ୍ରୀଶ୍ରୀଠାକୁରଙ୍କ ସଂସ୍ପର୍ଶରେ ସେ ଆସିବାର ସୁଯୋଗ ପାଇଲେ ।

ପୂର୍ବରୁ ଅନେକ ସାଧୁଙ୍କ ସଂସ୍ପର୍ଶରେ ଆସିଥିଲେ ସୁଶୀଳଚନ୍ଦ୍ର । ତାଙ୍କର ବେଶଭୂଷା-ପରିଧାନ ତଥାକଥିତ ମଣିଷଠାରୁ ଭିନ୍ନ ଥିଲା । କିନ୍ତୁ ଭଗିନୀପତିଙ୍କ ଘରେ ଯେଉଁ ବ୍ୟକ୍ତିଙ୍କୁ ଦେଖିଲେ ସେ ସାଧାରଣ ପରି ବେଶଭୂଷା ପରିଧାନର ବ୍ୟକ୍ତି ବୋଲି ଜାଣିଲେ । ଏ ପୁଣି କିପରି ସାଧୁ ହେବେ ? କାରଣ ସାଧୁ, ବାବାଜୀମାନଙ୍କର ବେଶଭୂଷା-ପରିଧାନ ସ୍ୱତନ୍ତ୍ର ରୂପେ ସଜ୍ଜିତ ହୋଇଥାଏ । ଏକେ ତ ସାଧାରଣ ମଣିଷ ପରି ଦୃଶ୍ୟ ହେଉଛନ୍ତି, ଦ୍ୱିତୀୟତଃ ବୟସ କମ୍ । ଯୁବାବସ୍ଥାରେ ଅଛନ୍ତି ସେ । ଏପରି ବ୍ୟକ୍ତିଙ୍କୁ ଭଗିନୀପତି ପରି ଜାଣିବାଶୁଣିବା ଲୋକ କିପରି ଗୁରୁ ରୂପେ ଗ୍ରହଣ କରିପାରିଛନ୍ତି ? ଏପରି ଭାବନା ତାଙ୍କ ମନରେ ଆସିଲା ।

ଠାକୁରଙ୍କର ଗାଢ଼ ଆଲିଙ୍ଗନ ସୁଶୀଳଚନ୍ଦ୍ରଙ୍କ ଦେହମନରେ ବିଶେଷ ଭାବର ଶିହରଣ ଖେଳାଇଲା । ତାଙ୍କୁ ଲାଗିଲା, ଏ ବ୍ୟକ୍ତିଙ୍କ

ସହିତ ମୋର ପରିଚିତି ବହୁ ଦିନର ଯଦିଓ ଏ ପ୍ରଥମ ଦେଖାସାକ୍ଷାତ୍ ହେଉଛି ।

ପୂର୍ବରୁ ଯେଉଁ ସାଧୁମାନଙ୍କ ସଂସ୍ପର୍ଶରେ ସେ ଆସିଥିଲେ ସେଠାରେ କିନ୍ତୁ ପ୍ରଥମ ଦେଖାରେ ଏପରି ଦିବ୍ୟ ଭାବର ଶିହରଣ ଖେଳି ନଥିଲା ଦେହମନରେ । ଅନେକଦିନ ସେମାନଙ୍କ ସଙ୍ଗ କରି ମଧ୍ୟ ବିଶେଷ ଭାବାନ୍ତର ହୋଇ ନଥିଲା ମଧ୍ୟ । ଏହା ଥିଲା ଠାକୁର ଅନୁକୂଳଚନ୍ଦ୍ରଙ୍କର ସବୁଠାରୁ ଭିନ୍ନ ବିଶେଷତ୍ୱ ।

ଅନେକ ପ୍ରଶ୍ନ ମନରେ ଥିଲା ତାଙ୍କର । ଯେଉଁ ସବୁର ଉତ୍ତର ସେ କେଉଁଠାରୁ ପାଇ ନଥିଲେ । ମଝିରେ ମଝିରେ କାହା କାହାଠାରୁ ହୁଏତ କିଛି କିଛି ଉତ୍ତର ପାଇଥିଲେ କିନ୍ତୁ ସେଥିରେ ସେ ପୂର୍ଣ୍ଣତଃ ସନ୍ତୁଷ୍ଟ ହୋଇପାରି ନଥିଲେ । ଗୋଟେ ପ୍ରଶ୍ନ ପଚାରିଲେ ସେମାନେ ସମୟ ନେଇ ଭାବି କେତେକାଂଶରେ ଉତ୍ତର ଦେବାକୁ ଚେଷ୍ଟା କରୁଥିଲେ । କିନ୍ତୁ ଏଠାରେ ତ ପ୍ରଶ୍ନର ବାକ୍ୟଟି ପୂର୍ଣ୍ଣଛେଦ ପର୍ଯ୍ୟନ୍ତ ନ ଜାଉଣୁ ଉତ୍ତର ଆରମ୍ଭ ହୋଇଯାଉଛି ଆଖିପିଛୁଳାକେ । ତାହା ପୁଣି ବାସ୍ତବତା ଉପରେ ଆଧାରିତ, ବିଜ୍ଞାନ-ସମ୍ମତ ଓ ତାତ୍ପର୍ଯ୍ୟାନୁଶୀଳନ ସହିତ ।

ଏପରି କୌଣସି ବିଷୟ ନାହିଁ ଯାହାକି ଅନୁକୂଳଚନ୍ଦ୍ରଙ୍କୁ ଅଜ୍ଞାତ । ସେ ଯଦି ଆଧ୍ୟାତ୍ମିକ ବ୍ୟକ୍ତି ତେବେ ଆଧ୍ୟାତ୍ମିକତା ସମ୍ବନ୍ଧରେ ହୁଏତ ତାଙ୍କର ଜ୍ଞାନ ଥିବ । କିନ୍ତୁ ସାଂସାରିକ, ଐଶ୍ୱରିକ, ଧାର୍ମିକ, ଅଧାର୍ମିକ, ବୈଷୟିକ — ସମସ୍ତ ବିଷୟରେ ଅଭିଜ୍ଞତାପୂର୍ଣ୍ଣ ସର୍ବୋଚ୍ଚ ଜ୍ଞାନ ଜଣେ ବ୍ୟକ୍ତି ପାଖରେ ଥାଇପାରେ — ଏହା ନ ଦେଖିଲେ, ନ ଶୁଣିଲେ ବିଶ୍ୱାସ କରି ହେବନି । ତାଙ୍କର ବି ହେଉ ନଥିଲା । କିନ୍ତୁ କ୍ରମଶଃ ଆଲୋଚନାକ୍ରମେ ତାହା ସେ ଉପଲବ୍ଧି କଲେ । ଏହା କିପରି ସମ୍ଭବ ? ଜଣେ ବ୍ୟକ୍ତି ସମସ୍ତ ଜ୍ଞାନ, ପ୍ରଜ୍ଞାର ସର୍ବଶ୍ରେଷ୍ଠ ଅଦ୍ୱିତୀୟ ଜ୍ଞାତା ହୋଇପାରେ କିପରି ?

ଏହାହିଁ ତାଙ୍କୁ ବିଶେଷ ଭାବରେ ଅନୁଭାବିତ କଲା । ତେବେ ଏ କ'ଣ ତଥାକଥିତ ସାଧୁ ନୁହଁନ୍ତି ? ଏ କ'ଣ ସାଧାରଣ ମଣିଷ ନୁହଁନ୍ତି ? ତେବେ କ'ଣ ତାଙ୍କର ପରିଚୟ ? ଅସାଧାରଣ ପ୍ରଜ୍ଞାର ଅଧିକାରୀ ଏ ବ୍ୟକ୍ତି ଜଣକ ସାଧାରଣ ବ୍ୟକ୍ତି ପରି ପ୍ରତୀୟମାନ ହେଉଥିଲେ ବି ଅସାଧାରଣତାର ଅସାମାନ୍ୟତାର ଅତୁଳନୀୟ ଗନ୍ତାଘର — ଏପରି କହିଲେ ଅତ୍ୟୁକ୍ତି ହେବ ନାହିଁ ।

କେବଳ ଜ୍ଞାନର ଗନ୍ତାଘର କହିଲେ ତାଙ୍କର ଚରିତ୍ରାୟଣ କମ୍ ହେବ । ଭଲପାଇବା, ସ୍ନେହ, ମମତା, ପ୍ରେମର ସେ ଆକାଶ ପରି ଅନନ୍ତ, ସାଗର ପରି ଗଭୀର । ପ୍ରଜ୍ଞା ଓ ପ୍ରେମର ସମ୍ମିଶ୍ରଣ ଜଣେ ବ୍ୟକ୍ତି ପାଖରେ କ'ଣ ହୋଇପାରେ ? ପ୍ରଜ୍ଞା ଥିଲେ ଜଣେ ବ୍ୟକ୍ତି ପାଖରେ କ'ଣ ହୋଇପାରେ ? ପ୍ରଜ୍ଞା ଥିଲେ ଅହଂକାର ଥାଏ । ପ୍ରେମ ଥିଲେ ଦୀନତା ଥାଏ । ଉଭୟର ସର୍ବଶ୍ରେଷ୍ଠ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱର ଅଧିକାରୀ ହୋଇ ମଧ୍ୟ ଅହଂକାର ତ ଦୂରର କଥା ଏତେ ଦୀନ, ଏତେ ପ୍ରେମୀ ସେ ଯେ ତା'ର ତୁଳନା ନା ଭୂତ ନା ଭବିଷ୍ୟତି !

ପିଲାଦିନୁ ସୁଶୀଳଚନ୍ଦ୍ରଙ୍କ ମନରେ ଠାକୁର ରାମକୃଷ୍ଣଙ୍କ ପ୍ରତି ଅହେତୁକ ଶ୍ରଦ୍ଧା ଥିଲା । ତାଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରିବା, ତାଙ୍କ କଣ୍ଠସ୍ୱର ଶ୍ରବଣ କରିବାର ଏକ ଅଦମ୍ୟ ଆକାଂକ୍ଷା ତାଙ୍କ ଅନ୍ତଃକରଣରେ ଉଦ୍‌ବେଳିତ ହୋଇ ଚାଲିଥିଲା । ସେଦିନ ସେ ଅନୁଭବ କଲେ ଠାକୁର ଅନୁକୂଳଚନ୍ଦ୍ର ହିଁ ଠାକୁର ରାମକୃଷ୍ଣ ଆଉ ଠାକୁର ରାମକୃଷ୍ଣ ହିଁ ଠାକୁର ଅନୁକୂଳଚନ୍ଦ୍ର । ତାଙ୍କୁ ଚାକ୍ଷୁଷ ଦର୍ଶନ କଲେ ଏବଂ ଅବିକଳ ତାଙ୍କ କଣ୍ଠସ୍ୱର ମଧ୍ୟ ଶୁଣିପାରିଲେ । ଏହା ଠାକୁରଙ୍କର ଥିଲା ବିଶେଷ ଲୀଳା । ଭକ୍ତର ଆନ୍ତରିକ ସଦିଚ୍ଛାରେ ଭକ୍ତିପୂର୍ଣ୍ଣ ଶୁଭାକାଂକ୍ଷାରେ ଦୟା କରି ସେ ଏପରି ଲୀଳା ମଝିରେ ମଝିରେ ରଚନା କରିଥା'ନ୍ତି ।

ପୂର୍ବରୁ ସାଧୁଙ୍କ ନିକଟରେ ମୋତେ ଦୀକ୍ଷା ଦିଅନ୍ତୁ କେବେବି କହି ନଥିବା ସୁଶୀଳଚନ୍ଦ୍ର ଏବେ ହଠାତ୍ କହିପକାଇଲେ, ମୋତେ ଦୀକ୍ଷା ଦିଅନ୍ତୁ । ଏହାହିଁ ତାଙ୍କର ଜନ୍ମଜନ୍ମାନ୍ତରର ପ୍ରବଳ ସାଧନାର ଫଳ । ଶ୍ରୀଶ୍ରୀଠାକୁର ହାତଗଣତି କେତେଜଣଙ୍କୁ ନିଜେ ଦୀକ୍ଷା ପ୍ରଦାନ କରିଛନ୍ତି । ସେ ମଧ୍ୟରୁ ସୁଶୀଳଚନ୍ଦ୍ର ବସୁ ଅନ୍ୟତମ । ସାଧକ କେଉଁ ସ୍ତରର ହୋଇଥିଲେ ସ୍ୱୟଂ ପୁରୁଷୋତ୍ତମଙ୍କ ନିକଟରୁ ଦୀକ୍ଷା ପ୍ରାପ୍ତ ହେବ ତାହା ଆକଳନୀୟ ନୁହେଁ କାହାରି ଦ୍ୱାରା । ଏଥିରୁ ପ୍ରମାଣିତ ହୁଏ, ସୁଶୀଳଚନ୍ଦ୍ର ବସୁ କେଉଁ ସ୍ତରର ସାଧକ । ଏଇଥିପାଇଁ ତ ସାଧୁଜୀ ମହାରାଜ ତାଙ୍କୁ କହିଥିଲେ, ତୁମ ଗୁରୁ ତୁମକୁ ମିଳିବେ ଆଜିକୁ ଚାରିବର୍ଷ ପରେ । ତାହାହିଁ ହୋଇଥିଲା । ବର୍ତ୍ତମାନ ଯୁଗର ପୁରୁଷୋତ୍ତମଙ୍କ ସାତ୍ୱତ ଆନ୍ଦୋଳନର ଅନ୍ୟତମ ମୁଖ୍ୟ ସାରଥୀ ହେବାର ଯୋଗ୍ୟତା ଯେଉଁ ବ୍ୟକ୍ତି ପାଖରେ ନିହିତ ସେ କ'ଣ ସାଧାରଣ ସାଧକଗୁରୁଙ୍କ ଶିଷ୍ୟ ହୋଇପାରେ ? କଦାପି ନୁହେଁ ।

ଆମେ ଯେଉଁମାନେ ଏ ଯୁଗର ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଶ୍ରୀଚରଣରେ ଆଶ୍ରିତ ହୋଇଛେ ଅବଶ୍ୟ ଆମର ଜନ୍ମଜନ୍ମାନ୍ତରର ସାଧନୋଚିତ ପୁଣ୍ୟ ରହିଛି । କେବଳ ଦୀକ୍ଷା ନେଲେ ହେବନି ଦୀକ୍ଷାନୁଶୀଳନ ଓ ଇଷ୍ଟାନୁରାଗରଞ୍ଜିତ ଚଳନ ମଧ୍ୟ ଦୃଢ଼ ହେବା ଉଚିତ୍ । ତେବେ ଯାଇ ଆମେ ପୁରୁଷୋତ୍ତମଙ୍କ ସାତ୍ୱତ ଆନ୍ଦୋଳନର ଜଣେ ସୈନିକ ହୋଇପାରିବା । ଯଦି ଏପରି ହୋଇପାରିବା ତେବେ ଆମର ଏଥରର ମାନବ ଜନ୍ମ ସାର୍ଥକ ହୋଇଉଠିବ । ପୂର୍ବରୁ ଏପର୍ଯ୍ୟନ୍ତ ଯେତେ ଜନ୍ମ ଯାଇଛି ସବୁଠାରୁ ଶ୍ରେଷ୍ଠ ଜନ୍ମ ଏ ଜନ୍ମ ହେବାକୁ ଯାଉଛି । ଏହି ଆତ୍ମମର୍ଯ୍ୟାଦା ବୋଧ ଆମ ସମସ୍ତ ଦୀକ୍ଷିତ ସତ୍‌ସଙ୍ଗୀମାନଙ୍କର ରହିବା ଉଚିତ୍ ।

– ବନ୍ଦେ ପୁରୁଷୋତ୍ତମମ୍

ବିବରଣୀ

ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ପୁଣ୍ୟ ଦୋଳୋତ୍ସବ

୩୦ଶ ଫାଲ୍‌ଗୁନ ୧୪୩୧ (ଇଂ୧୪ମାର୍ଚ୍ଚ, ୨୦୨୫) ଶୁକ୍ରବାର



ଦୋଳମଞ୍ଚରେ ଶ୍ରୀଶ୍ରୀଠାକୁର ଓ ଶ୍ରୀଶ୍ରୀବଡ଼ମା'ଙ୍କ ଶ୍ରୀଚରଣରେ ଅବିର ଓ ଅର୍ଘ୍ୟାଞ୍ଜଳି ସହ ପ୍ରଣାମ ନିବେଦନରତ ଆଚାର୍ଯ୍ୟଦେବ ଏବଂ ଉପସ୍ଥିତ ସକଳେ

ପରମଦୟାଳ ଶ୍ରୀଶ୍ରୀଠାକୁରଙ୍କ ଅମିୟ ଆଳାପନୀରୁ ଆମେମାନେ ଜାଣିପାରୁ ଯେ, ଅଷ୍ଟଳିତ ନିଷ୍ଠା ନେଇ ଇଷ୍ଟଙ୍କ ଆଦର୍ଶରେ ଚରିତ୍ର ଓ ଜୀବନ-ଚଳନାକୁ ରଙ୍ଗେଇ ତୋଳିବା ହିଁ ପ୍ରକୃତ ଦୋଳ-ଉତ୍ସବ । ଇଷ୍ଟନିଶାରେ ମାତି ନିଷ୍ଠାନନ୍ଦିତ ଉଚ୍ଛଳ ଚଳାରେ ଚାଲିବା ମଧ୍ୟ ଦେଇ ହିଁ ପ୍ରିୟପରମଙ୍କ ସଙ୍ଗେ ଆମମାନଙ୍କର ମଧୁର ମିଳନ ଘଟେ । ଆମେମାନେ ସମସ୍ତେ ଫଗୁଣର ନବୀନ ଆନନ୍ଦରେ ଜୀବନର ଗୀତଟିକୁ ଗୁଞ୍ଜି ନେଉ ଇଷ୍ଟାୟିତ ଜୀବନଛନ୍ଦରେ । ଇଷ୍ଟନିଷ୍ଠାନନ୍ଦିତ ପ୍ରୀତିରାଗରେ ଆମମାନଙ୍କର ପ୍ରତ୍ୟେକର ଜୀବନଚର୍ଯ୍ୟାକୁ ରଙ୍ଗେଇ ତୋଳିବାରେହିଁ ଏହି ଉତ୍ସବର ସାର୍ଥକତା ।

ଗତ ୧୪ମାର୍ଚ୍ଚ, ୨୦୨୫ (୩୦ଶ ଫାଲ୍‌ଗୁନ ୧୪୩୧) ଶୁକ୍ରବାର, ଦେଓଘର ସତ୍‌ସଙ୍ଗ ଆଶ୍ରମରେ ପ୍ରତିଥର ଭଳି ଏଥର ବି ଯଥୋଚିତ ମର୍ଯ୍ୟାଦାରେ ମହାସମାରୋହରେ ଉଦ୍‌ଯାପିତ ହେଲା ପୁଣ୍ୟ ଦୋଳ ଉତ୍ସବ । ଏହି ମହୋତ୍ସବରେ ଯୋଗ ଦେବାକୁ ଭାରତବର୍ଷର ବିଭିନ୍ନ ପ୍ରାନ୍ତରୁ ଧାଇଁ ଆସିଛନ୍ତି ଅଗଣିତ ଇଷ୍ଟପ୍ରାଣ ନରନାରୀ ।

ଏହିଦିନ ଠାକୁରବଙ୍ଗଳାର ନିତ୍ୟ ଆରାଧନାର ସ୍ଥଳଗୁଡ଼ିକ ଅପୂର୍ବ ସୁନ୍ଦର ପୁଷ୍ପଦାମରେ ସୁସଜ୍ଜିତ କରାଯାଏ, ଠାକୁରବଙ୍ଗଳାର ରକ୍‌ମଣ୍ଡପରେ ନିର୍ମିତ ହୋଇଥିଲା ସୁଦୃଶ୍ୟ ଦୋଳମଞ୍ଚ । ସେଥିରେ ପୁଷ୍ପମାଲ୍ୟରେ ସୁଶୋଭିତ ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଓ

ନାଟମଣ୍ଡପରେ ଆଚାର୍ଯ୍ୟଦେବଙ୍କ ଉପସ୍ଥିତିରେ ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ନାମ-ସଂକୀର୍ତ୍ତନ ଓ ସତ୍‌ସଙ୍ଗ

ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା'ଙ୍କ ସୁସଜ୍ଜିତ ପ୍ରତିକୃତି ସ୍ଥାପିତ ହୁଏ ।

ପ୍ରାର୍ଥନାର ପୂର୍ବେ ଉଷାକୀର୍ତ୍ତନ ଦଳର ପରିକ୍ରମା ପରେ ଭକ୍ତଜନରେ ପୂର୍ଣ୍ଣ ଠାକୁରବଙ୍ଗଳାରେ ସକାଳ ୫ଟା ୫୦ମିନିଟ୍‌ରେ ସମବେତ ପ୍ରାର୍ଥନାରେ ପରମ ପୂଜ୍ୟପାଦ ଆଚାର୍ଯ୍ୟଦେବଙ୍କ ସଙ୍ଗେ ଉପସ୍ଥିତ ଥିଲେ ପୂଜନୀୟ ଶୁଭଦା । ପ୍ରାର୍ଥନାନ୍ତେ ପ୍ରଣାମାଦି ପରେ ଠାକୁରବଙ୍ଗଳାର ବଡ଼ ନାଟମଣ୍ଡପରେ ଆଚାର୍ଯ୍ୟଦେବଙ୍କ ସାନ୍ନିଧ୍ୟରେ ବିଭିନ୍ନ ଭାଷାରେ 'ସତ୍ୟାନୁସରଣ' ଏବଂ 'ଶାଶ୍ୱତୀ' ଗ୍ରନ୍ଥରୁ ବାଣୀପାଠାନ୍ତେ ଆଚାର୍ଯ୍ୟଦେବ ପ୍ରତିଦିନ ଭଳି ଇଷ୍ଟପ୍ରସଙ୍ଗ କରନ୍ତି ।

ସକାଳ ଆଠଟା କୋଡ଼ିଏ ମିନିଟ୍‌ରେ ଆଚାର୍ଯ୍ୟଦେବ ଠାକୁରବଙ୍ଗଳାରେ ପରମଦୟାଳ ଶ୍ରୀଶ୍ରୀଠାକୁର, ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା' ଓ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଶ୍ରୀଚରଣରେ ପ୍ରଣାମ ନିବେଦନାନ୍ତେ ନାଟମଣ୍ଡପରେ କିଛିକ୍ଷଣ ଅବସ୍ଥାନ କରି ଠିକ୍ ସାଢ଼େ ଆଠଟାରେ ରକ୍ ମଣ୍ଡପରେ ପହଞ୍ଚନ୍ତି ।

ତାଙ୍କ ସଙ୍ଗେ ଥାଆନ୍ତି ପରମପୂଜନୀୟା ବଡ଼ବୋହୂରାଣୀମା', ପୂଜନୀୟ ସିପାଇଦା, ପୂଜନୀୟ ବିଜିଦା, ପୂଜନୀୟ ବିଶ୍ଣୁଦା, ପୂଜନୀୟ ଅବିନବାବୁ, ପୂଜନୀୟ ରଭୁବାବୁ, ଅର୍ଣ୍ଣବାବୁ, ଅନ୍ତିକବାବୁ, ଅଭିଜୟବାବୁ ପ୍ରମୁଖ— ଠାକୁର-ପରିବାରର ଅନ୍ୟାନ୍ୟଗଣ । ଠାକୁରବଙ୍ଗଳା ଏବଂ ତତ୍‌ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସେତେବେଳେ ଭକ୍ତଜନ ସମାବେଶରେ ପରିପୂର୍ଣ୍ଣ । ବହିରାଙ୍ଗନରେ ସେତେବେଳେ ବୁମୁଳ କୀର୍ତ୍ତନ ଚାଲିଛି, ସମଗ୍ର ପରିବେଶ ଏକ ଦିବ୍ୟଭାବରେ ମହୁଆରା ହୋଇଉଠିଛି । ମଣ୍ଡପରେ ଆଗରୁହିଁ ଅବିର ଓ ଅର୍ଘ୍ୟଡ଼ାଲା ନେଇ ଅପେକ୍ଷା କରିଥିଲେ ପରମପୂଜନୀୟା ମା', ପୂଜନୀୟା ମଝିବୋହୂରାଣୀମା', ନ'ବୋହୂରାଣୀମା', ପୂଜନୀୟ ଝୁପାଇଦା ଓ ତାଙ୍କର ଦୁଇ ଝିଅ, ପୂଜନୀୟ ଅନ୍ନିତାମା', ଅନ୍ନେଷାମା', ଅୟନାମା' ପ୍ରମୁଖ । ଦୋଳମଞ୍ଚରେ ଉପସ୍ଥିତ ହୋଇ ଆଚାର୍ଯ୍ୟଦେବ ଏବଂ ଉପସ୍ଥିତ ସମସ୍ତେ ଶ୍ରୀଶ୍ରୀଠାକୁର ଓ ଶ୍ରୀଶ୍ରୀବଡ଼ମା'ଙ୍କ ଶ୍ରୀଚରଣରେ ଅବିର ଓ ଅର୍ଘ୍ୟାଞ୍ଜଳି ସହ ପ୍ରଣାମ ନିବେଦନ କରନ୍ତି । ତତ୍ପରେ ଶ୍ରୀଶ୍ରୀହୁଜୁର ମହାରାଜ, ଶ୍ରୀଶ୍ରୀସରକାର ସାହେବ, ଶ୍ରୀଶ୍ରୀଶିବଚନ୍ଦ୍ର ଚକ୍ରବର୍ତ୍ତୀ ଏବଂ ଶ୍ରୀଶ୍ରୀମନୋମୋହିନୀ ଦେବୀଙ୍କ ପ୍ରତିକୃତିରେ ଅବିର ଓ ଅର୍ଘ୍ୟସହ ପ୍ରଣାମ ନିବେଦନ କରନ୍ତି ।

ଆଚାର୍ଯ୍ୟଦେବ ଏହାପରେ ଭକ୍ତଜନ ସହ ପଦବ୍ରଜରେ ନିଭୃତ କେତନ, ଜାମତଳା ଶ୍ରୀଅଙ୍ଗନ ହୋଇ ଦାଁ-ହାଉସ

ପ୍ରାଙ୍ଗଣର ପଥ ଧରି ମନୋମୋହିନୀଧାମରେ ପହଞ୍ଚନ୍ତି ଏବଂ ସର୍ବତ୍ର ବିଗ୍ରହ ଓ ପ୍ରତିକୃତିରେ ଅବିର ଓ ଅର୍ଘ୍ୟ ସହ ପ୍ରଣାମ ନିବେଦନ କରନ୍ତି । ମନୋମୋହିନୀଧାମସ୍ଥ ପୁନରାୟ ଠାକୁରବଙ୍ଗଳାର ବୀଥିପଥ ଧରି ସମାଧିମନ୍ଦିରରେ ଉପନୀତ ହୋଇ ସେଠାରେ ବି ପ୍ରଣାମ ନିବେଦନ କରି ସିଏ ଆଗେଇ ଚାଲନ୍ତି ନିଜ ବାସଗୃହ ଷୋଡ଼ଶୀଭବନ ଆଡ଼େ ।

ଷୋଡ଼ଶୀଭବନରେ ପରମପୂଜନୀୟ ଶ୍ରୀଶ୍ରୀବଡ଼ଦାଙ୍କ ଆବାସକକ୍ଷରେ ପହଞ୍ଚି ସେଠାରେ ଅବିର ଓ ଅର୍ଘ୍ୟସହ ପ୍ରଣାମ ନିବେଦନ କରି ତାଙ୍କର ପରମପୂଜ୍ୟ ପିତୃଦେବ ଓ ପରମପୂଜନୀୟା ମାତୃଦେବୀଙ୍କ ଶ୍ରୀଚରଣରେ ଅବିର ଓ ଅର୍ଘ୍ୟସହ ପ୍ରଣାମ ନିବେଦନ କରନ୍ତି । ସର୍ବତ୍ରହିଁ ଗୁରୁ ପରିବାରର ସମସ୍ତେ ଏବଂ ଭକ୍ତ ନରନାରୀଗଣ ତାଙ୍କ ପଦାଙ୍କ ଅନୁସରଣ କରନ୍ତି । ପରିକ୍ରମାର ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଆଶ୍ରମର ଯୁବକବୃନ୍ଦ ଏବଂ ଆରକ୍ଷୀବାହିନୀର ସେବକଗଣ ସମୂହ କୀର୍ତ୍ତନଗାନରେ ପରିବେଶ ମୁଖରିତ କରି ତୋଳି ଏହି ପରିକ୍ରମାରେ ଅଂଶ ନିଅନ୍ତି ।

ସକାଳ ନ'ଟା ପଚାଶ ମିନିଟ୍‌ରେ ଷୋଡ଼ଶୀଭବନର ନାଟମଣ୍ଡପର ସମ୍ମୁଖଭାଗରେ ଶ୍ରୀଶ୍ରୀଆଚାର୍ଯ୍ୟଦେବ ଓ ପୂଜନୀୟ ବଡ଼ବୋହୂରାଣୀମା' ନିର୍ଦ୍ଦିଷ୍ଟ ଆସନରେ ଉପବେଶନ କରିବା ସମୟରେ ଅଗଣିତ ଭକ୍ତଜନ ଅବିର ଓ ଅର୍ଘ୍ୟାଞ୍ଜଳି ସହ ପ୍ରଣାମ ନିବେଦନ କରିବାର ସୁଯୋଗ ଲାଭ କରନ୍ତି ।

ସକାଳ ଦଶଟାରେ ନାଟମଣ୍ଡପରେ ଆଚାର୍ଯ୍ୟଦେବଙ୍କ ବର୍ଣ୍ଣମୟ ଉପସ୍ଥିତିରେ ଆରମ୍ଭ ହୁଏ ଦୋଳ ଉତ୍ସବର ଅନ୍ୟତମ ଆକର୍ଷଣ— ସଙ୍ଗୀତାନୁଷ୍ଠାନ । ବଙ୍ଗଳା ଓ ହିନ୍ଦୀ ଦୁଇଟି ଭାଷାରେ ଗୀତ ଦୋଳର ଗୀତରେ ଅଗଣିତ ଭକ୍ତମଣ୍ଡଳୀଙ୍କ ପ୍ରାଣମନ ଭାବରେ-ଭାଷାରେ, ସ୍ୱରରେ-ଛନ୍ଦରେ ଉଦ୍‌ବେଳିତ ହୋଇଉଠେ । ସଙ୍ଗୀତରେ ଅଂଶ ନିଅନ୍ତି— ଡ଼ଃ. ସ୍ୱପନ କୁମାର ମଣ୍ଡଳ, ପ୍ରଦୀପ ଚକ୍ରବର୍ତ୍ତୀ, ପ୍ରଦୀପ୍ତ ମଣ୍ଡଳ, ପଣ୍ଡିତ ବଳରାମ ଦାସ, କାର୍ଷ୍ଣି ପାଲ, ବିଶ୍ୱେଶ୍ୱର ବ୍ୟାନାର୍ଜୀ, ଇନ୍ଦ୍ରଜିତ ଦାସ ଓ ଅନ୍ୟାନ୍ୟ ସହ କତିପୟ ଆଶ୍ରମକନ୍ୟା । ଯନ୍ତ୍ରାନୁଷଙ୍ଗେ ଥିଲେ— ଦୀପଜ୍ୟୋତି ଲାଲ, ବିଶ୍ୱଜିତ୍ ରାଣା ପ୍ରମୁଖ । ହୋଲିର ଗୀତଗୁଡ଼ିକର ପ୍ରାଣଢ଼ଳା ଉଦ୍ଦୀପ୍ତ ପରିବେଶଣାରେ ଭକ୍ତବୃନ୍ଦ ଆନନ୍ଦରେ ନୃତ୍ୟ କରୁଥାଆନ୍ତି । ସେହି ସଙ୍ଗେ ପ୍ରୀତିର ଫାଗ ମାଖି ପରସ୍ପର ପରସ୍ପରକୁ ନନ୍ଦିତ ଓ ପ୍ରୀତ କରି ତୋଳିବାର ସ୍ୱତଃସ୍ଫୂର୍ତ୍ତ ଉଲ୍ଲାସ ଯେପରି ସମସ୍ତଙ୍କୁ ସଂକ୍ରାମିତ କରିତୋଳେ । ଏହି ନିରାବିଳ ଆନନ୍ଦଘନ ପରିବେଶ ରଚିତ ହୋଇଛି ସବୁହିଁ ଆମମାନଙ୍କର ଆଚାର୍ଯ୍ୟଦେବଙ୍କୁ ଘେରି । ଏତେ ମଣିଷଙ୍କର ସମ୍ମିଳିତ ଉଲ୍ଲାସ ପ୍ରତ୍ୟକ୍ଷ କରି ତାଙ୍କ ମୁଖମଣ୍ଡଳରେ ବି ଦିବ୍ୟବିଭା ଉଦ୍ଭାସିତ ହୋଇଥାଏ ସର୍ବକ୍ଷଣ ।

ଉତ୍ସବ ଉପଲକ୍ଷେ ଦିପହରେ ଓ ରାତିରେ ଆନନ୍ଦବଜାର ଭବନରେ ଅଗଣିତ ଭକ୍ତବୃନ୍ଦ ପ୍ରସାଦ ଲାଭ କରି ଧନ୍ୟ ହୁଅନ୍ତି ।

ସନ୍ଧ୍ୟା ୫:୫୨ମିନିଟ୍‌ରେ ଭକ୍ତଜନରେ ପୂର୍ଣ୍ଣ ଠାକୁରବଙ୍ଗଳାରେ ଆଚାର୍ଯ୍ୟଦେବଙ୍କ ଉପସ୍ଥିତିରେ ସମବେତ ପ୍ରାର୍ଥନାନ୍ତେ ପ୍ରଣାମାଦି ପରେ ବଡ଼ନାଟମଣ୍ଡପରେ ସମବେତ ନାମଜପ ଓ ବିଭିନ୍ନ ଭାଷାରେ ଶ୍ରୀଶ୍ରୀଠାକୁରଙ୍କ ଅମିୟଗ୍ରନ୍ଥ 'ଅନୁଶ୍ରୁତି' ପଞ୍ଚମ ଖଣ୍ଡ ଓ 'ଆଚାର-ଚର୍ଯ୍ୟା' ପ୍ରଥମ ଖଣ୍ଡର ଗୋଟେ କରି ବାଣୀ ପାଠ ହୁଏ ।

ଅତଃପରେ ଆରମ୍ଭ ହୁଏ ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ନାମସଂକୀର୍ତ୍ତନ ଓ ସତ୍‌ସଙ୍ଗ । ସମବେତଭାବେ କେଇଟି ଦୋଳ ବିଷୟକ ଗୀତ ପରେ ଦୋଳର ଅନୁଷଙ୍ଗେ ରଚିତ କୀର୍ତ୍ତନ— 'ଆଜି ରଙ୍ଗ ଲାଗିଛି ଦେହେ'..... ପରିବେଷଣ କରନ୍ତି ପ୍ରଦୀପ୍ତ ମଣ୍ଡଳ । ଅବଶେଷରେ 'ବନ୍ଦେ ପୁରୁଷୋତ୍ତମମ୍' ଧ୍ୱନି ପ୍ରଦାନାନ୍ତେ ପ୍ରସାଦ ବିତରଣ ମାଧ୍ୟମରେ ଏହି ବିଶେଷ ଦିନଟି ଉଦ୍‌ଯାପନର ସୁନ୍ଦର ସମାପନ ଘଟେ । ସନ୍ଧ୍ୟା ସାଢ଼େ ସାତଟାରୁ ପରମପୂଜ୍ୟପାଦ ଶ୍ରୀଶ୍ରୀଆଚାର୍ଯ୍ୟଦେବ ଫିଲାନ୍‌ଥ୍ରପି ସମ୍ମୁଖସ୍ଥ ନାଟମଣ୍ଡପରେ ନିତ୍ୟଦିନ ଭଳି ଉପବେଶନ କରନ୍ତି । ଆଗତ ଭକ୍ତବୃନ୍ଦ ତାଙ୍କୁ ଦର୍ଶନ-ପ୍ରଣାମ ଓ ସାନ୍ନିଧଲାଭ କରିବାର ସୁଯୋଗ ପାଇ ଧନ୍ୟ ହୁଅନ୍ତି ।

ସମ୍ପାଦକୀୟ : ତରୁଣ କୁମାର ପାଲ

ଏପରି କୌଣସି ସଂହତି କରିବାକୁ ଯାଅନା,—
ଯେଉଁ ବାହାନାରେ ପଡ଼ି
ଇଷ୍ଟାର୍ଥୀ ଆନୁଗତ୍ୟ ଶ୍ଳଥ ହୋଇଉଠିପାରେ,
ବା ଧର୍ମାନୁଗ ଭୂମି,
ଯେପରି ଯଜନ, ଯାଜନ, ଇଷ୍ଟଭୃତି—
ଏଗୁଡ଼ିକ ବିଶ୍ଳିଷ୍ଟ ହୋଇଉଠିପାରେ,
ତା'ର ମାନେହିଁ ହେଉଛି ଏହା—
ସ୍ୱଚ୍ଛଦୃଷ୍ଟ ପ୍ରବୃତ୍ତି-ପ୍ରରୋଚିତ ସଂହତି ଫଳରେ
ସଙ୍ଗମେରୁ ଯଦି ବିଶ୍ଳିଷ୍ଟ ହୋଇପଡ଼େ,
ସେଠାରେ ସଙ୍ଗ-ବ୍ୟକ୍ତିତ୍ୱ
ଖଣ୍ଡ-ଖଣ୍ଡ ହୋଇଯିବ,
ତୁମର ସୃଷ୍ଟିକୁହିଁ ତୁମେ
ବିଦୀର୍ଣ୍ଣ କରି ପକାଇବ । ୨୦ ।

(ଚର୍ଯ୍ୟା-ସୂତ୍ର)

ଉତ୍ସବ ଉପଲକ୍ଷେ ଆକୋମୋଡ଼େସନର ବିଷୟରେ ବିଜ୍ଞପ୍ତି

ଅପ୍ରେଲ-୨୦୨୫ଠାରୁ ମାର୍ଚ୍ଚ-୨୦୨୬ ପର୍ଯ୍ୟନ୍ତ ସତ୍‌ସଙ୍ଗ ଆଶ୍ରମ, ଦେଓଘରଠାରେ ଅନୁଷ୍ଠିତବ୍ୟ ଉତ୍ସବଗୁଡ଼ିକରେ ଭକ୍ତମାନଙ୍କର ଆଗମନ ପାଇଁ ପ୍ରି-ବୁକିଂର ସୁବିଧାର୍ଥେ ଗୋଟେ ଚାର୍ଟ ପ୍ରସ୍ତୁତ କରାହୋଇଛି, ଯେଉଁଥିରେ ଉତ୍ସବର ତାରିଖ ଏବଂ ବୁକିଂର ସମୟସୀମା ପ୍ରଦତ୍ତ ହୋଇଛି । ଚାର୍ଟଟି ନିମ୍ନରେ ପ୍ରଦତ୍ତ ହେଲା-

ଦେଓଘର ସତ୍‌ସଙ୍ଗ ଆଶ୍ରମରେ ଉତ୍ସବ ଉପଲକ୍ଷେ ଆକୋମୋଡ଼େସନ ବୁକିଂର ସମୟସୀମା (୨୦୨୫-୨୦୨୬)

ଉତ୍ସବ	ତାରିଖ	ବୁକିଂର ସମୟସୀମା
ଶ୍ରୀଶ୍ରୀଠାକୁରଙ୍କ ସ୍ନାନୋତ୍ସବ	୨୭ମଇ ୨୦୨୫	ତା୧୮-୩୦ଅପ୍ରେଲ, ୨୦୨୫
ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ୫୮ତମ ଜନ୍ମତିଥି ଉତ୍ସବ	୭-୮ଜୁନ୍ ୨୦୨୫	ତା୦୧-୧୦ମଇ, ୨୦୨୫
ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ୫୮ତମ ଜନ୍ମ-ମହୋତ୍ସବ (ରତ୍ୱିକ୍-ସମ୍ମେଳନ)	୧୨-୧୩ଜୁଲାଇ ୨୦୨୫	ତା୧୦-୩୦ଜୁନ୍, ୨୦୨୫
ଶ୍ରୀଶ୍ରୀବଡ଼ମା'ଙ୍କ ୧୩୨ତମ ଜନ୍ମତିଥି ଉତ୍ସବ	୨୨ଜୁଲାଇ ୨୦୨୫	ତା୨୦ଜୁନ୍-୧୦ଜୁଲାଇ, ୨୦୨୫
ଶ୍ରୀଶ୍ରୀଠାକୁରଙ୍କ ୧୩୮ତମ ଜନ୍ମତିଥି ଉତ୍ସବ ଓ ଶୁଭାଗମନ ଦିବସ ୨୦୨୫	୦୧-୦୨ସେପ୍ଟେମ୍ବର ୨୦୨୫	ତା୨୫ଜୁଲାଇ-୧୫ଅଗଷ୍ଟ,
ଶ୍ରୀଶ୍ରୀଠାକୁରଙ୍କ ୧୩୮ତମ ଜନ୍ମ-ମହାମହୋତ୍ସବ (ରତ୍ୱିକ୍-ସମ୍ମେଳନ)	୦୪-୦୫ଅକ୍ଟୋବର ୨୦୨୫	ତା୦୧-୨୦ସେପ୍ଟେମ୍ବର, ୨୦୨୫
ଶ୍ରୀଶ୍ରୀଦାଦାଙ୍କ ୯୩ତମ ଜନ୍ମଦିବସ	୨୧ଅକ୍ଟୋବର ୨୦୨୫	ତା୦୧-୧୦ଅକ୍ଟୋବର, ୨୦୨୫
ଶ୍ରୀଶ୍ରୀବଡ଼ଦାଙ୍କ ୧୧୫ତମ ଜନ୍ମତିଥି ଉତ୍ସବ	୨୧ନଭେମ୍ବର ୨୦୨୫	ତା୦୧-୧୦ନଭେମ୍ବର, ୨୦୨୫
ଶ୍ରୀଶ୍ରୀବଡ଼ଦାଙ୍କ ୧୧୫ତମ ଜନ୍ମମହୋତ୍ସବ (ରତ୍ୱିକ୍-ସମ୍ମେଳନ)	୩୧ଡ଼ିସେମ୍ବର ୨୦୨୫ - ୦୧ଜାନୁଆରୀ୨୦୨୬	ତା୨୫ନଭେମ୍ବର-୧୫ଡ଼ିସେମ୍ବର, ୨୦୨୫
ବନଭୋଜନ ଉତ୍ସବ	୯ଜାନୁଆରୀ ୨୦୨୬	ତା୨୫ନଭେମ୍ବର-୧୫ଡ଼ିସେମ୍ବର, ୨୦୨୫
ଦୋଳ ଉତ୍ସବ	୩ମାର୍ଚ୍ଚ ୨୦୨୬	ତା୦୧-୨୦ଫେବୃଆରୀ, ୨୦୨୬

- ସେକ୍ରେଟାରୀ, ସତ୍‌ସଙ୍ଗ
୧୮/୦୨/୨୫

ବିଶେଷ ବିଜ୍ଞପ୍ତି

ପରମପୂଜ୍ୟପାଦ ଶ୍ରୀଶ୍ରୀଅର୍କଜ୍ୟୋତି ଚକ୍ରବର୍ତ୍ତୀଙ୍କ ୫୬ତମ ଜନ୍ମଦିବସ ୮ଜୁନ୍, ୨୦୨୩ର ଶୁଭକ୍ଷଣରେ ସତ୍‌ସଙ୍ଗ ଫିଲାନ୍‌ଥ୍ରପୀରେ online ଇଷ୍ଟଭୃତି ପ୍ରେରଣର ବ୍ୟବସ୍ଥା ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଚାଲୁ କରାହୁଏ ।

ସତ୍‌ସଙ୍ଗର ନିଜସ୍ୱ ୱେବ୍‌ସାଇଟ୍‌ରେ www.satsang.org.inରେ ପ୍ରବେଶ କରି menu barରେ ଅବସ୍ଥିତ donationରେ କ୍ଲିକ୍ କରିଲେ ହିଁ online ଅର୍ଘ୍ୟ ଜମା ଦେବାର ବ୍ୟବସ୍ଥା ଖୋଲିଯିବ ।

ପ୍ରଥମେ ନିଜସ୍ୱ ମୋବାଇଲ ନମ୍ବର ନେଇ ନାମ ରେଜିଷ୍ଟର କରିବାକୁ ହେବ । ରେଜିଷ୍ଟାର୍ଡ଼ ମୋବାଇଲ ନମ୍ବରରେ OTP ଯିବ । Pan card no ଓ Aadhar card no ଉଲ୍ଲେଖ କରିଲେ ତା'ପରେ ହିଁ ଅର୍ଘ୍ୟ ଜମା ହେବାର ପ୍ରକ୍ରିୟା ଆରମ୍ଭ ହେବ ।

ସକାଳ ୬ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ପ୍ରତିଦିନ କାର୍ଯ୍ୟକର ରହିବ ।

ଏହି ବିଷୟ ସଂକ୍ରାନ୍ତ ଯେକୌଣସି ଅନୁସନ୍ଧାନ ପାଇଁ ଗୋଟେ ମୋବାଇଲ ନମ୍ବର ପ୍ରଦତ୍ତ ହେଉଛି : 9153963390. କେବଳ ଏହି ନମ୍ବରରେ ହିଁ ଅନଲାଇନ ଅର୍ଘ୍ୟ ଜମା ଦେବା ବିଷୟରେ ଜିଜ୍ଞାସାବାଦ କରାଯିବ, ଅନ୍ୟ କୌଣସି ନମ୍ବରରେ ନୁହେଁ ।

ବିଶେଷଭାବେ ଉଲ୍ଲେଖ୍ୟ, ଏହି ପ୍ରକ୍ରିୟା କେବଳ ଭାରତ ମଧ୍ୟରେହିଁ ପ୍ରଯୋଜ୍ୟ ହେବ, ଅନ୍ୟ କୌଣସି ଦେଶରୁ ଅର୍ଘ୍ୟ ପ୍ରେରଣ କରାଯାଇ ପାରିବ ନାହିଁ ।

ଶୀଘ୍ର ହିଁ ବ୍ୟବହାର ବିଧି-ସଂକ୍ରାନ୍ତ ଗୋଟେ ଅଡ଼ିଓ ଭିଜୁୟାଲ ପ୍ରେଜେଣ୍ଟେସନ ପ୍ରକାଶ କରାଯିବ ।

Online Register ଓ ଅର୍ଘ୍ୟ ଜମା କରିବାର ପଦ୍ଧତି ନିମ୍ନରେ ଦିଆଗଲା ।

Step 1 : www.satsang.org.in

Step 2 : Donation

Step 3 : Creat an Account

Step 4 : Member Code as Mentioned (ଏଠାରେ ୧୨ ସଂଖ୍ୟାର Family Code ଦେବାକୁ ହେବ)

Step 5 : Register Account (ଆପଣଙ୍କ Family Codeରେ ଆଗରୁ Mobile No ଥାଏ ତା'ହେଲେ ଉକ୍ତ Mobile Noରେ OTP ଯିବ ।)

Step 6 : OTP ଦେବା ପରେ ଗୋଟେ ପୃଷ୍ଠା ଖୋଲିଯିବ, ଯେଉଁଠାରେ ଆପଣ Password ଦେବେ ପୁଣି password confirm କରିବାକୁ ହେବ । ଅଥବା ଯଦି ଆପଣଙ୍କ Family Codeରେ Mobile No ନ ଥାଏ ତେବେ ଆପଣଙ୍କର ଜମା ଦିଆ ଅର୍ଘ୍ୟପ୍ରସ୍ତୁତିର Serial No-Date-Mobile No ବସାଇବାକୁ ହେବ ।

Step 7 : ଏଥର ଆପଣ ୧୨ ସଂଖ୍ୟାର Family Code ଏବଂ Password ଦେଇ login କରିବେ ।

Step 8 : Donate Online ତଳେ Donete ବଟମରେ Click କରିବେ ।

Step 9 : ଗୋଟେ Form ଖୋଲି ଆସିବ ଆପଣଙ୍କୁ Form ଟା Fillup କରିବାକୁ ହେବ ।

Step 10 : Formଟା Fillup କରି ତଳେ Terms & Condition Accept କରି submit କରିବାକୁ ହେବ ।

Step 11 : Payment Confirm ହୋଇଗଲେ ଆପଣଙ୍କୁ ଗୋଟେ Receipt Copy ଦେଖାଯିବ । ସେଇଟା ଆପଣ Print କରି ନେବେ ।

Step 12 : ଆପଣଙ୍କ Family detailsରେ Click କରି ଅର୍ଘ୍ୟ-ପ୍ରଶ୍ନସ୍ତି Download କରିବାକୁ ହେବ ।

କୌଣସି କୌଣସି Codeରେ ଅର୍ଘ୍ୟ ଜମା ଦେଇପାରିବେ ତା'ର ଗୋଟେ ତାଲିକା ଉଲ୍ଲେଖ କରାହେଲା ।

ଇଷ୍ଟଭୃତି (ISTAV), ସ୍ୱସ୍ତ୍ୟୟନୀ (SWAST), ଆଚାର୍ଯ୍ୟଭୃତି (ACHAR), ଦକ୍ଷିଣା (DAKSH), ସଂଗଠନୀ (SANGA), ଋତ୍ୱିକୀ (RITWI), ପ୍ରଣାମୀ (PRONA), ଶ୍ରୀମନ୍ଦିର (SRIMN), ଆନନ୍ଦବଜାର (ANAND), ପରିଭୃତି (PRVRT), ଶ୍ରୀଶ୍ରୀଠାକୁରଙ୍କ ସେଣ୍ଟେନାରୀ ଫଣ୍ଡ (CENTE), କୃଷ୍ଟିପ୍ରହରୀ (KPRAH), କୃଷ୍ଟିବାନ୍ଧବ (KBNDB), ଇଷ୍ଟାୟନୀ (ISTAN), ଶାଶ୍ୱତିଲ୍ୟ ୟୁନିଭର୍ସିଟି (SUNI), କର୍ମୀମାନଙ୍କର ଉତ୍ସବ ଅର୍ଘ୍ୟ (UTSAV), ଦୀକ୍ଷା-ପ୍ରଣାମୀ (DPRNM) ଓ ଆଚାର୍ଯ୍ୟ-ପ୍ରଣାମୀ (APRNM) ଜମା ଦିଆଯିବ । ଏହାଛଡ଼ା ଅନ୍ୟ କୌଣସି ପ୍ରକାର ଅର୍ଘ୍ୟ ଅନଲାଇନରେ ଜମା ଦିଆଯାଇପାରିବ ନାହିଁ ।

ସେକ୍ରେଟାରୀ, ସତ୍‌ସଙ୍ଗ

୦୮.୦୬.୨୦୨୩

ଆଶ୍ରମ ସମ୍ବାଦ

ମାଘୀ ସତ୍‌ସଙ୍ଗ ପରିକ୍ରମାରତ ଆଶ୍ରମିକବୃନ୍ଦ

ପରମଦୟାଳ ଶ୍ରୀଶ୍ରୀଠାକୁରଙ୍କ ପୁଣ୍ୟ ପାଦପୀଠତଳେ ପ୍ରତ୍ୟହ ଅସଂଖ୍ୟ ଲୋକଙ୍କର ଆଗମନ ଘଟେ । ବହୁମୁଖୀ ଏହି ଆଶ୍ରମର କ୍ରିୟାକାଣ୍ଡ ଏବଂ ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ଦର୍ଶନ ଓ ବାକ୍ୟାଳାପରେ ଦର୍ଶନାର୍ଥୀମାନେ ଚଳାପଥର ଦିଗ ଖୋଜି ପାଆନ୍ତି । ପ୍ରତିବନ୍ଧକଗୁଡ଼ିକ ଅପସୃତ ହୁଏ । ଆଚାର୍ଯ୍ୟଦେବଙ୍କ ନିର୍ଦ୍ଦେଶିତ ପଥରେ ସଜ୍ଜନଙ୍କୁ ସାଥି କରି ଚାଲିବା ମାଧ୍ୟମରେ ଗୃହ ଓ ପରିବେଶ କ୍ରମେ ଆନନ୍ଦପୂର୍ଣ୍ଣ ହୋଇଉଠେ ।

ସେଦିନ ଜଣେ ଭାଇ ଆସିଛନ୍ତି । ପରିବାରର ଜଣେ ଘନିଷ୍ଠ ବ୍ୟକ୍ତିଙ୍କର କ୍ୟାନ୍ସର, କେମୋଥେରାପି ଚାଲିଛି ।

ନିବେଦନ ଶୁଣି ଆଚାର୍ଯ୍ୟଦେବ ତା'କୁ କହିଲେ — ପରିଣତି ଯା' ହେବ ହେଉ । ପରିଣତି ନ ଭାବି ଲଢ଼େଇ କରି ଚାଲିବାକୁ କହିବେ । ଲଢ଼େଇ ଯେପରି ନ ଅଟକେ । ରୋଗୀକୁ ଏପରି ଗଳ୍ପ ଶୁଣାଇବାକୁ ହେବ ଯେପରି ସେ ଆଶା ପାଏ, ଭରସା ପାଏ । ସବୁଠାରୁ ବେଶୀ ବଳ ମିଳେ ଠାକୁରଙ୍କ ସଙ୍ଗେ ରହିଲେ । ରୋଗୀ କହିବ, ମୁଁ ଲଢ଼େଇ କରି ଚାଲିବି ତୁମେ କେବଳ ସାଙ୍ଗରେ ରୁହ । ଯାଜନରେ ଠାକୁର ସାଙ୍ଗରେ ରୁହନ୍ତି । ଠାକୁରଙ୍କ କଥା କହିବେ । ଠାକୁରଙ୍କ କଥା ଭାବିବେ, ନାମ ଜପ କରିବେ । ଆନନ୍ଦରେ ରହିବେ । ଭରସା ପାଇଲେ ନିବେଦନକାରୀ ସେହି ଭାଇ ।

ଆଚାର୍ଯ୍ୟଦେବ ନିତ୍ୟ ବହୁ ବିପନ୍ନ ମଣିଷଙ୍କୁ ଏହିଭାବେ

ଆଶା ଭରସା ଦେଇ ପ୍ରେରଣାରେ ଉଦ୍ଦୀପ୍ତ କରି ତୋଳନ୍ତି । ଦୁରାରୋଗ୍ୟ ବ୍ୟାଧିଗ୍ରସ୍ତବି ବଞ୍ଚି ରହିବାର ପଥ ପାଇଯାଏ ।

ଜଣେ ଝିଅକୁ ଆଚାର୍ଯ୍ୟଦେବ କହିଲେ— I love you କହିଲେହିଁ ସେଥିରେ ମୁଗ୍ଧ ହୋଇଯାଇ ତା' ସଙ୍ଗେ ଚାଲି ଯିବୁ ନାହିଁ । ମୂର୍ଖାମି ହେବ । ତା' ସମ୍ବନ୍ଧରେ ଜାଣି ନାହୁଁ । ମୋଟର ବାଇକ ନେଇ ଆସିଛି ସେଥିରେ ତୋତେ ବସାଇ ନେଇ ଯାଉଛି । ଖବର ନେଇ ଜାଣିବୁ, ସେହି ବାଇକଟା ତା'ର ବାପାଙ୍କର, ତେଲ ଭରୁଛି ବାପାଙ୍କ ପକେଟରୁ ଟଙ୍କା ନେଇ । ଭଲ କରି ଖବର ନେଲେ ଜାଣିପାରିବୁ ସେ ତୋତେ ବିବାହ କରିବାକୁ ଚାହିଁଲା । ତା'ର ନିଜର ରୋଜଗାର ନାହିଁ, ରୋଜଗାର ତ ତା'ର ବାପାଙ୍କର । ବିବାହ କରି କିଛିଦିନ ପରେ ସେ ଆଉ ଖାଇବାକୁ ଦେଇ ପାରିବ ନାହିଁ, ଛାଡ଼ି ଦେବ । ତେଣୁ ଆଗେ ଲେଖାପଢ଼ା ଶିଖି ନିଜ ପାଦରେ ଠିଆ ହୋ' । ଯୋଗ୍ୟତା ଅର୍ଜନ କର । ତା'ପରେ ବିବାହ କରିବୁ ଠାକୁରଙ୍କ ବିଧାନ ମାନି । ବିବାହ ଆଗରୁ ନିଜେ ଯୋଗ୍ୟତା ଅର୍ଜନ କର ଯେପରି ସେ ଚାଲି ଗଲେ ବି ପେଟର ଭାତ ଜୁଟାଇ ପାରିବୁ ।

ଜଣେ ଭାଇ ବିଧିମାଫିକ 'ନାମ' କରିବାକୁ ଚାହାଁନ୍ତି । ଆଚାର୍ଯ୍ୟଦେବ ତା'ଙ୍କୁ କହିଲେ— ଯେଉଁ କାମଗୁଡ଼ିକ ପେଣ୍ଡିଂ ରଖିଛ ସେହି କାମଗୁଡ଼ିକ ଆଗେ ସାରି ପକାଅ । ଯେଉଁମାନଙ୍କର କାମ ପେଣ୍ଡିଂ ରହେ ସେମାନଙ୍କର 'ନାମ' ଠିକ୍‌ଭାବେ ହୁଏନା ।

ତା'ପରେ ଜଣେ ଭାଇଙ୍କୁ କହିଲେ— 'ଠାକୁରଙ୍କ ମଣିଷ' କ'ଣ ଦେଖି ବୁଝିଯିବ ? ପୋଷାକ ଦେଖି, ଖାଦ୍ୟପେୟ ଦେଖି, କ'ଣ ଦେଖି ? ମୋର ଆଚରଣ ଯଦି କହେ ମୁଁ ଠାକୁରଙ୍କ ମଣିଷ ତା'ହେଲେ ସେଇଟାହିଁ ଅସଲ ପରିଚୟ । ଠାକୁରଙ୍କ ମଣିଷର ପରିଚୟ ତା'ର ଆଚରଣରେ । ବିହାରର ମଫସଲ ଏକ ଜାଗାରୁ ମଧ୍ୟ ବୟସୀ ଜଣେ ଦମ୍ପତି ଆସିଛନ୍ତି ତିନିଚାରି ବର୍ଷର ଶିଶୁ ପୁତ୍ରକୁ ନେଇ । ସେମାନଙ୍କ ଭାଷାରେ ଭାଇଟି ଜଣାଇଲେ— ମୋର ପୁଅକୁ ଦୁଷ୍କୃତକାରୀମାନେ ହତ୍ୟା କରନ୍ତି । ତା'ପରେ ମନରେ କଷ୍ଟ ନେଇ ଆପଣଙ୍କ ଶ୍ରୀଚରଣରେ ପୁନରାୟ ସନ୍ତାନ ପ୍ରାର୍ଥନା କରିଥିଲି । ଆପଣଙ୍କ ନିର୍ଦ୍ଦେଶ ଅନୁସାରେ ଚାଲି ପୁଣି ଏହି ସନ୍ତାନ ପାଇଛି । ଶିଶୁ ସନ୍ତାନଟି ପ୍ରତି ଦୃଷ୍ଟି ଦେଇ ଆଚାର୍ଯ୍ୟଦେବ ଦମ୍ପତିଙ୍କୁ କହିଲେ— ଠାକୁରଙ୍କ ଦୟାରୁ ପାଇଛ । ସନ୍ତାନକୁ ଭଲଭାବେ ମଣିଷ କର । ଭଲ-ମନ୍ଦ, ଧର୍ମ-ଅଧର୍ମ, କୋଉଟା କରଣୀୟ, କୋଉଟା କରଣୀୟ ନୁହେଁ ବୁଝାଇ ଦେବ ପୁଅକୁ । ଆଚାର୍ଯ୍ୟଦେବଙ୍କ କଥାଗୁଡ଼ିକ ହିନ୍ଦିରେ ବୁଝାଇ ଦିଆଗଲା ସେହି ଦମ୍ପତିଙ୍କୁ ।

ଶ୍ରୀଶ୍ରୀଠାକୁରଙ୍କ ଭାଗବତ ଆଦର୍ଶର ପ୍ରଚାର ଓ ପ୍ରସାର ଭିନଦେଶୀମାନଙ୍କ ମଧ୍ୟରେ ବି ହୋଇ ଚାଲିଛି । ସେମାନେ ବି ଶ୍ରୀଶ୍ରୀଠାକୁରଙ୍କ ସତ୍‌ଦୀକ୍ଷା ଗ୍ରହଣ କରି ଜୀବନବୃଦ୍ଧିର ପଥ ଧରି ଆଗେଇ ଚାଲିଛନ୍ତି । ଗତ ୭ମାର୍ଚ୍ଚ, ୨୦୨୫ ସତ୍‌ସଙ୍ଗ ଦେଓଘରକୁ ଆସନ୍ତି ମାର୍କିନ ଦେଶର ଇଷ୍ଟଭ୍ରାତା ଜେଫ୍ରୀ ରେନାର୍ଟ ଓ ପୁତ୍ର ବେଞ୍ଜାମିନ । ଆସିବା ପରେ ଆଚାର୍ଯ୍ୟଦେବ ସେମାନଙ୍କର ରହିବା ଓ ଆହାରାଦିର ସମ୍ୟକ ବ୍ୟବସ୍ଥା ଗ୍ରହଣ କରନ୍ତି । ସେମାନେ ଦୁଇବେଳା ଠାକୁରବଙ୍ଗଳାରେ ବିନତି ପ୍ରାର୍ଥନା, ନାମଜପ ଇତ୍ୟାଦି ଦୈନନ୍ଦିନ କ୍ରିୟାକର୍ମରେ ଯୋଗ ଦେଉଥିଲେ । ମଣ୍ଡପରେ ଆଚାର୍ଯ୍ୟଦେବ ଦୀର୍ଘ ସମୟ ଉପସ୍ଥିତ ରହି ଅଗଣିତ ଦର୍ଶନାର୍ଥୀଙ୍କ ସମସ୍ୟାର କଥା ଶୁଣୁଥିଲେ । ସେହି ସମୟରେ ବି ପିତା ପୁତ୍ର ଉଭୟେ ଉପସ୍ଥିତ ରହୁଥିଲେ । ଆଶ୍ରମରେ ନୂତନରୂପେ ନିର୍ମିତ 'ଆନନ୍ଦବଜାର' ଏବଂ ପବ୍ଲିଶିଂ ହାଉସ ଇତ୍ୟାଦି ନବନିର୍ମିତ ଗୃହସ୍ଥଳି ସେମାନେ ପରିଦର୍ଶନ କରନ୍ତି ଓ କର୍ମତତ୍ତ୍ୱଜ୍ଞ ଆଶ୍ରମର କର୍ମକାଣ୍ଡ ଚାକ୍ଷୁଷ କରନ୍ତି । ମିଃ. ଜେଫ୍ରୀ ରେନାର୍ଟ ବିଭିନ୍ନ ଦେଶ ଭ୍ରମଣ କରି ୧୯୭୧ ସାଲରେ ଭାରତ ଆସନ୍ତି ଏବଂ ସତ୍‌ସଙ୍ଗ ଦେଓଘରେ ପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ସାନ୍ନିଧ୍ୟରେ ଠାକୁରଙ୍କ ସର୍ବକଲ୍ୟାଣକର ଆଦର୍ଶରେ ଅନୁପ୍ରାଣିତ ହୋଇ ସେଇଥର ହିଁ ସତ୍-ଦୀକ୍ଷା ଗ୍ରହଣ କରନ୍ତି । ତା'ପରଠାରୁ ସୁଯୋଗ ପାଇଲେହିଁ ମଝିରେ ମଝିରେ କିଛିଦିନ ଆଶ୍ରମରେ ଅବସ୍ଥାନ କରି ଦେଶକୁ ଫେରୁଥିଲେ । ୧୯୮୦ ଦଶକରେ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦା ତାଙ୍କୁ ସହ-ପ୍ରତି-ଋତ୍ୱିକ୍‌ର ପାଞ୍ଚା ପ୍ରଦାନ କରନ୍ତି ଏବଂ ଜେଫ୍ରୀଭାଇ କତିପୟ ବ୍ୟକ୍ତିଙ୍କୁ ସତ୍‌ଦୀକ୍ଷା ପ୍ରଦାନ କରନ୍ତି । ଗତ ୧୨ମାର୍ଚ୍ଚରେ ସିଏ ସତ୍‌ସଙ୍ଗ ଦେଓଘରୁ ସ୍ୱଦେଶ ଅଭିମୁଖେ ଯାତ୍ରା କରନ୍ତି । 'Faith & destiny' ଶିରୋନାମରେ ସିଏ ଗୋଟେ ଗ୍ରନ୍ଥ ପ୍ରଣୟନ କରିଛନ୍ତି । ଗ୍ରନ୍ଥଟିର ପ୍ରଚ୍ଛଦ ଠାକୁରବଙ୍ଗଳାର ମୁଖ୍ୟ ପ୍ରବେଶଦ୍ୱାର । ମାର୍କିନ ଦେଶର ଅଧିବାସୀ ଆହୁରି କିଛି ସତ୍‌ସଙ୍ଗୀ ଅଛନ୍ତି ଯେଉଁମାନେ ଆଶ୍ରମରେ ନାନା କାର୍ଯ୍ୟ ସଙ୍ଗେ ଯୁକ୍ତ ରହିଛନ୍ତି ।

ଠାକୁରବଙ୍ଗଳାରେ ଅତି ପ୍ରତ୍ୟୁଷରେ ଶ୍ରୀଶ୍ରୀଠାକୁର ଓ ଶ୍ରୀଶ୍ରୀବଡ଼ମା'ଙ୍କ ଭୋଗ ନିବେଦନର ପ୍ରସ୍ତୁତି ଆରମ୍ଭ ହୁଏ । ସଂଶ୍ଳିଷ୍ଟ ମା'ମାନେ ଏବଂ ଭାଇମାନେ କାର୍ଯ୍ୟରେ ଯୋଗ ଦିଅନ୍ତି । ଯଥାସମୟରେ ଭୋଗ ନିବେଦନର ଶଙ୍ଖ ବାଜିଉଠେ । ଇତିମଧ୍ୟରେ ବ୍ରାହ୍ମମୁହୂର୍ତ୍ତରେ ଭକ୍ତାକୀର୍ତ୍ତନ ଦଳ କୀର୍ତ୍ତନ ଗାଇ ଗାଇ ଠାକୁରବଙ୍ଗଳା, ଷୋଡ଼ଶୀଭବନ ଓ ସାମଧ୍ୟକ୍ଷେତ୍ର ପରିକ୍ରମା କରି ମନୋମୋହିନୀଧାମକୁ ପ୍ରତ୍ୟାବର୍ତ୍ତନ କରେ । ଶ୍ରୀଶ୍ରୀଆଚାର୍ଯ୍ୟଦେବ ବାସଭବନରୁ ଦଣ୍ଡ ହାତରେ ପଦବ୍ରଜରେ ଠାକୁରବଙ୍ଗଳାରେ ଯଥାସମୟରେ ଉପସ୍ଥିତ ହୁଅନ୍ତି । ତାଙ୍କ ପଶ୍ଚାତରେ ରୁହନ୍ତି ଅଗଣିତ

ସଙ୍ଗ ପିପାସୁ । ଆଶ୍ରମିକଗଣ ଏବଂ ଗେଷ୍ଟହାଉସଗୁଡ଼ିକରେ ଅବସ୍ଥାନକାରୀ ଅଗଣିତ ଇଷ୍ଟଭ୍ରାତା-ଭଗ୍ନୀ ସୁବେଶରେ ସଜ୍ଜିତ ହୋଇ ଠାକୁରବଙ୍ଗଳାରେ ସମବେତ ପ୍ରାର୍ଥନାରେ ଯୋଗ ଦେବାକୁ ଆସନ୍ତି । ନିର୍ଦ୍ଦିଷ୍ଟ ୫ଟା ୫୦ମିନିଟ୍‌ରେ (ମାର୍ଚ୍ଚ ମାସରେ) ଆରମ୍ଭ ହୁଏ ପ୍ରାତଃକାଳୀନ ବିନତି ପ୍ରାର୍ଥନା ।

ପ୍ରାର୍ଥନାଦି ପରେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀହସ୍ତଲିଖିତ ଗ୍ରନ୍ଥ 'ସତ୍ୟାନୁସରଣ' ବିଭିନ୍ନ ଭାଷାରେ ପାଠ ପରେ ବର୍ତ୍ତମାନ 'ଶାଶ୍ୱତୀ' ଗ୍ରନ୍ଥରୁ ବାଣୀପାଠ ହେଉଛି । ଆଚାର୍ଯ୍ୟଦେବ ବାଣୀରେ ବ୍ୟବହୃତ ଶବ୍ଦରାଜିର ଧାତୁଗତ ଅର୍ଥ ଧରି ବାଣୀର ଅର୍ଥ ବିଶ୍ଳେଷଣ କରନ୍ତି । ପ୍ରତିଟି ଶବ୍ଦର ଅର୍ଥ ଧରି ଧରି ସମଗ୍ର ବାଣୀର ଅର୍ଥ ଉଦ୍‌ଘାଟନ କରନ୍ତି । ଠାକୁରବଙ୍ଗଳାରେ ସମବେତ ଇଷ୍ଟଭ୍ରାତା-ଭଗ୍ନୀମାନେ ଶୁଣିବାକୁ ପାଇ କୃତାର୍ଥ ବୋଧ କରନ୍ତି । ଆଚାର୍ଯ୍ୟଦେବଙ୍କ ସଙ୍ଗ ଏବଂ ତାଙ୍କ ଶ୍ରୀମୁଖରୁ ବାଣୀର ଅନ୍ତର୍ନିହିତ ଅର୍ଥ ଶୁଣିବା ପାଇଁ ଭୋରବେଳା ଠାକୁରବଙ୍ଗଳା ବେଶ ଜମଜମାଟ ରହେ । ସକାଳର ବିନତି ପ୍ରାର୍ଥନାରେ ପୂଜନୀୟ ଶୁଭଦା ଉପସ୍ଥିତ ରୁହନ୍ତି ।

ସକାଳ ୮ଟା ୫୫ମିନିଟ୍‌ରୁ ଠାକୁରବଙ୍ଗଳାରେ ଆରମ୍ଭ ହୁଏ ସମବେତ ନାମଜପ । "ଶ୍ରୀଶ୍ରୀଗୁରୁଗ୍ରନ୍ଥସାହେବଜୀ" ଓ "ଧୃତି-ବିଧାୟନା" (୨ୟଖଣ୍ଡ)ରୁ ବାଣୀପାଠ ହୁଏ । ଏହାପରେ ଦୁଇଟି ଭକ୍ତିଗୀତି ପରିବେଷିତ ହୁଏ । ଏହି ସମୟରେ ପୂଜନୀୟା ବଡ଼ ବୋହୂରାଣୀମା' ପ୍ରଣାମ ନିବେଦନ ପାଇଁ ଠାକୁରବଙ୍ଗଳାକୁ ଆସନ୍ତି ।

ସନ୍ଧ୍ୟାରେ ୫ଟା ୫୨ ମିନିଟ୍‌ରେ ବିନତି ପ୍ରାର୍ଥନା, ସମବେତ ନାମଜପ ଅନୁଷ୍ଠିତ ହୁଏ । ସାନ୍ଧ୍ୟ କୀର୍ତ୍ତନ ଦଳ ଠାକୁରବଙ୍ଗଳାରେ ପ୍ରଣାମ ନିବେଦନ କରି ଷୋଡ଼ଶୀଭବନ ଯାତ୍ରା କରେ । ଶ୍ରୀଶ୍ରୀଠାକୁରଙ୍କ ବାଣୀଗ୍ରନ୍ଥ 'ଅନୁଶ୍ରୁତି' (୫ମଖଣ୍ଡ) ଓ 'ଆଚାରଚର୍ଯ୍ୟା' (୧ମଖଣ୍ଡ)ରୁ ବିଭିନ୍ନ ଭାଷାରେ ବାଣୀପାଠ ହୁଏ ।

ମଝିରେ ମଝିରେ ଦେଓଘର ସହର ଓ ଏତଦଞ୍ଚଳର ପ୍ରଶାସନର ବିଭିନ୍ନ ବିଭାଗ ପଦସ୍ଥ କର୍ତ୍ତାଗଣ ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ଦର୍ଶନ କରନ୍ତି ଏବଂ ତାଙ୍କ ନିକଟରୁ ଚଲାପଥର ଦିଶା ନେଇ ଯାଆନ୍ତି । ଗତ ୪ମାର୍ଚ୍ଚ ପାଟନା ଏମସ୍ ଓ ଦେଓଘର ଏମସ୍‌ର ଡ଼ାଇରେକ୍ଟର ଡ଼ାଃ. ସୌରଭ କୁମାର ଭାର୍ଷନେ ଆଶ୍ରମକୁ ଆସନ୍ତି ଏବଂ ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ଦର୍ଶନ ଓ ଦୀର୍ଘ ସମୟ ବାକ୍ୟାଳାପ କରି ଯୁକ୍ତିପୂର୍ଣ୍ଣ ଆଲୋଚନାରେ ସମୃଦ୍ଧ ହୁଅନ୍ତି ।

ଗତ ୩୦ଶ ଫାଲ୍‌ଗୁନ (୧୪ମାର୍ଚ୍ଚ) ୨୦୨୫ ଶୁକ୍ରବାର ପୁଣ୍ୟ ଦୋଳ ଉତ୍ସବ ସତ୍‌ସଙ୍ଗ ଦେଓଘରେ ସାଡ଼ମ୍ବରେ ପାଳିତ ହୁଏ । ସନ୍ଧ୍ୟାରେ ଠାକୁରବଙ୍ଗଳାରେ ଆଚାର୍ଯ୍ୟଦେବଙ୍କ ଉପସ୍ଥିତିରେ ପରମଦୟାଳ ଶ୍ରୀଶ୍ରୀଠାକୁରଙ୍କ ନାମ ସଂକୀର୍ତ୍ତନ ଓ ସତ୍‌ସଙ୍ଗ ଅନୁଷ୍ଠିତ ହୁଏ । (ସ୍ୱତନ୍ତ୍ର ବିବରଣୀ ଅନ୍ୟତ୍ର ଦ୍ରଷ୍ଟବ୍ୟ)

୧୯୪୬ସାଲର ସେପ୍ଟେମ୍ବର-୨ରେ ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଜନ୍ମଭୂମି ହିମାୟିତପୁରରୁ ଦେଓଘର ଆସି ଯେଉଁ ଘରେ ଉଠିଥିଲେ ସେଇଟି 'ବଡ଼ାଲ ବାଡ଼ି' ନାମରେ ପରିଚିତ ଥିଲା । ୧୯୭୫ ସାଲର ୧୩ସେପ୍ଟେମ୍ବର ଶ୍ରୀଶ୍ରୀଠାକୁରଙ୍କ ଶୁଭ ଜନ୍ମତିଥି ଦିନ ତାଙ୍କ ବ୍ୟବହୃତ ଦିବ୍ୟ ସାମଗ୍ରୀ ସମୂହର ସଂଗ୍ରହଶାଳାର ଶୁଭ ଉଦ୍‌ବୋଧନ କରନ୍ତି ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦା । ନାମ ଦିଅନ୍ତି 'ମେମୋରିୟା' । ଘରଟି ଦୀର୍ଘଦିନର ପୁରାତନ । ଘରଟିର ଛାତ ଓ କାନ୍ଥ ଇତ୍ୟାଦିର ସଂସ୍କାର ପାଇଁ ଭକ୍ତ ସାଧାରଣଙ୍କ ଦର୍ଶନ ଏବେ ବନ୍ଦ ଅଛି । ସଂଶ୍ଳିଷ୍ଟ କର୍ମୀମାନେ ଆଗାମୀ ନବବର୍ଷ ମଧ୍ୟରେହିଁ ସଂସ୍କାରକାର୍ଯ୍ୟାଦି ସମାଧାନ କରିବାକୁ ଚେଷ୍ଟା କରି ଚାଲିଛନ୍ତି ।

ସତ୍‌ସଙ୍ଗ କେମିକାଲ ୱାର୍କସ୍ ବିଲ୍‌ଡ଼ିଂର ସଂସ୍କାର କାର୍ଯ୍ୟ, ଦୁଇଟି ଦୁତବଦ୍ୱୀପ୍ତ ହାସପାତାଳରେ ନୂତନ ଭବନର ଫିନିସିଂ କାର୍ଯ୍ୟ ଏବଂ ଦେଓଘରେ ବିଭିନ୍ନ ସ୍ଥାନରେ ଆଶ୍ରମର ଘରଦ୍ୱାରର ସଂସ୍କାର, ମରାମତି ଇତ୍ୟାଦିର କାର୍ଯ୍ୟ ଚାଲିଛି । ସର୍ବଶ୍ରୀ ସନ୍ତୋଷକୁମାର ସୁବୁଦ୍ଧି (ବିଶିଷ୍ଟ ଇଞ୍ଜିନିୟର) ଏହି କର୍ମରେ ବ୍ୟାପୃତ ଅଛନ୍ତି ।

ଶୀତ ଅତିକ୍ରମ କରି ପ୍ରକୃତି ଗ୍ରୀଷ୍ମରେ ପ୍ରବେଶ କରିଛି । ପରିମଣ୍ଡଳ ନାତିଶୀତୋଷ୍ଣ । ସକାଳ ସନ୍ଧ୍ୟା ଦୁଇବେଳା ବେଶ ମନୋରମ । ବର୍ତ୍ତମାନ ନିମ୍ନତମ ତାପମାତ୍ରା ୧୯°ରୁ ୨୧° ସେଲ୍‌ସିୟସ୍ ଏବଂ ଊର୍ଦ୍ଧ୍ୱତମ ତାପମାତ୍ରା ୩୩°ରୁ ୩୫° ସେଲ୍‌ସିୟସ୍ ମଧ୍ୟରେ ଉଠାପକା କରୁଛି ।

କୃପାସିନ୍ଧୁ ରକ୍ଷିତ
ସତ୍‌ସଙ୍ଗ, ଦେଓଘର

ଠକ ନାହିଁ,
ଠକିବାରେ ସାଧୁତ୍ୱ ନଥାଏ,
ଥାଏ ଅଜ୍ଞତା,
ଆଉ, ଅଜ୍ଞତାହିଁ
ଅପଳାପର ଜନନୀ ।
(ଆର୍ଯ୍ୟ-ପ୍ରାତିମୋକ୍ଷ-୯୫୮୬)

ସମ୍ପାଦକୀୟ

ଏ ଦୁନିଆରେ କିଛି ଲୋକ ଅଛନ୍ତି ଯେଉଁମାନେ ଦୃଢ଼ତାର ସହିତ କହିବୁଲନ୍ତି— ଈଶ୍ୱର ବୋଲି କେହି ନାହାଁନ୍ତି । ଆଉ କେହି କେହି କହନ୍ତି— ଈଶ୍ୱର ଅଛନ୍ତି ବା ନାହାଁନ୍ତି, ମୁଁ ତା' ବୁଝିପାରୁ ନାହିଁ । ଅର୍ଥାତ୍ ଈଶ୍ୱରଙ୍କ ଅସ୍ତିତ୍ୱ ନେଇ ସନ୍ଦେହୀ ସ୍ୱଭାବ । ତଥାକଥିତ ହେତୁବାଦୀମାନେ ଈଶ୍ୱରଙ୍କ ଅସ୍ତିତ୍ୱକୁ ନେଇ ସନ୍ଦେହ କରିବା ସହିତ ସମ୍ପୂର୍ଣ୍ଣଭାବେ ନିରୀଶ୍ୱରବାଦର ପ୍ରବକ୍ତା ସାଜନ୍ତି । ଯଦିଓ ଅନେକ ଲୋକ ଈଶ୍ୱରଙ୍କ ଅସ୍ତିତ୍ୱକୁ ସ୍ୱୀକାର କରନ୍ତି । କିନ୍ତୁ ସେମାନଙ୍କ ମଧ୍ୟରୁ କେତେଜଣ ବା ତାଙ୍କୁ ବୁଝନ୍ତି ତାହା ଆଲୋଚନୀୟ । ଈଶ୍ୱରଙ୍କୁ ନେଇ ଏହି ବିଶ୍ୱାସ ଅବିଶ୍ୱାସର ଛଳପଞ୍ଚା ଖେଳ ଚାଲିଛି କେଉଁ ଆବହମାନ କାଳରୁ । ଏପର୍ଯ୍ୟନ୍ତ ଏହାର ସମାଧାନ ବା ସଠିକ ଉତ୍ତର ମିଳିପାରି ନାହିଁ ।

ପୁରୁଷୋତ୍ତମଙ୍କ ଭାବାଦର୍ଶରେ ଏ ନେଇ ସ୍ପଷ୍ଟ ସମାଧାନ ପ୍ରଦାନ କରାଯାଇଛି ଅତି ସହଜ ଓ ବାସ୍ତବ ବିଚାରଧାରା ସହିତ । ତାଙ୍କ ଭାବାଦର୍ଶ କହେ—

ତୁମେ ଈଶ୍ୱର କହିଲେ କିଛି ବୁଝ ଆଉ ନ ବୁଝ,
କିନ୍ତୁ ମନେରଖ—
ସତ୍ତାର ଅନ୍ତଃସ୍ଥ ଧାରଣପାଳନୀ ସମ୍ବେଗ
ଯା' ବୋଧିବିସ୍ତ୍ରବା ହୋଇ ବିଭାସିତ ହୋଇଉଠିଛି,
ଏହାହିଁ ହେଉଛି ଈଶୀ-ସମ୍ବେଗ,
ତେଣୁ, ସିଏ ଧାତା ଓ ପାତା,
ଏହି ଧାରଣ-ପାଳନୀ ସମ୍ବେଗ
ଯେଉଁଠାରେ ଯେତେଦୂର ଉଦ୍‌ଗତି ଲାଭ କରେ,—
ଈଶିତ୍ୱ ବି ସେଠାରେ ସେହିପରି;
ସତ୍ତା ପରିବେଶର ପ୍ରତିଟି ବ୍ୟଷ୍ଟିର ସଂଘାତ ଭିତର ଦେଇ
ତା'ର ଧୃତିପୋଷଣୀ ଯାହାକିଛିକୁ ସଂଗ୍ରହ କରି
ଐଶ୍ୱର୍ଯ୍ୟରେ ଉଦ୍ଭିନ୍ନ ହୋଇଉଠିଥାଏ—
ସୁକେନ୍ଦ୍ରିକ ସୁନିଷ୍ଠ ଶ୍ରେୟାନୁଗ ଆଲମ୍ବନରେ
ନିଜର ବ୍ୟକ୍ତିତ୍ୱକୁ ସୁସଂହତ କରି ଅନ୍ତରେ ଏବଂ ବାହାରେ,
ବୈଶିଷ୍ଟ୍ୟପାଳୀ ଆପୂରୟମାଣ
ଆତ୍ମବିନାୟନୀ ତତ୍ପରତା ଭିତର ଦେଇ
ତା'ର ପରିବେଶକୁ ବିନାୟିତ କରି,
ଆଉ, ତାହାହିଁ ଈଶିତ୍ୱ;
''ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେ ଅର୍ଜୁନ ! ତିଷ୍ଠତି,
ଭ୍ରାମୟନ୍ ସର୍ବଭୂତାନି ଯନ୍ତ୍ରାରୂଢ଼ାନି ମାୟୟା,
ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ !
ତତ୍‌ପ୍ରସାଦାତ୍ ପରାଂ ଶାନ୍ତିଂ ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍'',
ସୁକେନ୍ଦ୍ରିକ ନ ହୋଇ ସେଇ ଈଶୀ-ସମ୍ବେଗ ଛନ୍ନତାରେ ଛିନ୍ନ ହୋଇ
ନିରର୍ଥକତାରେ ବିଶ୍ଳିଷ୍ଟ ହୋଇଉଠେ,
କିନ୍ତୁ ତୁମେ ଶ୍ରେୟକେନ୍ଦ୍ରିକ ସକ୍ରିୟ ଆରତିସମ୍ପନ୍ନ ହୋଇ
ଆତ୍ମବିନାୟନା ଭିତର ଦେଇ
ତତ୍ତ୍ୱତଃ ସେହି ଈଶିତ୍ୱକୁ ଉପଲବ୍ଧି କରିପାର;
ଗୀତାରେ ଭଗବାନ ଆହୁରି କହିଛନ୍ତି—
''ନାସ୍ତି ବୁଦ୍ଧିରଯୁକ୍ତସ୍ୟ ନ ଚାୟୁକ୍ତସ୍ୟ ଭାବନା
ନ ଚାଭାବୟତଃ ଶାନ୍ତିରଶାନ୍ତସ୍ୟ କୁତଃ ସୁଖମ୍'' ।

(ଆର୍ଯ୍ୟ-ପ୍ରତିମୋକ୍ଷ-୪୬୮୩)

ଧାରଣ-ପାଳନ ସମ୍ବେଗସିଦ୍ଧ ବ୍ୟକ୍ତିତ୍ୱହିଁ ଈଶ୍ୱରତ୍ୱ । ଆମ ପ୍ରତ୍ୟେକଙ୍କ ମଧ୍ୟରେ ଯେଉଁ ଧାରଣ ଓ ପାଳନ କରିବାର ସମ୍ବେଗ ରହିଛି ତାହାହିଁ ଈଶ୍ୱରତ୍ୱର ପ୍ରତୀକ । ଯାହା ମଧ୍ୟରେ ଯେତେଦୂର ଏହା ଉଦ୍‌ଗତି ଲାଭ କରିଛି ଅର୍ଥାତ୍ ଉନ୍ନତ ସ୍ତରରେ ବିରାଜମାନ କରୁଛି ତା' ମଧ୍ୟରେ ଈଶିତ୍ୱ ସେହି ପରିମାଣରେ ଉଦ୍ଭାସିତ ହୋଇଛନ୍ତି । ବୈଶିଷ୍ଟ୍ୟପାଳୀ ଆପୂରୟମାଣ ପୁରୁଷୋତ୍ତମ ହିଁ ଈଶ୍ୱରଙ୍କର ମୂର୍ତ୍ତ ବ୍ୟକ୍ତିତ୍ୱ । ଏଣୁ ଈଶ୍ୱର ଅଛନ୍ତି କି ନାହିଁ ସେ ନେଇ ଚିନ୍ତାଭାବନା କରିବାର ଆବଶ୍ୟକତା ନାହିଁ । ସେହି ଈଶିତ୍ୱ ଯା' ମଧ୍ୟରେ ପୂର୍ଣ୍ଣ ବିକଶିତ ସେ ହିଁ ପୁରୁଷୋତ୍ତମଙ୍କ ନରାୟିତ ବିଗ୍ରହ । ଅର୍ଥାତ୍ ରକ୍ତମାଂସସଙ୍କୁଳ ଶରୀରରେ ଆବିର୍ଭୂତ ପୁରୁଷୋତ୍ତମ । ଆମ ପ୍ରତିପ୍ରତ୍ୟେକଙ୍କ ଭିତରେ ଈଶିତ୍ୱ, ଈଶ୍ୱରତ୍ୱ ସୁପ୍ତାକାରେ ରହିଛି । ଆଂଶିକ ଈଶିତ୍ୱର ଅଧିକାରୀ ଆମେମାନେ । ପୂର୍ଣ୍ଣ ଈଶିତ୍ୱ ଉଦ୍ଭିନ୍ନ ହୋଇଛି ଯେଉଁ ବ୍ୟକ୍ତିଙ୍କଠାରେ ତାଙ୍କୁ ଜୀବନରେ ଆଦର୍ଶ ରୂପେ ଇଷ୍ଟ ରୂପେ, ଗ୍ରହଣ କରି ଯଦି ତାଙ୍କଦ୍ୱାରା ନିଦେଶିତ ନୀତିନିୟମକୁ ଆମେ ମାନି ଚାଲିବା ଓ ତଦନୁଯାୟୀ ନିଜକୁ ପ୍ରସ୍ତୁତ କରିବାର ପ୍ରୟାସରେ ଅଗ୍ରଗାମୀ ହେବା ତେବେ ଆମ ଭିତରେ ଈଶିତ୍ୱ ମଧ୍ୟ ଉଦ୍ଭିନ୍ନ ହୋଇଉଠିବ । ଯେ ଯେତିକି ପରିମାଣରେ ତା'ର ଅନୁଶୀଳନ କରିବ ତା' ମଧ୍ୟରେ ଈଶ୍ୱର ସେତିକି ପରିମାଣରେ ଉଦ୍ଭାସିତ ହୋଇଉଠିବେ । ଏହାର ଉପାୟସ୍ୱରୂପ ଭଗବଦ୍‌ଗୀତାରେ କୁହାଯାଇଛି ଯେ ଯେଉଁ ବ୍ୟକ୍ତି ନରାୟିତ ବିଗ୍ରହ ପୁରୁଷୋତ୍ତମଙ୍କ ସହିତ ଦୀକ୍ଷା ମାଧ୍ୟମରେ ଯୁକ୍ତ ହୋଇ ନାହିଁ ତା'ର ବୁଦ୍ଧି ନାହିଁ । ଯେ ଅଯୁକ୍ତ ତା'ର ଭାବନା ନାହିଁ ତା'ର ଶାନ୍ତି ବି ନାହିଁ । ଆଉ ଅଶାନ୍ତ ବ୍ୟକ୍ତିର ସୁଖ ବା ଆସିବ କୋଉଠୁ ? ସୁତରାଂ ବର୍ତ୍ତମାନ ପୁରୁଷୋତ୍ତମଙ୍କ ପ୍ରତି ଅନୁଗତ ହୋଇ ତାଙ୍କରି ପଛାର ଅନୁପଛୀ ରୂପେ ନିଜକୁ ପ୍ରସ୍ତୁତ କରି ତୋଳିବା ହିଁ ହେଉଛି ଈଶ୍ୱରପ୍ରାପ୍ତିର ଏକମାତ୍ର ସଠିକ୍ ପନ୍ଥା । ଏହାକୁ ଯେ ଯେତେ ପରିମାଣରେ ଯେତେ ନିବିଡ଼ତାରେ, ଯେତେ ଗଭୀରତାରେ ଅନୁଶୀଳନ ଓ ଚରିତ୍ରାୟଣ କରିବ ସେ ସେତେ ପରିମାଣରେ ଈଶ୍ୱରଙ୍କୁ ବୁଝିପାରିବ । ତାଙ୍କୁ ଲାଭ କରିବାର ପଥରେ ଆଗେଇ ଚାଲିବ । ଏପରି ନ କରି ଈଶ୍ୱରଙ୍କର ଅସ୍ତିତ୍ୱକୁ ନେଇ ଅଯଥା ବାକ୍‌ବିତଣ୍ଡା କରିବାରେ କିଛି ବି ଲାଭ ହେବନି ।

ବିଶେଷ ବିଜ୍ଞପ୍ତି

ଜାନୁଆରୀ-୨୦୨୫ ସଂଖ୍ୟାର ପତ୍ରିକାଠାରୁ ପ୍ରଯୋଜ୍ୟ

ପରମପୂଜ୍ୟପାଦ ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ଅନୁମତିକ୍ରମେ ପତିକ୍ରା ସଂଗ୍ରହ ପାଇଁ ଅର୍ଘ୍ୟ ଜମା ଦେବା ବିଷୟରେ ନିର୍ଦ୍ଦେଶ ଅବଗତ କରାହେଲା-

Alochana (Bengali), Urjana (Odia), Agambani (Assamia), Satwati (Hindi), Swastisevak (Bengali), Ligate (English) - ମାସିକ ପତ୍ରିକା ସମୂହ ସଂଗ୍ରହ ପାଇଁ ଅଗ୍ରୀମ ଅର୍ଘ୍ୟ ଇଂରାଜୀ ମାସର ପହିଲା ତାରିଖଠାରୁ ୧୬ତାରିଖ ମଧ୍ୟରେ ଜମା କରିବାକୁ ହେବ ।

ପତ୍ରିକାର ଅର୍ଘ୍ୟ Satsang Philanthropy Computer Centre (Deoghar, Kolkata, Bhubaneswar, Sambalpur, Siliguri, Guwahati, Agartala, Silichar, Banglore, Hyderbad, Chennai, Mumbai) ଗୁଡ଼ିକରେ ହିଁ ଜମା କରିବାକୁ ହେବ ।

Offline

ଅର୍ଘ୍ୟର ପରିମାଣ ୧୦,୦୦୦ଟଙ୍କାରୁ ଅଧିକ ହେଲେ Powerjyoti Challanରେ ବା Pay Slip ମାଧ୍ୟମରେ SBI A/C No. : 31478951316 ଏବଂ CBI A/C No.: 3131745896ରେ ଅର୍ଘ୍ୟ ଜମା କରି Satsang Philanthropy Computer Centreଗୁଡ଼ିକରେ ନିମ୍ନଲିଖିତ Form fill up କରି Powerjyoti ବା Pay Slip ସହିତ ଜମା କରି ରସିଦ୍ ସଂଗ୍ରହ କରି ନେବେ ।

F.C. No. :..... Name :.....

Magazine Name	Qty	Amount
Alochana		
Urjana		
Swastisevak		
Ligate		
Satwati		
Agambani		

Delivery Address (with Pin Code) :.....

.....

Mobile No. : (1) ..... (2) .....

(Rupees.....only) Total Amount : .....

Signature for depositor

Online

1. **Satsangphilantropy.com**
2. Loging (F.C. No and Password =>
3. Select Magazine =>
4. Select Patrika Name =>
5. Select Bulk or Subscription=>
6. Select Payment Mode=>
7. Trick Terms & Condition next your payment process.

***Please confirm Delivery Address with Pin Code No and Alternate Mobile No.

Journal and Magazines section enquiry number : 9341933917 (Time : 10:30am to 7:30pm)

ପତ୍ରିକାର ନିୟମାବଳୀ

ଲେଖକମାନଙ୍କ ପ୍ରତି

୧. ପତ୍ରିକାରେ ପ୍ରକାଶ ପାଇଁ ରଚନାର ନକଲ ରଖି ପାଣ୍ଡୁଲିପି ସମ୍ପାଦକଙ୍କ ନାମରେ ନିର୍ଦ୍ଦିଷ୍ଟ ପତ୍ରିକା ପାଇଁ ନିର୍ଦ୍ଧାରିତ ଫର୍ମେଟ୍ ରେ ଟାଇପ୍ କରି ପଠାଇବା ଆବଶ୍ୟକ ।

୨. କୌଣସି ଲେଖା ବିଶେଷ ସଂଖ୍ୟାରେ ପ୍ରକାଶ କରିବାର ବାଧ୍ୟବାଧ୍ୟକତା ନାହିଁ ।

୩. ଲେଖାର ଅଂଶବିଶେଷ ପରିବର୍ତ୍ତନ ଓ ପରିବର୍ଦ୍ଧନ ସମ୍ପାଦକଙ୍କର ଇଚ୍ଛାଧୀନ ।

୪. ପ୍ରେରିତ ରଚନା କମ୍ପ୍ୟୁଟରରେ ଟାଇପ କରି PDF ଫାଇଲ mail କରିବାକୁ ହେବ । ଅନ୍ୟଥା କାଗଜର ଗୋଟେ ପଟେ ମାର୍ଜିତ ଓ ତଫାତ୍ ରଖି ସ୍ୱଚ୍ଛାକ୍ଷରରେ ଲିଖିତ ହେବା ଆବଶ୍ୟକ । ହାତଲେଖା କପି ଯଥାଯଥଭାବେ ଫଟୋ ଉଠାଇ PDF କରି PDF ଫାଇଲ mail କରିବା ଆବଶ୍ୟକ । ସେ କ୍ଷେତ୍ରରେ ଫଟୋ ଅସ୍ପଷ୍ଟ ହେଲେ ଲେଖାଟି ପ୍ରକାଶ ପାଇଁ ବିବେଚିତ ହେବ ନାହିଁ ।

୫. ଲେଖା ସହିତ ଲେଖକଙ୍କର ନାମ, ଠିକଣା ଓ ଯୋଗାଯୋଗ, ଫୋନ ନମ୍ବରର ଉଲ୍ଲେଖ ନ ରହିଲେ ପ୍ରକାଶ ପାଇଁ ତାହା ଗୃହୀତ ହେବ ନାହିଁ ।

୬. ରଚନା ମଧ୍ୟରେ କୌଣସି ଉଦ୍ଧୃତି ଦେବାକୁ ହେଲେ ଲେଖକଙ୍କର ନାମ, ମୂଳ ପୁସ୍ତକର ନାମ, ପୃଷ୍ଠାସଂଖ୍ୟା ଉଲ୍ଲେଖ ରହିବା ଏକାନ୍ତ ପ୍ରୟୋଜନ । ଅନ୍ୟଥା ସେହି ଲେଖା ପ୍ରକାଶ କରିବାରେ ଅସୁବିଧା ହେବ ।

୭. ଲେଖା ମଧ୍ୟରେ କୌଣସି ଚିତ୍ର ଥିଲେ ତାହା କପି ସହିତ ସଂଯୁକ୍ତ କରିବାକୁ ହେବ ।

୮. ଉର୍ଜ୍ଜନା ପତ୍ରିକାରେ ଲେଖା ପଠାଇବା ପାଇଁ –

mail id : urjana@satsang.org.in

ଆଲୋଚନା ପତ୍ରିକାରେ ଲେଖା ପଠାଇବା ପାଇଁ –

mail id : alochana@satsang.org.in

ସ୍ୱସ୍ତିସେବକ ପତ୍ରିକାରେ ଲେଖା ପଠାଇବା ପାଇଁ –

mail id : swastisevak@satsang.org.in

ସାତ୍ୱତୀ ପତ୍ରିକାରେ ଲେଖା ପଠାଇବା ପାଇଁ –

mail id : satwati@satsang.org.in

ଲାଇଗେଟ ପତ୍ରିକାରେ ଲେଖା ପଠାଇବା ପାଇଁ –

mail id : ligate@satsang.org.in

ବାର୍ଷିକ ଗ୍ରାହକମାନଙ୍କ ପ୍ରତି

୧. ଆଶ୍ୱିନ ମାସରୁ ଉର୍ଜ୍ଜନାର ବର୍ଷ ଆରମ୍ଭ । ଚଳିତ ଇଂରାଜୀ ମାସର ତାରିଖ ଓ ତାରିଖରେ ପତ୍ରିକା ପ୍ରକାଶିତ ହୁଏ ଓ ତାରିଖ/ ୨୦ରିଖରେ ଡାକଯୋଗେ ପଠାଯାଏ ।

୨. ଗ୍ରାହକଗଣ ଯଦି ଚଳିତ ଇଂରାଜୀ ମାସର ୨୫ ତାରିଖ ଓ ୨୮ତାରିଖ ମଧ୍ୟରେ ପତ୍ରିକା ନ ପାଆନ୍ତି, ତେବେ ଡୁପ୍ଲିକେଟ୍ କପି ପାଇଁ ଏକ ଟଙ୍କା ଡାକ ଟିକେଟ୍ ସହ ପତ୍ର ଦେବେ ।

୩. ଠିକଣା ପରିବର୍ତ୍ତନ ପାଇଁ ୧୫ ଦିନ ପୂର୍ବରୁ ଉର୍ଜ୍ଜନା କାର୍ଯ୍ୟାଳୟକୁ ଜଣାଇବା ଆବଶ୍ୟକ ।

୪. ଭି.ପି.ପି. ଯୋଗେ ପତ୍ରିକା ପଠାଯାଏ ନାହିଁ । ଗ୍ରାହକ ଚାନ୍ଦା ମନିଅର୍ଡ଼ର ଯୋଗେ ଉର୍ଜ୍ଜନା କାର୍ଯ୍ୟାଳୟକୁ ପଠାଇବା ଆବଶ୍ୟକ । ଚିଠି ପତ୍ରରେ ଓ କୁପନରେ ଗ୍ରାହକ ନମ୍ବର ଉଲ୍ଲେଖ କରିବେ । ଉତ୍ତର ପାଇବାକୁ ହେଲେ ରିପ୍ଲାଇ କାର୍ଡ଼ରେ ପତ୍ର ଦେବେ ।

୫. ଭାରତରେ ଡାକଖର୍ଚ୍ଚ ସହ ଦେୟ ଅର୍ଘ୍ୟର ପରିମାଣ : ବାର୍ଷିକ ୧୨୦ ଟଙ୍କା । ଷାଣ୍ମାସିକ ୬୦ ଟଙ୍କା । ପ୍ରତି ଖଣ୍ଡର ମୂଲ୍ୟ ୧୦ଟଙ୍କା ।

୬. ଟଙ୍କା ପଠାଇବାର ଠିକଣା–ମ୍ୟାନେଜର, ଉର୍ଜ୍ଜନା, ପୋ.: ସତ୍‌ସଙ୍ଗ , ଦେଓଘର, (ଝାଡଖଣ୍ଡ), **Pin. : 814116**

Published and Printed by Raghunandan Dutta on behalf of Satsang. Printed at Bartaman Private Limited, 6, JBS Halden Avenue, Kolkata-700105. Published From Satsang, P.O.- Satsang, Dist.- Deoghar, Jharkhand-814116.
Editor : Dr. Binayak Mohapatra

URJANA 4 April 2025; Postal Regd. No. CK(C)-28/2015-2017 R.N.I.-33516/80
(Regd. to post without pre-payment)